ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୪/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 4/2023 Page 16 ₹ 7.00 | SAMBALPUR
୪୯ଶ ଭାଗ ୧୮୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 189 ମୂଲ୍ୟ₹୭/-



ଲହୁ ଓ ଲୁହରେ ଭିଜିଛି ବାହାନଗା ମାଟି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଏଠାରେ ଘଟିଥିବା ୩ ଟ୍ରେନ ଦୁର୍ଘଟଣା ୨୮ବର୍ଷର ରେକର୍ଡ ଭାଙ୍ଗିଛି। ଉଦ୍ଧାର କାର୍ଯ୍ୟକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତାହା ସରିନାହିଁ। ମୋଡ଼ିଭାଙ୍ଗି ହୋଇ ଗୋଟିଏ ଉପରେ ଗୋଟିଏ ବଗି ପଡ଼ିରହିଥିବାବେଳେ ତାହାରି ଭିତରୁ ଖୋଜା ଚାଲିଛି ଯାତ୍ରୀଙ୍କୁ। କିଏ ଜୀବିତ ଅବସ୍ଥାରେ ମିଳୁଛନ୍ତି ତ କାହାର ମୃତଦେହ ବାହାର କରାଯାଉଛି। ଶନିବାର ରାତି ୯ଟା ସୁଦ୍ଧା ୨୮୮ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଦେଖଣାହାରୀ ୫୦୦ରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବା କହୁଛନ୍ତି। ବାଲେଶ୍ୱର ଜିଲାର ବିଭିନ୍ନ ହସ୍ପିଟାଲ ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କଟକ ଓ ଭୁବନେଶ୍ୱରର ଅନେକ ସରକାରୀ ଓ ଘରୋଇ ହସ୍ପିଟାଲରେ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ଏହି ରେଳ ବିଭୀଷିକା ସାରା ବିଶ୍ୱକୁ ବିଚଳିତ କରିଦେଇଛି। ବିଭିନ୍ନ ମହଲରୁ ଦୁଃଖ ପ୍ରକାଶ ସହ ସମବେଦନାର ସୁଅ ଛୁଟୁଛି।

# ବିଭୀଷିକା

## ୨୮୮ ମୃତ

## ଆହତ ୧୧୭୫

**ବାଲେଶ୍ୱର ଅଫିସ/ ଭୁବନେଶ୍ୱର, ୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗାରେ ଶୁକ୍ରବାର ସନ୍ଧ୍ୟାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ଘଟିଥିବା ପୂର୍ବତଟ ରେଲୱେ ପକ୍ଷରୁ କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ ସରକାରୀ ଓ ଘରୋଇ ହସ୍ପିଟାଲରେ ୧୧୭୫ଜଣ ଆହତ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭୯୩ ଜଣଙ୍କୁ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇଛି। ୩୮୨ ଜଣ ଚିକିତ୍ସାଧୀନ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ଏହି ସରକାରୀ ତଥ୍ୟକୁ ଦେଖଣାହାରୀ ଏବଂ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ସ୍ଥାନୀୟ ଲୋକେ ଗ୍ରହଣ କରିପାରୁନାହାନ୍ତି। ମୃତ୍ୟୁ ସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ ହୋଇଥାଇପାରେ ବୋଲି ସେମାନେ କହିଛନ୍ତି। ଜେନେରାଲ ବଗିରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ନାମ ଓ ଠିକଣା ରେଲୱେ ପାଖରେ ନ ଥିବାରୁ ତାହା ହିସାବକୁ ଆସିବା କେମିତ ସମ୍ଭବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ତେଣୁ ଜେନେରାଲ ବଗିର ମୃତ ଯାତ୍ରୀଙ୍କ ସଂଖ୍ୟା ସରକାରୀ ହିସାବକୁ ଆସି ନ ଥିବା ନେଇ ସନ୍ଦେହ କରାଯାଉଛି। ପରବର୍ତ୍ତୀ ସମୟରେ ହୁଏତ ମୃତାହତଙ୍କ ସଂଖ୍ୟା ସ୍ପଷ୍ଟ ହୋଇଯିବ ବୋଲି ଅନୁମାନ କରାଯାଉଛି। ଏବେ ସୁଦ୍ଧା ମିଳିଥିବା ମୃତ୍ୟୁସଂଖ୍ୟାକୁ ଦେଖିଲେ ଏହା ହେଉଛି ଦେଶର ତୃତୀୟ ବଡ଼ ରେଳ ଦୁର୍ଘଟଣା। ପ୍ରାୟ ୨୮ ବର୍ଷ ପୂର୍ବେ ଅର୍ଥାତ୍ ୨ ଅଗଷ୍ଟ ୧୯୯୫ରେ ଦିଲ୍ଲୀ-କାନ୍‌ପୁର ସେକ୍ସନର ଫିରୋଜାବାଦ୍ ନିକଟରେ ଘଟିଥିବା ରେଳ ଦୁର୍ଘଟଣାରେ ୩୫୪ଜଣଙ୍କ ☞ପୃଷ୍ଠା-୪

## ଦୋଷୀଙ୍କୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ

**ବାଲେଶ୍ୱର ଅଫିସ୍, ୩।୬**

ବାହାନଗାରେ ଦୁର୍ଘଟଣାସ୍ଥଳ ଏବଂ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିକ୍ରିୟାରେ କହିଛନ୍ତି ଯେ, ବାହାନଗାରେ ଘଟିଥିବା ୨ଟି ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାରେ ଆମେ ଯେଉଁମାନଙ୍କୁ ହରାଇଛେ, ସେମାନଙ୍କୁ ଆଉ ପାଇପାରିବା ନାହିଁ। ସରକାରଙ୍କ ପାଇଁ ଏହି ଘଟଣା ଗମ୍ଭୀର ତଥା ସମ୍ବେଦନଶୀଳ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଭୟଙ୍କର ଦୁର୍ଘଟଣା ପାଇଁ ଯେଉଁମାନେ ଦୋଷୀ ପ୍ରମାଣିତ ହେବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାରଙ୍କ ପାଖରେ ଯେତିକି ବ୍ୟବସ୍ଥା ଥିଲା, ତାହାରି ମାଧ୍ୟମରେ ଉଦ୍ଧାର କାର୍ଯ୍ୟ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ସହିତ କଥା ହୋଇଛି। ସେମାନେ ସଙ୍କଟ ସମୟରେ ବହୁ ପରିଶ୍ରମ କରି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ସାଧାରଣ ଜନତା ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏଠାକାର ନାଗରିକ ଓ ଯୁବବର୍ଗ ଦୁର୍ଘଟଣା ପରେ ରାତିସାରା ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଛନ୍ତି। ସାଧାରଣ ଜନତା ଡାକ୍ତରଖାନାକୁ ☞ପୃଷ୍ଠା-୪



ଶନିବାର ଅପରାହ୍ନରେ ବାଲେଶ୍ୱର ଜିଲା ବାହାନଗା ନିକଟ ଟ୍ରେନ୍ ଦୁର୍ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ସ୍ଥାନୀୟ ଲୋକଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୩।୬(ବ୍ୟୁରୋ)**

### ଦୁର୍ଘଟଣା ମର୍ମାହତ କରିଛି: ନବୀନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସକାଳ ୮ଟାରେ ବାହାନଗା ଟ୍ରେନ୍ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଉଦ୍ଧାର କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ଏଥିସହିତ ନବୀନ ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ବାଲେଶ୍ୱର ମେଡିକାଲରେ ପହଞ୍ଚି ଆହତଙ୍କୁ ଭେଟିବା ସହ ଚିକିତ୍ସା କିପରି ଚାଲିଛି ସେନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଚିକିତ୍ସାରେ ଯେପରି କୌଣସି ଅସୁବିଧା ନ ହୁଏ ସେନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଡାକ୍ତରୀ ଟିମ୍ ସହ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଦୁର୍ଘଟଣା ବିଷୟରେ ଜାଣି ସେ ଅତ୍ୟନ୍ତ ମର୍ମାହତ। ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ରାତିସାରା ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲରେ ପହଞ୍ଚାଇଥିଲେ। ଏଭଳି ସହଯୋଗ ପାଇଁ ସେ ସ୍ଥାନୀୟ ☞ପୃଷ୍ଠା-୪



ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଆହତଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ୍, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ।

## ମମତା- ବୈଷ୍ଣବ କଥା କଟାକଟି

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣା ଖବର ପାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସେ ଏ ନେଇ ଆଲୋଚନା କରିଛନ୍ତି। ତେବେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟାକୁ ନେଇ ମମତା ଓ ଅଶ୍ୱିନୀ କଥା କଟାକଟି ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ୫୦୦ରୁ ଅଧିକ ହେବ ବୋଲି ମମତା କହିଥିଲେ। କିନ୍ତୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଦୁର୍ଘଟଣାରେ ୨୩୮ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ରେଳମନ୍ତ୍ରୀଙ୍କ ତଥ୍ୟ ଆଜିର ନୁହେଁ, ଗତକାଲିର ବୋଲି ମମତା କହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ରେଳମନ୍ତ୍ରୀ ଥିବାବେଳେ ଆଣ୍ଟି କଲ୍ୟୁସନ୍ ଡିଭାଇସ୍ ଲଗାଇବାକୁ ପ୍ରସ୍ତାବ ଦେଇଥିଲେ। ଆଣ୍ଟି କଲ୍ୟୁସନ୍ ଡିଭାଇସ୍ ଲାଗିଥିଲେ ଦୁର୍ଘଟଣା ହୋଇ ନ ଥାନ୍ତା ବୋଲି ମମତା କହିଛନ୍ତି। ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ପାଇଁ ସେ ଶୋକପ୍ରକାଶ କରିବା ସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନିଜ ରାଜ୍ୟର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ମମତା ଘୋଷଣା କରିଛନ୍ତି। କ'ଣ ପାଇଁ ଏତେ ବଡ଼ ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଆଜିର ସମ୍ପାଦକୀୟ
ଅବାସ୍ତବ ଭାବନା

**ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଅଜୟ ବାଙ୍ଗା**

ଭାରତୀୟ-ଆମେରିକୀୟ ଅଜୟ ବାଙ୍ଗା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ମାସ ୩ ତାରିଖରେ ବିଶ୍ୱବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନେ ୬୩ ବର୍ଷୀୟ ବାଙ୍ଗାଙ୍କୁ ଏହାର ଚତୁର୍ଦ୍ଦଶ ଅଧ୍ୟକ୍ଷ ଭାବେ ଚୟନ କରିଥିଲେ। ବିଶ୍ୱବ୍ୟାଙ୍କର ନେତୃତ୍ୱ ନେବା ଲାଗି ବାଙ୍ଗାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଫେବୃୟାରୀରେ ମନୋନୀତ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଭେଟି ନ ପାରି ଜେଲ ଫେରିଲେ ସିସୋଡିଆ

**ନୂଆଦିଲ୍ଲୀ, ୩।୬:** ହାଇକୋର୍ଟଙ୍କ ଅନୁମତିକ୍ରମେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କୁ ଭେଟିବା ପାଇଁ ଶନିବାର ସକାଳେ ତିହାର ଜେଲରୁ ବାହାରିଥିଲେ। ତେବେ ଘରେ ପହଞ୍ଚିବା ପୂର୍ବରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲରେ ନିଆଯାଇଥିଲା। ତାଙ୍କୁ ଏଲ୍ଏନ୍ଜେପି ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସିସୋଡିଆ ଜେଲ୍ ଭ୍ୟାନ୍‌ରେ ଯାଇ ତାଙ୍କ ଏବି-୧୭, ମଥୁରା ରୋଡ ଘରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ ଘର ଭିତରକୁ ନିଆଯାଇଥିଲା। ସେତେବେଳକୁ ସ୍ତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିବାରୁ ସିସୋଡିଆଙ୍କୁ ଜେଲକୁ ଫେରାଇ ନିଆଯାଇଥିଲା।

### ୧୪ ଔଷଧ ନିଷେଧ ହେଲା



**ନୂଆଦିଲ୍ଲୀ, ୩।୬(ପି.ଟି.):** ନିମେସୁଲାଇଡ୍, ପାରାସିଟାମଲ ଡିସ୍ପେରସିବ୍‌ଲ ଟାବ୍‌ଲେଟ, କ୍ଲୋଫେନିରାମାଇନ୍ ମାଲିଏଟ୍ ଏବଂ କୋଡେଇନ୍ ସିରପ୍ ଆଦି ୧୪ଟି ଫିକ୍ସଡ୍ ଡୋଜ୍ କମ୍ବିନେଶନ ଔଷଧକୁ କେନ୍ଦ୍ର ସରକାର ନିଷେଧ ଘୋଷଣା କରିଛନ୍ତି। ଏହି ଔଷଧର ଚିକିତ୍ସାଗତ ଯଥାର୍ଥତା ନାହିଁ ଏବଂ ଏହା ସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇପାରେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଷେଧ ହୋଇଥିବା ଔଷଧଗୁଡ଼ିକ କାଶ, ଜ୍ୱର ଆଦି ସାଧାରଣ ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିଲା। ଏକ ବିଶେଷଜ୍ଞ କମିଟିର ସୁପାରିସ କ୍ରମେ ସରକାର ଉକ୍ତ ଔଷଧଗୁଡ଼ିକୁ ନିଷେଧ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ୭ କେ.ଜି. ତରଳ ସୁନା ଜବତ: ୪ ଗିରଫ

**ସୁରଟ, ୩।୬:** ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍ଆଇ)ର ସୁରଟ ବ୍ରାଞ୍ଚର ଅଧିକାରୀମାନେ ୭ କିଲୋଗ୍ରାମ ତରଳ ସୁନା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ଏହି ସୁନାର ଦାମ୍ ୪.୭୫ କୋଟି ଟଙ୍କା ହେବ। ସୁରଟ ବିମାନବନ୍ଦରରେ ଦୁଇଜଣ ଯାତ୍ରୀ ଅପେକ୍ଷା କରିଥିବାବେଳେ ତରଳ ସୁନା ଦେବା ପାଇଁ ଶାରଜାରୁ ୨ ଜଣ ଆସିଥିଲେ। ସମସ୍ତଙ୍କୁ ଗିରଫ କରାଯାଇଥିବା ଡିଆର୍ଆଇ ଅଧିକାରୀ କହିଛନ୍ତି। ସେମାନେ ହେଲେ ଫେନଲ ମାଓ୍ୱାନି, ନୀରବ ଡାଭାରିୟା, ଉମେଶ ଭିଖାରିୟା ଏବଂ ସାଓ୍ୱନ ରଖୋଲିୟା। ଦୁବାଇ ବଜାରରୁ ଫେନଲ ଓ ନୀରବ ସୁନା କିଣି ତାହାକୁ ତରଳାଇ ପେଷ୍ଟ ପ୍ରସ୍ତୁତ କରିଥିଲେ। ଉକ୍ତ ପେଷ୍ଟକୁ ସେମାନେ ଜୋତା ସୋଲ୍ ଏବଂ ଅନ୍ତବସ୍ତ୍ରରେ ଲୁଚାଇଥିଲେ। ଉକ୍ତ ପେଷ୍ଟ ଗ୍ରହଣ କରିବା ପାଇଁ ବିମାନବନ୍ଦର ବାହାରେ ଉମେଶ ଓ ସାଓ୍ୱନ ଅପେକ୍ଷା କରିଥିଲେ। ସମସ୍ତଙ୍କୁ ସୁରଟ କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି।



ଜମ୍ମୁ-କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫାରେ ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିବା ବରଫ ଶିବଲିଙ୍ଗ।

# ପୀଡ଼ିତାଙ୍କ 'ମାଙ୍ଗଳିକ' ଯାଞ୍ଚ ଉପରେ ରୋକ୍

## ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ନୂଆଦିଲ୍ଲୀ, ୩।୬(ପି.ଟି.)**

ବଳାତ୍କାରର ସମ୍ମୁଖୀନ ହୋଇଥିବା ଜଣେ ମହିଳା ମାଙ୍ଗଳିକ କି ନୁହେଁ, ତାହା ଉପରେ ନିଷ୍ପତ୍ତି ନେବା ଲାଗି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ବିଭାଗକୁ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏଭଳି ଅସ୍ୱାଭାବିକ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ଶନିବାର ସ୍ଥଗିତାଦେଶ ଲଗାଇଛନ୍ତି।

ସୁପ୍ରିମକୋର୍ଟ ନିଜ ଆଡୁ ମାମଲାକୁ ବିଚାରକୁ ନେଇ ଶନିବାର ଏକ ସ୍ୱତନ୍ତ୍ର ଅଧିବେଶନରେ ଶୁଣାଣି କରିଥିଲେ। ଜାମିନ ଆବେଦନର ଶୁଣାଣି ବେଳେ ଜ୍ୟୋତିଷ ରିପୋର୍ଟ ମଗାଯିବାର କାରଣ ଜଣାପଡୁନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଉତ୍ତରପ୍ରଦେଶର ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଜଣକ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ମେ' ୨୩ରେ ହାଇକୋର୍ଟ ଜାମିନ ଆବେଦନର ଶୁଣାଣି କରି ପୀଡ଼ିତା ମାଙ୍ଗଳିକ କି ନୁହେଁ, ସୁନିଶ୍ଚିତ କରିବା ପାଇଁ ଜ୍ୟୋତିଷ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମହିଳା ଜଣକ ମାଙ୍ଗଳିକ ହୋଇଥିବାରୁ ଅଭିଯୁକ୍ତଙ୍କ ସହ ତାଙ୍କର ବିବାହ କରାଯାଇପାରିବ ନାହିଁ ବୋଲି ଅଭିଯୁକ୍ତଙ୍କ ପକ୍ଷର ଓକିଲ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ପୀଡ଼ିତା ମାଙ୍ଗଳିକ ନୁହନ୍ତି ବୋଲି ତାଙ୍କ ଓକିଲ ହାଇକୋର୍ଟଙ୍କୁ କହିଥିଲେ।



ହିନ୍ଦୁ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ମଙ୍ଗଳ ଗ୍ରହ ପ୍ରଭାବରେ ଜନ୍ମିତ ବ୍ୟକ୍ତିଙ୍କର ମଙ୍ଗଳ ଦୋଷ ରହିଥିବା ବିଶ୍ୱାସ କରାଯାଏ ଓ ତାଙ୍କୁ 'ମାଙ୍ଗଳିକ' କୁହାଯାଇଥାଏ। ଜଣେ ମାଙ୍ଗଳିକ ଓ ଅମାଙ୍ଗଳିକଙ୍କ ମଧ୍ୟରେ ବିବାହ ଅଶୁଭ ଓ ବିପଜ୍ଜନକ ହୋଇପାରେ ବୋଲି ଅଧିକାଂଶ ଅନ୍ଧବିଶ୍ୱାସୀ ହିନ୍ଦୁ ବିଶ୍ୱାସ କରିଥାନ୍ତି। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ପଙ୍କଜ ମିଥଲଙ୍କ ଖଣ୍ଡପୀଠ ଏହା ଉପରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଏହା ଚିନ୍ତାଜନକ ବୋଲି ମେହେଟ୍ଟା କହିବା ସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବାକୁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଉଭୟ ପକ୍ଷଙ୍କ ମତାମତ ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଅଭିଯୁକ୍ତଙ୍କ ପକ୍ଷର ଓକିଲ କହିବାରୁ ଏହା ମାମଲାଠାରୁ ସମ୍ପୂର୍ଣ୍ଣ ବାହାରେ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଏହାଦ୍ୱାରା ଗୋପନୀୟତା ଅଧିକାର କ୍ଷୁଣ୍ଣ ହେବ ବୋଲି କହିଥିଲେ।

# ଶପଥ ନେଲେ ଏର୍ଡୋଗାନ

## ୩ୟ ଥର ତୁର୍କୀ ରାଷ୍ଟ୍ରପତି

**ଆଙ୍କାରା, ୩।୬**

ଦୁଇ ଦଶନ୍ଧିଧରି ତୁର୍କୀକୁ ଶାସନ କରିଆସୁଥିବା ରେସେପ ତାୟିପ୍ ଏର୍ଡୋଗାନ୍ ଶନିବାର ପୁଣି ୫ ବର୍ଷ ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନରେ ସେ ବିଜୟୀ ହୋଇଥିଲେ। ଆଙ୍କାରାସ୍ଥିତ ପାର୍ଲାମେଣ୍ଟରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରର ଅସ୍ତିତ୍ୱ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ସେ ଶପଥ ନେଇଥିଲେ। ୬୯ ବର୍ଷୀୟ ଏର୍ଡୋଗାନ ଖୁବ୍‌ଶୀଘ୍ର ନିଜ କ୍ୟାବିନେଟ ସଦସ୍ୟମାନଙ୍କ ନାଁ ଘୋଷଣା କରିବେ। ଦେଶ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଏହାକୁ ସୁଧାରିବା ଦିଗରେ ମନ୍ତ୍ରିମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।



ରେସେପ ତାୟିପ୍ ଏର୍ଡୋଗାନ୍

# ଜିଲାପାଳଙ୍କୁ ମାଇକ୍ ଫିଙ୍ଗିଲେ ଗେହଲଟ

**ଜୟପୁର, ୩।୬**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବର୍‌ମେର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଉଥିବାବେଳେ ମାଇକ କାମ ନ କରିବାରୁ ସେ ରାଗିଯାଇ ଏହାକୁ ଫିଙ୍ଗିଦେଇଥିଲେ। ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶୁକ୍ରବାର ରାତିରେ ବାର୍‌ମେର ସର୍କିଟ ହାଉସ୍‌ରେ ଏପରି ଘଟଣା ଘଟିଛି। ମହିଳାମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ପ୍ରତିକ୍ରିୟା ସଂଗ୍ରହ ଲାଗି ଗେହଲଟ କେତେକ ମହିଳାଙ୍କ ସହ କଥା ହେଉଥିବାବେଳେ ମାଇକ କାମ କରି ନ ଥିଲା। ସେ କ୍ରୋଧାନ୍ୱିତ ହୋଇ ଏହାକୁ ଜିଲାପାଳଙ୍କୁ ଫିଙ୍ଗିଥିଲେ। ଜିଲାପାଳ ତାହାକୁ ଉଠାଇଥିଲେ। ମହିଳାମାନଙ୍କ ପଛରେ ଛିଡ଼ା ହୋଇଥିବା କେତେଜଣଙ୍କୁ ମୁଖ୍ୟମନ୍ତ୍ରୀ ସେଠାରୁ ପଳାଇଯିବାକୁ କହିଥିଲେ।



ଅଶୋକ ଗେହଲଟ

# ଇଜିପ୍ଟ ସୀମାରେ ଗୁଳି ବିନିମୟ: ୩ ଇସ୍ରାଏଲୀ ସୈନ୍ୟ ନିହତ

**ଜେରୁଜେଲମ, ୩।୬**

ଇସ୍ରାଏଲ୍‌ର ଦକ୍ଷିଣ ସୀମାରେ ଇଜିପ୍ଟ ସୀମା ସୁରକ୍ଷା ବଳ ଓ ଇସ୍ରାଏଲ୍ ସୈନ୍ୟଙ୍କ ମଧ୍ୟରେ ଶନିବାର ଗୁଳିବିନିମୟ ହୋଇଛି। ଏଥିରେ ୩ ଜଣ ଇସ୍ରାଏଲୀ ସୈନ୍ୟ ନିହତ ହେବା ସହ ଜଣେ ଇଜିପ୍ଟ ଅଫିସର ପ୍ରାଣ ହରାଇଛନ୍ତି। ଦୁଇ ଦେଶର ସୀମାରେ ଏଭଳି ହିଂସାକାଣ୍ଡ ବିରଳ ଘଟଣା। ସୀମାରେ ଡ୍ରଗ୍ସ ଚୋରା କାରବାର ଉଦ୍ୟମକୁ ବିଫଳ କରିବା ପାଇଁ ଇସ୍ରାଏଲୀ ସୈନ୍ୟ ଗୁଳି ଚଳାଇବାରୁ ସଂଘର୍ଷ ଘଟିଥିଲା। ପ୍ରଥମ ଗୁଳିବିନିମୟ ବେଳେ ଗାର୍ଡ ପୋଷ୍ଟରେ ଥିବା ୨ ସୈନ୍ୟ ନିହତ ହୋଇଥିଲେ। ଏହାର କିଛି ସମୟ ପରେ ଦ୍ୱିତୀୟ ଗୁଳି ବିନିମୟ ବେଳେ ଇଜିପ୍ଟର ଜଣେ ଗାର୍ଡ ଓ ଇସ୍ରାଏଲ୍‌ର ଆଉ ଜଣେ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା ବୋଲି ଏସ୍ରାଏଲ୍ ସେନା ମୁଖପାତ୍ର ରିଚାର୍ଡ ହେଚ୍ କହିଛନ୍ତି।

# ରାମ ଜନ୍ମଭୂମି ରାୟ ବିଳମ୍ବ କରିବାକୁ ଚାପ ପକାଯାଉଥିଲା: ପୂର୍ବତନ ବିଚାରପତି

**ମୀରଟ, ୩।୬**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାର ମୁଖ୍ୟ ରାୟ ୨୦୧୦ରେ ପ୍ରକାଶ ପାଇଥିଲା। ତେବେ ରାୟ ପ୍ରକାଶ ନ କରିବାକୁ ତାଙ୍କ ଉପରେ ସେତେବେଳେ ଚାପ ପକାଯାଉଥିଲା ବୋଲି ଆଲ୍ଲାହାବାଦ ହାଇକୋର୍ଟ ବେଞ୍ଚର ପୂର୍ବତନ ବିଚାରପତି କହିଛନ୍ତି। ଯଦି ରାୟ ପ୍ରକାଶ କରା ନ ଯାଏ, ତେବେ ଆଗାମୀ ୨୦୦ ବର୍ଷ ଯାଏ କୌଣସି ରାୟ ଆସିପାରି ନ ଥାନ୍ତା ବୋଲି ଜଷ୍ଟିସ୍ ସୁଧୀର ଅଗ୍ରୱାଲ କହିଛନ୍ତି। ୨୦୨୦ ଏପ୍ରିଲ ୨୩ରେ ଜଷ୍ଟିସ୍ ଅଗ୍ରୱାଲ ହାଇକୋର୍ଟରୁ ଅବସର ନେଇଥିଲେ। ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ପ୍ରକାଶ କରିବା ପରେ ସେ ଆଶୀର୍ବାଦ ଲାଭ କରିଥିବା ଅନୁଭବ କରିଥିଲେ। ଅଯୋଧ୍ୟାରେ ଥିବା ୨.୭୭ ଏକର ଜମିକୁ ତିନି ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମ ଲାଲାଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ହିନ୍ଦୁ ମହାସଭା ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ୨:୧ ସଂଖ୍ୟାଗରିଷ୍ଠତାରେ ନିଷ୍ପତ୍ତି ନେଇଥିଲେ। ଉକ୍ତ ଖଣ୍ଡପୀଠରେ ସୁଧୀର ଅଗ୍ରୱାଲଙ୍କ ସହ ଜଷ୍ଟିସ୍ ଏସ୍.ୟୁ. ଖାନ୍ ଏବଂ ଡି.ଭି. ଶର୍ମା ବିଚାରପତି ରହିଥିଲେ। ରାୟ ସ୍ଥଗିତ ରଖିବା ପାଇଁ ଘରୁ ଓ ବାହାରୁ ଚାପ ପକାଯାଉଥିଲା। ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଆଉ କିଛିଦିନ ସମୟ ନେବା ଲାଗି ପରାମର୍ଶ ଦେଉଥିଲେ ବୋଲି ଜଷ୍ଟିସ୍ ଅଗ୍ରୱାଲ କହିଛନ୍ତି।



ଜଷ୍ଟିସ୍ ସୁଧୀର ଅଗ୍ରୱାଲ

# ଶିଶୁ ଆରିହାଙ୍କୁ ଭାରତ ଫେରାଅ



ମା' ବାପାଙ୍କ ସହ ଶିଶୁ ଆରିହା (ଫାଇଲ୍ ଫଟୋ)।

## ଜର୍ମାନୀକୁ ଚିଠି ଲେଖିଲେ ୧୯ ଦଳର ୫୯ ଏମ୍‌ପି

**ନୂଆଦିଲ୍ଲୀ, ୩।୬**

ବର୍ଲିନ୍‌ର ଏକ ଶିଶୁ କଲ୍ୟାଣ ସଂସ୍ଥା ତତ୍ତ୍ୱାବଧାନରେ ୨୦ ମାସ ହେଲା ରହିଥିବା ଶିଶୁକନ୍ୟା ଆରିହା ଶାହାଙ୍କୁ ତାଙ୍କ ମାଆବାପାଙ୍କ ସହ ମିଶିବା ପାଇଁ ଭାରତ ଫେରାଇ ଦେବାକୁ ୧୯ଟି ରାଜନୈତିକ ଦଳର ୫୯ ଜଣ ଏମ୍‌ପି ଭାରତରେ ଥିବା ଜର୍ମାନ ରାଷ୍ଟ୍ରଦୂତଙ୍କୁ ମିଳିତ ଭାବେ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏଥିପାଇଁ ଯଥାସମ୍ଭବ ପଦକ୍ଷେପ ନେବାକୁ ସେମାନେ ରାଷ୍ଟ୍ରଦୂତ ଫିଲିପ୍ ଆକେରକାନ୍‌ଙ୍କୁ କହିଛନ୍ତି। ଶିଶୁର ପ୍ରତ୍ୟାବର୍ତ୍ତନ ଲାଗି ଦଳମତ ନିର୍ବିଶେଷରେ ଭାଜପା, କଂଗ୍ରେସ, ବାମଦଳ, ଟିଏମ୍‌ସି ଆଦି ବିଭିନ୍ନ ଦଳର ଏମ୍‌ପି ଏକାଠି ହେବା ଏକ ବିରଳ ଘଟଣା। ଆରିହାଙ୍କୁ ନିଜ ଦେଶ ଭାରତକୁ ଫେରାଇ ଆଣିବା ଜରୁରୀ। ସେ ନିଜର ଦେଶ, ଲୋକ, ସଂସ୍କୃତି ଓ ପରିବେଶକୁ ଫେରିବା ଆବଶ୍ୟକ। ଏଥିରେ ବିଳମ୍ବ ଶିଶୁଟି ପାଇଁ ଅପୂରଣୀୟ କ୍ଷତି ହେବ। ଶୁକ୍ରବାର ଭାରତ ସରକାର ମଧ୍ୟ ଶିଶୁକନ୍ୟାକୁ ଫେରାଇଦେବା ଲାଗି ଜର୍ମାନୀକୁ କହିଛନ୍ତି। ଜଣେ ଭାରତୀୟ ଭାବେ ଏହାର ତାଙ୍କର ଅବିଚ୍ଛେଦ୍ୟ ଅଧିକାର ବୋଲି ସରକାର କହିଛନ୍ତି। ଆରିହା ମାତ୍ର ୭ ମାସର ହୋଇଥିବାବେଳେ ମାଆବାପା ତାଙ୍କୁ ହଇରାଣ କରୁଥିବା ଅଭିଯୋଗକ୍ରମେ ବର୍ଲିନ୍‌ର ଶିଶୁ କଲ୍ୟାଣ ସଂସ୍ଥା ତାଙ୍କୁ ହେପାଜତକୁ ନେଇଥିଲା।

ଜର୍ମାନୀ ରାଷ୍ଟ୍ରଦୂତଙ୍କୁ ଦିଆଯାଇଥିବା ପତ୍ରରେ ସ୍ୱାକ୍ଷର କରିଥିବା ଏମ୍‌ପିଙ୍କ ମଧ୍ୟରେ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଶଶୀ ଥରୁର, ଭାଜପା ଏମ୍‌ପି ହେମା ମାଳିନୀ, ମାନେକା ଗାନ୍ଧୀ, ଡିଏମ୍‌କେର କାନିମୋଝି, ଏନ୍‌ସିପିର ସୁପ୍ରିୟା ସୁଲେ, ଟିଏମ୍‌ସିର ମହୁଆ ମୈତ୍ର, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ, ଆର୍‌ଜେଡିର ମନୋଜ ଝା, ଏଏପିର ସଞ୍ଜୟ ସିଂ, ସିପିଏମ୍‌ର ଏଲମାରାନ କରିମ ଏବଂ ଜନ୍ ବ୍ରିଟ୍ଟାସ୍, ଅକାଳି ଦଳର ହର୍‌ସିମ୍ରତ୍ କୌର ବାଦଲ, ବିଏସ୍‌ପିର କୁନୱାର ଡାନିଶ ଅଲି, ଶିବସେନା(ୟୁବିଟି)ର ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇର ବିନୟ ବିଶ୍ୱମ୍ ଏବଂ ନ୍ୟାଶନାଲ କନ୍‌ଫରେନ୍ସର ଫାରୁକ୍ ଅବଦୁଲ୍ଲା ଅଛନ୍ତି।

ଆରିହାର ମାଆବାପା ଗୁଜରାଟର ଧାରା ଓ ଭବେଶ ଶାହା ୨୦୧୮ରେ ଜର୍ମାନୀ ଯାଇଥିଲେ। ସେମାନେ ୨୧ ମାସ ହେଲା ନିଜ ଝିଅକୁ ଫେରିପାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଆରିହା ଦୁର୍ଘଟଣାଜନିତ କାରଣରୁ ଆହତ ହେବା ପରେ ମାଆବାପା ତାଙ୍କୁ ହସ୍ପିଟାଲ ନେଇଥିଲେ। ତେବେ ଶିଶୁକୁ ଯୌନ ନିର୍ଯାତନା ଦିଆଯାଇଥିବା ଏବଂ ମାତାପିତା ଅବହେଳା କରିଥିବା ଜର୍ମାନ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ୨୦୨୧ ସେପ୍ଟେମ୍ବର ୨୩ରୁ ଶିଶୁକନ୍ୟାକୁ ଜୁଗେଣ୍ଡାମ୍ଟ ହେପାଜତରେ ରଖାଯାଇଛି।






## ୧୧୭୫ ଆହତ ଯାତ୍ରୀ ହସ୍ପିଟାଲରେ ଭର୍ତ୍ତି

### ୨ ଗୁରୁତର, ଡିସ୍‌ଚାର୍ଜ ହେଲେ ୭୯୩

**ଭୁବନେଶ୍ୱର, ୩।୬ (ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଟ୍ରେନ୍ ଦୁର୍ଘଟଣାରେ ଶନିବାର ରାତି ସୁଦ୍ଧା ୨୮୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଯାତ୍ରୀ ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁଯାୟୀ, ଆହତ ଯାତ୍ରୀଙ୍କ ମଧ୍ୟରୁ ୧୧୭୫ଜଣ ବାଲେଶ୍ୱର, ଭଦ୍ରକ, ସୋର, ଗୋପାଳପୁର, ଖନ୍ତାପଡ଼ା, ଈଶ୍ୱରପୁର, ବାସୁଦେବପୁର, ଯାଜପୁର, କଟକ, ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୭୯୩ଜଣ ଡିସ୍‌ଚାର୍ଜ ହୋଇଥିବାବେଳେ ୩୮୨ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ୨ଜଣଙ୍କ ଅବସ୍ଥା ଗୁରୁତର ରହିଥିବାବେଳେ ବାକି ଚିକିତ୍ସିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୃତାହତଙ୍କ ପିଲାଙ୍କ ଶିକ୍ଷା ଦାୟିତ୍ୱ କେନ୍ଦ୍ର ସରକାର ନିଅନ୍ତୁ: ଏଆଇଏସ୍ଏଫ୍

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାହାନଗାଠାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତାହତ ଯାତ୍ରୀଙ୍କ ପିଲାଙ୍କ ପାଠପଢ଼ା ଦାୟିତ୍ୱ କେନ୍ଦ୍ର ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ବହନ କରୁ। ଅଖିଳ ଭାରତ ଛାତ୍ରସଂଘ(ଏଆଇଏସଏଫ୍) ପକ୍ଷରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଏନେଇ ଦାବି ରଖାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ, ଡିଜିଟାଲ୍ ଇଣ୍ଡିଆ ଓ ବୁଲେଟ୍ ଟ୍ରେନ୍ ପ୍ରଚାର ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ଦୁର୍ଘଟଣା ରେଳ ମନ୍ତ୍ରଣାଳୟର ଦୋଷକୁ ପଦାରେ ପକାଇଦେଇଛି। ରେଳ ବିଭାଗର ଆଖିବୁଜା ଘରୋଇକରଣ, ସ୍ଥାୟୀ ପଦବୀ ଉଚ୍ଛେଦ କରି ସ୍ୱଳ୍ପ ବେତନରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାନ୍ଧରେ ଅତ୍ୟଧିକ କାର୍ଯ୍ୟଭାର, ଲକ୍ଷାଧିକ ପଦବୀ ଖାଲି ପଡ଼ିବା ଓ ରେଳ ଲାଇନ୍‌ର ଆବଶ୍ୟକ ମରାମତି ନ କରି ଅତ୍ୟଧିକ ଖଣିଜ ପଦାର୍ଥ ପରିବହନ କରାଯିବା ଫଳରେ କ୍ରମାଗତ ଭାବେ ଏପରି ଦୁର୍ଘଟଣା ବଢ଼ିଚାଲିଛି। ଦାୟିତ୍ୱହୀନତାରୁ ଶହ ଶହ ସାଧାରଣ ଜନତାଙ୍କ ଜୀବନ ଯାଇଥିବାରୁ ନୈତିକ ଦାୟିତ୍ୱ ବହନ କରି ରେଳମନ୍ତ୍ରୀ ଅବିଳମ୍ବେ ଇସ୍ତଫା ପ୍ରଦାନ କରିବା ଉଚିତ ବୋଲି ଏଆଇଏସ୍ଏଫ୍ ପକ୍ଷରୁ କୁହାଯାଇଛି। ରେଳ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ 'ରେଳ କବଚ' ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ସମସ୍ତ ରେଳ ଇଞ୍ଜିନ୍‌ରେ ସଂଯୋଗ, ମାଲ ପରିବହନ ଓ ଯାତ୍ରୀ ପରିବହନ ପାଇଁ ପୃଥକ୍ ରେଳ ଲାଇନ୍ ଏବଂ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକରେ ଆବଶ୍ୟକତାକୁ ଲକ୍ଷ୍ୟକରି ଜେନେରାଲ କୋଚ୍ ସଂଖ୍ୟା ବୃଦ୍ଧି କରିବାକୁ ଏଆଇଏସ୍ଏଫ୍ ରାଜ୍ୟ ପରିଷଦ ପକ୍ଷରୁ ଦାବି କରାଯାଇଛି। ଆଗାମୀ ସଂସଦୀୟ ଅଧିବେଶନ ସୁଦ୍ଧା ଉପରୋକ୍ତ ବ୍ୟବସ୍ଥା ସୁନିଶ୍ଚିତ ନ କଲେ ବ୍ୟାପକ ଛାତ୍ର ଆନ୍ଦୋଳନ କରାଯିବ ବୋଲି ସଂଘର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା ଚେତାବନୀ ଦେଇଛନ୍ତି।

# ଟ୍ରେନ୍ ଦୁର୍ଘଟଣା ଏଡ଼ାଯାଇପାରିଥାନ୍ତା

**ନୂଆଦିଲ୍ଲୀ,୩।୬**

ଭାରତୀୟ ରେଳପଥ ଯଦି ଯାତ୍ରୀଙ୍କ ରେକ୍‌ଗୁଡ଼ିକରେ ନାଭିଗେଶନ୍ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେଶନ୍ (ନାଭିକ୍) ବ୍ୟବହାର କରିଥାଆନ୍ତା ତେବେ ଜୁନ୍ ୨ରେ ବାଲେଶ୍ୱରର ବାହାନଗାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ଏଡ଼ାଯାଇପାରିଥାଆନ୍ତା। ରେଲୱେର ସୁରକ୍ଷା ଓ ନିରାପତ୍ତା ପ୍ରୋଟୋକଲ ସମ୍ପର୍କରେ ଅଭିଜ୍ଞ ବରିଷ୍ଠ ଅଧିକାରୀମାନେ ଏଭଳି ମତ ଦେଇଛନ୍ତି। ରେଲୱେ ଅଫିସରମାନେ କହୁଛନ୍ତି, ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରେନ୍‌ରେ କବଚ ସିଷ୍ଟମ୍ ନ ଥିଲା। ତେବେ ଏଥିରେ କବଚ ବ୍ୟବହାର କରା ନ ଯିବାର କାରଣ ବୁଝିବା କଷ୍ଟକର ନୁହେଁ।

ପରିଚୟ ଗୋପନ ସର୍ତ୍ତରେ କେତେଜଣ ଅଧିକାରୀ କହିଛନ୍ତି, ୨୦୧୯ ଜୁନ୍‌ରେ ନାଭିକ୍ ରୂପେ କାର୍ଯ୍ୟକ୍ଷମ ହୋଇଥିଲେ ସୁଦ୍ଧା ରେଲୱେର ଆଣ୍ଟି-କୋଲିଜନ୍ ସିଷ୍ଟମ୍ ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍) ଉପରେ ନିର୍ଭର କରିଆସୁଛି। ଯଦି ଦୁଇ ଯାତ୍ରୀବାହୀ ଟ୍ରେନ୍ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ଏବଂ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍‌ର ଠିକ୍ ଓ ବାସ୍ତବ ସମୟର ଉପସ୍ଥିତି ସମ୍ପର୍କରେ ରେଲୱେ ଟ୍ରାଫିକ୍ ଅଧିକାରୀମାନେ ଜାଣିଥାଆନ୍ତେ ଏବଂ ଟ୍ରେନ୍ ଡ୍ରାଇଭରମାନେ ନାଭିକ୍‌ଭିତ୍ତିକ ଉପକରଣ ବ୍ୟବହାର କରିଥାଆନ୍ତେ ତେବେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା। ଭାରତର ଅନ୍ୟତମ ବୃହତ୍ ରେଳ ଦୁର୍ଘଟଣାରେ ସାମିଲ ହୋଇଥିବା ତୃତୀୟ ଟ୍ରେନ୍‌ଟି ଏକ ମାଲଗାଡ଼ି ଥିଲା। ଦୁଇ ଯାତ୍ରୀବାହୀ ଟ୍ରେନ୍‌ରେ ପଜିଶନିଂ ତଥା ନାଭିଗେଟିଂ ସୂଚନାକୁ ସୁନିଶ୍ଚିତ କରିବା ଲାଗି ଜିପିଏସ୍‌ଭିତ୍ତିକ ଉପକରଣ ସଂଲଗ୍ନ କରାଯାଇ ନ ଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ମେ' ୧୭ ବିଶ୍ୱ ଟେଲିକମ୍ ଦିବସରେ ରେଲୱେ ବୋର୍ଡର ଜଣେ ସଦସ୍ୟ ବେଙ୍ଗାଲୁରୁସ୍ଥିତ ଘରୋଇ କମ୍ପାନୀ ଏଲେନା ଜିଓ ସିଷ୍ଟମ୍ସର ପ୍ରତିନିଧିମାନଙ୍କୁ ଭେଟି ନାଭିକ୍ ସମ୍ପର୍କରେ ବିସ୍ତୃତ ବିବରଣୀ ମାଗିଥିଲେ। ଗତ ଏପ୍ରିଲରେ ଏଲେନା ଜିଓ ସିଷ୍ଟମ୍ସ ପକ୍ଷରୁ ନାଭିକ୍ ଚିପ୍ ଆରମ୍ଭ କରାଯାଇଥିଲା। ଏହି ଚିପ୍‌କୁ ଏକ ସାଟେଲାଇଟ୍ ସିଗ୍‌ନାଲ ରିସିଭର ସହ ବ୍ୟବହାର କଲେ ଟ୍ରେନ୍‌ର ଠିକ୍ ଅବସ୍ଥିତି, ନାଭିଗେଶନ୍ ଏବଂ ଟାଇମିଂ ଆପ୍ଲିକେଶନ୍ ନେଇ ତଥ୍ୟ ମିଳିଥାଏ।

ରେଲୱେ ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରତ୍ୟେକ ଟ୍ରେନ୍‌ର ଟ୍ରାଫିକ୍ ନିୟନ୍ତ୍ରଣ ଓ ପରିଚାଳନା ପାଇଁ ସଫ୍ଟୱେର ବିକଶିତ କରାଯାଉଛି। ଟ୍ରେନ୍‌ର ରକ୍ଷଣାବେକ୍ଷଣ ସହ କୋଚ୍, କ୍ରିଉ ଓ ଅନ୍ୟ ଅପରେଶନ୍‌ଗୁଡ଼ିକର ପ୍ରବନ୍ଧନ ଡିଜିଟାଲ ମାଧ୍ୟମରେ କରାଯାଉଥିଲେ ହେଁ ନାଭିକ୍ କାର୍ଯ୍ୟରେ ଲଗାଯିବା ପରଠୁ ସେଣ୍ଟ୍ରାଲ ରେଲୱେ ଇନ୍‌ଫର୍ମେଶନ୍ ସିଷ୍ଟମ୍ (ସିଆର୍‌ଆଇଏସ୍) ଏହି ବ୍ୟବସ୍ଥାର ଅଗ୍ରଗତି ନେଇ ବିଶେଷ ତତ୍ପରତା ଦେଖାଉନାହିଁ। ସିଆର୍‌ଆଇଏସ୍‌ର ତୃତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଟ୍ରାକ୍, ଓଭରହେଡ୍ ଇଲେକ୍ଟ୍ରିକ୍ ଲାଇନ୍ସ, ଓ ସିଗ୍‌ନାଲଗୁଡ଼ିକର ଯାଞ୍ଚ ଓ ରକ୍ଷଣାବେକ୍ଷଣ କରିବା। କିନ୍ତୁ ଏହି ଦୁଇ ଟ୍ରେନ୍ କ୍ଷେତ୍ରରେ ଏସବୁ କରାଯାଇ ନ ଥିଲା।

୨୦୨୨ ମାର୍ଚ୍ଚ ୨୩ରେ କାର୍ଯ୍ୟକାରୀ କରାଯାଇଥିବା ନ୍ୟାଶନାଲ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ୍ (ଏନ୍ଏଟିପି) ବା କବଚ ବ୍ୟବସ୍ଥାର ବିଫଳତା ବରିଷ୍ଠ ରେଲୱେ ଅଧିକାରୀମାନଙ୍କୁ ଚକିତ କରିଦେଇଛି। ରିସର୍ଚ୍ଚ ଡିଜାଇନ୍ସ ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅର୍ଗାନାଇଜେଶନ୍ (ଡିଆର୍‌ଏସ୍‌ଓ)ର ମିଳିତ ଆନୁକୂଲ୍ୟରେ କବଚ ଏଟିପି ବିକଶିତ କରାଯାଇଥିଲା। ଘନ କୁହୁଡ଼ି ସମେତ ପ୍ରତିକୂଳ ପାଗରେ ଲୋକୋମୋଟିଭ୍ ପାଇଲଟମାନଙ୍କ ଟ୍ରେନ୍ ପରିଚାଳନାକୁ ସୁଗମ କରିବା ପାଇଁ ଏହି ବ୍ୟବସ୍ଥା ବିକଶିତ କରାଯାଇଥିଲା। ଏହାଦ୍ୱାରା ଲୋକୋମୋଟିଭ୍ ପାଇଲଟ୍ ସିଗ୍‌ନାଲ ପାସିଙ୍ଗ୍ ଆଟ୍ ଡେଞ୍ଜର (ଏସ୍‌ପିଏଡି) ଏବଂ ଦ୍ରୁତ ଚାଳନାକୁ ଏଡ଼ାଇପାରିଥାଆନ୍ତି। ଏହି ସିଷ୍ଟମ୍ ଜରୁରୀ ସମୟରେ ଦୁର୍ଘଟଣା ଏଡ଼ାଇବା ଲାଗି ସ୍ୱତଃପ୍ରବୃତ୍ତ ଭାବେ ବ୍ରେକ୍ ଲଗାଇ ଟ୍ରେନ୍‌କୁ ପ୍ରଭାବଶାଳୀ ଢଙ୍ଗରେ ନିୟନ୍ତ୍ରଣ କରିଥାଏ। ଏହା ବ୍ୟତୀତ ସମନ୍ୱିତ ପରିବହନକୁ ସୁନିଶ୍ଚିତ କରିବା ସକାଶେ ଭାରତୀୟ ରେଳପଥ ଡେଟା ଆନାଲିଟିକ୍ସ ଉପରେ ଗୁରୁତ୍ୱ ଦେଉଛି। ଟ୍ରେନ୍‌ର ରିୟଲ୍ ଟାଇମ୍ ଟ୍ରାକିଂ ପାଇଁ ରେଳପଥ ଚଳିତବର୍ଷ ମାର୍ଚ୍ଚରେ ରିଅଲ ଟାଇମ୍ ଟ୍ରେନ୍ ଇନ୍‌ଫର୍ମେଶନ୍ ସିଷ୍ଟମ୍ସ ଅଧୀନରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସହ ମିଶି ଏକ ପ୍ରକଳ୍ପ ଆରମ୍ଭ କରିଥିଲା। ଏହାଦ୍ୱାରା ଉପଗ୍ରହ ଚିତ୍ର ଓ ଲାଇଭ୍ ଟ୍ରାକିଂ ସହାୟତାରେ ଟ୍ରେନ୍‌ର ଗତି ସମ୍ପର୍କରେ ବାସ୍ତବ ତଥ୍ୟ ମିଳିଥାଏ। ଏହାର ମଧ୍ୟ ସହାୟତା ନିଆଯାଇ ନ ଥିଲା।

## ସୁରକ୍ଷା 'କବଚ' ନ ଥିଲା




ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ପରେ ରେଲୱେର ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା 'କବଚ' ଚର୍ଚ୍ଚାକୁ ଆସିଛି। ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଥିବା ରୁଟ୍‌ରେ କବଚ ଉପଲବ୍ଧ ନ ଥିଲା ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଲୋକୋପାଇଲଟ୍ ସଙ୍କେତ (ସିଗ୍‌ନାଲ ପାସ୍‌ଡ ଆଟ୍ ଡେଞ୍ଜର-ଏସ୍‌ପିଏଡି) ଅତିକ୍ରମ କଲେ ଦୁର୍ଘଟଣା ଘଟିଥାଏ। କବଚ ହେଉଛି ଏପରି ଏକ ବ୍ୟବସ୍ଥା, ଯାହା ଲୋକୋପାଇଲଟ୍ ଏହି ବିପଦ ସଙ୍କେତ ଡେଇଁବା ମାତ୍ରେ ସତର୍କ କରାଇଥାଏ। ଦୁର୍ଘଟଣା ଏଡ଼ାଇବା ପାଇଁ ଭାରତୀୟ ରେଳ ପକ୍ଷରୁ ବିକଶିତ ଏହି ଅଟୋମେଟିକ୍ ପ୍ରୋଟେକ୍ସନ ସିଷ୍ଟମ୍ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରେ ନ ଥିଲା।

### କବଚର ବୈଶିଷ୍ଟ୍ୟ

- ଲୋକୋ ପାଇଲଟ୍ ବ୍ରେକ୍ ଲଗାଇ ନ ପାରିଲେ କବଚ ସ୍ୱତଃପ୍ରବୃତ୍ତ ଭାବେ ବ୍ରେକ୍‌ର ପ୍ରୟୋଗ କରି ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣ କରିଥାଏ।
- କ୍ୟାବ୍‌ରେ ଲାଇନ୍ ପାର୍ଶ୍ୱ ସିଗ୍‌ନାଲକୁ ଦୋହରାଇଥାଏ, ଯାହାକି ଦ୍ରୁତ ଗତି ଓ ଘନ କୁହୁଡ଼ି ସମୟରେ ଅତ୍ୟନ୍ତ ଉପାଦେୟ।
- ଟ୍ରେନ୍‌ର ଗତି ଉପରେ ନିୟନ୍ତ୍ରଣ ସମ୍ପର୍କରେ ଲଗାତର ଅପ୍‌ଡେଟ୍ ଦେଇଥାଏ।
- ଲେଭଲ୍ କ୍ରସିଂ ଫାଟକଗୁଡ଼ିକରେ ଆପେ ଆପେ ହୁଇସିଲ ବଜାଇଥାଏ।
- ଲୋକୋ କମ୍ୟୁନିକେଶନ୍ ଜରିଆରେ ଟ୍ରେନ୍ ମଧ୍ୟରେ ଧକ୍କାକୁ ଏଡ଼ାଇଥାଏ।
- ଟ୍ରେନ୍‌କୁ ନିୟନ୍ତ୍ରଣ କରି ଏସ୍‌ଓଏସ୍ ଫିଚର୍ସ ପାଇଁ ସହାୟକ ହୋଇଥାଏ।

## ୪ ଦିନ ପାଇଁ ୨୮ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା ପରେ ଦକ୍ଷିଣ ପୂର୍ବ ରେଳପଥ ଓ ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୪ ଦିନ ଲାଗି ଉକ୍ତ ରୁଟ୍‌ରେ ଚଳାଚଳ କରୁଥିବା ୨୮ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ବହୁ ଟ୍ରେନ୍‌ର ଗତପଥ ବଦଳାଯାଇଛି। ରବିବାର ପର୍ଯ୍ୟନ୍ତ ବାତିଲ ହୋଇଥିବା ଟ୍ରେନ୍‌ଗୁଡିକ ହେଲା ୧୨୦୭୩ ହାଓଡା-ଭୁବନେଶ୍ୱର ଜନଶତାବ୍ଦୀ ଏକ୍ସପ୍ରେସ୍, ୧୨୦୭୪ ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍,୧୨୮୨୨ ପୁରୀ-ଶାଲିମାର ଧଉଳି ଏକ୍ସପ୍ରେସ୍,୧୨୮୨୧ ଶାଲିମାର-ପୁରୀ ଧଉଳି ଏକ୍ସପ୍ରେସ୍, ୨୨୮୯୬ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍, ୨୨୮୯୫ ହାଓଡା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍,୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍, ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍, ୦୮୦୬୩ ଖଡଗପୁର-ଭଦ୍ରକ ସ୍ପେଶାଲ, ୦୮୦୬୪ ଭଦ୍ରକ-ଖଡଗପୁର ସ୍ପେଶାଲ, ୦୮୦୩୧ ବାଲେଶ୍ୱର-ଭଦ୍ରକ ସ୍ପେଶାଲ, ୦୮୦୩୨ ଭଦ୍ରକ-ବାଲେଶ୍ୱର ସ୍ପେଶାଲ, ୦୮୦୧୨ ପୁରୀ-ଭଞ୍ଜନଗର ସ୍ପେଶାଲ, ୧୨୮୯୧ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍, ୧୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍, ୧୮୦୨୧ ଖଡଗପୁର-ଖୋର୍ଦ୍ଧା ଏକ୍ସପ୍ରେସ୍,୧୨୦୭୩ ହାଓଡା-ସିକନ୍ଦରାବାଦ ଏକ୍ସପ୍ରେସ୍, ୨୨୮୫୨ ବେଙ୍ଗାଲୁରୁ-ସନ୍ତରାଗାଛି ଏକ୍ସପ୍ରେସ୍,୧୮୦୨୨ ଖୋର୍ଦ୍ଧା-ଖଡଗପୁର ଏକ୍ସପ୍ରେସ୍, ୦୮୪୧୨ ଭୁବନେଶ୍ୱର-ବାଲେଶ୍ୱର ସ୍ପେଶାଲ, ୧୮୦୪୮ ଭାସ୍କୋଡାଗାମା-ଶାଲିମାର ଏକ୍ସପ୍ରେସ୍, ୧୨୮୭୬ ଆନନ୍ଦ ବିହାର-ପୁରୀ ନୀଳାଚଳ ଏକ୍ସପ୍ରେସ୍। ସେହିପରି ୬ ଓ ୭ ତାରିଖ ଲାଗି ୧୨୫୧୦ ଗୁଆହାଟୀ-ବେଙ୍ଗାଲୁରୁ ଏକ୍ସପ୍ରେସ୍ ଓ ୧୨୨୫୨ କାମାକ୍ଷା-ବେଙ୍ଗାଲୁରୁ ଏକ୍ସପ୍ରେସ୍‌କୁ ବାତିଲ କରାଯାଇଛି। ଅନ୍ୟପଟେ ଗତିପଥ ପରିବର୍ତ୍ତନ ହୋଇଥିବା ଟ୍ରେନ୍ ମଧ୍ୟରେ ୦୭୦୪୭ ଗୁଆହାଟୀ-ବେଙ୍ଗାଲୁରୁ ଏକ୍ସପ୍ରେସ୍, ୧୨୫୫୨କାମାକ୍ଷା-ବେଙ୍ଗାଲୁରୁ ଏକ୍ସପ୍ରେସ୍, ୦୭୦୪୭ ଡିବ୍ରୁଗଡ-ସିକନ୍ଦରାବାଦ ଏକ୍ସପ୍ରେସ୍, ୧୮୪୭୮ କଳିଙ୍ଗ ଏକ୍ସପ୍ରେସ୍, ୨୨୮୦୩ ଶାଲିମାର-ସମ୍ବଲପୁର ଏକ୍ସପ୍ରେସ୍, ୧୨୮୦୨ ପୁରୁଷୋତ୍ତମ ଏକ୍ସପ୍ରେସ୍,୧୨୮୭୫ ନୀଳାଚଳ ଏକ୍ସପ୍ରେସ୍ ଓ ୨୨୮୧୧ ରାଜଧାନୀ ଏକ୍ସପ୍ରେସ୍। ଏ ସଂକ୍ରାନ୍ତ ଅଧିକ ସୂଚନା ପାଇବାକୁ ରେଲ୍‌ୱେ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
ଭାରତୀୟ ଜୀବନ ବୀମା ନିଗମ
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ, ଇଞ୍ଜିନିୟରିଂ ବିଭାଗ
"ଜୀବନ ଦୀପ", ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧।
ଫୋନ୍ ନଂ. ୦୬୧୨-୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ
ଇଞ୍ଜିନିୟରିଂ, ସଂଗ୍ରହଣ ଓ ନିର୍ମାଣ (ଇପିସି) ଭିତ୍ତିରେ ପ୍ରତିଯୋଗିତାମୂଳକ ବିଡିଂ
ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକାଳୀନ ଦର ଭିତ୍ତିରେ ଯୋଗ୍ୟ ବିଡରମାନଙ୍କଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ-ବିଡ୍ ଆହ୍ୱାନ କରୁଛି:

| | |
|---|---|
| ବିଡ୍ ନଂ. | ଏଲ୍ଆଇସିଆଇ/ଇସିଜେଡ୍‌ଓ/ଇଏନ୍‌ଜିଜି/୨୦୨୩-୨୪ |
| କାର୍ଯ୍ୟର ବର୍ଣ୍ଣନା | ସୂର୍ଯ୍ୟନଗର, ଭୁବନେଶ୍ୱର, ଓଡ଼ିଶାଠାରେ ପ୍ରସ୍ତାବିତ ଇନ୍‌ଭେଷ୍ଟମେଣ୍ଟ ବିଲ୍ଡିଂ (ବେସ୍‌ମେଣ୍ଟ+ଗ୍ରାଉଣ୍ଡ+୨ ମହଲା) ନିର୍ମାଣ ପାଇଁ ଡିଜାଇନ, ଇଞ୍ଜିନିୟରିଂ, ସଂଗ୍ରହଣ ଓ ନିର୍ମାଣ (ଇପିସି) ଭିତ୍ତିରେ ଇ-ଟେଣ୍ଡର |
| ଅଟକଳ ମୂଲ୍ୟ | ୩୩୫୨.୪୧ ଲକ୍ଷ |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ତା୦୫।୦୬।୨୦୨୩, ୧୭.୩୦ ଘଟିକାରୁ ୦୪।୦୭।୨୦୨୩ରିଖ ୧୭.୩୦ ଘଟିକା |
| ପ୍ରାକ୍-ବିଡ୍ ବୈଠକ | ତା୨୨।୦୬।୨୦୨୩ରିଖ, ୧୧.୩୦ ଘଟିକା, ଏଲ୍ଆଇସିଆଇ, ଡେପୁଟି ଚିଫ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ, 'ଜୀବନ ପ୍ରକାଶ', ୩ୟ ମହଲା, ପ୍ଲଟ୍ ନଂ. ୧୪୯ (ପି), ଡି-ପ୍ଲଟ୍-ପି/୧, ଅନନ୍ତ ବିହାର, ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦ଠାରେ। |
| ଅନ୍‌ଲାଇନ୍ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୦୪।୦୭।୨୦୨୩ରିଖ ୨୩.୫୯ ଘଟିକାରେ |
| ବାସ୍ତବିକ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୦୫।୦୭।୨୦୨୩ରିଖ ୧୫.୦୦ ଘଟିକାରେ |
| ବୈଷୟିକ ବିଡ୍ ଖୋଲାଯିବାର ତାରିଖ ଓ ସମୟ | ତା୦୫।୦୭।୨୦୨୩ରିଖ ୧୫.୩୦ ଘଟିକା ପରଠାରୁ |
| ଯୋଗାଯୋଗ ଇମେଲ୍ | ecz_engg@licindia.com |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ ୱେବ୍‌ସାଇଟ୍: http://www.tenderwizard.com/LICରେ ଜାରି କରାଯିବ ଏବଂ ଗଣମାଧ୍ୟମରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ। ତେଣୁ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ୱେବ୍‌ସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ।
Date:04.06.2023
ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ)

SMiLE+
JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder
• Castic Soda
• HCL Acid
• Sulphuric Acid
• Alum
• Acetic Acid
• Dolomite Powder
• French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796



NEST LEISURE
TEAM INFRACON
Empowering Communication
SOUND OF SOUL
ODISHA EDITION
Classic Concert Series binding Experience, Culture and a Cause
FEATURING
Padma Shree
KUMAR SANU
IMPORTANT ANNOUNCEMENT
In view of the tragic rail accident at Balasore on 02.06.2023 & the state mourning which is observed through-out the state – Keeping in view the sentiments - Team Infracon & Nest Leisure and upon the generous consideration of Padmashri Kumar Sanu it is decided that the Sound of Soul (Odisha edition ) with Padmashri Kumar Sanu is being Postpone to 04th June 2023 in Utkal Mandap at 6.30 PM. We are deeply saddened and extend our condolences over the loss of lives and truly stand beside the tragic loss.
POSTPONED DATE:
04th June 2023 06:30 Onwards

ବାରମ୍ବାର ଗ୍ୟାସ୍, ଏସିଡିଟୀ କିମ୍ବା ବଦହଜମୀ ପାଇଁ ଚିନ୍ତିତ?




ZANDU Pancharishta
ପେଟର ସମସ୍ୟା ଗନ୍, କରନ୍ତୁ ପାଚନ ଷ୍ଟ୍ରଙ୍ଗ୍।
କେବଳ 4 ସପ୍ତାହରେ
ପେଟ ସମସ୍ୟାର କାରଣ କମ୍‌ଜୋର ପାଚନ ଅଟେ। ଆୟୁର୍ବେଦିକ ଝଣ୍ଡୁ ପଞ୍ଚାରିଷ୍ଟ ଆପଣଙ୍କ ସାତୋଟି ପାଚନ କେନ୍ଦ୍ରକୁ କରେ ମୂଳରୁ ମଜବୁତ ଏବଂ ପେଟ ସମସ୍ୟାରୁ ଦିଏ ଲମ୍ବା ଆରାମ।
30ml
ସକାଳ
ଏବଂ ସନ୍ଧ୍ୟା
4 ସପ୍ତାହ




For Free Doctor Consultation 1800 572 8000 (9am - 6pm) | Also available on www.zanducare.com

**ଆଜିର ମନ୍ତବ୍ୟ**

ଓଡ଼ିଶାର ଟ୍ରେନ୍ ଦୁର୍ଘଟଣା ହୃଦୟବିଦାରକ। ସାଥୀ ସାଂସଦମାନେ ନିଜ ଦରମାର କିଛି ଅଂଶ ଶୋକ ସନ୍ତପ୍ତ ପରିବାରଙ୍କୁ ପ୍ରଦାନ କରି ସେମାନଙ୍କ ସହଯୋଗ ପାଇଁ ଆଗେଇ ଆସନ୍ତୁ। -ବରୁଣ ଗାନ୍ଧୀ, ପିଲିଭିଟ୍‌ର ଭାଜପା ଏମ୍‌ପି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସାକୁ ତାଟିଆ ଝାଇଁ
ନୂଆ ବେଷ୍ଟକରି ଭୁଲି ପଡ଼ିଲେ
ପୁରୁଣା କି ମନେ ନାହିଁ ?**

ନୂଆ ପ୍ରତି ସଭିଙ୍କ ମନରେ ଅହେତୁକ ଆଦର ଭାବ ରହିଥାଏ। ନୂଆ ନୂଆ ସଭିଙ୍କୁ ଖୁବ୍ ଭଲ ଓ ସୁନ୍ଦର ଲାଗିଥାଏ। ନୂଆ ପାଇଲେ ପୁରୁଣାଠୁ ମନ ଛାଡ଼ିଯାଏ। ପରୋକ୍ଷରେ ନୂଆ ତରୁଣୀକୁ ଦେଖି ପୁରୁଣା ପ୍ରେମୀକୁ ଉପେକ୍ଷା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କର୍ମ ଅବଳରୁ ଭଉଣୀ କୋଳ଼ିଙ୍କ ଘରତା
ପେଲା ପେଲି କରି ଦିନ ନଉଥା।**

ସ୍ୱାମୀ ମରିଗଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜ୍ୱାଇଁକୁ ଧରି ତାକୁ ମୁରବି ବୋଲି ମାନି ଗୁଜରାଣ ମେଣ୍ଟେଇବା ଭଳି ଅସୁବିଧାରୁ ନ କରିବା କଥା ବାଧ୍ୟ ହୋଇ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜି ଜେଇଇ ଆଡ୍‌ଭାନ୍ସଡ୍

ଭୁବନେଶ୍ୱର,୩।୬(ବ୍ୟୁରୋ)

ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି)ଗୁଡ଼ିକରେ ନାମଲେଖା ପାଇଁ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ରବିବାର ଅନୁଷ୍ଠିତ ହେବ। ଅଢ଼େଇ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ପାଇଁ ମନୋନୀତ ହୋଇଥିବାବେଳେ ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ସକାଳ ୯ଟାରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ପେପର୍-୧ ଓ ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ପେପର୍-୨ ପରୀକ୍ଷା ଚାଲିବ। ପରୀକ୍ଷା ହଲ୍‌ରେ ପ୍ରବେଶ ପାଇଁ ଆଡ୍‌ମିଟ୍ କାର୍ଡ ସହ ପରିଚୟ ପତ୍ର ନେବାକୁ ପଡ଼ିବ। ସୂଚନାଯୋଗ୍ୟ, ଦେଶର ୨୩ଟି ଆଇଆଇଟିରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

# ୮ରୁ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଭୋଟ ଗଣତି

କଟକ ଅଫିସ,୩।୬

ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନର ଭୋଟ ଗଣତି ଆସନ୍ତା ୮ରୁ ଆରମ୍ଭ ହେବ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। କାଉନ୍‌ସିଲ୍‌ର ନିର୍ବାଚନ ପରିଚାଳନା କରୁଥିବା ରିଟର୍ନିଂ ଅଧିକାରୀ ତଥା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ଏନେଇ ଶନିବାର ନୋଟିସ୍ ଜାରି କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଗତ ଏପ୍ରିଲ ୧୫ରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରରେ ସେହି ସମୟରେ କର୍ଫ୍ୟୁ ଜାରି ଥିବାରୁ ସେଠାରେ ନିର୍ବାଚନ ହୋଇପାରି ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସମ୍ବଲପୁରରେ ନିର୍ବାଚନ ହୋଇଥିଲା। ରାଜ୍ୟ ବାର୍ କାଉନ୍‌ସିଲ୍‌ର ୨୫ଟି ପଦ ନିମନ୍ତେ ୯୬ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଜ୍ୟରେ ମୋଟ ୩୪,୯୦୮ ଆଇନଜୀବୀ ଭୋଟରଙ୍କ ମତଦାନ ନିମନ୍ତେ ୧୬୬ ପୋଲିଂ ବୁଥ୍ କରାଯାଇଥିଲା। ମତଦାନ ନିୟମ ଅନୁଯାୟୀ ଜଣେ ମତଦାତା ସର୍ବନିମ୍ନ ୫ଟି ଭୋଟ ଦେବାକୁ ବାଧ୍ୟ। ୫ରୁ କମ୍ ହେଲେ ତାଙ୍କର ମତଦାନ ନାକଚ ହୋଇଯିବ। ସେହିପରି ଜଣେ ସର୍ବାଧିକ ୨୫ଟି ଭୋଟ ଦେଇପାରିବେ। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ହୋଇଥିବାରୁ ସମସ୍ତେ ଉତ୍ସୁକତାର ସହ ଫଳାଫଳକୁ ଅପେକ୍ଷା କରିଛନ୍ତି। ଏହି ନିର୍ବାଚନ ଶେଷ ଥର ପାଇଁ ୨୦୧୩ ନଭେମ୍ବରରେ ହୋଇଥିଲା।

# ଆଜି ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୬(ବ୍ୟୁରୋ)

ବାଲେଶ୍ୱର ଜିଲାର ବାହାନଗାଠାରେ ଭୟାବହ ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ରବିବାର ଓଡ଼ିଶା ଗସ୍ତରେ ଆସିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦୁର୍ଘଟଣାସ୍ଥଳର ସ୍ଥିତି ପରଖିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡଭ୍ୟଙ୍କୁ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ଓ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଯାଇ ଆହତଙ୍କୁ ଭେଟିବା ସହ ସେଠାରେ ଚାଲିଥିବା ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବା କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱରରେ ରହି ଆହତଙ୍କ ଚିକିତ୍ସା ବ୍ୟବସ୍ଥା ଓ ରେଳବାଇ ମାର୍ଗ ମରାମତି କାର୍ଯ୍ୟକୁ ତଦାରଖ କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଶନିବାର ଦୁର୍ଘଟଣାସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ୨ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ, ତାମିଲନାଡୁ ସରକାରଙ୍କ ୩ ଜଣ ମନ୍ତ୍ରୀ ଗସ୍ତ କରିଛନ୍ତି।

# ସିଙ୍ଗାପୁର, ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମେ ସକାଳ ୬ଟା ୨୫ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପ୍ରଥମ ସିଙ୍ଗାପୁରକୁ ବିମାନ ଉଡ଼ିଥିଲା। ଏଥିରେ ୧୮୦ଜଣ ଯାତ୍ରୀ ଯାତ୍ରା କରିଥିଲେ। ପରେ ଅପରାହ୍ନ ୪ଟା ୫୦ରେ ଅନ୍ୟଏକ ବିମାନ ଏଠାରୁ ବ୍ୟାଙ୍କକ୍ ଅଭିମୁଖେ ଉଡ଼ାଣ ଭରିଥିଲା। ଉଭୟ ରୁଟ୍‌ରେ ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ବିମାନ ସେବା ଯୋଗାଇ ଦିଆଯାଉଥିବାବେଳେ ସପ୍ତାହରେ ଦୁଇଥର ମଙ୍ଗଳବାର ଓ ଶନିବାର ବିଶ୍ୱର ଏହି ଦୁଇ ପ୍ରମୁଖ ସହର ସିଧାସଳଖ ବିମାନ ଚଳାଚଳ କରିବ। ଅପରପକ୍ଷେ ଭାରତୀୟ ସମୟ ମଧ୍ୟାହ୍ନ ୨ଟା ୨୦ରୁ ପ୍ରଥମ ବିମାନ ସିଙ୍ଗାପୁରରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଆରମ୍ଭ କରି ଅପରାହ୍ନ ୪ଟାରେ ଏଠାରେ ପହଞ୍ଚିଥିଲା। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ବିମାନରେ ୧୮୬ଜଣ ଯାତ୍ରୀ ରହିଥିଲେ। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସମସ୍ତ ଯାତ୍ରୀଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ପ୍ରାରମ୍ଭିକ ଉପହାର ସ୍ୱରୂପ ଯିବା କିମ୍ବା ଆସିବା ପାଇଁ ଟିକେଟର ମୂଲ୍ୟ ୭ହଜାର ୫ଶହ ଟଙ୍କା ଓ ଉଭୟ ଯିବା ଆସିବା ପାଇଁ ୧୫ହଜାର ଟଙ୍କା ରହିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଭୁବନେଶ୍ୱରରୁ ପ୍ରଥମେ ଦୁବାଇକୁ ଓ ଏବେ ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଛି। ଏହି ସେବା ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସିଆ ଦେଶସମୂହ ତଥା ବିଶ୍ୱ ସହିତ ସଂଯୋଗ କରିବ। ଏଥିସହ ଓଡିଶାର ଯୁବକଙ୍କ ପାଇଁ ଚାକିରି ସୁଯୋଗକୁ ପ୍ରୋତ୍ସାହିତ କରିବ। ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ବିକଶିତ କରିବା ସହ ଆଇଟି ଓ ଆଇଟିଇଏସ୍ କ୍ଷେତ୍ରକୁ ମଧ୍ୟ ସମୃଦ୍ଧ କରିବ। ଏହି ଅନ୍ତର୍ଜାତୀୟ ବିମାନଗୁଡ଼ିକ ବିଶେଷକରି ପର୍ଯ୍ୟଟକଙ୍କୁ ଅଧିକ ସୁବିଧା ତଥା ସୁଲଭ ଯାତ୍ରା ବିକଳ୍ପ ଯୋଗାଇଦେବା ସହିତ ବାଣିଜ୍ୟ ଏବଂ ପର୍ଯ୍ୟଟନକୁ ଉତ୍ସାହିତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

## ଆହତଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ

ବାଲେଶ୍ୱର ଅଫିସ୍,୩।୬

ବାଲେଶ୍ୱର ଜିଲା ଅନ୍ତର୍ଗତ ବାହାନଗାଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଦୁର୍ଦ୍ଦଶା କମୁନି। ଦୁର୍ଘଟଣାରେ ଆହତ ହୋଇଥିବା ପଶ୍ଚିମବଙ୍ଗର କିଛି ଯାତ୍ରୀ ପ୍ରାଥମିକ ଚିକିତ୍ସା ପରେ ସ୍ୱତନ୍ତ୍ର ବସ୍ ଯୋଗେ ଘରକୁ ଫେରୁଥିବା ବେଳେ ପୁଣି ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ଯାଉଥିବା ବସ୍‌ଟି ପଶ୍ଚିମବଙ୍ଗର ମେଦିନିପୁର ଜାତୀୟ ରାଜପଥଠାରେ ଏକ ପିକ୍‌ଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରେନ୍ ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ଲୋକମାନେ ବସ ଦୁର୍ଘଟଣାରେ ଗୁରୁତର ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

## ନବୀନଙ୍କ ସହ କଥାହେଲେ ବାଘେଲ

ଭୁବନେଶ୍ୱର,୩।୬(ବ୍ୟୁରୋ)-ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଶନିବାର ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇ କରମଣ୍ଡଳ ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଦୁର୍ଘଟଣାରେ ମୃତାହତ ଲୋକଙ୍କ ପାଇଁ ସେ ଗଭୀର ଦୁଃଖପ୍ରକାଶ କରିବା ସହିତ ଆହତ ଲୋକଙ୍କ ଉଦ୍ଧାର, ଚିକିତ୍ସା ଆଦି ଯେକୌଣସି କାମ ପାଇଁ ସବୁପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏହି ସଦିଚ୍ଛା ପାଇଁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଉଦ୍ଧାର, ଚିକିତ୍ସା କାର୍ଯ୍ୟକୁ ଷ୍ଟାଲିନଙ୍କ ପ୍ରଶଂସା

ଭୁବନେଶ୍ୱର,୩।୬(ବ୍ୟୁରୋ)-ଟ୍ରେନ୍ ଦୁର୍ଘଟଣା ଖବର ପାଇ ତାମିଲନାଡୁ ଯୁବକଲ୍ୟାଣ ଓ କ୍ରୀଡ଼ା ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ପରିବହନ ମନ୍ତ୍ରୀ ଏସ୍.ଏସ୍. ଶିବଶଙ୍କରଙ୍କ ସହ ତାମିଲନାଡୁ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କର ଏକ ପ୍ରତିନିଧିମଣ୍ଡଳୀ ତାମିଲନାଡୁ ଯାତ୍ରୀମାନଙ୍କର ସ୍ଥିତି ଅନୁଧ୍ୟାନ କରିବାକୁ ଓଡ଼ିଶାରେ ପହଞ୍ଚିଛନ୍ତି। ଶନିବାର ଅପରାହ୍ନରେ ସେମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ଓ ମୃତକଙ୍କ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ତାମିଲନାଡୁ ପ୍ରତିନିଧିମାନଙ୍କୁ ଭରସା ଦେଇଛନ୍ତି। ଆହତମାନଙ୍କ ଉଦ୍ଧାର ଓ ଚିକିତ୍ସା ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ପ୍ରଶଂସା କରିଛନ୍ତି। ତାମିଲନାଡୁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ, ତାମିଲନାଡୁ ପରିବହନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଫନିନ୍ଦ୍ର ରେଡ୍ଡୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କୁମାର ଜୟନ୍ତ ଏବଂ ଶିକ୍ଷକ ନିଯୁକ୍ତି ବୋର୍ଡ ଅଧ୍ୟକ୍ଷ ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳ, ଏସ୍‌ପିଙ୍କ ସହ ଆଲୋଚନା କଲେ ରାଜସ୍ୱ ମନ୍ତ୍ରୀ



ବାଲେଶ୍ୱର ଅଫିସ, ୩।୬

ବାଲେଶ୍ୱର ଜିଲା ବାହାନଗାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ ଦୁର୍ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ସେଠାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଆହତ ଓ ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଏହି ମୃତ୍ୟୁ ସଂଖ୍ୟା ୨୮୮ରେ ପହଞ୍ଚିଥିବା ବେଳେ ଆହତଙ୍କ ସଂଖ୍ୟା ୧ ହଜାର ଟପି ଯାଇଥିବା କହିଥିଲେ।

# ସମବେଦନା ଜଣାଇଲେ ଗଣଶିକ୍ଷାମନ୍ତ୍ରୀ



ବାଲେଶ୍ୱର ଅଫିସ, ୩।୬

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣା ପରେ ଶନିବାର ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେ ଚିକିତ୍ସାଧୀନ ଗୁରୁତର ଓ ଆହତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଭଗବାନ ସେମାନଙ୍କ ପରିବାରକୁ ସାହସ ଦିଅନ୍ତୁ। ଜିଲାରେ ଚିକିତ୍ସାଧୀନ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରାୟ ଭଲ ଅଛି। ଭଗବାନ କରନ୍ତୁ ସେମାନେ ସୁସ୍ଥ ହୋଇ ଘରକୁ ଫେରନ୍ତୁ। ଦୁର୍ଘଟଣାଗ୍ରସ୍ତ ଲୋକଙ୍କର କାହାର ହାତ ତ କାହାର ଗୋଡ଼ ଭାଙ୍ଗିଥିବା ବେଳେ କାହାର ମୁଣ୍ଡ ଫାଟିଛି। ଜିଲାର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ରୋଗୀମାନଙ୍କର ଯତ୍ନ ନେଉଛନ୍ତି। ଡାକ୍ତରମାନେ ଭଲ କାର୍ଯ୍ୟ କରୁଛନ୍ତି। ବିଧାୟକମାନେ କାର୍ଯ୍ୟକୁ ତଦାରଖ କରୁଛନ୍ତି। ସାଧାରଣ ଲୋକେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

# ୧୧୦ ଜଣିଆ ଗ୍ରୁପ୍ ସୁରକ୍ଷିତ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

କଥାରେ ଅଛି 'ରଖେ ହରି ତ ମାରେ କିଏ'। ଏହି ଆପ୍ତବାକ୍ୟ ପୁଣିଥରେ ପ୍ରମାଣିତ ହୋଇଛି ବାହାନଗା ଟ୍ରେନ୍ ଟ୍ରାଜେଡିରୁ। ଓଡ଼ିଶା ଇତିହାସର ସବୁଠାରୁ ବଡ଼ ଏହି ଟ୍ରେନ୍ ଦୁର୍ଘଟଣା ଅନେକ ପରିବାରକୁ ଛାରଖାର କରିଦେଇଥିବାବେଳେ କର୍ଣ୍ଣାଟକ ଚିକ୍‌ମାଗାଲୁରୁର ୧୧୦ ଜଣିଆ ଏକ ଗ୍ରୁପ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ସମ୍ପୃକ୍ତ ଗ୍ରୁପ୍ ସଦସ୍ୟମାନେ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିଲେ। ସେମାନେ ହାଓଡା ଦେଇ ଝାଡ଼ଖଣ୍ଡର ପ୍ରସିଦ୍ଧ ଜୈନ ତୀର୍ଥକ୍ଷେତ୍ର ସମ୍ମେଦ ଶିଖରଜୀକୁ ଯାଉଥିଲେ। ତେବେ ସୌଭାଗ୍ୟବଶତଃ ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନାହିଁ। ଏଥିଲାଗି ସେମାନେ ଠାକୁରଙ୍କୁ ଧନ୍ୟବାଦ ଦେଇଛନ୍ତି। ବାହାନଗାର ଛାତିଥରା ଟ୍ରେନ୍ ଦୁର୍ଘଟଣାରେ କରମଣ୍ଡଳ ଏକ୍ସପ୍ରେସ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ମୃତାହତଙ୍କ ମଧ୍ୟରେ ଏହି ଟ୍ରେନ୍‌ର ସର୍ବାଧିକ ଯାତ୍ରୀ ରହିଛନ୍ତି। ଅନ୍ୟପଟେ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଏହା ଅପେକ୍ଷାକୃତ କମ୍।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଷ୍ଟମ ଚନ୍ଦ୍ରଜନିତ ଯେଉଁ କାମ ଆଜି ଆରମ୍ଭ କରିବେ ସଫଳତା ପାଇବା କଷ୍ଟ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇଯିବେ। ପିଲାଙ୍କ ଉଚ୍ଚ ଶିକ୍ଷା ସକାଶେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ** ସପ୍ତମ କେନ୍ଦ୍ରରେ ଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ରହିବ। କିନ୍ତୁ ସମ୍ମୁଖରେ କିଛି କହି ପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ପରିବାର ଭିତରର କିଛି କଥା ଅନ୍ୟମାନଙ୍କ ଆଗରେ କହିପାରିବେ ନାହିଁ।

**ମିଥୁନ** ଶୁଭ ଚନ୍ଦ୍ରଜନିତ ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହିତ ବନ୍ଧୁସମ୍ପର୍କ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ଅସନ୍ତୁଷ୍ଟ ରହିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** ଅତି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ବିଶେଷ ଶୁଭଙ୍କର ନୁହେଁ।

**ସିଂହ** ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ କରିବାରେ ଅସମର୍ଥ ହୋଇ ଚିନ୍ତିତ ରହିପାରନ୍ତି। ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିବାକୁ ବାଧ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବ୍ୟବସାୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ ବ୍ୟକ୍ତିଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ। ଜଣେ ବନ୍ଧୁଙ୍କ ଟାଣକଥାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ତୁଳା** ଆଜି ମନର ଭାବକୁ ମନରେ ରଖି ଅନ୍ୟର ନିକଟତର ହେବାକୁ ଚେଷ୍ଟା କରିବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇ ପାରନ୍ତି। ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା** ମିଠା କଥା କହି ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଇଚ୍ଛାନୁଯାୟୀ କାମଗୁଡ଼ିକ ହେବାରୁ ମାନସିକ ସ୍ଥିରତା ରହିବ। ଅନ୍ୟକୁ ଭରସାକରି ବସି ରହିଲେ ସମସ୍ୟା ଭିତରେ ଛନ୍ଦି ହୋଇଯିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ** ସକାଳୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିନପାରେ। ବିଭିନ୍ନ ନକାରାତ୍ମକ ଚିନ୍ତାଧାରା ମନକୁ ବ୍ୟସ୍ତ କରାଇବ। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ।

**ମକର** ଅଟକି ରହିଥିବା କାର୍ଯ୍ୟର ସମସ୍ୟାଟି ଆକସ୍ମିକ ଭାବେ ସମାଧାନ ହୋଇଯିବାରୁ ମନ ଖୁସି ରହିବ। କର୍ମ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ସକାଶେ ହେଉ, ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଅସାବଧାନତା ସହକାରେ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାଇବା ଠିକ୍ ହେବ ନାହିଁ। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହେବେ।

**ମୀନ** ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କିନ୍ତୁ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସା ଊଣା ହେବ ନାହିଁ। ଧାତୁ, ଅଳଙ୍କାର ଔଷଧ ପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଦେବସ୍ନାନ ପୂର୍ଣ୍ଣିମା ରବିବାର, ଜୁନ୍ ୪ ତାରିଖ, ଶ୍ରୀମନ୍ଦିରରେ ସ୍ନାନଯାତ୍ରା, ଗଜାନନ ବେଶ, ରାଶି ନକ୍ଷତ୍ର- ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୫ ଗତେ ଘ. ୦୯।୩୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୨।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୦ ଗତେ ଘ.୦୬।୦୯ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ବିଭୀଷିକା...

ମୃତ୍ୟୁ ଘଟିଥିଲା। ସେହିପରି ୬ ଜୁନ୍ ୧୯୮୧ରେ ସବୁଠୁ ବଡ଼ ରେଳ ଦୁର୍ଘଟଣା ବିହାରର ମାନସି ଏବଂ ସହର୍ସା ମଧ୍ୟରେ ଘଟିଥିଲା। ଏଥିରେ ୭୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ବାହାନଗା ଟ୍ରେନ ଦୁର୍ଘଟଣା ଏତେ ଭୟାବହ ହୋଇଛି ଯେ, ଏବେକାର ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତିର ବିପୁଳ ସାଧନ ସତ୍ତ୍ୱେ ଶନିବାର ରାତି ୯ଟା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଶେଷ ହୋଇପାରି ନ ଥିଲା। ମୃତଦେହ ଖୋଜା ସରୁ ନ ଥିବାବେଳେ ଆତ୍ମୀୟଙ୍କ ଆଖିରୁ ଲୁହ ଶୁଖୁନାହିଁ। ସୂଚନାଯୋଗ୍ୟ ଯେ, ବାହାନଗା ଷ୍ଟେଶନର ୧୦୦ ମିଟର ପୂର୍ବରୁ ଥିବା ମୁଖ୍ୟ ଫାଟକ ନିକଟ ୧ ନମ୍ବର ଲାଇନ୍‌ରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ମାଲବାହୀ ଟ୍ରେନ ଛିଡ଼ା ହୋଇଥିଲା। ଏହି ସମୟରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ ଟ୍ରାକ୍ ବଦଳାଇ ୨ ନମ୍ବର ଲାଇନ୍‌କୁ ଯିବା ପରିବର୍ତ୍ତେ ମାଲବାହୀ ଟ୍ରେନର୍ ପଛପଟୁ ଧକ୍କା ଦେଇଥିଲା। ଫଳରେ କରମଣ୍ଡଳ ଏକ୍ସପ୍ରେସର ୧୨ଟି ବଗି ଓଲଟିପଡ଼ିଥିଲା। ଏହି ସମୟରେ ୩ ନମ୍ବର ଲାଇନ୍‌ରେ ବେଙ୍ଗାଲୁରୁରୁ ହାଓଡା ଯାଉଥିବା ସୁପରଫାଷ୍ଟ ଏକ୍ସପ୍ରେସ୍ କରମଣ୍ଡଳ ଏକ୍ସପ୍ରେସର ଦୁର୍ଘଟଣାଗ୍ରସ୍ତ ବଗିକୁ ଧକ୍କା ଦେଇଥିଲା। ଏଥିଯୋଗୁ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ର ୪ଟି ବଗି ଓଲଟି ପଡିଥିଲା। ଏହାପରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ଶନିବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ ଓ ବଗି ନିକଟକୁ ଯାଇ ପ୍ରାୟ ଅଧ ଘଣ୍ଟା ଧରି ସ୍ଥିତି ପରଖିଥିଲେ। ଅଧିକାରୀମାନେ ଏକ ମ୍ୟାପ୍ ଦେଖାଇ ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଦୁର୍ଘଟଣାସ୍ଥଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳୱେର ବରିଷ୍ଠ ଅଧିକାରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ କ'ଣ ସହଯୋଗର ଆବଶ୍ୟକତା ଅଛି, ସେ ନେଇ ପଚାରି ବୁଝିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଦୁର୍ଘଟଣାସ୍ଥଳରେ ଚାଲିଥିବା ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ସ୍ଥାନୀୟ କର୍ତ୍ତୃପକ୍ଷ, ବିପର୍ଯ୍ୟୟ ପ୍ରଶମନ ବାହିନୀର କର୍ମଚାରୀ ଏବଂ ରେଳ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଦୁଃଖଦ ଘଟଣାରେ ସମସ୍ତ ପ୍ରକାର ସହାୟତା ସରକାର ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆହତ ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତି ସମୀକ୍ଷା କରିବା ପରେ ପ୍ରଧାନମନ୍ତ୍ରୀ ସନ୍ଧ୍ୟାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଟ୍ରେନ୍‌ଯାତ୍ରୀଙ୍କୁ ଭେଟିଥିଲେ। ଆହତ ବ୍ୟକ୍ତି ଓ ସେମାନଙ୍କର ସମ୍ପର୍କୀୟଙ୍କ ସହିତ କଥା ହୋଇ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ସମୀକ୍ଷା କରିଛନ୍ତି। ଅଧିକାଂଶ ଚିକିତ୍ସାଧୀନ ଯାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ସେମାନେ କେଉଁଠାରୁ ଆସୁଥିଲେ, କୁଆଡ଼େ ଯାଉଥିଲେ ଓ ଚିକିତ୍ସା କିପରି ଚାଲିଛି ଆଦି ପ୍ରଶ୍ନ ପଚାରିଥିଲେ। ଏହାସହ ଡାକ୍ତରଙ୍କ ସହ ଆଲୋଚନା କରି ଆହତଙ୍କୁ ଉତ୍ତମ ଚିକିତ୍ସା ଉପଲବ୍ଧ କରାଇବା ପାଇଁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ କ୍ୟାବିନେଟ୍ ସଚିବଙ୍କ ସହ କଥା ହୋଇ ଆହତଙ୍କ ଉତ୍ତମ ଚିକିତ୍ସା ପାଇଁ ଦେଶର ଯେକୌଣସି ହସ୍ପିଟାଲରେ ବ୍ୟବସ୍ଥା କରାଇବା ପାଇଁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲା କଳାଇକୁଣ୍ଡା ଏୟାରଫୋର୍ସ ଷ୍ଟେଶନରୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ବାହାନଗାରେ ଅପରାହ୍ନ ୩ଟା ୪୦ରେ ପହଞ୍ଚିଥିଲେ। ସେଠାରୁ ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାୟୁସେନାର ଅଧିକାରୀଙ୍କ ସହିତ ଟ୍ରେନ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ସେହିପରି ମୋଦିଙ୍କ ଗସ୍ତ ସମୟରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉପସ୍ଥିତ ଥିଲେ।

ଏହା ପୂର୍ବରୁ ଅର୍ଥାତ୍ ପୂର୍ବାହ୍ନ ୮ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା ସାଙ୍ଗକୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଆହତମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟ, ଆହତଙ୍କ ଚିକିତ୍ସା, ରିଲିଫ୍ ଆଦି ବିଷୟରେ ଅନୁଧ୍ୟାନ କରିଥିଲେ।

## ଦୋଷୀଙ୍କୁ ଛଡ଼ାଯିବ ...

ଯାଇ ଆହତମାନଙ୍କ ପାଇଁ ରକ୍ତଦାନ କରିଛନ୍ତି। ରେଲୱେ ପୂରା ଶକ୍ତି ଲଗାଇଛି। ଯାତାୟାତ କାମ ଶୀଘ୍ର କରାଯିବା ପାଇଁ ପଦକ୍ଷେପ ନେଇଛି। ହସ୍ପିଟାଲରେ ଆହତଙ୍କୁ ଭେଟିଛି। ଘଟଣା ସମ୍ପର୍କରେ କହିବାକୁ ମୋ ପାଖରେ ଶବ୍ଦ ନାହିଁ। ଦୁର୍ଘଟଣାଗ୍ରସ୍ତ ଲୋକେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ସେ କହିଛନ୍ତି।

## ସ୍ଥାନୀୟ ଲୋକଙ୍କ ଉଦ୍ୟମକୁ ...

ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଧ୍ୟ ଆହତମାନଙ୍କୁ ସାକ୍ଷାତ କରି ସେମାନଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ।

ଦୁର୍ଘଟଣା ଯୋଗୁ ବିଭିନ୍ନ ସ୍ଥାନରେ ଫସି ରହିଥିବା ଯାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ପରିବହନ ସୁବିଧା ଯୋଗାଇ ଦିଆଯାଇଛି। ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଯାତ୍ରୀମାନଙ୍କୁ ବିନାମୂଲ୍ୟରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି।

ରେଳ ଦୁର୍ଘଟଣା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ରାଜସ୍ୱ ମନ୍ତ୍ରୀଙ୍କ ସମେତ ୬ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ତୁରନ୍ତ ଘଟଣାସ୍ଥଳକୁ ପଠାଇଥିଲେ। ନିଜେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ଉଦ୍ଧାର ଓ ସହାୟତା କାର୍ଯ୍ୟକୁ ତଦାରଖ କରିଥିଲେ।



ଜମ୍ମୁର ଏକ ସ୍କୁଲରେ ଛାତ୍ରୀଛାତ୍ରମାନେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ମୁମ୍ବାଇ ଗୁରୁକୁଳ ଆର୍ଟ ଛାତ୍ରୀଛାତ୍ରମାନେ ଚିତ୍ରକଳା ମାଧମରେ ଟ୍ରେନ୍ ଦୁର୍ଘଟଣାର ମୃତକଙ୍କ ସ୍ମୃତିଚାରଣ କରୁଛନ୍ତି।

## ବିଶ୍ୱନେତାଙ୍କ ପ୍ରତିକ୍ରିୟା

“ଓଡ଼ିଶାର ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କୁ ସମବେଦନା ଜଣାଉଛି। ପ୍ରତ୍ୟେକ ଆହତଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି।

**-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

“ଓଡ଼ିଶା ଟ୍ରେନ୍ ଦୁର୍ଘଟଣାରେ ଏତେ ସଂଖ୍ୟକ ଜୀବନ ଯାଇଥିବା ଶୁଣି ସ୍ତବ୍ଧ ହୋଇଯାଇଛି। ଚାଇନା ସରକାର ଓ ଲୋକଙ୍କ ତରଫରୁ ସମବେଦନା ଜଣାଉଛି।

**-ଶି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି**

“ଓଡ଼ିଶାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ଖବର ପାଇ ମର୍ମାହତ। ଏହି ଦୁର୍ଘଟଣାରେ ଅନେକ ମୂଲ୍ୟବାନ୍ ଜୀବନ ଯାଇଛି ଏବଂ ବହୁ ଲୋକ ଆହତ ହୋଇଛନ୍ତି। ଜାପାନ ସରକାର ଓ ଜନସାଧାରଣଙ୍କ ତରଫରୁ ମୁଁ ମୃତକଙ୍କ ସମ୍ପର୍କୀୟଙ୍କୁ ସମବେଦନା। ଆହତମାନଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି।

**-ଫୁମିଓ କିଶିଦା, ଜାପାନ ପ୍ରଧାନମନ୍ତ୍ରୀ**

“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କ ପାଇଁ ପ୍ରାର୍ଥନା କରୁଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଉଛି। ଆହତଙ୍କୁ ଉଦ୍ଧାର କରିବା ପାଇଁ ନିରନ୍ତର ପ୍ରୟାସ ଚଳାଇଥିବା ଟିମ୍ ଏବଂ ପ୍ରଶାସନକୁ ହୃଦୟରୁ ସମର୍ଥନ କରୁଛି।

**- ଋଷି ସୁନକ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ**

“ଓଡ଼ିଶାର ଟ୍ରେନ୍ ଦୁର୍ଘଟଣା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତୀୟମାନଙ୍କୁ ହୃଦୟରୁ ସମବେଦନା ଜଣାଉଛି। ଫ୍ରାନ୍ସ ଆପଣମାନଙ୍କ ସହ ରହିଛି। ପୀଡ଼ିତଙ୍କ ପରିବାରକୁ ଭଗବାନ ଶକ୍ତି ଦିଅନ୍ତୁ।

**- ଇମାନ୍ୟୁଏଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**

“ଓଡ଼ିଶାର ଟ୍ରେନ୍ ଦୁର୍ଘଟଣାସ୍ଥଳରୁ ଆସୁଥିବା ଚିତ୍ର ଓ ରିପୋର୍ଟ ହୃଦୟବିଦାରକ। ଏହା ଏକ କଠିନ ସମୟ। କାନାଡୀୟମାନେ ଭାରତର ଲୋକଙ୍କ ସହ ଛିଡ଼ାହୋଇଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

**- ଜଷ୍ଟିନ୍ ଟ୍ରୁଡୋ, କାନାଡା ପ୍ରଧାନମନ୍ତ୍ରୀ**

“ଓଡ଼ିଶାର ଟ୍ରେନ୍ ଦୁର୍ଘଟଣାରେ ଜୀବନହାନିକୁ ନେଇ ମର୍ମାହତ। ଏହି ଦୁଃଖଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ସରକାର ଓ ଶୋକସନ୍ତପ୍ତ ପରିବାରଗଗୁଡ଼ିକୁ ସମବେଦନା ଜଣାଉଛି।

**- ପୁଷ୍ପ କମଲ ଦହଲ ‘ପ୍ରଚଣ୍ଡ’, ନେପାଳ ପ୍ରଧାନମନ୍ତ୍ରୀ**

“ଭାରତରେ ଟ୍ରେନ୍ ଦୁର୍ଘଟଣାରେ ଅନେକ ଶହ ଲୋକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ମର୍ମାହତ। ଆତ୍ମୀୟଙ୍କୁ ହରାଇଥିବା ଲୋକଙ୍କୁ ସମବେଦନା ଏବଂ ଆହତଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି।

**- ଶେହବାଜ ଶରିଫ, ପାକିସ୍ତାନ ପ୍ରଧାନମନ୍ତ୍ରୀ**

“ଓଡ଼ିଶାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ବିଷୟରେ ଜାଣି ମର୍ମାହତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତର ଲୋକଙ୍କ ନିକଟକୁ ପ୍ରାର୍ଥନା ପଠାଉଛି। ପରିଜନଙ୍କୁ ହରାଇଥିବା ଲୋକଙ୍କୁ ଭଗବାନ ଶକ୍ତି ଦିଅନ୍ତୁ।

**- ଲୋଟେ ଶେରିଙ୍ଗ୍, ଭୁଟାନ୍ ପ୍ରଧାନମନ୍ତ୍ରୀ**

“ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ପରେ ଚାପିହୋଇ ରହିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର କରାଯିବ ବୋଲି ଆଶା। ପୀଡ଼ିତ ଓ ଆହତଙ୍କ ପାଇଁ ପ୍ରାର୍ଥନା କରୁଛି। ଭାରତକୁ ଇଟାଲୀ ସରକାର ସମବେଦନା ଜଣାଉଛନ୍ତି।

**-ଆଣ୍ଟୋନିଓ ତଜାନି, ଇଟାଲୀ ଉପପ୍ରଧାନମନ୍ତ୍ରୀ**

“ଭାରତର ଓଡ଼ିଶାରେ ଟ୍ରେନ୍ ଦୁର୍ଘଟଣା ଖବର ଶୁଣି ଗଭୀର ମର୍ମାହତ। ପୀଡ଼ିତ ଓ ସେମାନଙ୍କ ପରିବାରକୁ ସମବେଦନା।

**- ସାବା କୋରୋସି, ଜାତିସଂଘ ସାଧାରଣ ସଭା ଅଧ୍ୟକ୍ଷ**

“ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ସମସ୍ତଙ୍କ ପାଇଁ ପ୍ରାର୍ଥନା କରୁଛି ଏବଂ ପୀଡ଼ିତଙ୍କ ପରିବାରକୁ ହୃଦୟରୁ ସମବେଦନା ଜଣାଉଛି। ଉଦ୍ଧାର କାର୍ଯ୍ୟ ଅନେକଙ୍କ ଜୀବନକୁ ବଞ୍ଚାଇପାରିଥିବ ବୋଲି ଆଶା।

**- ସାଇ ଇଙ୍ଗ୍ ୱେନ୍, ତାଇୱାନ୍ ରାଷ୍ଟ୍ରପତି**

# ଚିହ୍ନଟ ପାଇଁ ଭୁବନେଶ୍ୱରରେ ରହିବ ୧୬୦ ମୃତଦେହ

**ଭୁବନେଶ୍ୱର, ୩।୬ (ବ୍ୟୁରୋ)**

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ଅତିକ୍ରାନ୍ତ କରିଥିବାବେଳେ ଏଥିରେ ୨୮୮ଜଣଙ୍କର ମୃତ୍ୟୁ ହୋଇଛି। ବିଭିନ୍ନ ସ୍ଥାନରେ ମୃତଦେହ ରହିଥିବାରୁ ଏଯାଏ ଅଧିକାଂଶ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଅପରପକ୍ଷେ ଦୁର୍ଘଟଣାରେ ମୃତାହତମାନେ ପ୍ରାୟତଃ ପଶ୍ଚିମବଙ୍ଗ, ଓଡିଶା ଏବଂ ତାମିଲନାଡୁରୁ ରହିଥିବା କୁହାଯାଉଛି। ବର୍ତ୍ତମାନ ବାଲେଶ୍ୱର ଅଞ୍ଚଳକୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ଥିବାରୁ ମୃତକଙ୍କ ପରିବାର ଲୋକେ ଆସିପାରୁ ନାହାନ୍ତି। ଏଥିସହ ସେଠାରେ ମୃତଦେହ ରଖିବାକୁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ତେଣୁ ରାଜ୍ୟ ସରକାର ବାଲେଶ୍ୱରରୁ ପ୍ରାୟ ୧୬୦ ମୃତଦେହକୁ ଭୁବନେଶ୍ୱର ଆଣିବାର ବ୍ୟବସ୍ଥା କରୁଥିବା ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଭୁବନେଶ୍ୱର ଏମ୍ସ, କ୍ୟାପିଟାଲ ହସ୍ପିଟାଲ ଏବଂ ବିଭିନ୍ନ ଘରୋଇ ହସ୍ପିଟାଲର ଶବଗୃହରେ ମୃତଦେହକୁ ରଖାଯିବା ପାଇଁ ବ୍ୟବସ୍ଥା ହୋଇଛି। ମୃତକଙ୍କ ପରିବାର ଲୋକ ଭୁବନେଶ୍ୱର ଆସିଲେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ସେସବୁ ହସ୍ପିଟାଲକୁ ନିଆଯାଇ ମୃତଦେହ ଚିହ୍ନଟ କରାଯିବ। ମୃତଦେହ ରହିଥିବା ପ୍ରତ୍ୟେକ ବ୍ୟାଗରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ରହିଛି। ଫଳରେ ସେମାନଙ୍କ ସମ୍ପର୍କୀୟମାନେ ଚିହ୍ନଟ କରିବା ସହଜ ହେବ। ଆବଶ୍ୟକ ପଡ଼ିଲେ ଚିହ୍ନଟ ହୋଇପାରୁ ନ ଥିବା ମୃତଦେହର ଡିଏନ୍ଏ ନମୁନା ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ଫୋରେନ୍ସିକ ଲାବକୁ କୁହାଯାଇଛି। ଯେଉଁ ମୃତଦେହଗୁଡିକର କେହି ଦାବିଦାର ନ ଥିବେ ତା'ର ବ୍ୟବଚ୍ଛେଦ ୪୮ଘଣ୍ଟା ଭିତରେ ମେଡିକୋ-ଲିଗାଲ ଆଇନ ଅନୁସାରେ କରାଯିବ। ରାଜ୍ୟ ସରକାର ଏବେ ମୃତଦେହ ଚିହ୍ନଟ, ହସ୍ତାନ୍ତର ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଅନ୍ୟପକ୍ଷରେ ଏମ୍ସକୁ ୧୦୦ ମୃତଦେହ ଆସିବା ନେଇ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

### ଆବଶ୍ୟକ ପଡ଼ିଲେ ଡିଏନ୍ଏ ପରୀକ୍ଷା

### ଏମ୍ସରେ ରହିବ ୧୦୦

# ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ବାହାନଗା ଟ୍ରେନ ଦୁର୍ଘଟଣା ପରଠାରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜୋର୍‌ସୋରରେ ଜାରି ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଆହତ ଯାତ୍ରୀଙ୍କୁ ବିନା ଟିକେଟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଲାଗି ସ୍ପେଶାଲ ଟ୍ରେନ୍‌ର ବ୍ୟବସ୍ଥା ହୋଇଛି। ଦୁର୍ଘଟଣାରେ ପ୍ରଭାବିତ ଯାତ୍ରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଧରି ଏକ ସ୍ୱତନ୍ତ୍ର ଟ୍ରେନ ଚେନ୍ନାଇରୁ ଭଦ୍ରକ ଓ ଭଦ୍ରକରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରିବ। ବିଭିନ୍ନ ଷ୍ଟେଶନରେ ଥିବା ସ୍ୱତନ୍ତ୍ର ହେଲ୍ପଡେସ୍କରୁ ଏନେଇ ମାଗଣା ପାସ୍ ସଂଗ୍ରହ କରିପାରିବେ। ରେଳ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବାବେଳେ ଆସନ୍ତା ୨ ଦିନ ମଧ୍ୟରେ ୩ରୁ ୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ୧୩୬୭୧ ଭଦ୍ରକ-ଚେନ୍ନାଇ ଏକ୍ସପ୍ରେସ୍ ନାମକ ଏକ ସ୍ପେଶାଲ ଟ୍ରେନ୍ ଭଦ୍ରକରୁ ବାହାରିବ। ସେହିପରି ଚେନ୍ନାଇରୁ ଏକ ସ୍ୱତନ୍ତ୍ର ଟ୍ରେନ ଦୁର୍ଘଟଣାରେ ପ୍ରଭାବିତ ଯାତ୍ରୀଙ୍କ ସମ୍ପର୍କୀୟ ଓ ପରିବାର ସଦସ୍ୟଙ୍କୁ ଧରି ଭଦ୍ରକ ଅଭିମୁଖେ ଯାତ୍ରା କରିବ। ଏସବୁ ଟ୍ରେନରେ ଅନ୍ୟ ଯାତ୍ରୀମାନେ ମଧ୍ୟ ଟିକେଟ ବୁକିଂ କରି ଯାତ୍ରା କରିପାରିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାସ୍ଥଳ ବୁଲିଲେ ମମତା ବାନାର୍ଜୀ

## ପଶ୍ଚିମବଙ୍ଗ ମୃତକଙ୍କ ପରିବାରକୁ ୫ଲକ୍ଷ ସହାୟତା ଘୋଷଣା

**ବାଲେଶ୍ୱର ଅଫିସ, ୩।୬**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଶନିବାର ମଧ୍ୟାହ୍ନରେ ବାହାନଗା ହାଇସ୍କୁଲ ନିକଟରେ ହୋଇଥିବା ହେଲିପ୍ୟାଡ୍‌ରେ ଓହ୍ଲାଇ ଦୁର୍ଘଟଣାସ୍ଥଳ ବୁଲିଥିଲେ। ଉକ୍ତ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରେ ମୃତାହତଙ୍କ ମଧ୍ୟରେ ୬୦% ପଶ୍ଚିମବଙ୍ଗର ଯାତ୍ରୀ ଥିବା ପ୍ରକାଶ କରିଥିଲେ। ଏହି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ତାଙ୍କ ରାଜ୍ୟ( ପଶ୍ଚିମବଙ୍ଗ)ର ପ୍ରତ୍ୟେକ ଯାତ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି। ତେବେ କ'ଣ ପାଇଁ ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରାଯିବ ବୋଲି ମମତା କହିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କହିଥିଲେ କରମଣ୍ଡଳ ଏକ୍ସପ୍ରେସ୍‌ରେ ଆଣ୍ଟି-କୋଲିଜିଅନ ଡିଭାଇସ୍ ନାହିଁ। ସେ ଯେତେବେଳେ ରେଳମନ୍ତ୍ରୀ ଥିଲେ ସେତେବେଳେ ଆଣ୍ଟି କୋଲିଜିଅନ ଡିଭାଇସ୍ ଆଣିଥିଲେ। ଫଳରେ ଟ୍ରେନ୍ ଗୋଟିଏ ଟ୍ରାକ୍‌ରେ ଚାଲୁଥିଲେ କିଛି ଦୂରରେ ଅନ୍ୟ ଟ୍ରେନ୍‌କୁ ରୋକି ହେବ। ବର୍ତ୍ତମାନ ଏହି ଟ୍ରେନ୍‌ରେ ଆଣ୍ଟି-କୋଲିଜିଅନ ଡିଭାଇସ୍ ନ ଥିଲା। ଯଦି ଥାଆନ୍ତା ଏଭଳି ଦୁଃଖଦ ଘଟଣାକୁ ରୋକାଯାଇ ପାରିଥାନ୍ତା। ରେଳମନ୍ତ୍ରୀଙ୍କ ପ୍ରତି ତାଙ୍କର ସମର୍ଥନ ଜଣାଇ ମମତା କହିଥିଲେ କାମ ଶେଷ ନ ହେବା ପର୍ଯ୍ୟନ୍ତ ଓଡ଼ିଶା ରେଳବାଇ ସହ ମିଶି ସମସ୍ତ ପ୍ରକାର ସହଯୋଗ କରିବେ। ୪୦ ଜଣିଆ ଡାକ୍ତରୀ ଟିମ୍ ସହ ୨ଟି ବସ୍ ଚିକିତ୍ସାରେ ସହାୟତା ପାଇଁ ପଠାଇଛୁ। ଏହି ଦୁର୍ଘଟଣାରେ କେତେ ଲୋକଙ୍କର ମୃତ୍ୟୁ ହୋଇଛି ଏହାର ତଦନ୍ତ ହେବା ଦରକାର। ଯଦି ଗୁରୁତର ଥିବା ରୋଗୀ ଏଠି ଚିକିତ୍ସିତ ହୋଇପାରୁନାହାନ୍ତି, ତେବେ ସେମାନଙ୍କୁ କୋଲକାତା ନେଇ ଚିକିତ୍ସା କରାଇବାକୁ ପ୍ରସ୍ତୁତ ଅଛନ୍ତି।

# ପ୍ରଭାବିତ ପିଲାଙ୍କ ରିପୋର୍ଟ ମାଗିଲେ ଓଏସ୍‌ସିପିସିଆର୍

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରଭାବିତ ପିଲାଙ୍କ ପ୍ରତି ବିଶେଷ ଧ୍ୟାନଦେବା ପାଇଁ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଶନିବାର ୪ ଜିଲାର ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବାଲେଶ୍ୱର, ଭଦ୍ରକ, କଟକ ଓ ଖୋର୍ଦ୍ଧା ଜିଲାପାଳ ଏବଂ ଏସ୍‌ପିଙ୍କୁ ଚିଠି ଲେଖାଯାଇଛି। ଏଥିରେ ପ୍ରଭାବିତ ହୋଇଥିବା ଶିଶୁଙ୍କ ବିବରଣୀ, ଚିକିତ୍ସା ସେବା, ମାନସିକ ପରାମର୍ଶ ସମ୍ବନ୍ଧୀୟ ପଦକ୍ଷେପ ସମ୍ପର୍କରେ ପୃଥକ ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ ଆୟୋଗ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ଓଏସ୍‌ସିପିସିଆର୍ ଚେୟାରମ୍ୟାନ ମନ୍ଦାକିନୀ କର ପ୍ରଶାସନର ଧ୍ୟାନ ଆକର୍ଷଣ କରି କହିଛନ୍ତି, ପିଲାମାନେ କେବଳ ଶାରୀରିକ ଆଘାତର ଶିକାର ହୁଅନ୍ତି ନାହିଁ, ବରଂ ସେମାନେ ମାନସିକ ଚାପଗ୍ରସ୍ତ ହୋଇଥାନ୍ତି। ଫଳରେ କୌଣସି ଦୁର୍ଘଟଣା ବା ବିପର୍ଯ୍ୟୟରେ ପିଲାମାନେ ସବୁଠାରୁ ଅଧିକ ପ୍ରଭାବିତ ହେବା ସହ ମାନସିକ ଚିକିତ୍ସା, ଚିକିତ୍ସା ସେବା ଓ ଶାରୀରିକ ସୁରକ୍ଷା ପାଇବାରେ ଅସୁବିଧା ହୁଅନ୍ତି। ଏହାସହ ଯେଉଁ ପିଲାଙ୍କ ଯତ୍ନ ଠିକ୍ ହୋଇ ନ ଥାଏ ସେମାନେ ନିର୍ଯାତନା, ଅସଦାଚରଣ ଓ ମାନବ ଚାଲାଣର ଶିକାର ହୋଇଥାନ୍ତି। ତେଣୁ ପ୍ରଭାବିତ ସମସ୍ତ ଶିଶୁଙ୍କୁ ଶିଶୁ ସୁରକ୍ଷା ଆଇନ ଅନୁଯାୟୀ ସେମାନଙ୍କ ମାତାପିତା ଓ ପରିବାର ସଦସ୍ୟଙ୍କ ସହିତ ପୁନର୍ମିଳନ ହେବା ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ପରାମର୍ଶ ଦେଇଛନ୍ତି।

**JOB VACANCY**

Applications are invited from qualified & experienced candidates for the post of **“SITE SUPERVISOR (Mechanical)”** to work at our ongoing projects inside Rourkela Steel Plant. Candidate should have Degree/Diploma holder in Mech. Engineering with 2 to 5 years working experience in the field of mechanical structural/equipment fabrication, erection & commissioning jobs in any steel plants/heavy industry. Mail your complete resume to bkpandastar@rediffmail.com at the earliest.

# ଚିକିତ୍ସାରେ ଅସୁବିଧା ହେବନାହିଁ: ସ୍ୱାସ୍ଥ୍ୟମନ୍ତ୍ରୀ

**ବାଲେଶ୍ୱର ଅଫିସ, ୩।୬**


ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

ରେଳ ଦୁର୍ଘଟଣା ପରେ ଶନିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ। ଦୁର୍ଘଟଣାରେ ଗୁରୁତର ଓ ଆହତ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେମାନଙ୍କ ଚିକିତ୍ସାରେ କୌଣସି ଅସୁବିଧା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁତର ଓ ଆହତମାନଙ୍କୁ ବାହାନଗା, ସୋର, ଭଦ୍ରକ, ଯାଜପୁର, କଟକ, ଭୁବନେଶ୍ୱର ତଥା ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ରାଜ୍ୟରେ ଥିବା ବିଭିନ୍ନ ବଡ଼ ହସ୍ପିଟାଲ ସହ ଆଲୋଚନା କରାଯାଇଛି। ବିଏସ୍‌କେୱାଇ ଦ୍ୱାରା ଅନୁବନ୍ଧିତ ହସ୍ପିଟାଲଗୁଡ଼ିକରେ ଗୁରୁତରମାନଙ୍କ ଚିକିତ୍ସା କରାଯିବ। ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରୀ ଟିମ୍ ନଜର ରଖିଛନ୍ତି। ଆବଶ୍ୟକ ଅନୁଯାୟୀ ଚିକିତ୍ସା କରାଯାଉଥିବା ସେ ପ୍ରକାଶ କରିଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କଲା ରେଲୱେ

**ନୂଆଦିଲ୍ଲୀ,୩।୬**

ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛି ରେଲୱେ। ଦକ୍ଷିଣ ପୂର୍ବ ସର୍କଲର କମିଶନର ଅଫ୍ ରେଲୱେ ସେଫ୍ଟି (ସିଆର୍‌ଏସ୍) ଏ.ଏମ୍. ଚୌଧରୀଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍ ବାହାନଗା ବଜାର ଷ୍ଟେଶନ୍‌ର ଠିକ୍ ପୂର୍ବରୁ ମେନ୍ ଲାଇନ୍ ପରିବର୍ତ୍ତେ ଲୁପ୍ ଲାଇନ୍ ଉପରକୁ ଚଢ଼ିଯାଇଥିବାରୁ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ କରମଣ୍ଡଳ ଏକ୍ସପ୍ରେସ୍‌ର ବଗିଗୁଡ଼ିକ ସହ ଧକ୍କା ହୋଇ ଓଲଟିପଡ଼ିଥିଲା। ଦୁର୍ଘଟଣାର ଠିକ୍ ପୂର୍ବରୁ କରମଣ୍ଡଳ ଘଣ୍ଟାପ୍ରତି ୧୨୮ କି.ମି. ବେଗରେ ଧାଉଁଥିବାବେଳେ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟର ଗତି ଥିଲା ୧୧୬ କି.ମି.। ଉଭୟ ଟ୍ରେନ୍‌ରେ ପ୍ରାୟ ୨,୦୦୦ ଯାତ୍ରୀ ଥିଲେ।

**DAYANAND INSTITUTE**
Dhanupali, Sambalpur- 768005
Helpline- 8763032587, 9938895475, 9437158817
**ADMISSION OPEN**
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in

# ଲୋକୋ ପାଇଲଟ୍, ସହାୟକ, ୨ ଗାର୍ଡ ଗୁରୁତର

ଅନେକ ପରିବାରର ଘର ଉଜାଡ଼ି ଦେଇଛି ବାହାନଗା ଟ୍ରିପଲ ଟ୍ରେନ୍ ଟ୍ରାଜେଡି। ହେଲେ ଦୈବୀ ସଂଯୋଗ ପରି ଏଥିରୁ ବର୍ତ୍ତିଯାଇଛନ୍ତି ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନର ଡ୍ରାଇଭର ଏବଂ ଗାର୍ଡ। ତେବେ କରମଣ୍ଡଳ ଏକ୍ସପ୍ରେସ୍‌ର ଲୋକୋ ପାଇଲଟ, ସହାୟକ ଲୋକୋ ପାଇଲଟ, ଗାର୍ଡ ଏବଂ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସର ଗାର୍ଡ ଗୁରୁତର ହୋଇଛନ୍ତି। ସେମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖଡଗପୁରସ୍ଥିତ ଦକ୍ଷିଣ ପୂର୍ବାଞ୍ଚଳ ରେଲୱେର ବରିଷ୍ଠ ବାଣିଜ୍ୟ ପରିଚାଳକ ରାଜେଶ କୁମାର କହିଛନ୍ତି।



## ବଗି ଭିତରେ ରେଳ ଟ୍ରାକ୍

ଛାତି ଥରାଇ ଦେଇଥିବା ବାହାନଗା ଟ୍ରେନ୍ ଦୁର୍ଘଟଣା କେତେ ଯେ ଭୟଙ୍କର ତାହା ଖିନଭିନ ହୋଇଯାଇଥିବା ବଗିଗୁଡ଼ିକୁ ଦେଖିଲେ ଯେ କେହି ଅନୁଭବ କରିପାରିବେ। ସାଧାରଣତଃ ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା ବେଳେ ବଗି ଉପରେ ବଗି ଚଢ଼ିଯାଇଥିବା ଅନେକଥର ଦେଖିବାକୁ ମିଳିଛି। ହେଲେ ବଗି ଭିତରକୁ ଟ୍ରେନ୍ ଟ୍ରାକ୍ ପଶି ଯାଇଥିବା ଦୃଶ୍ୟ ବାହାନଗା ଟ୍ରେନ୍ ଦୁର୍ଘଟଣାସ୍ଥଳରେ ଦେଖିବାକୁ ମିଳିଛି। ଦୁର୍ଘଟଣାଗ୍ରସ୍ତ କୋଚ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ଏପରି ଅବସ୍ଥାରେ ରହିଛି ଯେ ସୂତାରେ ଫୁଲ ଗୁନ୍ଥି ହେବା ଭଳି ଟ୍ରେନ୍ ଟ୍ରାକ୍‌ରେ ଗୁନ୍ଥି ହୋଇଯାଇଛି ବଗି।

# ରାଜ୍ୟରେ ଦିନିକିଆ ଶୋକ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ଠାରେ ଶୁକ୍ରବାର ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମସ୍ତଙ୍କୁ ହତବାକ କରି ଦେଇଛି। ଏହି ଦୁଃଖଦ ଘଟଣା ସମଗ୍ର ବିଶ୍ୱକୁ ମର୍ମାହତ କରିଛି। ମୃତକଙ୍କ ପାଇଁ ରାଜ୍ୟ ସରକାର ଶନିବାର ଦିନିକିଆ ରାଷ୍ଟ୍ରିୟ ଶୋକ ପାଳନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରେଳ ଦୁର୍ଘଟଣାରେସରକାରୀ ଭାବେ ୨୮୮ ମୃତ ଘୋଷଣା କରାଯାଇଥିବା ବେଳେ ୧୧୭୫ ଆହତ ହୋଇଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Government Joint Venture)

**ବିଦ୍ୟୁତ୍ ନିରାପତ୍ତା ସମ୍ପର୍କିତ ସତର୍କ ସୂଚନା**

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାସ୍ଥିତ ୧୩୨/୩୩ କେ.ଭି. ଓ.ପି.ଟି.ସି.ଏଲ୍. ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ତରଭା ବ୍ଲକ ଅନ୍ତର୍ଗତ ନାରାୟଣପୁର ମୌଜା ନିକଟସ୍ଥ ଦେଉଲପଦର ଗ୍ରାମରେ ନୂତନ ଭାବେ ନିର୍ମିତ ୩୩/୧୧ କେ.ଭି. ସବ୍‌ଷ୍ଟେସନକୁ ସଂଯୋଗ ହେତୁ ୩୩ କେ.ଭି. ଓଭରହେଡ୍ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ନୂତନ ୩୩ କେ.ଭି. ଲାଇନ୍‌ରେ ଆସନ୍ତା **ତା୦୪।୦୬।୨୦୨୩ରିଖ** ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍‌ଶକ୍ତି ପ୍ରବାହିତ କରାଯିବ। ଏହି ଓଭରହେଡ୍ ଲାଇନ୍‌ଟି ଅତିକ୍ରମ କରୁଥିବା ଗ୍ରାମଗୁଡ଼ିକ ଯଥା- ଜନମୁରା, ହରଡ଼ଖୋଲ, ଖମ୍ଭେଶ୍ୱରପାଲ୍ଲୀ, ସିଆଲଝୁଲି, ଝିଙ୍କି, କୁଲିପାଲି, ଖାରି, ଦେଉଲପଦର, ନାରାୟଣପୁର ଅଞ୍ଚଳର ଜନସାଧାରଣଙ୍କୁ ସତର୍କତା ଅବଲମ୍ବନ କରିବା ପାଇଁ ଅନୁରୋଧ।

ସେହିପରି, ବରଗଡ଼ ଜିଲ୍ଲାର ମହୁଲପାଲି ୩୩/୧୧ କେ.ଭି. ସବ୍‌ଷ୍ଟେସନଠାରୁ ସୁବର୍ଣ୍ଣପୁର ଜିଲ୍ଲାର ବିଶାଳପାଲି ୩୩/୧୧ କେ.ଭି. ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ୩୩ କେ.ଭି. ଓଭରହେଡ୍ ଲାଇନ୍‌ରେ ଆସନ୍ତା **ତା୦୬।୦୬।୨୦୨୩ରିଖ**ଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ କରାଯିବ। ଏହି ଲାଇନ୍‌ଟି ଅତିକ୍ରମ କରୁଥିବା ଅଞ୍ଚଳଗୁଡ଼ିକ ଯଥା ବଲାରଙ୍ଗା, ଆନ୍ଧ୍ରାଡେରା, ତିହିଁକିପାଲି, ମହୁଲପାଲି ଓ ବିଶାଳପାଲି ଅଞ୍ଚଳର ଜନସାଧାରଣଙ୍କୁ ସତର୍କତା ଅବଲମ୍ବନ କରିବା ପାଇଁ ଅନୁରୋଧ।

ଏହି ବିଜ୍ଞାପନ ଜରିଆରେ ପୁନଶ୍ଚ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ପ୍ରଚଳିତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସୁରକ୍ଷା ତଥା ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ପଦକ୍ଷେପ)ବିନିୟମ, ୨୦୧୦ ଏବଂ ଭାରତୀୟ ବିଦ୍ୟୁତ୍ ଧାରା ୧୯୫୬ ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ୍ ଖୁଣ୍ଟରେ ଚଢିବା, ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହା ଛଡ଼, ଲୁହା ପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ। ଏହା ଏକ ଦଣ୍ଡନୀୟ ଅପରାଧ ଅଟେ। ଏହାଦ୍ୱାରା ଧନ ଜୀବନ ହାନିର ଯଥେଷ୍ଟ ଆଶଙ୍କା ଅଛି। ଏଥିଜନିତ କୌଣସି ଦୁର୍ଘଟଣା ଘଟିଲେ ଟି.ପି.ଡବ୍ଲ୍ୟୁ.ଓ.ଡି.ଏଲ୍. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଟି.ପି.ଡବ୍ଲ୍ୟୁ.ଓ.ଡି.ଏଲ୍.
ସୁବର୍ଣ୍ଣପୁର ବିଦ୍ୟୁତ୍ ଡିଭିଜନ, ସୁବର୍ଣ୍ଣପୁର**

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

# ଅବାସ୍ତବ ଭାବନା



ଆକାର ପଟେଲ

ଜୁନ୍ ୨ରେ 'ବାଂଲାଦେଶୀ ଅନୁପ୍ରବେଶକାରୀ ଭାବେ ଅଭିଯୁକ୍ତ ବଙ୍ଗାଳୀ ଦମ୍ପତି ବେଙ୍ଗାଲୁରୁ ଜେଲରୁ ୧୦ମାସ ପରେ ମୁକୁଳିଲେ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଦମ୍ପତି ଥିଲେ ପଳାଶ ଓ ଶୁକ୍ଲା ଅଧିକାରୀ। ସେମାନେ ସ୍ଥାନୀୟ ଜମାନତ ଦେଇପାରି ନ ଥିବାରୁ ଜାମିନ ପାଇବା ପରେ ବି ଅଧିକ ଗୋଟିଏ ମାସ ଜେଲରେ ରହିଥିଲେ। ଏହି ଘଟଣା ସହ ସମ୍ପର୍କ ଥିବା ଆଉ ଏକ ଖବର ସେହିଦିନ ପ୍ରକାଶ ପାଇଥିଲା, ଯାହାର ଶୀର୍ଷକ ଥିଲା 'ନୂଆ ସଂସଦ ଭବନ କାନ୍ଥରେ ଅଖଣ୍ଡ ଭାରତର ଭିତ୍ତିଚିତ୍ର ବା କାନ୍ଥଚିତ୍ରକୁ ନେପାଳ ରାଜନେତାମାନେ ବିରୋଧ କରିଛନ୍ତି।' ଖବରରୁ ବୁଝାପଡୁଛି, ଏହି ଅଖଣ୍ଡ ଭାରତ ଏକ ବିଚାର ଯାହାକୁ ହିନ୍ଦୁତ୍ୱ ଜାତୀୟତାବାଦୀମାନେ ସମର୍ଥନ କରୁଛନ୍ତି। ପଡ଼ୋଶୀ ଦେଶ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଭାରତ, ମାଲଦ୍ୱୀପ, ମ୍ୟାନ୍‌ମାର, ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କାକୁ ନେଇ ଏହା ପରିକଳ୍ପନା କରାଯାଇଛି। ନେପାଳରେ ଥିବା ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀକୁ ମଧ୍ୟ ମାନଚିତ୍ରରେ ଦର୍ଶାଯାଇଛି। ଏହି ଦୁଇ ଘଟଣା ମଧ୍ୟରେ ସମ୍ପର୍କ ଅଛି। ମୁଁ ଲେଖୁଥିବା 'ଦି କେସ୍ ଫର୍ ଅଖଣ୍ଡ ଭାରତ' ବହିରେ ଏହି ଦୁଇ ବିଷୟରେ ଲେଖିବାକୁ ଚେଷ୍ଟାକରିଛି। ପ୍ରଥମରେ, ଯଦି ଭାରତୀୟମାନେ ବିଶେଷକରି ଭାଜପା ଓ ହିନ୍ଦୁମାନେ ଦକ୍ଷିଣ ଏସିଆକୁ ଏକାଠି କରିବାକୁ ଚାହାନ୍ତି, ତେବେ ବିନା ରଙ୍ଗିନଚିତ୍ର ଏବଂ ଭିତ୍ତିଚିତ୍ରରେ ତାହା କାହିଁକି କରିବାକୁ ଚେଷ୍ଟା କରୁନାହାନ୍ତି ? ଦ୍ୱିତୀୟରେ, ବାସ୍ତବରେ ଅଖଣ୍ଡ ଭାରତ ସୃଷ୍ଟି କରିବାକୁ କ'ଣ କରିବାକୁ ପଡ଼ିବ ? ପ୍ରଥମ ପ୍ରଶ୍ନର ଉତ୍ତର ସହଜ। ଏହାକୁ ସମର୍ଥନ କରୁଥିବା ଭାଜପା ଓ ହିନ୍ଦୁମାନେ କେବେ ବି ଏକ ସଂଗଠିତ ଦକ୍ଷିଣ ଏସିଆ ଚାହୁଁନାହାନ୍ତି। ସେମାନେ ଏକ ପ୍ରସଙ୍ଗଭିତ୍ତିକ ସାମ୍ରାଜ୍ୟ ଚାହୁଁଛନ୍ତି। ଭାଜପା କେବଳ ଭୂମି ଚାହେଁ, ଲୋକଙ୍କୁ ନୁହେଁ। କଶ୍ମୀରକୁ ଦେଖିଲେ ଏହା ସହଜରେ ବୁଝି ହେବ। ଧର୍ମାନ୍ଧତା ହେଉଛି ଅରୁଚିକର। କିନ୍ତୁ ଦ୍ୱିତୀୟ ପ୍ରଶ୍ନଟି ଅଧିକ ଉତ୍ସାହପ୍ରଦ। ଉପମହାଦେଶର ଲୋକଙ୍କୁ ଏକାଠି କରିବା ଲାଗି ବାସ୍ତବରେ ଏହା କି ପଦକ୍ଷେପ ନେବ ତାହା ବିଚାର କରିବା ଦରକାର। ଏହା ସେନା ବଳ ଦ୍ୱାରା ହୋଇପାରିବ ନାହିଁ। କାରଣ, ସେ କ୍ଷେତ୍ରରେ ଆମର କ୍ଷମତା ନାହିଁ। ବାସ୍ତବତାକୁ ଲକ୍ଷ୍ୟ କଲେ କଶ୍ମୀର ମାନଚିତ୍ରରେ ଯାହା ଦର୍ଶାଯାଇଛି ତାହା ସମ୍ପୂର୍ଣ୍ଣ ଭିନ୍ନ। ସ୍କୁଲ ମାନଚିତ୍ର ଦ୍ୱାରା ମାନସିକ ସ୍ତରରେ ବିଶ୍ୱାସ ଜନ୍ମାଯାଇଛି। ବାସ୍ତବରେ ପଶ୍ଚିମରେ କିଛି ଅଂଶ ଆମ ନିୟନ୍ତ୍ରଣରେ ନାହିଁ ଏବଂ ଆମେ ଯେତେ ସାହସର କଥା କହିଲେ ବି ତାହାକୁ ଫେରାଇ ଆଣିପାରିବା ନାହିଁ। ମନେରଖିବା ଦରକାର ଯେ, ପଡ଼ୋଶୀ ବିରୋଧୀ ହେଉଛି ଆମ ଦେଶ ଆକାରର ଏକ ସପ୍ତମାଂଶ। କେବଳ ସଙ୍କଳ୍ପର ଅଭାବରୁ ଆମେ ତାହାକୁ ଫେରାଇ ଆଣିପାରୁନାହୁଁ ତାହା ନୁହେଁ, ବରଂ ଆମ ଦକ୍ଷତା ଅଭାବରୁ ଏହା ହେଉଛି। ସେହିଭଳି ପୂର୍ବରେ କିଛି ଅଂଶ ଆମେ ହରାଉଛୁ, କିନ୍ତୁ ତାହାକୁ ଫେରାଇ ଆଣିବା ଲାଗି ଆମେ କହୁନାହୁଁ। ଶକ୍ତିଶାଳୀ କ୍ଷମତାର ଭୟ ଯୋଗୁ ଏହା କରିପାରୁନାହୁଁ। ଏମିତି କି ଆମେ ତା' ନାଁ ବି ଧରୁନାହୁଁ।

ଆମେ ନେପାଳ, ଭୁଟାନ ଏବଂ ବାଂଲାଦେଶକୁ ଧମକାଇପାରୁ। କିନ୍ତୁ ମାନଚିତ୍ର ଓ ଭାଷଣରେ ବିରୋଧ କରୁଥିଲେ ବି ସେମାନଙ୍କ ଉପରେ ପ୍ରକୃତ ଦାବି କରିବାରେ ଆମର କୌଣସି ବୈଧତା ନାହିଁ। ତଥାପି ଅନ୍ୟ ଏକ ଉପାୟ ଅଛି, ଯାହା ସମ୍ପର୍କରେ ବିଚାର କରାଯାଉନାହିଁ (ଯାହା ଉପରେ ମୋ ବହି ପର୍ଯ୍ୟବସିତ)। ପ୍ରଥମେ ବିନା ରାଜନୈତିକ ଉପାୟରେ ବିଭିନ୍ନ ବିଷୟର ସମାଧାନ ହେବା ଆବଶ୍ୟକ। ଯେତେବେଳେ ୟୁରୋପୀୟ ସଂଘ ଗଠନ ହେବା ଆରମ୍ଭ ହେଲା, ଏହା ଏକୀକୃତ ମୁଦ୍ରା ଓ ଏକୀକୃତ ସଂସଦ ଦ୍ୱାରା କରାଯାଇ ନ ଥିଲା। ଏହା ସେମାନଙ୍କ ଇସ୍ପାତ ଓ କୋଇଲା ଶିଳ୍ପ ଯୋଗାଯୋଗ ମାଧ୍ୟମରେ ହୋଇଥିଲା। କାରଣ ଏହି ଦୁଇ ପଦାର୍ଥ ସେମାନଙ୍କ ଅର୍ଥ ବ୍ୟବସ୍ଥା ଓ ସେନାର ବିକାଶ ପାଇଁ ଆବଶ୍ୟକ ଥିଲା। ପ୍ରଥମେ ଯୁଦ୍ଧ ପରେ ଜର୍ମାନୀ ଉପରେ ଚାପ ଓ ପରେ ସହମତି ମାଧ୍ୟମରେ ୟୁରୋପୀୟ ଦେଶଗୁଡ଼ିକ ଏକାଠି ହୋଇଥିଲେ। ତେବେ ଏସିଆରେ କେଉଁ ବିଷୟ ଅଛି ଯାହା ସମାନ ଭାବେ ଦେଶଗୁଡ଼ିକୁ ସଂଗଠିତ କରିପାରିବ ? ତାହା ପରିବହନ ଅର୍ଥାତ୍ ରାସ୍ତା ଖୋଲିବା ; ରେଳ ଓ ବିମାନ ସେବା ସଂଯୋଗ କରିବା, ଯେଉଁଥିରେ ମୁକ୍ତ ଭାବେ ଯାତ୍ରା କରିପାରିବେ। ଯୋଗାଯୋଗ ବ୍ୟବସ୍ଥା ଯାହାକୁ ଉଭୟ ପକ୍ଷ ବ୍ୟବହାର କରିପାରିବେ, ଯେପରି ଜଣେ କୋଲକାତାରୁ ଢାକା କିମ୍ବା ଲାହୋରରୁ ଶିମିଳା ବିନା ଭିଜାରେ ଯିବାକୁ ସକ୍ଷମ ହୋଇପାରୁଥିବେ। ଏହା କରିବା କ'ଣ କଷ୍ଟକର ? ନା, ଏହା ସହଜରେ ଓ ଶୀଘ୍ର ହୋଇପାରିବ। କିନ୍ତୁ ସମସ୍ୟା ରହିଛି ଦେଶର ଭାବନାରେ ଓ ମନରେ ବସାବାନ୍ଧିଛି ପଡ଼ୋଶୀ ଆମର ଶତ୍ରୁ। ପରବର୍ତ୍ତୀ ପଦକ୍ଷେପ ହେଉଛି, ୟୁରୋପୀୟ ସଂଘ ଯେଭଳି ସାମଗ୍ରୀ ଓ ସେବା କାରବାରକୁ ସହଜ କରିଥିଲା ସେଭଳି କରାଯିବ। ଏହା ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଧୀରେ ଧୀରେ ଏକାଠି କରିବ ଓ ସବୁଦେଶକୁ ଲାଭ ହେବ। ବିଶେଷକରି ଯେଉଁ ଦେଶରେ ଯାହା ଉତ୍ପାଦନ ହେଉଛି ସେଭଳି ସାମଗ୍ରୀ ଅନ୍ୟ ଦେଶରେ ହେଉ ନ ଥିଲେ ସେଠାକୁ ପଠାଇ ଲାଭ ପାଇପାରିବ। ଭାରତ କାର୍, ଦୁଇଚକିଆ ଯାନ, ପେଟ୍ରୋଲ, ସଫ୍ଟୱେର, ମ୍ୟୁଜିକ ଉପକରଣ, ବହି ଅଧିକ ମୂଲ୍ୟରେ ଅନ୍ୟ ଦେଶକୁ ପଠାଇ ଲାଭ ପାଇବା ସହ ଅର୍ଥ ବ୍ୟବସ୍ଥାକୁ ଦୃଢ଼ କରିପାରିବ। ଏହା ନ କରିବା ଅର୍ଥ ଭାରତର ସୁଯୋଗକୁ ନା କହିବା ଏବଂ ଭାରତର ଅଭିବୃଦ୍ଧିକୁ ମନା କରିବା। ଶେଷ ବିଷୟ ବା ତତ୍ତ୍ୱ ହେଉଛି, ୟୁରୋପୀୟ ସଂଘ ରାଜନୈତିକ ଏକତା ପାଇଁ ଯାହା କରିଛି ସେଭଳି କରାଯାଇପାରେ। ଆମେ ସେ ବିଷୟରେ ଏଠି ଯିବା ଦରକାର ନାହିଁ। କିନ୍ତୁ ବୁଝିବାକୁ ହେବ ଯେ, ପ୍ରଥମ ଦୁଇଟି ବିନା ଏହି ତୃତୀୟ ତତ୍ତ୍ୱ ସମ୍ପୂର୍ଣ୍ଣ ଅସମ୍ଭବ। ଅନ୍ୟପକ୍ଷରେ ନେପାଳ ଓ ଅନ୍ୟମାନେ ବିରୋଧ କରୁଥିବା ନୂଆ ପାର୍ଲାମେଣ୍ଟର ଭିତ୍ତିଚିତ୍ର ବିଷୟକୁ ବିଚାରକୁ ନେଲେ ଏହା ପିଲାଳିଆ ଭାବନା ବୋଲି କୁହାଯିବ। ବାସ୍ତବତା ହେଉଛି ଭାରତୀୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଭାବନା ନୂଆ ସଂସଦ ଭବନରେ ବିଶ୍ୱ ସମ୍ମୁଖରେ ଯେଭଳି ଉପସ୍ଥାପିତ କରାଗଲା ତାହା ଅପରିପକ୍ୱ ଏବଂ ଅବାସ୍ତବ। ଅଖଣ୍ଡ ଭାରତ କେବେ ରଙ୍ଗିନଚିତ୍ର ଓ ଭିତ୍ତିଚିତ୍ର ମାଧ୍ୟମରେ ହାସଲ କରାଯାଇପାରିବ ନାହିଁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 4 | | 9 | 3 | | |
| | | 5 | 2 | | | | | |
| 9 | | | | | | | | |
| | | 3 | | | | | 1 | 2 |
| | 1 | | 9 | | | | | 4 |
| | | | | 6 | | | 7 | |
| 8 | | | 5 | | | 7 | | |
| | | | | | 3 | | 9 | |
| | | 6 | | 1 | | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 6 | 8 | 1 | 9 | 4 | 3 | 2 |
| 3 | 4 | 1 | 7 | 2 | 6 | 8 | 5 | 9 |
| 2 | 8 | 9 | 4 | 3 | 5 | 7 | 1 | 6 |
| 4 | 7 | 3 | 6 | 9 | 1 | 5 | 2 | 8 |
| 8 | 1 | 5 | 3 | 7 | 2 | 9 | 6 | 4 |
| 6 | 9 | 2 | 5 | 4 | 8 | 1 | 7 | 3 |
| 1 | 3 | 8 | 9 | 6 | 7 | 2 | 4 | 5 |
| 5 | 2 | 4 | 1 | 8 | 3 | 6 | 9 | 7 |
| 9 | 6 | 7 | 2 | 5 | 4 | 3 | 8 | 1 |

ଗତ କାଲିର ଉତ୍ତର

# ପୁସ୍ତକ ପଠନ, ଜୀବନ ଗଠନ



ଡ. ମନୋରଞ୍ଜନ ପ୍ରଧାନ

ପିଲା ବେଳରୁ ବିଭିନ୍ନ ବହି ପଢ଼ିବାର ଆଗ୍ରହ କେମିତି ମୋ ଭିତରେ ଉନ୍ମେଷ ହୋଇଥିଲା ମୋର ମନେନାହିଁ। କିନ୍ତୁ ବହିଟି ପାଇଲେ ଆମୂଳଚୂଳ ପଢ଼ିବାର କ୍ଷୁଧା ଛୋଟ ବେଳରୁ ଆଜିଯାଏଁ ବଳବତ୍ତର ରହିଛି। ଦିନ କର ଘଟଣା। ଘର ବାରଣ୍ଡାର ସିମେଣ୍ଟ ଚୌକି ଉପରେ ବସି ପଢୁଥାଏ ଏକ ଉପନ୍ୟାସ ; ଯାହା କି ଜଣେ ବୁଲା ବିକାଳିଠାରୁ ସାତ ଟଙ୍କା ଦେଇ କିଣିଥିଲି। ପଛ ପଟୁ ଜଣେ ସମ୍ପର୍କୀୟ ମଉସା ବହିଟିକୁ ଛଡ଼େଇ ନେଇ କହିଲେ-ମୂର୍ଖ ଏ ବହି କ'ଣ ଛୋଟ ପିଲା ପଢ଼ନ୍ତି, ଭଲ ବହି ପଢ଼ି ଭଲ ମଣିଷ ହୁଅ। ଏଗୁଡ଼ାକ ସବୁ ଟାଇମ ପାସ୍ ବହି। ପ୍ରକୃତରେ ସେ ବହି କ'ଣ, ସେଥିରେ କ'ଣ ଲେଖା ଅଛି ମୁଁ ଜାଣି ନ ଥିଲି। କିନ୍ତୁ ଭଦ୍ରବ୍ୟକ୍ତି ଜଣକ ପିଲାଟି ବେଳରୁ(ବୋଧହୁଏ ଦଶମ ଶ୍ରେଣୀରୁ) ଭଲ ବହିର ଉପାଦେୟତା ସମ୍ପର୍କରେ ବୁଝେଇ ଥିଲେ । ବିଶେଷକରି ବଡ଼ ଲୋକଙ୍କ ଜୀବନୀ, ଭଲ ଉପନ୍ୟାସ, ଛୋଟ ଛୋଟ କାହାଣୀ, ପଞ୍ଚତନ୍ତ୍ର ଓ ଜହ୍ନମାମୁଁ ଭଳି ପତ୍ରିକା ପଢ଼ିବାକୁ ପରାମର୍ଶ ଦେଇଥିଲେ। ନିପଟ ପଲ୍ଲୀ ଗାଁର ପିଲା ହୋଇଥିବାରୁ ସେ ସବୁ କିଣି ପଢ଼ିବାର ସୁଯୋଗ ଓ ସମ୍ବଳ ନ ଥିଲେ ମଧ୍ୟ ବିଦ୍ୟାଳୟ ପାଠାଗାରରୁ କିଛି ବହି ସଂଗ୍ରହ କରି ପଢ଼ିବାର ଲାଭ ଜୀବନ ଗଠନରେ ବହୁ ପରିମାଣରେ ସହାୟକ ହୋଇଥିଲା। ତେଣୁ ସେ ଶୁଭଚିନ୍ତକ ମହାଭାଗଙ୍କୁ ଅଜସ୍ର କୃତଜ୍ଞତା।

ବାସ୍ତବରେ ବହି ପଢ଼ିବା ବିଶେଷକରି ଭଲ ବହି ସଂଗ୍ରହ କରି ପଢ଼ିବାର ଇଚ୍ଛା ଓ ନିଶା ବ୍ୟକ୍ତିକୁ ଜୀବନରେ ଜଣେ ସଫଳ ମଣିଷ ଭାବରେ ପ୍ରତିଷ୍ଠିତ କରାଇଥାଏ। ଏପରି କି ଜୀବନରେ ଆସୁଥିବା ବାଧାବିଘ୍ନର ସମାଧାନ ସୂତ୍ର ଭଲ ବହି ଦ୍ୱାରା ହୋଇପାରିଥାଏ। ଯେମିତି ଶ୍ରୀମଦ୍ ଭଗବତ ଗୀତା ଭଳି ଅନନ୍ୟ ମହାଗ୍ରନ୍ଥ ଯେକୌଣସି ସମସ୍ୟା, ଦ୍ୱନ୍ଦ୍ୱ ଓ ଚାପଗ୍ରସ୍ତ ମଣିଷକୁ ସମାଧାନର ସୂତ୍ର ବତାଇଥାଏ। ସେହିପରି ବଡ଼ ଲୋକଙ୍କ ଜୀବନୀ ବା ଆତ୍ମଜୀବନୀ ପଢ଼ିଲେ କେବଳ ଜୀବନ ଯୁଦ୍ଧରେ ବିଜୟୀ ସାରଥି ହେବାରେ ସହାୟତା କରେ ତାହା ନୁହଁ, ଜୀବନର ସମସ୍ତ ସଂଘର୍ଷ ଓ ସଂଘାତକୁ ପ୍ରତିରୋଧ କରି ନୂତନ ଆଶା ସଂଚାର କରେ। କାରଣ ସେଗୁଡ଼ିକରେ ମହାପୁରୁଷମାନେ ନିଜେ ଅଙ୍ଗେ ନିଭେଇଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ ମନ୍ତ୍ରଗୁଡ଼ିକ ଉଲ୍ଲେଖ କରିଥାନ୍ତି, ଯାହା କି ଅନ୍ୟକୁ ଆଉ ବିଶେଷ ଚିନ୍ତା ନ କରି ସିଧାସଳଖ ନିଜ ଜୀବନରେ ଉତାରିବା ପାଇଁ ସହାୟତା ପ୍ରଦାନ କରିଥାଏ। ଜୀବନର ଏକ ଦୁଃଖଦ ସମୟର କିୟଦଂଶ ଉପସ୍ଥାପନା କରୁଛି।



କିଛି ବର୍ଷ ତଳେ ଏକ ଭ୍ରାନ୍ତ ଧାରଣା ମନକୁ ଆକ୍ରାନ୍ତ କଲା। ଅଜଣା ଭୟ କେବଳ ରକ୍ତଚାପ ବଢ଼େଇ ଦେଲା ତାହା ନୁହଁ, ନିଦ ଛଡ଼େଇ ନେଲା, କାହା ସହ କଥାବାର୍ତ୍ତା ହେବାକୁ ବିରକ୍ତ ଲାଗିଲା। ଛାତି ସବୁବେଳେ ଧଡ଼ଧଡ଼। ସବୁବେଳେ ମୃତ୍ୟୁ ଭୟ। ଶରୀର କଳା ପଡ଼ିଗଲା ଏବଂ ଧୀରେଧୀରେ ଓଜନ ମଧ୍ୟ କମିଗଲା। ସାଙ୍ଗସାଥୀ, ଶୁଭେଚ୍ଛୁ ଓ ଗୁରୁଜନ ମଧ୍ୟ ଆଶ୍ଚର୍ଯ୍ୟ ହେଲେ। କିନ୍ତୁ ଡାକ୍ତର ଓ ଶୁଭାକାଂକ୍ଷୀ ମାନଙ୍କ ସବୁପ୍ରକାର ଉଦ୍ୟମ ଓ ପରାମର୍ଶ ମନ ଭିତରେ ଆତ୍ମବଳ ସୃଷ୍ଟି କରିପାରିଲା ନାହିଁ। କିଛି ଦିନ ଏ ଅଜଣା ଭୟ ପଢ଼ିବା ଅଭ୍ୟାସକୁ ମଧ୍ୟ ନଷ୍ଟ କରି ଦେଇଥିଲା। ହଠାତ୍ ଦିନେ ସ୍ୱାମୀ ବିବେକାନନ୍ଦଙ୍କ ଏକ ଛୋଟ ବହି(ଇଂଲିଶ) ଯାହା କି ରାୟପୁର ରେଲୱେ ଷ୍ଟେସନରୁ ମାତ୍ର ଏଗାର ଟଙ୍କା ଦେଇ କିଣିଥିଲି ତାହା ବହିଥାକରୁ ବାହାର କଲି। ଛୋଟ ବହି ମୋ ମନରୁ ସବୁ ଭୟ, ଚାପ ଓ କ୍ଳାନ୍ତିକୁ ଦୂର କରିଦେବ ବିଶ୍ୱାସ କରିପାରି ନ ଥିଲି। ସେ ବହିସ୍ଥିତ ଛୋଟ ଛୋଟ ଜୀବନ କାହାଣୀ ଓ ଓ୍ୱିକନେସ ଇଜ ଡେଥ, ଷ୍ଟ୍ରେନ୍ଥ ଇଜ ଲାଇଫ ଭଳି ଶକ୍ତି ଓ ସାହସ ବର୍ଦ୍ଧକ ବାଣୀ ମୋ ଭିତରେ ସାତ ସିଂହର ବଳ ସୃଷ୍ଟି କଲା। ପରେ ପରେ ଭୟ ଚାଲିଗଲା, ରକ୍ତଚାପ କମିଗଲା ଏବଂ ପୁଣିଥରେ ମୁଁ ସ୍ୱାଭାବିକ ହୋଇଗଲି। କହିବାର ତାତ୍ପର୍ଯ୍ୟ ହେଉଛି ପୁସ୍ତକ ପଠନ କେବଳ ଜ୍ଞାନ ବୃଦ୍ଧିରେ ସହାୟତା ହୁଏ ତାହା ନୁହେଁ,ଏହା ବହୁ ସମୟରେ ଥେରାପି ଭଳି ଅନେକ ଶାରୀରିକ ଓ ମାନସିକ କ୍ଳେଶକୁ ଦୂର କରିଦିଏ। ବହୁ ସମୟରେ ପଠନ ଯୁବ ସମାଜକୁ ଅବାଟରୁ ସୁବାଟକୁ ଯିବାକୁ ମାର୍ଗ ଦର୍ଶନ କରେ।

ଥରେ ଲୋକମାନ୍ୟ ତିଳକ କହିଥିଲେ, ଆର୍ଥିକ ଅଭାବ ଥିଲେ ଚିରା(ସଫା) ପୋଷାକ ପିନ୍ଧ କିନ୍ତୁ ବହି କିଣିବା ଓ ପଢ଼ିବା ଛାଡ ନାହିଁ। ସତରେ କେଡ଼େ ଚମତ୍କାର ଓ ପ୍ରେରଣାଦାୟୀ ଉପଦେଶଟିଏ। ମୁଁ ଦେଖିଛି ଓ ଶିଖିଛି ମୋ ବାପାଙ୍କଠାରୁ। ବହି କିଣି ପଢ଼ିବାର ନିଶା ଜୀବନର ଶେଷ ସମୟ ପର୍ଯ୍ୟନ୍ତ ନିରନ୍ତର ଥିଲା। ବିଭିନ୍ନ ପୁରାଣ, ରାମାୟଣ, ମହାଭାରତ, ଶାସ୍ତ୍ର, ଔଷଧୀୟ ଗୁଣ ସମ୍ବନ୍ଧୀୟ ପୁସ୍ତକ ଆଦି ଭରପୂର ପଢୁଥିଲେ। କ୍ରାନ୍ତିକାରୀ ଭଗତ ସିଂହ ଫାଶୀ ପୂର୍ବ ଦିନ ମଧ୍ୟ ସ୍ୱାଧ୍ୟାୟ କରିଥିଲେ। ଅନେକ ସାଧାରଣ ମଣିଷ ପୁସ୍ତକ ପଠନରୁ ନୂଆ ଉତ୍ସାହ ପାଇ ମହାପୁରୁଷ ଭାବରେ ଇତିହାସରେ ବିଖ୍ୟାତ। ସତ କହିବାକୁ ଗଲେ ବହି କିଣିବା ଓ ପଢ଼ିବା ଏକ ପ୍ରକାର ପ୍ରବଣତା, ପ୍ରବୃତ୍ତି ତଥା ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ।

କିନ୍ତୁ ଆଜି ସମୟ ଓ ପରିସ୍ଥିତି ବଦଳି ଯାଇଛି। ଲେଖକ ସଂଖ୍ୟା ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ଘଟିଛି। ପୁସ୍ତକ ପ୍ରକାଶନ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ହାରରେ ବଢ଼ିଛି କିନ୍ତୁ ପାଠକ ଓ ସମୀକ୍ଷକଙ୍କ ସଂଖ୍ୟା କ୍ରମବର୍ଦ୍ଧିଷ୍ଣୁ ହାରରେ କମି ଚାଲିଛି। ଛାତ୍ରୀଛାତ୍ରମାନଙ୍କ ଭିତରେ ପୁସ୍ତକ ପଠନର ଉତ୍ସୁକତା ଦେଖିବାକୁ ମିଳୁନାହିଁ। ଗ୍ରନ୍ଥାଗାରରେ ଆଉ ଭିଡ଼ ନାହିଁ। ଶିକ୍ଷକଙ୍କ ପ୍ରସ୍ତାବିତ ଭଲ ପାଠ୍ୟପୁସ୍ତକ ପଢ଼ିବା ପାଇଁ ଆଉ ପ୍ରତିଯୋଗିତା ନାହିଁ। ଶିକ୍ଷାଦାତାମାନେ ମଧ୍ୟ ନିଜେ ଭଲବହି ପଢ଼ି ପିଲେ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବାର ଉତ୍ସୁକତା ଦେଖଉ ନାହାନ୍ତି। ସ୍ମାର୍ଟ ଫୋନରେ ପିଲାଙ୍କ ଦିନ ଯାଉଛି। ସଂପାଦକୀୟରେ ଲେଖାଟି ପ୍ରକାଶିତ ହେଲେ ବୟସ୍କ ଲୋକଙ୍କ ଯେଭଳି ପ୍ରତିକ୍ରିୟା ବା ପାଠକୀୟ ସ୍ୱୀକୃତି ତୁଳନାରେ ଯୁବଗୋଷ୍ଠୀଙ୍କଠାରୁ କ୍ୱଚିତ ଆସୁଛି। ଆଜି ଯୁବଗୋଷ୍ଠୀ ପଢ଼ାପଢ଼ି ଠାରୁ ଦୂରେଇ ଯାଉଛନ୍ତି। ପରିସ୍ଥିତି ଏପରି ହେଲାଣି ରେଳରେ ଗଲାବେଳେ କେହିଜଣେ ଯଦି ଖବରକାଗଜ ଖଣ୍ଡିଏ କିଣି ପଢ଼ିବା ଦେଖିଲେ ଅନେକଙ୍କ ଲାଳ ଗଡ଼େ। ବିକଳିଆ ଭାବରେ କାଗଜ ଖଣ୍ଡିକ ମାଗି ହେଡ୍ ଲାଇନ ବିଶେଷକରି ରାଜନୀତି ଓ କ୍ରିକେଟ ଖବର ପଢ଼ି ବୀରଦର୍ପରେ ଅନ୍ତତଃ ଧନ୍ୟବାଦ ଟିକେ ନ ଜଣାଇ ଖବରକାଗଜଟି ଧରେଇ ଦେଉ, ବେଳେବେଳେ ଧରି ପଳେଇ ଯାଉ, ତାହା ବାସ୍ତବରେ ଲଜ୍ଜାଜନକ। ତେବେ ମନେ ରଖିବା ଉଚିତ ଯେଉଁ ଦେଶର ଲୋକ ଯେତେ ଅଧ୍ୟୟନପ୍ରିୟ ସେ ଦେଶ ସେତେ ବିକଶିତ। କାରଣ ପଠନ ଏକ ସଂସ୍କାର ଓ ସଂସ୍କୃତି। କର୍ତ୍ତବ୍ୟ ଏହା ପ୍ରବୀଣ ଓ ପ୍ରାଜ୍ଞ ହେବାର ଏକ ବଳିଷ୍ଠ ମାଧ୍ୟମ। ସ୍ୱାଧ୍ୟାୟ ମଣିଷକୁ ସ୍ୱାବଲମ୍ବୀ ସହ ସ୍ୱାଭିମାନୀ କରେଇ ଥାଏ। ତେଣୁ ଆଜୀବନ ପୁସ୍ତକ ପଠନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବା ଏକ ଭଲ ଅଭ୍ୟାସ ହେବା ଉଚିତ। ତେଣୁ ଶଙ୍କରାଚାର୍ଯ୍ୟ ଶ୍ରୀ ଭାରତୀ କୃଷ୍ଣତୀର୍ଥ ଯଥାର୍ଥରେ କହିଥିଲେ – Goddess of Learning is still Learning.

ସହକାରୀ ପ୍ରାଧ୍ୟାପକ, ବିକ୍ରମଦେବ
ସ୍ୱୟଂଶାସିତ ମହାବିଦ୍ୟାଳୟ, ଜୟପୁର,
କୋରାପୁଟ, ମୋ-୯୪୩୭୯୧୪୮୧୮

# ମହାପ୍ରଭୁଙ୍କ ସ୍ନାନ



ଅଜୟ କୁମାର ବେହେରା

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେରେ ଆନନ୍ଦ ବଜାରସ୍ଥିତ ସ୍ନାନମଣ୍ଡପ ବା ସ୍ନାନବେଦୀକୁ ଆସି ବିରାଜନ୍ତି। ଏହି ମଣ୍ଡପରେ ଠାକୁରମାନଙ୍କର ପ୍ରସିଦ୍ଧ ଗଜାନନ ବେଶ ହୋଇଥାଏ। ଏହି ବେଶ ସମ୍ପର୍କରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ମରାଠା ମହାଗାଣପତ୍ୟ ସମ୍ପ୍ରଦାୟର ବ୍ରାହ୍ମଣ ପଣ୍ଡିତ ଗଣପତି ଭଟ୍ଟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସିଥିଲେ। ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେ ଦର୍ଶନ କଲେ ସତ, ତାଙ୍କୁ ସନ୍ତୋଷ ମିଳିଲା ନାହିଁ। କାରଣ ସେ ମହାପ୍ରଭୁମାନଙ୍କୁ ଗଣପତି ରୂପରେ ଦେଖିବାକୁ ଚାହୁଁଥିଲେ। ଦୁଃଖରେ ଫେରିଯାଉଥିବା ବେଳେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିବା ପାଇଁ ମୁକ୍ତେଶ୍ୱରଠାରେ ତାଙ୍କୁ ଶୂନ୍ୟବାଣୀ ହେଲା। ଫେରି ଦେଖିଲେ ପ୍ରଭୁ ବଳଭଦ୍ର ଧବଳ ଗଣପତି ଏବଂ ଶ୍ରୀଜଗନ୍ନାଥ କୃଷ୍ଣ ଗଣପତି ରୂପ ଧାରଣ କରିଛନ୍ତି। ଗଣପତି ଭଟ୍ଟଙ୍କ ଗଣପତି ବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ହୋଇଆସୁଛି। ଏହି ବେଶ ନିମନ୍ତେ ଗୋପାଳ ତୀର୍ଥ ମଠ ଓ ରାଘବ ଦାସ ମଠରୁ ଉପକରଣମାନ ଆସେ। ଭିତରଚ୍ଛ, ତିଳଚ୍ଛ, ପୁଷ୍ପାଳକ, ଖୁଣ୍ଟିଆ ଓ ଦଇତାପତି ସେବକମାନେ ହାତୀବେଶ କରାନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ଗୋଟିଏ ମାତ୍ର ଭୋଗ ହୁଏ। ଭୋଗ ପରେ ଦେବଦର୍ଶନ ଲାଗି ସର୍ବସାଧାରଣଙ୍କୁ ଅନୁମତି ଦିଆଯାଏ।

ଜଗନ୍ନାଥଙ୍କ ମୁଖ୍ୟ ବାରଟି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟାରେ ଅକ୍ଷୟତୃତୀୟା, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଗୁଣ୍ଡିଚା, ଶ୍ରାବଣ କୃଷ୍ଣ ଦଶମୀରେ କର୍କଟ ସଂକ୍ରାନ୍ତି, ଶ୍ରାବଣ ଶୁକ୍ଳ ଏକାଦଶୀରେ ଶୟନ ଯାତ୍ରା, ଭାଦ୍ର ଶୁକ୍ଳ ଏକାଦଶୀରେ ପାର୍ଶ୍ୱ ପରିବର୍ତ୍ତନ, କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଦେବୋତ୍‌ଥାପନ, ପୌଷ ଶୁକ୍ଳ ଷଷ୍ଠୀରେ ପ୍ରାବରଣ ଷଷ୍ଠୀ, ପୌଷ ପୂର୍ଣ୍ଣିମାରେ ପୁଷ୍ୟାଭିଷେକ, ମାଘରେ ମକର ସଂକ୍ରାନ୍ତି, ଫାଲଗୁନ୍ ପୂର୍ଣ୍ଣିମାରେ ଦୋଳଯାତ୍ରା, ଦଅଣା ଚୋରି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀରେ ଦମନକ ଚତୁର୍ଦ୍ଦଶୀ ପରି ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶ ଯାତ୍ରା ସମ୍ପର୍କରେ ଧର୍ମଶାସ୍ତ୍ରର ଶ୍ଳୋକରେ ଉଲ୍ଲେଖ ରହିଛି- 'ମଞ୍ଚେସ୍ନାନ ରଥବରଗତ ଶୟନ ଗାୟନଦ୍ୱୟଂ, ପାର୍ଶ୍ୱାର୍ବି ଶୟନ ନିବୃତ୍ତି ପର୍ବଣ ପୂଜ୍ୟପୂଜା, ଦୋକେଳି, ଦମନ ମୋହଂ ଚାଣ ପୂର୍ଣ୍ଣ ତୃତୀୟା, ଏ ସଠା



ଯାତ୍ରା ଭୁବନ ବନ୍ଦିତା ଦ୍ୱାଦେଶୟଂ ନରେନ୍ଦ୍ର।'

ପୂର୍ଣ୍ଣିମା ଦିନ ସକାଳୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ ଠାକୁରମାନଙ୍କ ଦେହରେ ଡୋରି ଲାଗି କରନ୍ତି। ପହଣ୍ଡି ହୋଇ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ମଦନମୋହନ ବେଦୀକୁ ସ୍ନାନ ପାଇଁ ବିଜେ କରିଥା'ନ୍ତି। ସ୍ନାନ ପରେ ଗୋପାଳ ତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ଏହି ଦୁର୍ଲଭ ହାତୀବେଶର ସମସ୍ତ ସାମଗ୍ରୀ ଆସିଥାଏ। ଅନ୍ୟ ଦୁଇ ଠାକୁରଙ୍କ ପାଇଁ ରାଘବ ଦାସ ମଠରୁ ଆସେ। ବିଗ୍ରହମାନଙ୍କ ଗଜାନନ ବେଶ ପରେ ପୁଷ୍ପାଳକମାନେ ପୁଷ୍ପଲାଗି କରନ୍ତି। ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ବା ତ୍ରୟୋଦଶ ଯାତ୍ରା ମଧ୍ୟରେ ଏହା ପ୍ରଥମ ଏବଂ ଆଗରୁ କଥିତ ଅଛି ଯେ ଏହା ତାଙ୍କ ଜନ୍ମଦିନ। ଏହି ବେଶ ପରେ ଠାକୁରମାନେ ଅଣସରକୁ ବିଜେ ହୋଇଥା'ନ୍ତି। ପରେ ଆସିଥାଏ ପବିତ୍ର ନେତ୍ର ଉତ୍ସବ। ତେବେ ଅଣସର ଘରେ ବିଶ୍ୱାବସୁଙ୍କ ବଂଶଧରମାନେ ଅଣସର ପଣା ଓ ଜଙ୍ଗଲଜାତ ଫଳମୂଳ ସମର୍ପଣ କରି ପନ୍ଦର ଦିନ ମଧ୍ୟରେ ଆରୋଗ୍ୟ କରାଇ ନବଯୌବନ ଫେରାଇ ଦିଅନ୍ତି। ମହାପ୍ରଭୁଙ୍କ ସ୍ନାନଯାତ୍ରାର ସାମାନ୍ୟ ଜଳବିନ୍ଦୁ ସର୍ବପାପ ବିଧ୍ୱଂସକ। ଏଥିରେ 'ସକଳ ତୀର୍ଥ ତୋ ଚରଣେ' ପ୍ରକୃତିରେ ପ୍ରତୀତ ହୁଏ। ଏହାର ମାହାତ୍ମ୍ୟ ଉଲ୍ଲେଖ କରିବାକୁ ଯାଇ ସ୍ୱୟଂ ବ୍ରହ୍ମା କହିଛନ୍ତି- 'ଯତ୍ ଫଳଂ ସ୍ନାନ ଦନେନ ରାହୁଗ୍ରସ୍ତେ ଦିବାକରେ, ତତ୍ ଫଳଂ କୃଷ୍ଣମାଲୋକଂ ମହାଜ୍ୟେଷ୍ଠା ଲଭେନ୍ନରଃ'। ଏକଥା କହିବା ନିଷ୍ପ୍ରୟୋଜନ ଯେ, ସ୍ନାନବେଦୀରୁ ବିଗ୍ରହମାନେ ଫେରିଲା ପରେ ଆଉ ରତ୍ନ ସିଂହାସନକୁ ନଯାଇ ଅଣସର ଘରଠାରେ ଗୁପ୍ତ ପୂଜାରେ ରହିଥାଆନ୍ତି। ଅମାବାସ୍ୟା ପୂର୍ବଦିନ ଅର୍ଥାତ୍ ଚତୁର୍ଦ୍ଦଶୀରେ ବଡ଼ସିଂହାର ପରେ ପଣାଚକଟକା ଭୋଗହୋଇ ଦାସ ମହାପାତ୍ର ଲାଗି କରନ୍ତି। ଅନ୍ୟାନ୍ୟ ସେବା ପରେ କୋଠ ସୁଆଁସିଆମାନେ ତାଟି ଖଟ ବାହାରକୁ ନେଇ ଯାଆନ୍ତି। ଭିତରେ ପାଣି ପଡ଼େ। ପରେ ପରେ ନବଯୌବନ ଦର୍ଶନ ହୁଏ। ପରେ ପାଣିଆ ଆପଟ ଦ୍ୱାରା ଏହି ସ୍ଥାନ ମାର୍ଜନା ହୋଇଥାଏ। ଘଟୁଆରୀ ଘରଠାରୁ ଚନ୍ଦନ ଆସି ତିନିଗୋଟି ରୁପା ପିଙ୍ଗଣରେ ଚନ୍ଦନ ଲାଗି ହୁଏ। ତା'ପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ତିନିଖଣ୍ଡ ଲେଖାଏଁ ଓ ସୁଦର୍ଶନଙ୍କୁ ଏକ ଖଣ୍ଡ ଲୁଗା ଲାଗି କରାଯାଏ। ପରେ ପତି ମହାପାତ୍ର ବନ୍ଦାପନା କରନ୍ତି। ତିନିଜଣ ଦତ୍ତ ମହାପାତ୍ର (କରଣ ସେବକ) ତିନି ଗୋଟି ରୁପା ବଟାରେ ତିଆରି ଥିବା କଳା ଦେଖନ୍ତି। ତିନିଜଣ ପୂଜାପଣ୍ଡା ତିନିଖଣ୍ଡ କାଠରେ ତିନି ଠାକୁରଙ୍କର 'ଶ୍ରୀ ନେତ୍ର' ଲାଗି ବା ଚିତ୍ର କରନ୍ତି। ଏହା ହିଁ ନେତ୍ରୋତ୍ସବ ନାମରେ ପରିଚିତ। ତିନି ବାଡ଼ରେ ପଣ୍ଡା, ପତି, ମୁଦିରଥ ବନ୍ଦାପନା କରନ୍ତି ଏବଂ ଏହିପରି ବର୍ଷକରେ ଥରେ ନେତ୍ରୋତ୍ସବ ପର୍ବର ସମାପନ ହୁଏ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ୍, କଟକ
ମୋ: ୯୪୩୭୦୩୧୨୫୩

## ଏଇ ଭାରତରେ

କୀଟନାଶକ, ରାସାୟନିକ ସାର ଏବଂ ପ୍ଲାଷ୍ଟିକ୍ ପ୍ରଭାବରେ ମୃତ୍ତିକା ପ୍ରଦୂଷିତ ହେବାରେ ଲାଗିଛି। ଏହାର ଉର୍ବରତା ମଧ୍ୟ ହ୍ରାସ ପାଇଚାଲିଛି। କେଉଁ ମୃତ୍ତିକାରେ କି ପ୍ରକାର ଚାଷ କରାଯିବ ତାହା ଚାଷୀ ଜାଣିବାକୁ ସକ୍ଷମ ହୋଇପାରୁ ନ ଥିବାରୁ ଉତ୍ପାଦନ କମିବା ସହ କ୍ଷତି ସହିବାକୁ ପଡୁଛି। ଏଣୁ ମୃତ୍ତିକା ସମସ୍ୟା ସମାଧନ କରିବା ଲାଗି ଦୁଇ କୃଷି ବିଜ୍ଞାନୀ ଏକ ପରୀକ୍ଷା ଯନ୍ତ୍ର ଉଦ୍ଭାବନ କରିଛନ୍ତି। ଏହାର ନାମ ରଖିଛନ୍ତି 'ନ୍ୟୁଟ୍ରିସେନ୍ସ'। ଏହା ଏକ ପେପର ବେସ୍‌ଡ ସେନ୍‌ସର। ଦୁଇ ବିଜ୍ଞାନୀ ହେଲେ ଡ. ରାଜୁଲ ପାଟକର ଏବଂ ଡ. ମୁକୁଲ ସିଂ। ସେମାନେ ଉଦ୍ଭାବନ କରିଥିବା ନୂଆ ଯନ୍ତ୍ରରେ ମାତ୍ର ୫ ମିନିଟରେ ମାଟି ପରୀକ୍ଷା ହୋଇପାରୁଛି। ମାଟିରେ କେଉଁ ସାର କେତେ ପରିମାଣରେ ଦିଆଯିବ ତାହା ନିଶ୍ଚିତ କରାଯାଉଛି। ଭାରତରେ ୧୪ କୋଟି କୃଷକଙ୍କ ପାଇଁ ୩,୦୦୦ ମାଟି ପରୀକ୍ଷା କେନ୍ଦ୍ର ଥିବାବେଳେ ଏଭଳି ନୂଆ ପରୀକ୍ଷା ଯନ୍ତ୍ର ସମସ୍ୟା ଦୂର କରିବାରେ ସହାୟକ ହୋଇପାରିବ ବୋଲି କହନ୍ତି ରାଜୁଲ। ସେ ଏକ ଦଶନ୍ଧି ଧରି ଗବେଷଣା କରିବା ପରେ ୨୦୨୨ ପ୍ରାରମ୍ଭରେ 'ନ୍ୟୁଟ୍ରିସେନ୍ସ'ର ପ୍ରତିକୃତି ପ୍ରସ୍ତୁତ କରିଥିଲେ। ଏବେ ସୁଦ୍ଧା ସେମାନେ ୨୦୦୦ ନ୍ୟୁଟ୍ରିସେନ୍ସ ବିକ୍ରି କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁନ୍ ୧୯୯୮

- ଉତ୍ତର ଜର୍ମାନୀରେ ଏକ ଦ୍ରୁତଗାମୀ ପାସେଞ୍ଜର ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଯିବା ଫଳରେ ୮୦ ମୃତ।
- ଆସାମ ଓ ସିକିମରେ ଲଗାତର ବର୍ଷା ଯୋଗୁ ମାଟି ଅତଡ଼ା ଧସି ୨୪ଜଣଙ୍କ ପ୍ରାଣହାନି।
- କେରଳର କୋଚିନ୍‌ଠାରେ ଭାରତୀୟ ନୌଜାହାଜରୁ ଆକାଶମାର୍ଗକୁ ନିକ୍ଷେପଣ ହୋଇପାରୁଥିବା ତ୍ରିଶୂଳ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ।
- ଢେଙ୍କିକୋଟଠାରେ ଏକ ଯାତ୍ରୀବାହୀ ବସ୍ ଏବଂ ଏକ କମାଣ୍ଡର ଜିପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ୧୧ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିରକ୍ଷା ତଥ୍ୟ ଗୁପ୍ତ ରଖାଯାଉ

ମହାଶୟ,

ଜାତୀୟ ସ୍ୱାର୍ଥକୁ ପଦାରେ ପକାଇବା ଉଚିତ ନୁହେଁ। ଜଘନ୍ୟ ଶତ୍ରୁତା ବା ଶତ୍ରୁ ଦେଶ ପାଖରେ ସରଳତା ଅବଲମ୍ବନ କରିବା ଅନୁଚିତ। ପ୍ରତିରକ୍ଷା ବିଭାଗକୁ ଅତ୍ୟନ୍ତ ସତର୍କତା ସହିତ ଦାୟିତ୍ୱ ଓ ମହତ୍ ବିଷୟବସ୍ତୁକୁ ଗୁପ୍ତ ରଖିବା ଏକାନ୍ତ ଆବଶ୍ୟକ। ଆମ ପଡ଼ୋଶୀ ରାଷ୍ଟ୍ରର ମିତ୍ରତାପଣିଆ ଆମ ଦେଶ ପାଇଁ କେତେ ସେ ପରିମାଣରେ ହିତାକାଂକ୍ଷୀ ଜାଣିବ କେମିତି ? ଭାଇ ଭାଇର ବନ୍ଧୁତା ସୁଯୋଗର ସ୍ଥାପନ ପରେ ପରେ ପଛରୁ ଆକ୍ରମଣ କରିବା ଏ ଯୁଗରେ ଅସମ୍ଭବ ନୁହେଁ। କାହାକୁ ସହଜରେ ବିଶ୍ୱାସ କରିବା ଠିକ୍ ନୁହେଁ। ପଡୋଶୀ ରାଷ୍ଟ୍ରଙ୍କୁ ସହଜରେ ସରଳରେ ସବୁ ସମୟରେ ବିଶ୍ୱାସ କରିବା ଏବଂ ଅତି ମାତ୍ରାରେ ନିଜର ହୋଇଯିବା ମୂର୍ଖାମି ସଦୃଶ ହେବ ଏଥିରେ ସନ୍ଦେହ ନାହିଁ। ଚତୁରହୀନ ମଞ୍ଜାରୀଗୁଣ ଗରିମାରୁ ମୂଷିକ ଯାହା ନାହିଁ ତାହା କରିପାରିବ। ବିଶେଷ ବିଷୟ ମୋ ଦେଶ ଭାରତ ପ୍ରତିରକ୍ଷା ବିଭାଗର ଦାୟିତ୍ୱ ବିଷୟକୁ ଦେଖେଇହେବା ବୋକାମିର ପରିଚୟ ହୋଇଯିବ। ରାଷ୍ଟ୍ରର ହିତଦୃଷ୍ଟିରୁ ପ୍ରତିରକ୍ଷାର ବହୁ ସରଞ୍ଜାମ ସମ୍ପର୍କିତ ବିଷୟ ଏବଂ ତଥ୍ୟକୁ ଗୁପ୍ତ ରଖାଯାଉ। ଏହା କରାଯାଇପାରିଲେ ଦେଶର ସୁରକ୍ଷା ନିଶ୍ଚିତ କରାଯାଇପାରିବ।

– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଲଭେ କିବା ଆସି ଏଥି କି ହଜାଏ,
ସେ ହିସାବ କାହିଁ ?
ଦେଖିବା ଶୁଣିବା ଯେତେ ରହେ ବାକି,
ଅନ୍ତ ତା'ର ନାହିଁ।

(ଜଡ଼-ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୩ ଦିନରେ ପହଞ୍ଚିଲା ଅମଲା ସଂଘର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗିର ଜିଲା ଅଧିନସ୍ଥ କଣ୍ଟାବାଞ୍ଜି, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଜୁନ ୧ରୁ ସମୂହ ଛୁଟି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସମୂହ ଛୁଟି ଶନିବାର ୩ ଦିନରେ ପହଞ୍ଚିଛି। କଣ୍ଟାବାଞ୍ଜିରେ ଥିବା ତହସିଲ କାର୍ଯ୍ୟାଳୟ, ପିଡବ୍ଲ୍ୟୁଡି ଡିଭିଜନ,ସ୍କୁଲ କଲେଜ, ସବ୍‌ଟ୍ରେଜେରୀ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ବିଇଓ କାର୍ଯ୍ୟାଳୟ, ଆଇସିଡିଏସ କାର୍ଯ୍ୟାଳୟ ସହ ଅନ୍ୟାନ ସରକାରୀ କାର୍ଯ୍ୟାଳୟର ଅମଲାମାନେ ସାମିଲ ହୋଇ କଣ୍ଟାବାଞ୍ଜି ସବ୍ ଟ୍ରେଜେରୀ ଅଫିସ ସମ୍ମୁଖରେ ଆନ୍ଦୋଳନରେ ବସିଛନ୍ତି।

### ସଂକ୍ଷେପରେ

## ଚାଷୀଙ୍କୁ ମିଳୁନି ମୁଗ ବିରି ଶସ୍ୟ ଦ୍ରବ୍ୟ

### ନକଲି ଚାଷୀଙ୍କୁ ଅସଲି ଆଉ ଅସଲିକୁ ନକଲି ଦର୍ଶାଇ ହଡ଼ପ



ବେଲପଡା,୩।୬(ଡି.ଏନ.ଏ): ସବୁ କ୍ଷେତ୍ରରେ ରାଜ୍ୟ ସରକାର ଚାଷୀଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ଚାଷୀଙ୍କ ସୁବିଧା ନିମନ୍ତେ ବିଭିନ୍ନ ଯୋଜନାରେ ସାମିଲ କରାଯାଇଛି। ବେଲପଡା କୃଷି ବିଭାଗ ପକ୍ଷରୁ ଭିଏଲଡବ୍ଲ୍ୟୁଙ୍କ ଜରିଆରେ ପଞ୍ଚାୟତର ଚାଷୀମାନଙ୍କୁ ସୁବିଧା ସୁଯୋଗରେ ବିଭିନ୍ନ ପ୍ରକାର ଶସ୍ୟ ଜାତୀୟ ଓ ବିଭିନ୍ନ କିସମର ମଞ୍ଜି ମାଗଣାରେ ପ୍ରଦାନ କରାଯାଇଥାଏ। ହେଲେ ବେଲପଡା କୃଷି ବିଭାଗ ଅନ୍ତର୍ଗତ ନୁନହାଡ଼ ପଞ୍ଚାୟତର ଭିଏଲଡବ୍ଲ୍ୟୁଙ୍କ ମନମୁଖି କାର୍ଯ୍ୟ ଯୋଗୁ ଚାଷୀମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। ନୁନହାଡ଼ ଗ୍ରାମର ଚାଷୀମାନେ ଶନିବାର କୃଷି ଅଧିକାରୀ ଅଙ୍କିତା ମହାପାତ୍ରଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯିବ ବୋଲି କୃଷି ଅଧିକାରୀ ମହାପାତ୍ର ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ହିମାଂଶୁ ମହାକୁଡ଼, ଅନିରୁଦ୍ଧ ସାହୁ, ରତ୍ନାକର ମାଝୀ, ତ୍ରିନାଥ ତାଣ୍ଡି, ଗୁରୁବାରୁ ତାଣ୍ଡି, ମଞ୍ଜିତ ତାଣ୍ଡି, ମହେନ୍ଦ୍ର ଧରୁଆ, ନରେଶ ମାଝୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଚାଷୀଙ୍କ ଅଭିଯୋଗ ମୁତାବକ ପ୍ରକୃତ ଚାଷୀମାନଙ୍କୁ ଭିଏଲଡବ୍ଲ୍ୟୁ ଅଣଦେଖା କରୁଛନ୍ତି। ଯାହା ଦ୍ୱାରା ହକଦାର ଚାଷୀମାନେ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। କିଛି ଲୋକେ ଭିଏଲଡବ୍ଲ୍ୟୁଙ୍କୁ ହାତ ମୁଠାରେ ରଖି ଶସ୍ୟ ଦ୍ରବ୍ୟ ଏବଂ ଅନ୍ୟ ସହାୟତାକୁ ହଡପ କରି ଏହାର ଫାଇଦା ଉଠାଉଛନ୍ତି । ଏହାଶହ ଅଣଚାଷୀଙ୍କୁ କାଗଜ କଲମରେ ଅସଲୀ ଚାଷୀ ଦର୍ଶାଇ ମୁଗ, ବିରି, ରାହେଡ଼ ସମେତ ବିଭିନ୍ନ କିସମର ମଞ୍ଜିକୁ ହଡ଼ପ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗ କାର୍ଯ୍ୟାଳୟରେ ଭିଏଲଡବ୍ଲ୍ୟୁଙ୍କ ବିରୋଧରେ ଅଭିଯୋଗ ହେବା ପରେ ଭିଏଲଡବ୍ଲ୍ୟୁଙ୍କ ଜଣକ ଏବେ ଅଭିଯୋଗକାରୀଙ୍କ ମୁହଁକୁ ବନ୍ଦ କରିବା ପାଇଁ ଜଣେ ନେତାଙ୍କୁ କୁହାବୁଲା କରିଥିବା ଚର୍ଚ୍ଚା ହେଉଛି । ଘଟଣାର ସତ୍ୟତା ତଦନ୍ତ ହେଲେ ଶସ୍ୟ ଜାତୀୟ ଦ୍ରବ୍ୟ ହଡ଼ପ ଏବଂ ନକଲି ଚାଷୀଙ୍କୁ ଅସଲି ସଜାଇ ଥିବା ସବୁ ଜଣାପଡିବ । ଏନେଇ ବଲାଙ୍ଗୀର ଜିଲାପାଳ ଓ ଜିଲା କୃଷି ଅଧିକାରୀ ଦୃଷ୍ଟି ଦେବା ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ସେବା କାର୍ଯ୍ୟ ସହ ମାଗଣାରେ ପାଠପଢ଼ାଉଛନ୍ତି ନେହା

ନୂଆପଡ଼ା ଅଫିସ,୩।୬

ଛତିଶଗଡ ସୀମାନ୍ତ ନୂଆପଡ଼ା ଜିଲା ଖରିଆର ରୋଡ ସହରରେ କୋମଳମତି ବାଳିକାବାଳକଙ୍କ ମୁହଁରେ ହସ ଫୁଟାଇବା ସହ ମାଗଣାରେ ଶିକ୍ଷାଦାନ କରୁଛନ୍ତି ଜଣେ ଉଚ୍ଚ ଶିକ୍ଷିତା ମହିଳା। ୪ ବର୍ଷ ପୂର୍ବେ ପ୍ରଥମେ ୩ଜଣ ପିଲାକୁ ନେଇ ପାଠପଢା ଆରମ୍ଭ କରିଥିଲେ। ବର୍ତ୍ତମାନ ୩୦ଜଣ ବାଳିକାବାଳକ ମାଗଣାରେ ଶିକ୍ଷା ନେଉଛନ୍ତି। ରାଜଧାନୀ ଦିଲ୍ଲୀ ସହରର ଉଚ୍ଚ ଶିକ୍ଷିତା ଝିଅ ନେହା ଡାଗା। ସେ ଦିଲ୍ଲୀରେ ବାପା ଘରେ ରହିଥିବା ବେଳେ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଶିକ୍ଷାଦାନ କରୁଥିଲେ। ୨୦୦୮ରେ ନୂଆପଡା ଜିଲା ଖରିଆର ରୋଡ ସହରର ନିଶାନ୍ତ ଡାଗାଙ୍କୁ ବିବାହ କରିଛନ୍ତି। ତାଙ୍କର ଦୁଇ ପିଲା ମଧ୍ୟ ଅଛନ୍ତି। ଘର ସଂସାର ସମ୍ଭାଳିବା ସହ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ନେହାଙ୍କ ଶ୍ୱଶୁର ସ୍ୱର୍ଗତ ନିମିଚନ ଡାଗା ୧୯୬୦ରେ ଖରିଆର ରୋଡ ସେବା ସମିତି ନାମରେ ଏକ ସଙ୍ଗଠନ କରି ଗରିବ ଲୋକଙ୍କୁ ସେବା କରି ଆସୁଥିଲେ।



ପିଲାମାନେ ତିଆରି କରିଥିବା ଚିତ୍ରାଙ୍କନ ପ୍ରଦର୍ଶନ କରୁଛନ୍ତି।

ତାଙ୍କ ଦେହନ୍ତ ପରେ ତାଙ୍କ ପୁଅ ନିଶାନ୍ତ ଡାଗା ସେବା ସମିତି କାର୍ଯ୍ୟଭାର ସମ୍ଭାଳୁଛନ୍ତି। ଯେତେବେଳେ ନେହା ବିବାହ ହୋଇ ଖରିଆର ରୋଡ ସହରକୁ ଆସିଲେ ଶ୍ୱଶୁରଙ୍କ ଅଧୁରା ସପ୍ନକୁ ପୁରଣ କରିବା ପାଇଁ ନେହା ମହିଳା ସେବା ସମିତି

### ୩୦ଜଣ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି

ସଙ୍ଗଠନ କରି ସହରର ମହିଳାମାନଙ୍କୁ ନେଇ ବିଭିନ୍ନ ସେବା କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ଦିଲ୍ଲୀରେ ଶିକ୍ଷାଦାନ କରୁଥିବା ସମୟରେ ଶିକ୍ଷାର ମହତ୍ତ୍ୱ ବୁଝି ପାରିଥିବା ନେହା ସହରର ଆର୍ଥିକ ସ୍ଥିତି ଦୁର୍ବଳ ଥିବା ପିଲାମାନଙ୍କୁ ନେଇ ନିଜ ଘର ବାରଣ୍ଡାରେ ୪ରୁ ୫ ବର୍ଷ ହେବ ପ୍ରତିଦିନ ୨ରୁ ୩ ଘଣ୍ଟା ଶିକ୍ଷାଦାନ କରନ୍ତି। ପିଲାମାନଙ୍କୁ ଗଣିତ, ବିଜ୍ଞାନ, ଇଂରାଜୀ, ହିନ୍ଦି, ସାଧାରଣ ଜ୍ଞାନ ସହ ବଭିନ୍ନ ପ୍ରକାର ଚିତ୍ରାଙ୍କନ ଶିଖାଉଛନ୍ତ। ଜଣେ ଗୃହିଣୀ ହୋଇ ଘର ସଂସାର ଚଳାଇବା ସହ ଅନ୍ୟର ଦୁଃଖରେ ଦୁଃଖି ହୋଇ ସେବା କାର୍ଯ୍ୟରେ ଲିପ୍ତ ରହି ମାଗଣାରେ ଶିକ୍ଷାଦାନ କରୁଥିବା। ଏହା ଅନ୍ୟ ଶିକ୍ଷିତ ମହିଳାମାନଙ୍କୁ ନିଶ୍ଚୟ ପ୍ରେରଣା ଦେବ। ନେହାଙ୍କ ଶିକ୍ଷାଦାନରେ ପିଲାମାନେ ବେଶ ଖୁସରେ ଅଧ୍ୟୟନ କରିବା ସହ ଶିକ୍ଷାର ବୃଦ୍ଧି ମଧ୍ୟ ହେଉଛି। ତାଙ୍ଗର ଏହି ମହତ୍ତ୍ୱ କାର୍ଯ୍ୟକୁ ଲୋକେ ପ୍ରଶଂସା କରୁଛନ୍ତି।

# ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା

ବଲାଙ୍ଗୀର ଅଫିସ, ୩।୬

### ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପାଟଣେଶ୍ୱରୀ ମନ୍ଦିରରେ ସମୂହ ଦୀପଦାନ

ବାଲେଶ୍ୱର ଜିଲାର ବାହାନଗା ଷ୍ଟେସନ ନିକଟରେ ଭୟଙ୍କର ଟ୍ରେନ ଦୁର୍ଘଟଣାର ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଇଷ୍ଟଦେବୀ ପାଟଣେଶ୍ୱରୀ ମନ୍ଦିରରେ ଶନିବାର ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଦେବୀ ପାଟେଶେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ସନ୍ତୋଷ କୁମାର ପଟ୍ଟନାୟକ, ଅଧ୍ୟାପକ ସନ୍ଦୀପ କୁମାର କୁଅଁର, ବୁଲୁ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ରୂପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଦୁର୍ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟରେ ସହଯୋଗ ଜାରି ରଖିଥିବା ସୂଚନା ଦିଆଯାଇଛି।

## ଆଦର୍ଶ ଶିକ୍ଷକ କୁଳମଣି ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୩।୬:** ବଲାଙ୍ଗୀରର ଆଦର୍ଶ ଶିକ୍ଷକ କୁଳମଣି ମିଶ୍ର (୮୧)ଙ୍କ ଶୁକ୍ରବାର ରାତିରେ ବରଗଡସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଛି। ଦୀର୍ଘଦିନରୁ ଅସୁସ୍ଥତା ଅନୁଭବ କରୁଥିବା ଆଦର୍ଶ ଶିକ୍ଷକ ମିଶ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କ ପ୍ରଥମେ ବଲାଙ୍ଗୀର ସ୍ୱରାଜ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉଚ୍ଚତର ଚିକିତ୍ସା ପାଇଁ ସେଠାରୁ ତାଙ୍କୁ ବରଗଡ ବିକାଶ ହସ୍ପିଟାଲକୁ ସ୍ଥାନାନ୍ତରଣ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ବଲାଙ୍ଗୀର ଟାଉନ୍ ହାଇସ୍କୁଲରୁ ମିଶ୍ର ଶିକ୍ଷକତା ଆରମ୍ଭ କରିଥିଲେ। ଏହାପରେ ସେ ବଲାଙ୍ଗୀର ଜିଲାର ମଣ୍ଡଳ ହାଇସ୍କୁଲ, ଧଣ୍ଡାମୁଣ୍ଡା, ସାଲେଭଟା, ବିଲେଇସର୍ଡା ଓ ରାକ୍ସିମୁଣ୍ଡା ହାଇସ୍କୁଲରେ ଶିକ୍ଷକତା କରିଥିଲେ। ରାକ୍ସିମୁଣ୍ଡା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ସେ ଅବସର ଗ୍ରହଣ କରିଥିଲେ। ଜଣେ ପ୍ରତିଭାବାନ ଛାତ୍ରବତ୍ସଳ ଶିକ୍ଷକ, ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ଶଙ୍କରଭୋଜି ଗ୍ରାମର ମୂଳବାସିନ୍ଦା ମିଶ୍ର ବଲାଙ୍ଗୀର ରୋୟଲ ଗ୍ରୀନ୍ ଆପାର୍ଟମେଣ୍ଟରେ ପରିବାର ସହ ରହୁଥିଲେ। ତାଙ୍କ ସ୍ତ୍ରୀ ଜୟନ୍ତୀ, ତିନି ପୁତ୍ର ଚାଷୀନେତା ଅରୁଣ ମିଶ୍ର, ସିଏ ଅଜିତ ମିଶ୍ର, ଅଶ୍ୱିନୀ ଏବଂ ତିନି ବୋହୂ, ଝିଅ ଅନିତା, ଜ୍ୱାଇଁ ଲଳିତ ତ୍ରିପାଠୀ, ନାତିନାତୁଣୀ ଅଛନ୍ତି। ରବିବାର ସକାଳେ ବଲାଙ୍ଗୀର ପଥରଚେପା ସ୍ଥିତ ତାଙ୍କ ନିଜସ୍ୱ ଉଦ୍ୟାନ ପଞ୍ଚବଟୀଠାରେ ଦାହସତ୍କାର କରାଯିବ ବୋଲି ଜ୍ୟେଷ୍ଠପୁତ୍ର ଅରୁଣ ମିଶ୍ର ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଅମିତ୍



@ ଦୟାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


GOVERNMENT OF ODISHA
DEPARTMENT OF WATER RESOURCES
O/O THE SUPERINTENDING ENGINEER,
PRACHI DIVISION, BHUBANESWAR-12
E-mail: prachi.division@yahoo.co.in,
Phone: 0674-2562427, Fax: 0674-2562472
No.3601 Dt. 01.06.2023

e-PROCUREMENT NOTICE NO. SEPRD-05/2023-24

No.A-201: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | Canal works / road works / civil works |
| 02 | No. of works | 7 Nos. |
| 03 | Bid Identification No. | SEPRD-05/2023-24 |
| 04 | Estimated cost | 9.00 Lakhs to 38.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 05.06.2023 (11.00 A.M.) to 13.06.2023 (5.00 P.M.) |
| 09 | Date and time of opening of tender documents & online bids | 16.06.2023 at 11.00 A.M. |
| 10 | Date of Lottery (In case of situation arises) | 23.06.2023 at 11.00 A.M. |
| 11 | Name and address of the Officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in

Sd./- Superintending Engineer, Prachi Division, Bhubaneswar
OIPR-32096/11/0002/2324



Directorate General of Training
Skill India
कौशल भारत-कुशल भारत

Government of India
Ministry of Skill Development & Entrepreneurship
Directorate General of Training
NATIONAL SKILL TRAINING INSTITUTE, BHUBANESWAR
NSIC Building, 5th Floor, IDCO, Plot No. - 06
Mancheswar Industrial Estate, Bhubaneswar - 751010
Ph.: 0674-2974438/2974498, E-mail: nsti-bhubaneshwar@dgt.gov.in

ADMISSION NOTICE

ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ୍) ଟ୍ରେଡ ପାଠ୍ୟକ୍ରମରେ 2023-24 ଶିକ୍ଷା ବର୍ଷରେ ଆଡମିଶନ ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ ଗ୍ରହଣ କରୁଛି। ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ, ଯାହାକି NCVET ଅନୁମୋଦିତ NSQF Level - 3 ITI ପାଠ୍ୟକ୍ରମ। ଏହି ପାଠ୍ୟକ୍ରମର ଅବଧି ଏକ ବର୍ଷ ଅଟେ। ସୌରଶକ୍ତିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ତାଲିମ ସହଜରେ ରୋଜଗାରର ସୁଯୋଗ ଆଣିଥାଏ। ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନ ଫର୍ମ ଅଫିସିଆଲ ୱେବ୍‌ସାଇଟ୍ **https//nstibhubaneswar.dgt.gov.in**ରେ ଉପଲବ୍ଧ ଏବଂ ଏଗୁଡ଼ିକ ଅନୁଷ୍ଠାନରୁ ମଧ୍ୟ ସଂଗ୍ରହ କରାଯାଇପାରିବ।
ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ହେଉଛି: **30.06.2023** ଅଟେ।
ଆଡମିଶନ ସହାୟତା ପାଇଁ ଯୋଗାଯୋଗ ନମ୍ବର: **8594819990**।

Sd./- Principal



OFFICE OF THE
NOTIFIED AREA COUNCIL, PADAMPUR
DIST:- BARGARH(ODISHA) PIN-768036
Ph. No.06683-223436, Email- Id-nac.padampur@gmail.com
Letter No. 1190 Date 02.06.2023

QUOTATION CALL NOTICE

No. C-502:- Sealed Quotations are invited for supply of CCTV Cameras with all fittings & installation at Padampur NAC. The quotationers should quote their rates including all taxes and delivery at Padampur NAC office.

| Sl No. | Description of Goods | Unit | Rate |
|---|---|---|---|
| 1 | DVR 16 CHANEL | | |
| 2 | HDD Drive 1 TB | | |
| 3 | CP Plus BULLET Camera | | |
| 4 | DOOM CAMERA | | |
| 5 | Power Supply 10 mpr cpplus | | |
| 6 | CABLE 90 Mtr | | |
| 7 | HDD DRIVE 500 GB | | |
| 8 | HDMI Cable 10 MTR | | |
| 9 | HDMI Cable 5 MTR | | |
| 10 | MOUSE | | |
| 11 | BNC CONNECTOR | | |
| 12 | DC CONNECTOR | | |

The quotationer should submit sales GST No., PAN No. etc. along with the quotation. The quotation should reach on or before Dt.09.06.2023 in the Office hour and the same will be opened on dated-12.06.2023 at 10:00 AM in presence of the quotationers or their authorized representatives at the time of opening if wish to attend.

The undersigned reserve the right to accept or reject any or all quotations without assigning any reason thereof.

Sd./- Executive Officer
NAC, Padampur
OIPR-13118/11/0006/2324



See Career Appointment on every Wednesday & Saturday



BHUBANESWAR DEVELOPMENT AUTHORITY
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in

Ref. No. Date: 02.06.2023

INVITATION FOR BIDS (IFB)
BID IDENTIFICATION No.- BDA/343/SE-II/2023-24

No.CAD-841:- **Superintending Engineer, Division No.II, BDA, Bhubaneswar** on behalf of Bhubaneswar Development Authority, Bhubaneswar invites tender on Percentage Rate in **Single Cover system** to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Com-pletion period | Class of Contractor | Bid Security | Cost of Bid document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Sivaji Patnaik Memorial at Jayadev Vihar, Bhubaneswar | ₹ 37.16 | 45 (Forty five) days | 'C' & 'B' Class | 1% of Tender Value | ₹ 6000.00 + GST @ 18% ₹ 1,080.00 | 17.06.2023 upto 5.30 P.M. |

The Bid documents will be available in the website **http://tendersodisha.gov.in** from **08.06.2023 to 5.30 P.M. of 17.06.2023.**
1. All Corrigendum and Addendum will be published in the Website only.
2. Other details can be seen in the bidding documents.

OIPR-13033/11/0113/2324
Sd./- Superintending Engineer, Division No.II, BDA, Bhubaneswar



ODISHA PUBLIC SERVICE COMMISSION
NOTICE
No.4770/PSC, dt. 3.6.23
(1E-01-2022-23) DR-II)

2nd Corrigendum to Advertisment No. 16 of 2022-23 for recruitment to the post of Assistant Professor (Broad Speciality) under H & F.W. Department.

No. D-57:- As per the revised proposal communicated by the Govt. in Health & Family Welfare Department in their letter No.12363/H, dt.24.05.2023 for recruitment to the posts of Assistant Professor (Broad Speciality) of Government MCHs in the rank of Group-A, the vacancy position in respect of General Medicine discipline along with reservation thereof are hereby modified as indicated in the table given below.

| Sl No. | Discipline | Category of vacancies | | | | |
|---|---|---|---|---|---|---|
| | | S.T. | S.C. | S.E.B.C. | U.R. | Total |
| 1. | General Medicine | 05 (01-w) | 01 | 06 (02-w) | 07 (02-w) | 19 (05-w) |

All other terms and conditions outlined in advertisement No. 16 of 2022-23 shall remain unchanged. The concerned candidates are advised to visit the website of the Commission at www.opsc.gov.in.

OIPR-12002/11/0039/2324
Sd./- Secretary



OFFICE OF THE PANCHAYAT SAMITI, KOIRA
Dist.: Sundargarh
Letter No.: 1491 Date: 03.06.2023

Tender Call Notice No.: 02/2023-24

No.i-157:- Sealed tenders are invited from the interested bidder for the civil work under BDO, KOIRA of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of Office of the B.D.O., Koira, At/P.O.: Koira, Pin- 770048, Dist.- Sundargarh (Odisha) through Registered Post/ Speed Post only on or before 21.06.2023, upto 5.00 P.M. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 27.06.2023 at 11.00 A.M. in the office of the undersigned in the presence of the bidders or his/ her authorized representatives.

Sd./- Block Development Officer
Koira
OIPR-19341/11/0002/2324



OFFICE OF THE PANCHAYAT SAMITI, NUAGAON
Dist.-Sundargarh
Letter No: 985 Date: 02.06.2023

Tender Call Notice No:- 08 /2022-23

No. i-154:- Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of office of the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha) through Registered Post / Speed Post only on or before 21.06.2023, upto 5:00 PM. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 22.06.2023 at 11.00 AM in the office of the undersigned in the presence of the bidders or his/her authorized representatives.

Sd./- Block Development Officer, Nuagaon
OIPR-19358/11/0004/2324



GOVERNMENT OF ODISHA
ST & SC DEVELOPMENT DEPARTMENT
PROJECT ADMINISTRATOR, ITDA, PHULBANI
INVITATION FOR BIDS (IFB)
Bid Identification No. PA ITDA PLB_02 of 2023-24 Letter No.1349 Date 03.06.2023

No.CAD-822:- The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 04 Nos. of Building works. The bidders have to participate in 'online' bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of 06.06.2023 to 19.06.2023, 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 21.06.2023 in the Office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in.

Sd./- Project Administrator
ITDA, Phulbani
OIPR-26040/11/0003/2324

# ମିଲେଟ୍ ଚାଷ ସମ୍ବନ୍ଧୀୟ ତାଲିମ ଶିବିର

ସୁନ୍ଦରଗଡ଼,୩।୬(ଡି.ଏନ୍.ଏ.)

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ହସ୍ତାନ୍ତର ଉପ- କେନ୍ଦ୍ର ତଥା ମିଲେଟ୍ ଉତ୍କର୍ଷ କେନ୍ଦ୍ର ଦ୍ୱାରା କୃଷି ବିଭାଗର ସମ୍ପ୍ରସାରଣ କର୍ମଚାରୀଙ୍କୁ ୪ ଦିନିଆ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ଶିବିରକୁ ମୁଖ୍ୟ ଜିଲା କୃଷି ଅଧିକାରୀ ହରିହର ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ମତ୍ସ୍ୟ ଅଧିକାରୀ ଓ ସହାୟକ ଜିଲା କୃଷି ଅଧିକାରୀ ତଥା ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ଥିଲେ। ମେ ୩୧ରୁ ଜୁନ ୩ ପର୍ଯ୍ୟନ୍ତ ଚାଲିଥିବା ଏହି ତାଲିମ ଶିବିରରେ ମିଲେଟ ମିଶନ, ବୈଜ୍ଞାନିକ ପଦ୍ଧତିରେ ମିଲେଟ ଚାଷର ତଳିଘେରା ପ୍ରସ୍ତୁତି ଓ ପରିଚାଳନା, ଜମି ପ୍ରସ୍ତୁତି, ସାର ପରିଚାଳନା, କ୍ଷେତ୍ର ବିଜ୍ଞାନର ବୈଷୟିକ ଜ୍ଞାନ, ଜଳ ପରିଚାଳନା, ଓୟୁଏଟିରୁ ବାହାରିଥିବା କିସମ, ମୃତ୍ତିକା ପରିଚାଳନା ତଥା କୃଷି ଯାନ୍ତ୍ରିକୀରଣର ବିବିଧ ବିଷୟକୁ ଉଭୟ ଆଭାସୀ ଓ ପ୍ରତ୍ୟକ୍ଷରେ ବୈଜ୍ଞାନିକମାନେ ତାଲିମ ପ୍ରଦାନ କରିଥିଲେ। ଏହା ମଧ୍ୟରେ କୃଷି ବିଭାଗ କର୍ମକର୍ତ୍ତା ଏକ କ୍ଷେତ୍ର ପରିଦର୍ଶନ ବାବଦରେ ବାଲିଶଙ୍କରା ବ୍ଲକକୁ ଯାଇ ସ୍ୱହସ୍ତରେ ମାଣ୍ଡିଆ ତଳିଘେରା ପ୍ରସ୍ତୁତି, ମାଣ୍ଡିଆ ଅମଳରେ ଯନ୍ତ୍ରର ବ୍ୟବହାର ତଥା ଅଣ-ସରକାରୀ ଅନୁଷ୍ଠାନର ବିଭିନ୍ନ ମିଲେଟ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ୪ର୍ଥ ଦିନରେ ଏକ ପରୀକ୍ଷଣ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ତାଲିମ ନେଉଥିବା କୃଷି କର୍ମଚାରୀ ଓ ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ତାଲିମ ଶିବିର ପାଇଁ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୟାଡସି) ଆର୍ଥିକ ସହାୟତା ପ୍ରଦାନ କରିଛି। ତାଲିମ ଶିବିରରେ ଡ. ସଜୀବ କୁମାର ବିଶ୍ୱାସୀ, ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ଡ. ମନୋଜ କୁମାର ଜେନା, ଡ. ଡେଭିଡ ଜେମସ୍ ବାଗେ, ଡ. ଦ୍ୱିବେନ୍ଦୁ କୁମାର ମଣ୍ଡଳ, ମୁଦାଦା ଦିବ୍ୟନାଥ, ରିଷିକେଶ ସାହୁ, ଡ. ପବିତ୍ର ମହନ ମହାପାତ୍ର ଓ କୃଷି ବିଭାଗର ଅଧିକାରୀ ବୈଷୟିକ ଶିକ୍ଷା ପ୍ରଦାନ କରିଥିଲେ।



ସମ୍ପ୍ରସାରଣ କର୍ମଚାରୀମାନଙ୍କୁ ମାନପତ୍ର ଦିଆଯାଉଛି।

## ବ୍ରହ୍ମାକୁମାରୀ ସଂସ୍ଥାରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ଼,୩।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଦିନରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଶିକ୍ଷକ ଅଶୋକ କୁମାର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଧ୍ୟାତ୍ମିକ ଦ୍ୱାରା ସକାରାତ୍ମକ ଚିନ୍ତନ ଏବଂ ସକାରାତ୍ମକ ଚିନ୍ତନ ଦ୍ୱାରା ଜୀବନରେ ସୁଖ ଶାନ୍ତି ପ୍ରାପ୍ତି ହୋଇପାରିବ ବୋଲି ସେ କହିଥିଲେ। ଦ୍ୱିତୀୟ ଦିନରେ ଅବସରପ୍ରାପ୍ତ ପ୍ରଫେସର ଅନନ୍ତ ନାୟକ ଯୋଗଦେଇ ଯେପରି ଆଧ୍ୟାତ୍ମିକତା ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ବିକାଶ ହେଲା ସେପରି ଛାତ୍ର ଜୀବନରେ ଆଧ୍ୟାତ୍ମିକତା ଦ୍ୱାରା ମନରେ ଏକାଗ୍ରତା ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନ୍ମେଜୟ ପଟେଲ ଓ ହାଇସ୍କୁଲ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା କରିଥିଲେ। ବ୍ରହ୍ମା କୁମାରୀ ସଂସ୍ଥାର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଜ୍ୟୋତ୍ସ୍ନା ୩ ଦିନ ଧରି ଆଧ୍ୟାତ୍ମିକ, ନୈତିକ ଓ ଚାରିତ୍ରିକ ଶିକ୍ଷା ଉପରେ ଆଲୋକପାତ କରି ରାଜଯୋଗ ଅଭ୍ୟାସ ଦ୍ୱାରା ଜୀବନରେ ଖୁସି ଓ ଶାନ୍ତି ଆସିପାରିବ ବୋଲି କହିଥିଲେ। ଅତିଥିମାନେ ଉଦ୍‌ଯାପନୀ ଦିବସରେ ବକ୍ତୃତା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅମିତ୍


@ ଦୟାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ଅଭିଯୁକ୍ତ ପୁଅ ଗିରଫ

କୁତ୍ରା,୩।୬(ଡି.ଏନ୍.ଏ.)

**ପୁଅ ଠେଙ୍ଗାମାଡ଼ରେ ବାପାଙ୍କ ମୃତ୍ୟୁ ଘଟଣା**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରା ପଞ୍ଚାୟତ ତେଲେନଡ଼ିପା ଗ୍ରାମରେ ଶୁକ୍ରବାର ବାପାଙ୍କୁ ହତ୍ୟା କରିଥିବା ଘଟଣାରେ ପୁଅକୁ ଶନିବାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମରଜିତ କୁଜୁର(୩୦)। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଶୁକ୍ରବାର ଅମରଜିତ ସୁରଟରୁ ଆସି ନିଜ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚି ଜାଣିବାକୁ ପାଇଲେ ତାଙ୍କ ସ୍ତ୍ରୀଙ୍କୁ ବାପା ଅନିଲ ନିୟମିତ ମାଡ଼ ମାରୁଛନ୍ତି। ଏପରି କି ୨ ଦିନ ତଳେ ପ୍ରବଳ ମାଡ଼ ମାରିଥିବାରୁ ସେ ଠିକରେ ଚାଲିପାରୁ ନ ଥିଲେ। କୁଜୁର ରାଗି ଯାଇ ଠେଙ୍ଗା ସାହାଯ୍ୟରେ ବାପାଙ୍କୁ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ପଡ଼ିଥିବା ଘର ଭିତରେ ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଥିଲା। ରାଜଗାଙ୍ଗପୁରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଗରମରେ ସନ୍ତୁଳି ହେଉଛନ୍ତି ଗ୍ରାମବାସୀ

**ଅତିଷ୍ଠ କଲାଣି ବିଜୁଳି କାଟ**

କୁତ୍ରା,୩।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଗ୍ରାମାଞ୍ଚଳଗୁଡ଼ିକରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଫଳରେ ଗ୍ରାମବାସୀ ଗରମରେ ଅତିଷ୍ଠ ହୋଇ ପଡ଼ିଲେଣି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ପାରଦ ୪୨ ଡିଗ୍ରୀ ଉପରେ। ହେଲେ ଗରମ ଗୁଳୁଗୁଳି ଠାରୁ ବଳି ଯାଇଛି ବିଜୁଳି କାଟ। ଏଭଳି ବିଦ୍ୟୁତ୍ କାଟ ବିଶେଷଭାବେ ବୁଡାକଟା,ପଞ୍ଚରା, ନୂଆଗାଁ, ପୂର୍କାପାଲି, ଗମ୍ଭାରଡ଼ିହିରେ ହେଉଛି। ଦିନ ହେଉ କି ରାତି ଘଣ୍ଟା ଘଣ୍ଟା ବିଜୁଳି ରହୁ ନ ଥିବାରୁ ଲୋକେ ଗରମରେ ସିଝୁଛନ୍ତି। ଦିନବେଳା ଲୋକେ ବିଭିନ୍ନ ଗଛ ତଳେ ଆଶ୍ରୟ ନେଉଥିବା ବେଳେ ରାତିରେ କିନ୍ତୁ ଛଟପଟ ହେବାକୁ ପଡୁଛି। ସେହିଭଳି କୁତ୍ରା ବ୍ଲକ ମୁଖ୍ୟାଳୟରେ ସାମାନ୍ୟ ଘଡ଼ଘଡ଼ି କି ପବନ ହେଲେ ଘଣ୍ଟା ଘଣ୍ଟା ବିଜୁଳି ରହୁନାହିଁ। ଏଥିପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗ ପକ୍ଷରୁ ପାୱାର କଟ୍ ହେଉ ନ ଥିବା କୁହାଯାଉଥିବା ବେଳେ ଘଣ୍ଟା ଘଣ୍ଟା ଧରି ବିଜୁଳି ନ ରହିବାର କାରଣ କ'ଣ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ପ୍ରବଳ ଖରାରେ ଲୋକଙ୍କୁ ନିରବଚ୍ଛିନ୍ନ ବିଜୁଳି ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି। ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ, ବର୍ତ୍ତମାନ ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ଚାଲୁଥିବାରୁ ଏଭଳି ଅସୁବିଧା ହେଉଥିବା କହିଛନ୍ତି। ଯଥାଶୀଘ୍ର ଏହାର ସମାଧାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ମହୁଲ, ତେନ୍ତୁଳିରୁ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ




ଦେବଗଡ଼,୩।୬(ଡି.ଏନ୍.ଏ.)

ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଓଡ଼ିଶା ଖଣିଜ ସମ୍ପଦ ବିକାଶ ନିଗମ(ଓମବାଡିସି) ସହାୟତାରେ ମହୁଲ ଏବଂ ତେନ୍ତୁଳିରୁ ମୂଲ୍ୟଯୁକ୍ତ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତି ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଆୟୋଜିତ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ବହୁ ଆଗ୍ରହୀ ମହିଳା ଚାଷୀ ଯୋଗଦେଇ ପ୍ରଶିକ୍ଷଣ ଲାଭ କରିଥିଲେ। ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସୁଜିତ କୁମାର ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ଯାନ୍ତ୍ରୀକ ମହାବିଦ୍ୟାଳୟର ଫୁଡ ଟେକ୍ନୋଲୋଜୀ ବିଭାଗର ପ୍ରଫେସର ଡ. ନିହାର ରଞ୍ଜନ ସାହୁ ଏବଂ ସର୍ବ ଭାରତୀୟ ଅମଳ ପରବର୍ତ୍ତୀ ପଦକ୍ଷେପ ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ଡ. ଉମାଶଙ୍କର ପାଲ ଯୋଗଦେଇ ତେନ୍ତୁଳିରୁ ସସ୍ ଓ ଜୁସ ଏବଂ ମହୁଲରୁ ବିସ୍କୁଟ, ଲଡୁ ଏବଂ ସସ୍ ପ୍ରସ୍ତୁତି ଉପରେ ସବିଶେଷ ଆଲୋଚନା କରିବା ସହ ଏ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତା ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ବିଜୟଲକ୍ଷ୍ମୀ ସାହୁ ପରିଚାଳନା କରିଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
O/O THE SUPERINTENDING ENGINEER,
PRACHI DIVISION, BHUBANESWAR-12
E-mail: prachi.division@yahoo.co.in,
Phone: 0674-2562427, Fax: 0674-2562472
No.3601 Dt. 01.06.2023
e-PROCUREMENT NOTICE NO. SEPRD-05/2023-24

No.A-201: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | Canal works / road works / civil works |
| 02 | No. of works | 7 Nos. |
| 03 | Bid Identification No. | SEPRD-05/2023-24 |
| 04 | Estimated cost | 9.00 Lakhs to 38.00 Lakhs |
| 05 | Earnest Money Deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 05.06.2023 (11.00 A.M.) to 13.06.2023 (5.00 P.M.) |
| 09 | Date and time of opening of tender documents & online bids | 16.06.2023 at 11.00 A.M. |
| 10 | Date of Lottery (In case of situation arises) | 23.06.2023 at 11.00 A.M. |
| 11 | Name and address of the Officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal www.tendersorissa.gov.in
Sd./- Superintending Engineer, Prachi Division, Bhubaneswar
OIPR-32096/11/0002/2324

Directorate General of Training
Skill India कौशल भारत-कुशल भारत
Government of India
Ministry of Skill Development & Entrepreneurship
Directorate General of Training
NATIONAL SKILL TRAINING INSTITUTE, BHUBANESWAR
NSIC Building, 5th Floor, IDCO, Plot No. - 06
Mancheswar Industrial Estate, Bhubaneswar - 751010
Ph.: 0674-2974438/2974498, E-mail: nsti-bhubaneshwar@dgt.gov.in
ADMISSION NOTICE
ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ନୂତନ ଯୁଗର ITI ସୋଲାର ଟେକ୍ନିସିଆନ (ଇଲେକ୍ଟ୍ରିକାଲ୍) ଟ୍ରେଡ ପାଠ୍ୟକ୍ରମରେ 2023-24 ଶିକ୍ଷା ବର୍ଷରେ ଆଡମିଶନ ପାଇଁ ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ ଗ୍ରହଣ କରୁଛି। ଏହା ଏକ ନୂତନ ଯୁଗର ITI ପାଠ୍ୟକ୍ରମ, ଯାହାକି NCVET ଅନୁମୋଦିତ NSQF Level - 3 ITI ପାଠ୍ୟକ୍ରମ। ଏହି ପାଠ୍ୟକ୍ରମର ଅବଧି ଏକ ବର୍ଷ ଅଟେ। ସୌରଶକ୍ତିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ତାଲିମ ସହଜରେ ରୋଜଗାରର ସୁଯୋଗ ଆଣିଥାଏ। ଆଡମିଶନ ପଦ୍ଧତିର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଦେୟ, ସିଟ୍ ସଂରକ୍ଷଣ ଏବଂ ଆବେଦନ ଫର୍ମ ଅଫିସିଆଲ ୱେବ୍‌ସାଇଟ୍ https//nstibhubaneswar.dgt.gov.inରେ ଉପଲବ୍ଧ ଏବଂ ଏଗୁଡ଼ିକ ଅନୁଷ୍ଠାନରୁ ମଧ୍ୟ ସଂଗ୍ରହ କରାଯାଇପାରିବ।
ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ହେଉଛି: 30.06.2023 ଅଟେ।
ଆଡମିଶନ ସହାୟତା ପାଇଁ ଯୋଗାଯୋଗ ନମ୍ବର: 8594819990।
Sd./- Principal

OFFICE OF THE
NOTIFIED AREA COUNCIL, PADAMPUR
DIST:- BARGARH(ODISHA) PIN-768036
Ph. No.06683-223436, Email- ld-nac.padampur@gmail.com
Letter No. 1190 Date 02.06.2023
QUOTATION CALL NOTICE
No. C-502:- Sealed Quotations are invited for supply of CCTV Cameras with all fittings & installation at Padampur NAC. The quotationers should quote their rates including all taxes and delivery at Padampur NAC office.

| Sl No. | Description of Goods | Unit | Rate |
|---|---|---|---|
| 1 | DVR 16 CHANEL | | |
| 2 | HDD Drive 1 TB | | |
| 3 | CP Plus BULLET Camera | | |
| 4 | DOOM CAMERA | | |
| 5 | Power Supply 10 mpr cpplus | | |
| 6 | CABLE 90 Mtr | | |
| 7 | HDD DRIVE 500 GB | | |
| 8 | HDMI Cable 10 MTR | | |
| 9 | HDMI Cable 5 MTR | | |
| 10 | MOUSE | | |
| 11 | BNC CONNECTOR | | |
| 12 | DC CONNECTOR | | |

The quotationer should submit sales GST No., PAN No. etc. along with the quotation. The quotation should reach on or before Dt.09.06.2023 in the Office hour and the same will be opened on dated-12.06.2023 at 10:00 AM in presence of the quotationers or their authorized representatives at the time of opening if wish to attend.
The undersigned reserve the right to accept or reject any or all quotations without assigning any reason thereof.
Sd./- Executive Officer
NAC, Padampur
OIPR-13118/11/0006/2324

See Career Appointment on every Wednesday & Saturday

BHUBANESWAR DEVELOPMENT AUTHORITY
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in
Ref. No. Date: 02.06.2023
INVITATION FOR BIDS (IFB)
BID IDENTIFICATION No.- BDA/343/SE-II/2023-24
No.CAD-841:- Superintending Engineer, Division No.II, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single Cover system to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Com-pletion period | Class of Contractor | Bid Security | Cost of Bid document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Sivaji Patnaik Memorial at Jayadev Vihar, Bhubaneswar | ₹ 37.16 | 45 (Forty five) days | 'C' & 'B' Class | 1% of Tender Value | ₹ 6000.00 + GST @ 18% ₹ 1,080.00 | 17.06.2023 upto 5.30 P.M. |

The Bid documents will be available in the website http://tendersodisha.gov.in from 08.06.2023 to 5.30 P.M. of 17.06.2023.
1. All Corrigendum and Addendum will be published in the Website only.
2. Other details can be seen in the bidding documents.
OIPR-13033/11/0113/2324 Sd./- Superintending Engineer, Division No.II, BDA, Bhubaneswar

ODISHA PUBLIC SERVICE COMMISSION
NOTICE
No.4770/PSC, dt. 3.6.23
(1E-01-2022-23) DR-II)
2nd Corrigendum to Advertisment No. 16 of 2022-23 for recruitment to the post of Assistant Professor (Broad Speciality) under H & F.W. Department.
No. D-57:- As per the revised proposal communicated by the Govt. in Health & Family Welfare Department in their letter No.12363/H, dt.24.05.2023 for recruitment to the posts of Assistant Professor (Broad Speciality) of Government MCHs in the rank of Group-A, the vacancy position in respect of General Medicine discipline along with reservation thereof are hereby modified as indicated in the table given below.

| Sl No. | Discipline | Category of vacancies | | | | |
|---|---|---|---|---|---|---|
| | | S.T. | S.C. | S.E.B.C. | U.R. | Total |
| 1. | General Medicine | 05 (01-w) | 01 | 06 (02-w) | 07 (02-w) | 19 (05-w) |

All other terms and conditions outlined in advertisement No. 16 of 2022-23 shall remain unchanged.
The concerned candidates are advised to visit the website of the Commission at www.opsc.gov.in.
OIPR-12002/11/0039/2324 Sd./- Secretary

OFFICE OF THE PANCHAYAT SAMITI, KOIRA
Dist.: Sundargarh
Letter No.: 1491 Date: 03.06.2023
Tender Call Notice No.: 02/2023-24
No.i-157:- Sealed tenders are invited from the interested bidder for the civil work under BDO, KOIRA of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of Office of the B.D.O., Koira, At/P.O.: Koira, Pin- 770048, Dist.- Sundargarh (Odisha) through Registered Post/ Speed Post only on or before 21.06.2023, upto 5.00 P.M. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 27.06.2023 at 11.00 A.M. in the office of the undersigned in the presence of the bidders or his/ her authorized representatives.
Sd./- Block Development Officer
Koira
OIPR-19341/11/0002/2324

OFFICE OF THE PANCHAYAT SAMITI, NUAGAON
Dist.-Sundargarh
Letter No: 985 Date: 02.06.2023
Tender Call Notice No:- 08 /2022-23
No. i-154:- Sealed Tenders are invited from the interested bidder for the civil work under BDO, Nuagaon of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be 'B' class contractor only. They have to submit the bid document to the undersigned in the address of office of the B.D.O., Nuagaon, At./P.O. Nuagaon, Pin-770035, Dist- Sundargarh (Odisha) through Registered Post / Speed Post only on or before 21.06.2023, upto 5:00 PM. The sale of tender paper will be from dated 05.06.2023 to dated 19.06.2023 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 22.06.2023 at 11.00 AM in the office of the undersigned in the presence of the bidders or his/her authorized representatives.
Sd./- Block Development Officer, Nuagaon
OIPR-19358/11/0004/2324

GOVERNMENT OF ODISHA
ST & SC DEVELOPMENT DEPARTMENT
PROJECT ADMINISTRATOR, ITDA, PHULBANI
INVITATION FOR BIDS (IFB)
Bid Identification No. PA ITDA PLB_02 of 2023-24 Letter No.1349 Date 03.06.2023
No.CAD-822:- The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 04 Nos. of Building works. The bidders have to participate in 'online' bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of 06.06.2023 to 19.06.2023, 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.30 A.M. on 21.06.2023 in the Office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in.
Sd./- Project Administrator
ITDA, Phulbani
OIPR-26040/11/0003/2324

# ଲହୁ ଲୁହରେ ଭିଜିଲା ବାହାନଗା ମାଟି






ଦୁର୍ଘଟଣାରେ କ୍ଷତିଗ୍ରସ୍ତ ୩ ଟ୍ରେନ୍।



ଭାଙ୍ଗିରୁଜି ଯାଇଥିବା ଏକ ବଗି।



ବାହାନଗା ଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଲୋଚନାରତ।



ଦୁର୍ଘଟଣାସ୍ଥଳରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ।




ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏନ୍‌ଡିଆର୍‌ଏଫ୍ ଟିମ୍।



ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କୁ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିକଟରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।



ବାହାନଗାରେ ପହଞ୍ଚି ଦୁର୍ଘଟଣାସ୍ଥଳକୁ ଯାଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।



ଆହତଙ୍କୁ ଭେଟୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି।



ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟଠାରେ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅନ୍ୟ ଅଧିକାରୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଜୁନ୍, ୨୦୨୩

# ଲହୁ ଲୁହରେ ଭିଜିଲା ବାହାନଗା ମାଟି





ଦୁର୍ଘଟଣାସ୍ଥଳରେ ଓଡ୍ରାଫ୍ ଟିମ୍ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ।


ଦୁର୍ଘଟଣାସ୍ଥଳରେ ରେଳମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସହ ନକ୍ସା ଦେଖୁଛନ୍ତି ପ୍ରଧାନମନ୍ତ୍ରୀ।



ଆହତଙ୍କୁ ଚିକିତ୍ସାଳୟ ନିଆଯାଉଛି।


ପଶ୍ଚିମବଙ୍ଗର ଆହତ ଯାତ୍ରୀ।


ଜଣେ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।


ଗୁରୁତର ଯାତ୍ରୀଙ୍କୁ କଟକ ବଡ଼ମେଡିକାଲ ଭିତରକୁ ନିଆଯାଉଛି।


ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଡାକ୍ତରୀ ଛାତ୍ରମାନେ ଆହତଙ୍କ ଚିକିତ୍ସା ଲାଗି ଅପେକ୍ଷାରତ।


ଅଘଟଣ ପରେ ସମ୍ପୃକ୍ତ ଅଞ୍ଚଳ ଲୋକାରଣ୍ୟ।

## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲ କାଟିବା ଅଭିଯୋଗ, ଜଣେ କୋର୍ଟ ଚାଲାଣ

**କୋକସରା,୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଦକ୍ଷିଣ ବନାଞ୍ଚଳ ଅଧୀନ ଧର୍ମଗଡ ରେଞ୍ଜ ଆମପାଣି ଫରେଷ୍ଟ ସେକ୍ସନ କୁଟରୁ ବିଟର ପ୍ରାୟ ୫ ଏକର ଜଙ୍ଗଲ କାଟିବା ଅଭିଯୋଗରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁର ଜିଲା ମୈଦଲପୁର ଥାନା ଅଞ୍ଚଳର ମଙ୍ଗଟିଆ ହରିଜନ (୪୦)। ଶୁକ୍ରବାର ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ନେତୃତ୍ୱରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜଙ୍ଗଲ କାଟୁଥିବା ବେଳେ ଫରେଷ୍ଟ ଟିମ ଚଡାଉ କରି ମଙ୍ଗଟିଆଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ସହ ଫରେଷ୍ଟ ଗାର୍ଡ ମହେଶ ମହାପାତ୍ର, ରାଜେନ୍ଦ୍ର ନାଏକ, ଗାୟତ୍ରୀ ନାଏକ ଓ ପାରା ଫରେଷ୍ଟ କର୍ମଚାରୀ ସାମିଲ ଥିଲେ। ଧର୍ମଗଡ ରେଞ୍ଜରେ ଏକ ମାମଲା (ନଂ.୨୯/୨୩) ରୁଜୁ ହୋଇଥିବା ଫରେଷ୍ଟର ସୂଚନା ଦେଇଛନ୍ତି।

### ମୋ ଘର ପାଇଁ ପ୍ରଶିକ୍ଷଣ, ସଚେତନତା ଶିବିର

**କୋକସରା,୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ମୋ ଘର ପାଇଁ ଭିଏଲଇ ପ୍ରଶିକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ୫-ଟି ଯୋଜନାରେ ମୋ ଘର ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନାରେ କେମିତି ଯୋଗ୍ୟ ହିତାଧିକାରୀ ଘର ପାଇବେ, ଋଣ କେମିତି ପାଇବେ, କେତେ ସବସିଡି ପାଇବେ ସେ ନେଇ ଭିଏଲଇଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କର୍ମଶାଳାରେ ଜିଲା ଇ ଗଭରମେଣ୍ଟ ମ୍ୟାନେଜର ସଞ୍ଜୀବ କୁମାର ଚୌଧୁରୀ, ଜିଲା ମୋ ସେବା କେନ୍ଦ୍ର ପରିଚାଳକ ସ୍ୱାଗତ ରଞ୍ଜନ ସାହୁ ଯୋଗଦେଇ ବ୍ଲକରେ କାର୍ଯ୍ୟରତ ଭିଏଲଇମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। କର୍ମଶାଳାରେ ବ୍ଲକ ଭିଏଲଇ ଶରତ କୁମାର ଦାସ, ରୋହିତ କୁମାର ଗୋପାଳ, ଗୋରେଖ ନାଏକ, ନାରାୟଣ ନାଏକ, ଅର୍ଜୁନ ମାଝି, ବିକ୍ରମ ନାଏକ, ଖୁଶିରାମ ଦାସ, ମାନସ ରଞ୍ଜନ ସିଂ, ଅଜୟ କୁମାର ଯାଦବ, କାଳିକୃଷ୍ଣ ସିଂ, ସୁରେନ୍ଦ୍ର ଯୋଶୀ, ଅନିତା ଗୋପାଳ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ।

### ଖଡ଼ିଆଳ ଅଞ୍ଚଳରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ

**ଖଡ଼ିଆଳ,୩।୬(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଅଞ୍ଚଳରେ ତାତି ବଢ଼ିବାକୁ ଲାଗିଛି। ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଖଡ଼ିଆଳର କିଛି ଅଞ୍ଚଳରେ ୪୨ ଡିଗ୍ରୀରୁ ଅଧିକ ତାପମାନ ରହିଛି। ଫଳରେ ସହରର ଦୋକାନ ବଜାର ସକାଳ ୧୦ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ରହୁଛି। ରାସ୍ତା ଘାଟ ଶୁନସାନ ରହୁଛି। ଗରମରୁ ରକ୍ଷା ପାଇବା ପାଇଁ ଲୋକେ ଥଣ୍ଡା ପାନୀୟ, ବରଫ ତଥା ଥଣ୍ଡା ଫଳ ଜାତୀୟ ଜିନିଷର ଚାହିଦା ବଢ଼ିଛି। ହେଲେ ପ୍ରଶାସନ ପକ୍ଷରୁ ସେମିତି କିଛି ଜଳଛତ୍ରର ଠିକ ବ୍ୟବସ୍ଥା ନ ଥିବା ଯୋଗୁ ଲୋକେ ହଇରାଣ ହେଉଥିବା ନଜରକୁ ଆସିଛି। ଗତ ବର୍ଷରେ ଯେମିତି ପଞ୍ଚାୟତ ଓ ଏନଏସି ପକ୍ଷରୁ ଜଳଛତ୍ରର ବ୍ୟବସ୍ଥା ଥିଲା ଚଳିତବର୍ଷ କମ ଜଳଛତ୍ର ଖୋଲା ଯାଇଥିବା ନଜରକୁ ଆସିଛି। ଅନ୍ୟପକ୍ଷରେ ତାତି ବଢିଚାଲିଥିବା ବେଳେ ଘନଘନ ବିଜୁଳି କାଟ ତାତିକୁ ଦ୍ୱିଗୁଣିତ କରୁଛି।

### ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା,୩।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ୩୭ ବର୍ଷ ଧରି କ୍ରୀଡ଼ା ସେବାରେ ଥିବା ନିରୀକ୍ଷକ ପଣ୍ଡା ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍କାଉଟ୍ ଓ ଗାଇଡ୍ ତଥା ଜୁନିୟର ରେଡକ୍ରସ କ୍ଷେତ୍ରରେ ଜିଲା ଶିକ୍ଷା ବିଭାଗକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ। ସେ ସ୍କୁଲ ଛାତ୍ରଙ୍କୁ ଫୁଟବଲ ଖେଳରେ ଜାତୀୟସ୍ତର ଯାଏଁ ପହଞ୍ଚାଇ ଥିବା ବେଳେ ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାରେ ଆବାହକ ଦାୟିତ୍ୱ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ୨୦୧୭ରେ ଜୁନିୟର ରେଡକ୍ରସ ଓ ୨୦୨୧ ଓ ୨୦୨୨ରେ କ୍ରମାଗତ ଭାବେ ଦୁଇବର୍ଷ ଧରି ସ୍କାଉଟ୍ ଓ ଗାଇଡରେ ରାଜ୍ୟର ଶ୍ରେଷ୍ଠ ଜିଲା ଭାବେ କଳାହାଣ୍ଡି ରାଜ୍ୟପାଳ ପୁରସ୍କାର ପାଇବାରେ ତାଙ୍କର ଭୂମିକା ଅନାସ୍ୱୀକାର୍ଯ୍ୟ। ସ୍ଥାନୀୟ ଜିଲା ଶିକ୍ଷା କାର୍ଯ୍ୟାଳୟରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ସେକ୍ସନ ଅଫିସର ଟଙ୍କଧର ସାହୁ, ବରିଷ୍ଠ ଅମଲା ଜିତେନ୍ଦ୍ର ମୁଣ୍ଡ, ଶଗଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁ, ବୋର୍ଡା ହାଇସ୍କୁଲ ପ୍ରଧାନଙ୍କ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ବୋଣ୍ଡୋଗୁଡ଼ା ରତ୍ନପଥର ଖଣି ଉପରେ ମାଫିଆଙ୍କ ଦୃଷ୍ଟି

**ଭବାନୀପାଟଣା,୩।୬(ସ୍ୱ.ପ୍ର.)**

- ଚାଲିଛି ବେଆଇନ ଖୁଲମଖୁଲା ରତ୍ନପଥର ଖନନ
- ଖଣିଜ ବିଭାଗ, ପୋଲିସ ପ୍ରଶାସନ କିମ୍ବା ପ୍ରଶାସନ ପାଖରେ ତଥ୍ୟ ନାହିଁ
- ପ୍ରକ୍ରିୟାକରଣ ନ ଥିବା ଯୋଗୁ ଲୋକେ ଦାଦନ ମୁହାଁ

କଳାହାଣ୍ଡି ଜିଲାର ଅନ୍ତର୍ଜାତିକ ବୋଣ୍ଡୋଗୁଡା ରତ୍ନପଥର ଖଣି ମାଫିଆଙ୍କ ଦୃଷ୍ଟି ପଡିଛି। ଜିଲାରେ କୋଟି କୋଟି ଟଙ୍କାର ରତ୍ନପଥର ଥିବା ବେଳେ ପ୍ରକ୍ରିୟାକରଣ ନ ଥିବା ଯୋଗୁ ଲୋକେ ଦାଦନ ମୁହାଁ ହେବା ସାଧାରଣରେ ଉଦବେଗର ବିଷୟ ହୋଇଛି। ବୋଣ୍ଡୋଗୁଡା ରତ୍ନପଥର ଖଣିରେ ଦିନରେ ଚାଲିଛି ବେଆଇନ ରତ୍ନପଥର ଖନନ। ଟଙ୍କା ଲୋଭରେ ବିପଦଜନକ ଭାବେ ଶିଶୁଠାରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ ଲାଗିପଡିଛନ୍ତି। ଜୁନାଗଡ଼ରୁ ମାତ୍ର ୧୫ କି.ମି. ଦୂରରେ ରତ୍ନପଥର ଖନନ ଚାଲିଥିବା ବେଳେ ନା ଅଛି ଖଣିଜ ବିଭାଗ ପଖରେ ଖବର ନା ପୋଲିସ ପ୍ରଶାସନ କିମ୍ବା ପ୍ରଶାସନ ପାଖରେ ତଥ୍ୟ। ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ କର୍ଲାପାଟ ଅଭୟାରଣ୍ୟ ଜୁନାଗଡ଼ ଓ ଭବାନୀପାଟଣା ରେଞ୍ଜ ଅଧୀନରେ ରହିଛି। ଚାରି ଦଶନ୍ଧି ଧରି ହଜାର ହଜାର କୋଟିର ମୂଲ୍ୟବାନ ରତ୍ନପଥର ସମ୍ପୃକ୍ତ ଅଞ୍ଚଳକୁ ଅନ୍ତର୍ଜାତିକ ଖଣି ମାଫିଆଙ୍କ ଦ୍ୱାରା କଣ୍ଟାବାଞ୍ଜି ଦେଇ ସୁରଟ ଓ ରାଜସ୍ଥାନକୁ ଚୋରାଚାଲାଣ ହେଉଛି। ଏଥିରେ ରତ୍ନପଥର ମାଫିଆମାନେ, ସୁରତ ଓ ରାଜସ୍ଥାନର ଲୋକେ ଲାଭବାନ ହେଉଥିବା ବେଳେ କଳାହାଣ୍ଡି ଜିଲା ତଥା ସ୍ଥାନୀୟ ଅଞ୍ଚଳର ଲୋକେ ଦାଦନମୁହାଁ ହେଉଛନ୍ତି। ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଗେଣ୍ଡୋଗୁଡା, ଜିଲିଙ୍ଗଦର, ରବଣଡ଼ଙ୍ଗର, ଲାଇନ ଡ଼ଙ୍ଗର, ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଲାବଣ୍ୟସର, ଓଲବାହାଲି, କାଶୀପଦର, କେନ୍ଦୁକୁପଲା, କୁନକୁତା, ଭାଲୁଚୁଆଁ, ମାକର ଚୁଆଁ, ଉଡ଼ରୁଙ୍ଗ, ଓଲମା, ବାନ୍ଧନଡ଼ଙ୍ଗର ତଥା ଥୁଆମୂଳ ରାମପୁର ବ୍ଲକର କିଛି ଅଞ୍ଚଳରେ କ୍ୱାର୍ଟସାଇଜ, ନିଲମ, ମାଣିକ୍ୟ, ମୁନଷ୍ଟନ, ରୁବି, ପନ୍ନା ଆଦି ମୂଲ୍ୟବାନ ରତ୍ନପଥର ଚୋରାରେ ଖନନ ହେଉଥିବା ଅଭିଯୋଗ ହେଉଛି। ଜୁନାଗଡ଼ ଅଞ୍ଚଳର ହିଂଜିଲିବାହାଲି ଓ ଜିଲିଙ୍ଗଦର ରତ୍ନପଥର ଖଣିକୁ ଗତ ୩୦ ବର୍ଷ ଟିକେ ଓ ଏମସି କମ୍ପାନୀ ଖଣି ଖନନ କରୁଥିଲା। ପରେ ଜେମକୋ ନାମକ ଏକ କମ୍ପାନୀ ଖଣି ଖନନ ଦାୟିତ୍ୱ ନେଇଥିଲା। ବର୍ତ୍ତମାନ ସମସ୍ତ ଖଣି ଖନନ ବନ୍ଦ ଅଛି ଏବଂ ଏହାର ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି। ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଆଦି ଅଞ୍ଚଳରେ ଚୋରାରେ ଖଣି ଖଦାନ ଖୋଲା ଅଛି ଯାଇଥିଲେ ହେଁ ବିଭାଗ ନିରବଦ୍ରଷ୍ଟା ସାଜିଛି। ଅନ୍ୟପକ୍ଷରେ ସମସ୍ତ ଖଣି ଖାଦାନର ସୁରକ୍ଷା ରାଜ୍ୟ ସରକାରଙ୍କ ହାତରେ ଥିବା ବେଳେ କିଭଳି ରତ୍ନପଥର ଚୋରାରେ ଚାଲାଣ ହେଉଛି ତାହାର ଏକ ଭିଜିଲାନ୍ସସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏହି ଅଞ୍ଚଳରେ ମିଳୁଥିବା ରତ୍ନପଥରକୁ ଯୋଜନାବଦ୍ଧ ଭାବେ ପ୍ରକ୍ରିୟାକରଣ କଲେ ଏଠିକାର ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ହୋଇପାରନ୍ତା। ରାଜନେତା, ଉଦାସୀନତା ପ୍ରଶାସନ ଓ ତଥାକଥିତ ବୁଦ୍ଧିଜୀବୀ ଏକ ସୁପରିକଳ୍ପିତ ଯୋଜନା ମାଧ୍ୟମରେ ଏହାକୁ ଗୁରୁତ୍ୱ ସହ ସୁବିଚାର କରି ଉପଯୁକ୍ତ ପଦକ୍ଷେପ ନେଲେ ସାମଗ୍ରିକ ବିକାଶ ହୋଇପାରନ୍ତା ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହୋଇଛି।


ପଥର ଖନନରେ ବ୍ୟସ୍ତ ସ୍ଥାନୀୟ ଲୋକ।

# ଜାପାନରେ ଚମକିଲା ଘୁମୁରାନୃତ୍ୟ


ଜାପାନର ଟୋକିଓଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡିର କଳାକାର।

**ଭବାନୀପାଟଣା,୩।୬(ସ୍ୱ.ପ୍ର.)**

**ବିଶ୍ୱ ଦେଖିଲା କଳାହାଣ୍ଡିର ଲୋକକଳା**

ବିଶ୍ୱ ଦେଖିଲା କଳାହାଣ୍ଡିର ଲୋକ କଳା। ଘୁଡ଼କା, ବଜାଶାଳ, ଢାପ, ଘୁମୁରାରେ କମ୍ପିଲା ଜାପାନର ଟୋକିଓ ସହର। ଜାପାନରେ ପ୍ରଦର୍ଶିତ ହେଲା କଳାହାଣ୍ଡିର ଲୋକ ସଂସ୍କୃତି ଓ ପରମ୍ପରା। ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାର କଳା ସଂସ୍କୃତି ବେଶ ନିଆରା। ସେ ବଜାଶାଳ ବାଦ୍ୟର କଥା ହେଉ କି ବିରବାଦ୍ୟ ଘୁମୁରା ସବୁଥିରେ ଭରି ରହିଛି ସଂସ୍କୃତି ଓ ପରମ୍ପରା। ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ଏକ ୧୧ ଜଣିଆ ସାଂସ୍କୃତିକ ଦଳ ଜାପାନ ଗସ୍ତରେ ଯାଇଛନ୍ତି। ଟୋକିଓରେ ଥିବା ଭାରତୀୟ ଦୂତାବାସରେ ଭାରତର ଜି-୨୦ କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତୀୟ ଲୋକନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଘୁଡ଼କା, ବଜାଶାଲ, ଢାପ, ଘୁମୁରା ଓ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜାପାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସି.ବି. ଜର୍ଜ ଓ ଭାରତୀୟ ସାଂସ୍କୃତିକ ପରିଷଦର ନିର୍ଦ୍ଦେଶକ କନୀକା ଅଗ୍ରୱାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୁଶାନ୍ତ ସିଂ, ପ୍ରଦୀପ ସିଂ, ବିଷ୍ଣୁ ପ୍ରଧାନ, କ୍ଷୀରସିନ୍ଧୁ ନାଏକ, ଧୀରେନ୍ଦ୍ର ପୋଡ଼, ଟିଙ୍କୁ ମାଝି, ଆଶ୍ୱାସନା ପଟ୍ଟନାୟକ, ନିହାରିକା ନାଏକ, ସତାବ୍ଦୀ ନାଏକ, ପାୟଲ ବେହେରା ପ୍ରମୁଖ ସାମିଲ ଥିଲେ। ରବିବାର ଏହି ଟିମ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି।

# ନଦୀଘାଟରୁ ଖୋଲାଖୋଲି ବାଲି ଚାଲାଣ

**ଖଡ଼ିଆଳ,୩।୬(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକରେ ୧୧ଟି ନଦୀ ବାଲିଘାଟ ଅଛି। ତୋର୍ଲି, ବିଛନାପାଲି ନମ୍ବର ୧, କିକିରିବେଡା ନିଲାମ ହୋଇଛି। ବିଛନାପାଲି ନମ୍ବର ୨, ବଡଦୋହେଲ, ଗୋଡଧୁଆ ପଦର, ଭୁଲିଆସିକୁଆ, ଖୁଦପେଜ, ଚାନ୍ଦଗିରି, ଅରେଡା, କୁଶମାଲ ବାଲିଘାଟ ବର୍ତ୍ତମାନ ପର୍ଯ୍ୟନ୍ତ ନିଲାମ ହୋଇ ନ ଥିବା ବିଭାଗ ପକ୍ଷରୁ ଜଣାଯାଇଛି। ପ୍ରତ୍ୟେକ ବାଲିଘାଟ ୩ବର୍ଷରେ ଥରେ ନିଲମ ହେବା ନିୟମ ଅଛି। ୨୦୨୩ ବର୍ଷ ପାଇଁ ମାର୍ଚ୍ଚରେ ନିଲାମ ଶେଷ ହେବା ନିୟମ ଅଛି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଅସହଯୋଗ ଯୋଗୁ ୮ଟି ନଦୀ ବାଲିଘାଟ ନିଲାମ ହୋଇନାହିଁ। ଫଳରେ ବର୍ତ୍ତମାନ ନଦୀ ବାଲିଘାଟ ରାଜସ୍ୱ ବିଭାଗ ଅଧୀନରେ ରହିଛି। ଅସାଧୁ ରାଜସ୍ୱ କର୍ମଚାରୀମାନଙ୍କ ଲାଭଖୋର ମନୋଭାବ ଯୋଗୁ ଖଡ଼ିଆଳ ବ୍ଲକରେ ନିଲାମ ହୋଇ ନ ଥିବା ବାଲିଘାଟରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ଅଧିକାରୀ ମାଲମାଲ ହେଉଥିବା ନଜରକୁ ଆସିଛି। ସରକାରୀ ନିୟମ ଅନୁଯାୟୀ ଏହି ବାଲିଘାଟଗୁଡିକରୁ ଏକ ଟ୍ରିପ ବାଲି ମଧ୍ୟ ଉଠି ପାରିବ ନାହିଁ। କିନ୍ତୁ ଗତ କିଛି ମାସ ହେବ ଏହି ବାଲିଘାଟଗୁଡିକରୁ ଦୈନିକ ଶହ ଶହ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଛି। କିନ୍ତୁ ଖଡ଼ିଆଳ ରାଜସ୍ୱ (ତହସିଲ) ବିଭାଗ ଚୁପ ରହି ବସିଛି। ବାଲିଘାଟଠାରୁ ଅନତି ଦୂରରେ ଡୁଆଝର, ଡୁକୁଲା, ବିରିଘାଟ, ବରଗାଁ, ଭୁଲିଆସିକୁଆ, ବାଦୀ, ଚିନ୍ଦାଗୁଡା ଓ ଖଡ଼ିଆଳ ରାଜସ୍ୱ ଅଧିକାରୀମାନଙ୍କ କାର୍ଯ୍ୟାଳୟ ଅଛି। ହେଲେ ସେମାନଙ୍କ ସାମନାରେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ହେଲେ ରାଜସ୍ୱ ବିଭାଗ ଚୁପ ରହିବା ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଏହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଖଡ଼ିଆଳ ଅତିରିକ୍ତ ତହସିଲଦାର ଜୟସେନ ଧରୁଆଙ୍କୁ ଅବଗତ କରିବାରୁ ବାଲି ଚୋରା ଚାଲାଣ ରୋକିବାକୁ ଗୋଟିଏ କମିଟି ଗଠନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ପ୍ରକାଶ କରିଥିଲେ।


ଟ୍ରାକ୍ଟର ଯୋଗେ ନଦୀ ଘାଟରୁ ବାଲି ଚାଲାଣ ହେଉଛି।

### ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୩।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ନାଥ ପତିଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘ ପକ୍ଷରୁ ସଭାପତି ଜୟନ୍ତ ପ୍ରଧାନୀଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଅଲେଖ ସାହୁ, ବ୍ଲକ ସଂପାଦକ ସନୁଧର ନାଗ ସମେତ ମିତ୍ରବାଦି ମଲ୍ଲିକ, ଜୟାନନ୍ଦ ଭୋଇ, ସୁରେଶ କ୍ଷେତ୍ରୀ, ଡୋଲାନନ୍ଦ ଚଲାନ, ଜୟକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ଖଡ଼ିଆଳ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମୋତିଲାଲ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ଖଡ଼ିଆଳ ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଖଡ଼ିଆଳ ବିଆରସିସି ବୋଲଧର ନାଗ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଜୟଦେବ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ପ୍ରଶାନ୍ତ ପଣ୍ଡା, ଜୋର୍ଡାନ ଜେ ସାମୁଏଲ, କ୍ଷୀରୋଦ ଗହୀର, ସଞ୍ଜୟ ପଣ୍ଡା, ପ୍ରକାଶ ଠାକୁର, ଓମ ପ୍ରକାଶ ଚଳାନ, ପୁରୁଷୋତ୍ତମ ସଗରିଆ, ଗୋଷ୍ଠି ଶିକ୍ଷା ବିଭାଗ କର୍ମଚାରୀ ମେଘନାଦ ମେହେର, ଆଶିଷ ବାରିକ, ଗୋପାଳକୃଷ୍ଣ ମେହେର, ମନୋଜ କୁମାର ପାଣିଗ୍ରାହୀ, ଗିରିଧାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ପ୍ରକାଶ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ଟେବୁଲ୍ ଟପ୍ ଏକ୍ସରସାଇଜ ବୈଠକ


ବୈଠକରେ ଆଲୋଚନା କରାଯାଉଛି।

**ଭବାନୀପାଟଣା,୩।୬(ସ୍ୱ.ପ୍ର.)**

**ଏନ୍‌ଡିଆର୍‌ଏଫ୍‌ର ଯୋଗଦାନ, ପ୍ରଦର୍ଶନ**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ବନ୍ୟା ପ୍ରଭାବିତ ଅଞ୍ଚଳରେ ଜଳରୁ ଉଦ୍ଧାର ନିମନ୍ତେ ଟେବୁଲ୍ ଟପ୍ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ୍ୟା/ବାତ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟ ଓ ପରେ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। କଟକ ମୁଣ୍ଡଳୀରୁ ଆସିଥିବା ଏନ୍‌ଡିଆରଏଫ୍ ଇନ୍ସପେକ୍ଟର ଉଦିତ କୁମାର ଦିକ୍ଷିତ ବନ୍ୟା ସମୟରେ ନିରାପଦ ଉଚ୍ଚ ସ୍ଥାନକୁ ଯିବା, ପ୍ରାଥମିକ ଚିକିତ୍ସା ଉପକରଣ, ଆବଶ୍ୟକ ଖାଦ୍ୟର ବ୍ୟବସ୍ଥା, ଜରୁରୀକାଳୀନ ଆଲୋକ, ପିଇବା ପାଣି ଉପରେ ସମ୍ୟକ୍ ସୂଚନା ଦେବା ସହ ବନ୍ୟାଜଳରୁ କିଭଳି ମୂଲ୍ୟବାନ ଜୀବନ ତଥା ପଶୁସମ୍ପଦ ବଞ୍ଚାଯାଇ ପାରିବ ତାଉପରେ କହିଥିଲେ। ଶନିବାର ଅପରାହ୍ନରେ ସ୍ଥାନୀୟ ଭଟାଙ୍ଗପଦର ଏମଆଇ ପ୍ରକଳ୍ପରେ ଏ ସମ୍ବଧୀୟ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଛି। ବୈଠକରେ ଅନ୍ୟ ଏନ୍‌ଡିଆର୍‌ଏଫ୍ ଅଧିକାରୀ ବାହାଦୁର ସିଂ ରେଧୁ, ଶରତ ଚନ୍ଦ୍ର ମଲ୍ଲିକ, କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହାଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଯୋଗଦେଇ ଥିଲେ।

### ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ବୈଠକ

**କର୍ଲାମୁଣ୍ଡା,୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆତ୍ମା ସଭାଗୃହଠାରେ ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧ୍ୟକ୍ଷ ଗୌର କିଶୋର ରଣାଙ୍କ ଅଧ୍ୟକ୍ଷତାରେ କର୍ଲାମୁଣ୍ଡା ଆତ୍ମା ଆବାହକ ଦାୟିତ୍ୱରେ ମ. ରାମପୁର ବ୍ଲକ ଏଏଓ ଜ୍ଞାନେଶ୍ୱରୀ ବିନ୍ଧାଣି, ଏଫଇଓ ଶକ୍ତିକାନ୍ତ ବେହେରା, ଉଦ୍ୟାନ ବିଭାଗ ଓଭରସିଅର ପୂର୍ଣ୍ଣଚନ୍ଦ୍ର ମେହେର, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଏଟିଏମ୍ ଶ୍ୟାମପଦ ଭଞ୍ଜ, ମିଲ୍ଲନ କୁମାର ଗୋଛାୟତ, ଓଁମପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଗକୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ପରାମର୍ଶ କମିଟି ସଭ୍ୟ ପ୍ରଦୀପ କୁମାର ସାହୁ, ନନ୍ଦି କିଶୋର ଭୋଇ, ଦୟା ମାଝି, ପ୍ରମୋଦ ସାହୁ, ଚନ୍ଦ୍ର ଭାନୁ ସାହୁ, ପ୍ରତିମା ସାହୁ, ଅବନ୍ତି ସାହୁ, କଳ୍ପ ସାହୁ ଉପସ୍ଥିତ ଥିଲେ।

# ସର୍ଗିଗୁଡ଼ା ୬ ପଡ଼ାରେ ନଳକୂପ ଖନନ

**କୋକସରା,୩।୬(ଡି.ଏନ.ଏ.)**

**ଜଳକଷ୍ଟ ଦୂର କଲେ ଜନପ୍ରତିନିଧି**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ସିଲିଗୁଡା ଗ୍ରାମ ୬ ପଡାର ଗ୍ରାମବାସୀ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପାଣି ମୁନ୍ଦାଏ ପାଇଁ ଢ଼ହଳ ବିକଳ ହେଉଥିଲେ। ଏ ନେଇ ପୂର୍ବରୁ ଅନେକ ଥର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ। ଜଳକଷ୍ଟ ନେଇ ଗତ ସପ୍ତାହରେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ଜଣାଇବା ପରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ତ୍ୱରିତ ପଦକ୍ଷେପ ନେଇ ସିଲିଗୁଡା ଗାଁର ସ୍କୁଲ ପଡା, ହରିଜନ ପଡା, ବଜାରପଡା, ଗୌନ୍ତିଆପଡା, ତେତେଲପଡା, ଚନ୍ଦନ ପଡାରେ ଗୋଟିଏ ଦିନରେ ୬ଟି ନଳକୂପ ଖନନ କରି ୬ ପଡ଼ାବାସୀଙ୍କ ଜଳକଷ୍ଟ ଦୂର କରିବା ସହ ଗ୍ରାମବାସୀଙ୍କ ମୁହଁରେ ହସ ଫୁଟାଇଛନ୍ତି। ଏହି ସମୟରେ ବ୍ଲକ ଉପାଧ୍ୟକ୍ଷଙ୍କ ସହ ଚୌଧୁରୀ ଦୁର୍ଗା, ଯତୀନ୍ଦ୍ର ମାଝି, ସଞ୍ଜୟ ସିଙ୍ଘଲ, ଅରୁଣ ଅଗ୍ରୱାଲ, ସନ୍ତୋଷ ଦାସ ସମେତ ଗ୍ରାମବାସୀ ଉପସ୍ଥିତ ରହି ଜନ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ନଳକୂପ ଖନନ ବେଳେ ଗ୍ରାମବାସୀଙ୍କ ସହ ଉପସ୍ଥିତ ଜନପ୍ରତିନିଧି।

# ମାଓବାଦୀ ପରିଚୟ ଦେଇ କରୁଥିଲେ ଡକାୟତି

**ନୂଆପଡ଼ା ଅଫିସ,୩।୬**

- ୬ ଆନ୍ତଃ ରାଜ୍ୟ ଡକାୟତ ଗିରଫ
- ଓଡ଼ିଶା, ଛତିଶଗଡ଼ରେ ଅନେକ ଘଟଣା ଘଟାଇଛନ୍ତି

ନୂଆପଡା ସଦର ବ୍ଲକ ଧରବନ୍ଧା ଥାନା ଆମାନାରା ଗାଁରେ ମାଓବାଦୀ ପରିଚୟ ଦେଇ ଡକାୟତି କରୁଥିବା ଅଭିଯୋଗରେ ୬ ଆନ୍ତଃ ରାଜ୍ୟ ଡକାୟତଙ୍କୁ ନୂଆପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖରିଆର ରୋଡ ବଜାରପଡା ସୁନୀଲ ଚନ୍ଦ୍ରକାର (୩୨), ରାୟପୁରର ଦୀପକ ରାୟ (୨୬), ଖଲାରୀ ଗାଁର ମୁକେଶ ଯାଦବ (୩୦), ଖଲାରୀର ମହାବୀର ଯାଦବ (୨୨), ଭୀମଖୋଜର ଓମ ପ୍ରକାଶ ବରିହା (୨୩) ଓ ଖମତରାଇର ବଜରଙ୍ଗୀ ଔରଫ ଅବିନାଶ ସିଂ (୨୪)। ସେମାନଙ୍କଠାରୁ ସିଜି୦୬ଜିଟି୪୯୪୩ ଏକ ବାଇକ୍, ଗୋଟେ କିପେଡ ମୋବାଇଲ ଫୋନ, ୨ଟି ଖଣ୍ଡା, ଗୋଟେ ଛୁରୀ, ଗୋଟେ ଭଙ୍ଗା ତାଲା, ଗୋଟେ ଆରି ପତି ଜବତ କରାଯାଇଛି ବୋଲି ଶନିବାର ସଦର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ଗତ ୩୦ରେ ଆମାନାରା ଗାଁର ମୋତିନବାଇ ସାହୁଙ୍କ ଦୋକାନ ଘର ଗ୍ରୀଲ ତାଲା କାଟି ଘରେ ପଶି ମାରଣା ଅସ୍ତ୍ର ଦେଖାଇ ଲାଲ ସାଲମ କହି ଏହି ଡକାୟତମାନେ ଭୟଭିତ କରି ଡକାୟତ ଉଦ୍ୟମ କରିଥିଲେ। ପରିବାର ଲୋକେ ଘେରି ଯିବାରୁ ସାଙ୍ଗରେ ଆଣିଥିବା ମାରଣା ଅସ୍ତ୍ର ସହ ଗାଡି, ମୋବାଇଲ ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ଧରମବନ୍ଧା ଥାନାରେ ମୋତିନ ବାଇ ସାହୁ, ସ୍ୱାମୀ ପିଲାରାମ ସାହୁ ଅଭିଯୋଗ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଜାରି ରଖିଥିଲା। ଏହି ଡକାୟତି ଦଳ ଖରିଆର ରୋଡ ସମେତ ଛତିଗଡ ରାୟପୁର ଓ ମହାସମୁଦ ଜିଲାର ଅଛନ୍ତି ବୋଲି ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଥିଲା। ଡକାୟତି ଦଳର ମାଷ୍ଟର ମାଇଣ୍ଡ ଖରିଆର ରୋଡ ବଜାର ପଡାର ସୁନୀଲ ଚନ୍ଦ୍ରକାରଙ୍କ ଘରେ ସବୁ ଯୋଜନା କରି ଓଡିଶା ସମେତ ଛତିଶଗଡରେ ଅନେକ ଘଟଣା ଘଟାଇ ଚାଲିଥିଲେ। ଏମାନଙ୍କ ନାମରେ ଛତିଶଗଡ ସମେତ ଖରିଆର ରୋଡ, ନୂଆପଡା, କୋମନା ଥାନାରେ ଅନେକ ମାମଲା ରହିଛି ବୋଲି ଏସ୍‌ପି ରାଘବେନ୍ଦ୍ର କହିଛନ୍ତି। ମାଷ୍ଟର ମାଇଣ୍ଡ ସୁନୀଲଙ୍କୁ କାବୁ କରିବା ପରେ ସମସ୍ତ ଡକାୟତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଏ ନେଇ ଧରବନ୍ଧା ଥାନାରେ ଅଣ୍ଡରସେକସନ ୪୫୭/୩୯୨/୩୪ରେ ଏକ ମାମଲା (ନଂ.୩୫/୨୩) ରୁଜୁ କରି ଅଧିକ ତଦନ୍ତ ଚାଲିଛି।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତ ଓ ପୋଲିସ ଅଧିକାରୀ।

## ସଂକ୍ଷେପରେ

### ନୃସିଂହନାଥ ଝରଣାରେ ବୁଡି ଯୁବକ ମୃତ

**ପାଇକମାଳ,୩।୬(ଡି.ଏନ.ଏ.):** ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ନୃସିଂହନାଥର ଭୀମଧାର ଝରଣାରେ ଶନିବାର ଗାଧୋଇବା ବେଳେ ବୁଡିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଚକୁଳି ଫାର୍ମର ଶ୍ରୀରାମ ବାସନ ସେଠି (୧୮)। ପାଇକମାଳ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଶ୍ରୀରାମ ସପରିବାର ନୃସିଂହନାଥ ବୁଲିବାକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ସେ ଭୀମଧାର ଝରଣାରେ ଅନ୍ୟ କେତେକ ଯୁବକଙ୍କ ସ୍ନାନ କରିବା ବଳେ ପଥର ସନ୍ଧିରେ ଫଶି ଯାଇଥିଲେ। ଖବର ପାଇ ପାଇକମାଳ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଶ୍ରୀରାମଙ୍କୁ ମୃତ ଘୋଷଣା କରିଥିଲେ। ଆଗକୁ ନିୟମ ମୁତାବକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ବଢେଇ କହିଛନ୍ତି।

### କଫ ସିରପ୍ ବୋଝେଇ କାର୍ ଜବତ

**ବରଗଡ଼ ଅଫିସ୍,୩।୬:** ବରଗଡ଼ ଟାଉନ ଥାନା ପୋଲିସ ଶନିବାର ୬୫୦ ବୋତଲ କଫ ସିରପ୍ ବୋଝେଇ ଏକ କାର୍‌କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। କଫ ସିରଫ ଚାଲାଣ ହେଉଥିବା ସୂଚନା ପାଇ ସହର ଉପକଣ୍ଠ ଓଭରବ୍ରିଜ ନିକଟରେ ଅଭିଯୁକ୍ତଙ୍କୁ ଧରିବା ସହ କଫ ସିରପ ବୋଝେଇ କାର୍‌କୁ ପୋଲିସ ଜବତ କରିଥିଲା।

### ସଂରକ୍ଷିତ ଜଙ୍ଗଲ କାଟିବା ଅଭିଯୋଗ, ଜଣେ କୋର୍ଟ ଚାଲାଣ

**କୋକସରା,୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଦକ୍ଷିଣ ବନାଞ୍ଚଳ ଅଧୀନ ଧର୍ମଗଡ ରେଞ୍ଜ ଆମପାଣି ଫରେଷ୍ଟ ସେକ୍ସନ କୁଟରୁ ବିଟର ପ୍ରାୟ ୫ ଏକର ଜଙ୍ଗଲ କାଟିବା ଅଭିଯୋଗରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁର ଜିଲା ମୈଦଲପୁର ଥାନା ଅଞ୍ଚଳର ମଙ୍ଗଟିଆ ହରିଜନ (୪୦)। ଶୁକ୍ରବାର ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ନେତୃତ୍ୱରେ ସଂରକ୍ଷିତ ଜଙ୍ଗଲ ମଧରେ ଜଙ୍ଗଲ କାଟୁଥିବା ବେଳେ ଫରେଷ୍ଟ ଟିମ ଚଡାଉ କରି ମଙ୍ଗଟିଆଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ସହ ଫରେଷ୍ଟ ଗାର୍ଡ ମହେଶ ମହାପାତ୍ର, ରାଜେନ୍ଦ୍ର ନାଏକ, ଗାୟତ୍ରୀ ନାଏକ ଓ ପାରା ଫରେଷ୍ଟ କର୍ମଚାରୀ ସାମିଲ ଥିଲେ।

### ମୋ ଘର ପାଇଁ ପ୍ରଶିକ୍ଷଣ, ସଚେତନତା ଶିବିର

**କୋକସରା,୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ମୋ ଘର ପାଇଁ ଭିଏଲଇ ପ୍ରଶିକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ୫-ଟି ଯୋଜନାରେ ମୋ ଘର ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନାରେ କେମିତି ଯୋଗ୍ୟ ହିତାଧିକାରୀ ଘର ପାଇବେ, ଋଣ କେମିତି ପାଇବେ, କେତେ ସବସିଡି ପାଇବେ ସେ ନେଇ ଭିଏଲଇଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କର୍ମଶାଳାରେ ଜିଲା ଇ ଗଭରମେଣ୍ଟ ମ୍ୟାନେଜର ସଞ୍ଜୀବ କୁମାର ଚୌଧୁରୀ, ଜିଲା ମୋ ସେବା କେନ୍ଦ୍ର ପରିଚାଳକ ସ୍ୱାଗତ ରଞ୍ଜନ ସାହୁ ଯୋଗଦେଇ ବ୍ଲକରେ କାର୍ଯ୍ୟରତ ଭିଏଲଇମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

# ସହରରେ ସୁଧୁରୁନି ଟ୍ରାଫିକ ସମସ୍ୟା

- ରାସ୍ତାପାର୍ଶ୍ୱ ଜବରଦଖଲ ପ୍ରମୁଖ କାରଣ
- ଟ୍ରାଫିକ ଜାମ୍ ଯୋଗୁ ଲୋକେ ହଇରାଣ

**ବରଗଡ଼ ଅଫିସ୍,୩।୬**

ବରଗଡ଼ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହୋଇପଡୁଛି। ସହରର ଭଟଲି ଛକ, ଥାନା ଛକ, ଲେଙ୍ଗୁ ମିଶ୍ର-ଲମ୍ବା ବିଲ୍ଡିଂ ରାସ୍ତା, ଗାନ୍ଧୀ ଛକ, ଗୁରୁଦ୍ୱାରା ଛକ ଆଦି ସ୍ଥାନରେ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇପଡିଛି। ବିଭିନ୍ନ ସ୍ଥାନରେ ଟ୍ରାଫିକ ପୋଷ୍ଟ ଥିବାବେଳେ ପୋଲିସ ପଇଁତରା ମାରୁଥିଲେ ମଧ ତାହା ଧର୍ମକୁ ଆଖିଠାର ଭଳି ହୋଇଛି। ରାସ୍ତାକୁ ମାଡ଼ି ବସି ଜବରଦଖଲ, କୋଠାବାଡ଼ି ନିର୍ମାଣ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ସାଧାରଣରେ ଅଭିଯୋଗ ହୋଇଛି। ଅନ୍ୟପଟେ ଟ୍ରାଫିକ ସମସ୍ୟା ପାଇଁ ଲୋକେ ହଇରାଣ ହେଉଥିବାବେଳେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହେଉଛନ୍ତି ।


ବରଗଡ଼ ଭଟଲି ଛକରେ ଟ୍ରାଫିକଜାମ୍ ।

ଶନିବାର ରାତି ପ୍ରାୟ ୮ଟାରେ ସହରର ବ୍ୟସ୍ତବହୁଳ ଭଟଲି ଛକରେ ଏଭଳି ସମସ୍ୟା ଲାଗି ରହିଥିଲା। ଉକ୍ତ ଛକରୁ ଗୋଟିଏ ପଟେ ଲମ୍ବା ବିଲ୍ଡିଂ ଏବଂ ଅନ୍ୟପଟେ ଭଟଲି ପଟକୁ ରାସ୍ତା ଯାଇଥିବାବେଳେ ବାକି ଦୁଇ ଦିଗକୁ ବରଗଡ଼-ବଲାଙ୍ଗୀର ରାସ୍ତା ଲମ୍ବିଛି। ବ୍ୟସ୍ତବହୁଳ ଏହି ଛକରେ ଯୋଜନା ବିହୀନ ଭାବେ ବହୁ କୋଠାବାଡ଼ି, ଦୋକାନ, ବଜାର ଆଦି ପ୍ରତିଷ୍ଠାନ ନିର୍ମାଣ କରାଯାଇଥିବା ବେଳେ ସମ୍ମୁଖରେ ୨ଚକିଆ, ୪ଚକିଆ ଯାନଠାରୁ ଆରମ୍ଭ କରି ମାଲବାହୀ ଗାଡ଼ିଗୁଡ଼ିକ ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହୁଛି। ଏଠାରେ ଏକ ଟ୍ରାଫିକ ପୋଷ୍ଟ ରହିଛି। କିନ୍ତୁ ସେଠାରେ ଉପସ୍ଥିତ ଜଣେ, ୨ଜଣ ଟ୍ରାଫିକ କର୍ମଚାରୀଙ୍କ ପକ୍ଷରେ ଟ୍ରାଫିକ ନିୟନ୍ତ୍ରଣ ଅସମ୍ଭବ ହୋଇପଡୁଛି। ଶନିବାର ଏଭଳି ସ୍ଥିତି ଉପୁଜିଥିବାବେଳେ ଦୀର୍ଘ ସମୟ ଧରି ଲୋକଙ୍କୁ ସେଠାରେ ଅଟକିବାକୁ ପଡ଼ିଥିଲା। ସ୍ଥିତିରେ ସୁଧାର ଆଣିବା ପାଇଁ ଟ୍ରାଫିକ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନୟାନ୍ତ ହେବାକୁ ପଡ଼ିଥିଲା।

କେବଳ ସହରର ଭଟଲି ଛକ ନୁହେଁ, ଲେଙ୍ଗୁ ମିଶ୍ର ଛକରୁ ଲମ୍ବା ବିଲ୍ଡିଂ ରାସ୍ତା ମଧ୍ୟ ସଙ୍କୁଚିତ ହୋଇପଡ଼ିଛି। ରାସ୍ତା ଉପରେ ଯାନବାହନ ଗୁଡ଼ିକ ରଖାଯାଉଛି। ସେହିପରି ମାଲବାହୀ ଟ୍ରକ, ମିନିଟ୍ରକ ମଧ୍ୟ ରାସ୍ତା ଉପରେ ଦୀର୍ଘ ସମୟ ଧରି ଅଟକି ରହୁଥିବା ଯୋଗୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନୁରୂପ ଭାବେ ଘରୋଇ ବସଷ୍ଟାଣ୍ଡ ଛକର ଗୋଟିଏ ପଟେ ଭେଡ଼େନ ରାସ୍ତା ଏବଂ ଅନ୍ୟପଟେ କଟାପାଲି ରାସ୍ତା ରହିଥିବାବେଳେ ବାକି ଦୁଇ ଦିଗରେ ବରଗଡ଼-ସମ୍ବଲପୁର ଓ ବରଗଡ଼-ବଲାଙ୍ଗୀର ପଟକୁ ରାସ୍ତା ଲମ୍ବିଛି। ଫଳରେ ସେଠାରେ ମଧ୍ୟ ବିଭିନ୍ନ ସମୟରେ ଟ୍ରାଫିକ୍ ଜାମ୍ ହେଉଛି। କେତେକ ସ୍ଥାନରେ ୨ଥାକିଆ ରାସ୍ତା ହୋଇଛି। କିନ୍ତୁ ଛକସ୍ଥାନ ଗୁଡ଼ିକରେ ରାସ୍ତା ଜବରଦଖଲ ସହିତ ବିଭିନ୍ନ ପ୍ରତିଷ୍ଠାନ ଗଢ଼ି ଉଠିଥିବାରୁ ଏହି ସମସ୍ୟା ବଢିବାରେ ଲାଗିଛି। ସହରର ଏଭଳି ପ୍ରମୁଖ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ବୈଠକ

**କର୍ଲାମୁଣ୍ଡା,୩।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆତ୍ମା ସଭାଗୃହଠାରେ ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧ୍ୟକ୍ଷ ଗୌର କିଶୋର ରଣାଙ୍କ ଅଧ୍ୟକ୍ଷତାରେ କର୍ଲାମୁଣ୍ଡା ଆତ୍ମା ଆବାହକ ଦାୟିତ୍ୱରେ ମ. ରାମପୁର ବ୍ଲକ ଏଏଓ ଜ୍ଞାନେଶ୍ୱରୀ ବିନ୍ଧାଣି, ଏଫଇଓ ଶକ୍ତିକାନ୍ତ ବେହେରା, ଉଦ୍ୟାନ ବିଭାଗ ଓଭରସିଅର ପୂର୍ଣ୍ଣଚନ୍ଦ୍ର ମେହେର, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଏଟିଏମ୍ ଶ୍ୟାମପଦ ଭଞ୍ଜ, ମିଲନ କୁମାର ଗୋଛାୟତ, ଓଁମପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଗକୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ପରାମର୍ଶ କମିଟି ସଭ୍ୟ ପ୍ରଦୀପ କୁମାର ସାହୁ, ନନ୍ଦି କିଶୋର ଭୋଇ, ଦୟା ମାଝି, ପ୍ରମୋଦ ସାହୁ, ଚନ୍ଦ୍ର ଭାନୁ ସାହୁ, ପ୍ରତିମା ସାହୁ, ଅବନ୍ତି ସାହୁ, କଳ୍ପ ସାହୁ ଉପସ୍ଥିତ ଥିଲେ।

## ଭାଜପା ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାଗଣ।

**ବରପାଲି,୩।୬(ଡି.ଏନ୍.ଏ.)**

ବରପାଲି ଡାକବଙ୍ଗଳାଠାରେ ଭାଜପା ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ପଦ୍ମଲୋଚନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ୯ମ ବର୍ଷ ପୂର୍ତ୍ତି ଅବସରରେ ଦିଆଯାଇଥିବା ଦାୟିତ୍ୱକୁ ଗୁରୁତ୍ୱପୂର୍ଣ୍ଣ ଭାବେ ନିର୍ବାହ କରିବା, ବୁଥ ସ୍ତରରେ କାର୍ଯ୍ୟକର୍ତ୍ତା ସଂଗ୍ରହ କରାଯାଇ ବୁଥ୍ କମିଟି ଗଠନ କରିବା ସହ ସଙ୍ଗଠନକୁ ମଜବୁତ କରିବା ପାଇଁ ଆଲୋଚନା ହୋଇଥିଲା। ପରେ ମଣ୍ଡଳ କମିଟର ନୂତନ କାର୍ଯ୍ୟକର୍ତ୍ତା ଗଠନ କରାଯାଇଥିଲା। ଏଥିରେ ପଦ୍ମଲୋଚନ ସାହୁ ସଭାପତି ରହିଥିବା ବେଳେ ଉପସଭାପତି ଭାବେ ସୁଦର୍ଶନ ସୁନା, ଘନଶ୍ୟାମ ମେହେର, ବବିତା ଦାଶ, ରଜନୀ ମେହେର, ଦିଆଲୁ ସାହୁ, ସମ୍ପାଦକ ଗୁଣନିଧି ମେହେର, ସହ ସମ୍ପାଦକ ସ୍ୱାତ୍ରୀ ପଣ୍ଡା, ବିନୋଦ ନାଗ, ଶ୍ୟାମ ଶ୍ରୀବସ୍ତା, ଖଗେଶ୍ୱର ବେହେରା,ସନ୍ତୋଷ ଗୁପ୍ତା,ମଧୁସ୍ମିତା ଦାଶ, ମନୋରଞ୍ଜନ ବାରିକ, କୋଷାଧ୍ୟକ୍ଷ ଅଜିତ ଦାଶ, ଯୁବମୋର୍ଚ୍ଚା ସଭାପତି ଜଗା ମେହେର, ସମ୍ପାଦକ ପ୍ରଶାନ୍ତ ମହାନନ୍ଦ, ମହିଳା ମୋର୍ଚ୍ଚା ସଭାପତି ବନ୍ଦନା ବେହେରା, ସମ୍ପାଦିକା ସବିତା ପଧାନ, ଓବିସି ମୋର୍ଚ୍ଚା ସଭାପତି ଉମାକାନ୍ତ ରଣା, କୃଷକ ମୋର୍ଚ୍ଚା ସଭାପତି ରାଧାକୃଷ୍ଣ ଥଇତ,ଏସ୍‌ଟି ମୋର୍ଚ୍ଚା ସଭାପତି ଶ୍ୟାମ କୁମ୍ଭାର,ଏସ୍‌ସି ମୋର୍ଚ୍ଚା ସଭାପତି ସୁରୁ ବରିହାଙ୍କୁ ମନୋନିତ କରାଯାଇଥିଲା। ଏଥିସହ ସମସ୍ତ ୱାର୍ଡର ୭୦ଜଣଙ୍କୁ ସଭ୍ୟ କରାଯାଇଥିଲା। ବୈଠକରେ ଭାଜପା ସଙ୍ଗଠକ ସୁରେନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟ ଦୁର୍ଯ୍ୟୋଧନ ସାହୁ, ଆଗଲପୁର ମଣ୍ଡଳ ସଭାପତି ସୁଖଦେବ ପଧାନ, ସତଲମା ମଣ୍ଡଳ ସଭାପତି ଧୀରୋଜ ପଧାନଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ଜାପାନରେ ଚମକିଲା ଘୁମୁରା ନୃତ୍ୟ

**ଭବାନୀପାଟଣା,୩।୬(ସ୍ୱ.ପ୍ର.)**

ବିଶ୍ୱ ଦେଖିଲା କଳାହାଣ୍ଡିର ଲୋକ କଳା। ଘୁଡ଼କା, ବଜାଶାଳ, ଡାପ, ଘୁମୁରାରେ କମ୍ପିଲା ଜାପାନର ଟୋକିଓ ସହର। ଜାପାନରେ ପ୍ରଦର୍ଶିତ ହେଲା କଳାହାଣ୍ଡିର ଲୋକ ସଂସ୍କୃତି ଓ ପରମ୍ପରା। ଆଦିବାସୀ ଅଧୁଷିତ କଳାହାଣ୍ଡି ଜିଲାର କଳା ସଂସ୍କୃତି ବେଶ ନିଆରା। ସେ ବଜାଶାଳ ବାଦ୍ୟର କଥା ହେଉ କିବିରବାଦ୍ୟ ଘୁମୁରା ସବୁଥିରେ ଭରି ରହିଛି ସଂସ୍କୃତି ଓ ପରମ୍ପରା। ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ଏକ ୧୧ ଜଣିଆ ସାଂସ୍କୃତିକ ଦଳ ଜାପାନ ଗସ୍ତରେ ଯାଇଛନ୍ତି। ଟୋକିଓରେ ଥିବା ଭାରତୀୟ ଦୂତାବାସରେ ଭାରତର ଜି- ୨୦ କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତୀୟ ଲୋକନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଘୁଡ଼କା, ବଜାଶାଲ, ଡାପ, ଘୁମୁରା ଓ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜାପାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସି.ବି. ଜର୍ଜ ଓ ଭାରତୀୟ ସାଂସ୍କୃତିକ ପରିଷଦର ନିର୍ଦ୍ଦେଶକ କନୀକା ଅଗ୍ରୱାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୁଶାନ୍ତ ସିଂ, ପ୍ରଦୀପ ସିଂ, ବିଷ୍ଣୁ ପ୍ରଧାନ, କ୍ଷୀରସିନ୍ଧୁ ନାଏକ, ଧୀରେନ୍ଦ୍ର ପୋଡ଼, ଟିଙ୍କୁ ମାଝି, ଆଶ୍ୱାସନା ପଟ୍ଟନାୟକ, ନିହାରିକା ନାଏକ, ସତାବ୍ଦୀ ନାଏକ, ପାୟଲ ବେହେରା ପ୍ରମୁଖ ସାମିଲ ଥିଲେ। ରବିବାର ଏହି ଟିମ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି।


ଜାପାନର ଟୋକିଓଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡିର କଳାକାର।

## ଅଗ୍ନିକାଣ୍ଡ, ଫୁଟିଲା ଗ୍ୟାସ୍ ସିଲିଣ୍ଡର

**ବରଗଡ଼ ଅଫିସ୍,୩।୬**

ବରଗଡ଼-ଭଟଲି ରାସ୍ତାର ପ୍ରଧାନଟିକ୍ରା ନିକଟସ୍ଥ ଏକ ଟେଣ୍ଟ ହାଉସରେ ଶନିବାର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ଟେଣ୍ଟ ହାଉସ ଭିତରେ ରହିଥିବା ୫ ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା। ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ଏକ ବଡ଼ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା। ଅଗ୍ନିକାଣ୍ଡରେ ଟେଣ୍ଟ ହାଉସ ଭିତରେ ରହିଥିବା ସବୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଶର୍ଟ ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।


ଅଗ୍ନିକାଣ୍ଡରେ ଟେଣ୍ଟ ହାଉସ ଜଳୁଛି ।

## ରାସ୍ତା ପ୍ରଶସ୍ତୀକରଣ ଦାବିରେ ସ୍ମାରକପତ୍ର

**ବରଗଡ଼ ଅଫିସ୍,୩।୬**

ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରିବାକୁ ସ୍ଥାନୀୟ ସମଲେଶ୍ୱରୀ ସଂଘ ଦାବି କରିଛି। ଏହି ଦାବିରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝିଙ୍କ ଉଦ୍ଦେଶ୍ୟରେ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ସହରରେ ଦିନକୁ ଦିନ ଜନସଂଖ୍ୟା ବଢ଼ି ଚାଲିଛି। ତଦନୁସାରେ ରାସ୍ତା ଜବରଦଖଲ ମଧ୍ୟ ବୃଦ୍ଧି ପାଇଛି। ପୌର ପ୍ରଶାସନ ପକ୍ଷରୁ କେତେକ ସ୍ଥାନରେ ଜବରଦଖଲ ହଟାଯାଉଛି। ତେବେ ଏକଦା ଜାତୀୟ ରାଜପଥ ଥିବା ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ବ୍ରିଜ ରାସ୍ତା ଏବେ ସଙ୍କୁଚିତ ହୋଇ ପଡ଼ିଛି। ଫଳରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ନୂତନ ଜିରା ବ୍ରିଜ ନିର୍ମାଣ ଶେଷ ହୋଇଛି । ଫଳରେ ଏହି ରାସ୍ତାରେ ୨ଚକିଆଠାରୁ ଆରମ୍ଭ କରି ୧୬ଚକିଆ ଯାନ ଯାତାୟାତ କରିବ। ଏବେଠାରୁ ରାସ୍ତା ପ୍ରଶସ୍ତୀକରଣ କରା ନ ଗଲେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ବ୍ରିଜ୍ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବାକୁ ସମଲେଶ୍ୱରୀ ସଂଘ ଦାବି ସଭାପତି ସମୀର କୁମାର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ମହପାତ୍ର ପ୍ରମୁଖ ଦାବି କରିଛନ୍ତି।

## ରେଳ ଦୁର୍ଘଟଣା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୩।୬**

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କୁ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମ୍ବିଧାନ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନର ସଭ୍ୟାସଭ୍ୟ ଉପସ୍ଥିତ ରହି ମୃତକଙ୍କ ଉଦ୍ଦେଶ୍ୟରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନିରବ ପ୍ରାର୍ଥନା ମଧ୍ୟ କରାଯାଇଥିବା ବେଳେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ମଞ୍ଚର ଆବାହକ ପବିତ୍ର ଦେହେରୀ, ଶିବାନନ୍ଦ ମଟାରୀ, ରମେଶ ମହାପାତ୍ର, ଭବାନୀ ସାହୁ, ଅଲିମ ରିଜବୀ, ଦିଲୀପ ସାୱାଡ଼ିଆ, ବାସମତୀ ବନଛୋର, ଅବିନାଶ ବାଗ, ଜାନକୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ ପକ୍ଷରୁ ମୃତକଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ କରାଯାଇଛି। ସଂଘ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ ସହିତ ଆହତଙ୍କ ଆରୋଗ୍ୟ କାମନା କରାଯାଇଛି। ଏଭଳି ଏକ ଭୟଙ୍କର ପରିସ୍ଥିତିରେ ସ୍ଥାନୀୟ ଜନସାଧାରଣ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ରକ୍ତଦାନ କରି ମାନବିକତାର ପରିଚୟ ଦେବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୋଲି ସଂଘ ସଭାପତି ପ୍ରଦୀପ ଦେବତା କହିଛନ୍ତି ।

## ନାଭାଲ ଏନ୍‌ସିସି କ୍ୟାମ୍ପରେ ସଫଳତା


ନାଭାଲ ଏନ୍‌ସିସି କ୍ୟାମ୍ପରେ ଲରମ୍ଭା କଲେଜ ସିଟିଓ ଟ୍ରଫି ଗ୍ରହଣ କରୁଛନ୍ତି।

**ଅତାବିରା,୩।୬(ଡି.ଏନ.ଏ)**

ଭବାନୀପାଟଣାରେ ଅନୁଷ୍ଠିତ ଚତୁର୍ଥ ନାଭାଲ ଏନସିସି କ୍ୟାମ୍ପରେ ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜ ସଫଳତା ଅର୍ଜନ କରିଛି। ଓଡ଼ିଶା ନାଭାଲ ଏନ୍‌ସିସି ଦ୍ୱାରା ସେଠାକାର ବ୍ରଜମୋହନ ହାଇସ୍କୁଲରେ ଅନୁଷ୍ଠିତ ୧୦ଦିନିଆ ତାଲିମ ଶିବିରରେ ଲରମ୍ଭା କଲେଜର ସିଟିଓ ସରୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୩୦ଜଣ କ୍ୟାଡ଼େଟ୍ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପରିପ୍ରକାଶ ପାଇଁ ଲରମ୍ଭା କଲେଜକୁ ସର୍ବୋତ୍ତମ ଅନୁଷ୍ଠାନ ମାନ୍ୟତା ପ୍ରଦାନ କରାଯାଇଥିଲା। କମାଣ୍ଡର ସୁନୀଲ କୁମାର ବେହେରା ବାର୍ଷିକ ଟ୍ରେନିଂ କ୍ୟାମ୍ପକୁ ସମ୍ବୋଧିତ କରି ସମ୍ମାନ ସ୍ୱରୂପ ଟ୍ରଫି ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇ ସମସ୍ତ କ୍ୟାଡ଼େଟ୍‌କୁ କୃତଜ୍ଞତା ଜଣାଇଛନ୍ତି ।

## ବରଗଡ଼ ବୁଲ୍ସ, ଟାଇଟନ୍ସ ବିଜୟୀ

### ମହମ୍ମଦ ସଲିମ ପ୍ରିମିୟର ଲିଗ୍ କ୍ରିକେଟ

**ବରଗଡ଼ ଅଫିସ୍,୩।୬**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବ୍ଲୁ ଡାଇମଣ୍ଡ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହମ୍ମଦ ସଲିମ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ଼ ବୁଲ୍ସ ବିଜୟୀ ହୋଇଛି। ବରଗଡ଼ ବୁଲ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ବରଗଡ଼ ଲାୟନ୍ସ ଦଳକୁ ଆମନ୍ତ୍ରଣ କରିଥିଲା। ବରଗଡ଼ ଲାୟନ୍ସ ଦଳ ପ୍ରତିପକ୍ଷ ଦୁଇ ଓପନିଂ ମଧ୍ୟମ ଗତି ବୋଲରଙ୍କ ବୋଲିଂକୁ ଠିକ୍ ଭାବେ ସମ୍ମୁଖୀନ ହୋଇ ନ ପାରି ଗୋଟିଏ ପରେ ଗୋଟିଏ ଉଇକେଟ୍ ହରାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ମହମ୍ମଦ ଇଫ୍ତିକାରଙ୍କ ୪୫, ଅମରେନ୍ଦ୍ର ସିଂଙ୍କ ୧୪, ସନୋଷ ଶାହାଙ୍କ ୨୫, କାହ୍ନା ଅଗ୍ରୱାଲଙ୍କ ୨୧ରନ ସହାୟତାରେ ବରଗଡ଼ ଲାୟନ୍ସ ଦଳ ନିର୍ଦ୍ଧାରିତ ୨୦ଓଭରରେ ୭ଉଇକେଟ୍ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳର ଅମରଜିତ ସିଂ ୩୫ରନ ବିନିମୟରେ ୪, ସେକ୍ ହେୟାତ୍ ୩୫ରନ ବିନିମୟରେ ୨ ଏବଂ ଦେବବ୍ରତ ପ୍ରଧାନ ୧୬ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ବରଗଡ଼ ବୁଲ୍ସ ଦଳର ଅଜିତ ସ୍ୱାଇଁଙ୍କ ୫୫, ଘନଶ୍ୟାମ ମେହେରଙ୍କ ୨୬, ଭରତ ଚେତନ ପଣ୍ଡାଙ୍କ ୨୧ରନ ସହାୟତାରେ ୧୩ଓଭରରେ ୪ଉଇକେଟ୍ ହରାଇ ୧୪୪ରନ ସଂଗ୍ରହ ସହିତ ବିଜୟୀ ହୋଇଥିଲା। ପ୍ରତିପକ୍ଷ ଦଳର କୌସ୍ତୁଭ ମହର୍ଷି ୨୨ରନ ବିନିମୟରେ ୨, ଧରଣୀଧର ବାରିକ ୨୨ରନ ବିନିମୟରେ ଗୋଟିଏ, ରାକେଶ ରଞ୍ଜନ କିଶାନ ୧୦ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ ।

ସେହିପରି ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଟାଇଟନ୍ସ ଦଳ ପ୍ରତିପକ୍ଷ ବରଗଡ଼ ଜାଗୁଆର ଦଳକୁ ହରାଇ ବିଜୟୀ ହୋଇଥିଲା। ବରଗଡ଼ ଟାଇଟନ୍ସ ଟସ୍ ଜିତି ବ୍ୟାଟିଂ ପାଇଁ ପ୍ରତିପକ୍ଷ ଦଳକୁ ଆମନ୍ତ୍ରଣ କରିଥିଲା। ବରଗଡ଼ ଜାଗୁଆର ଦଳ ମଧ୍ୟମକ୍ରମ ବ୍ୟାଟ୍ସମ୍ୟାନ ସଂକଳ୍ପ ରାଉତଙ୍କ ୪ଚୌକା, ୭ଛକା ସହିତ ୬୧, ପ୍ରକାଶ ମାହାନାଙ୍କ ୫ଚୌକା, ୨ଛକା ସହିତ ୪୬ରନ ସହାୟତାରେ ନିର୍ଦ୍ଧାରିତ ୨୦ଓଭରରେ ୭ଉଇକେଟ୍ ହରାଇ ୧୭୯ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳର ଆଜାଦ ପ୍ରଧାନ ୧୩ରନ ବିନିମୟରେ ୩ଉଇକେଟ୍ ନେଇଥିଲେ। ଜବାବରେ ବରଗଡ଼ ଟାଇଟନ୍ସ ଦଳର ଅଧିନାୟକ ରାକେଶ ସିଂଙ୍କ ୯ଚୌକା, ୩ଛକା ସହିତ ୭୧, ବିକାଶ ପ୍ରଧାନଙ୍କ ୨୮ରନ ସହାୟତାରେ ୮ଉଇକେଟ୍ ହରାଇ ୧୮୩ରନ ସଂଗ୍ରହ କରି ମ୍ୟାଚ୍ ଜିତିଥିଲା । ପ୍ରତିପକ୍ଷ ଦଳର ଅତୁଲ୍ୟ କର୍ଣ୍ଣ ୨୪ରନ ବିନିମୟରେ ୪, ପ୍ରକାଶ ମାହାନା ୩୭ରନ ବିନିମୟରେ ୩ଉଇକେଟ୍ ନେଇଥିଲେ। ଅକ୍ଷୟ ସାହାଣୀ, ହନୁ ଅଗ୍ରୱାଲ ମ୍ୟାଚ୍ ପରିଚାଳନା କରିଥିଲେ। ରଜତ ଦାଶ ସ୍କୋରର ଥିବାବେଳେ ମହମ୍ମଦ ଏଫ୍ରୋଜ ଧାରା ବିବରଣୀ ପ୍ରଦାନ କରିଥିଲେ।

**ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ**

ଜମନକିରା (ଡି.ଏନ୍.ଏ.): ଜମନକିରା ଥାନା ଗୌଡପାଲି ଫାଣ୍ଡି ଅଞ୍ଚଳରୁ ଶନିବାର ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତାଙ୍କ ବୟସ ୪୫ରୁ ୫୦ବର୍ଷ ମଧ୍ୟରେ ହେବ। ବଡରମା ଦୁର୍ଗାମନ୍ଦିରଠାରୁ ପ୍ରାୟ ୧ କି.ମି. ଦୂର ୫୩ ନଂ. ରାଜପଥ ପୋଲ ତଳେ ପଡିଥିବା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କେହି ତାଙ୍କୁ ହତ୍ୟା କରି ପୋଲ ତଳେ ଫିଙ୍ଗିଦେଇଥିବା ପୋଲିସ ସନ୍ଦେହକରି ଛାନ୍ଭିନ୍ ଚଳାଇଛି। ଏ ନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବଜ୍ରପାତରେ ନାବାଳକଙ୍କ ମୃତ୍ୟୁ

ନାକଟିଦେଉଳ,୩।୬(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର କଞ୍ଚନପୁର ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଲିଙ୍ଗରାଜ କିଷାନଙ୍କ ପୁଅ କବିଳାଶ କିଷାନ (୧୪)। ସୂଚନା ଅନୁସାରେ କବିଳାଶ ଘରେ ଏକୁଟିଆ ଥିବାବେଳେ ତାଙ୍କ ବାପା, ମାଆ ଏବଂ ଅଜା, ଆଇ ଗାଁ ମୁଣ୍ଡକୁ ମହୁଲ ଗଛରୁ ଟୋଲ ମଞ୍ଜି ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ବର୍ଷା ପବନ ସହ ବଜ୍ରପାତ ହେବାରୁ କବିଳାଶ ଅଚେତ ହୋଇପଡିଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ବଜ୍ରପାତରେ ତାଙ୍କ ଘର ଅଗଣାରେ ବନ୍ଧା ହୋଇଥିବା ୪ଟି ଛେଳିର ମଧ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ସମୂହ ଛୁଟିରେ ଅମଲା, ଉନ୍ନୟନ କାମ ଠପ୍

ନାକଟିଦେଉଳ,୩।୬(ଡି.ଏନ୍.ଏ.): ମୂଳ ଦରମା ୪୨୦୦ କରିବା ଦାବିରେ ଜିଲା ସ୍ତରୀୟ ମିଳିତ ଅମଲା ମଞ୍ଚ ଆହ୍ୱାନକ୍ରମେ ନାକଟିଦେଉଳ ବ୍ଲକର ଅମଲା ସଂଘ ସମୂହ ଛୁଟି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ବିଭିନ୍ନ ବିଭାଗରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡ଼ିଛି। ପୂର୍ବରୁ କଳାବ୍ୟାଜ୍ ପିନ୍ଧି ଅମଲାମାନେ ପ୍ରତିବାଦ କରିଥିଲେ ମଧ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ତେଣୁ ସେମାନେ ଗତ ୧ତାରିଖରୁ ଆନ୍ଦୋଳନ ଚଳାଇଛନ୍ତି। ଏହାଦ୍ୱାରା ବିଭିନ୍ନ କାମରେ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନିରାଶ ହୋଇ ଫେରିଯାଉଛନ୍ତି। ଆନ୍ଦୋଳନର ତୃତୀୟ ଦିନରେ ନାକଟିଦେଉଳ ବ୍ଲକର ବିଭିନ୍ନ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଓ କନିଷ୍ଠ ରାଜସ୍ୱ ସହାୟକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

### କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,୩।୬(ବ୍ୟୁରୋ): ସମ୍ବଲପୁର ଅବକାରୀ ବିଭାଗ ଚଢ଼ାଉ କରି କାର୍ ସହ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ ଜିଲା ତଳସରା ଥାନା ରସିଆପାତ୍ର ଗ୍ରାମର ଜଗଦିଶ ବେକ (୨୮) ଓ ସମ୍ବଲପୁର ଜିଲା ଧମା ଥାନା ବାଞ୍ଜିପାଲି ଗ୍ରାମର ବତୃଶ ବାର୍ଲା (୨୫)। ସୂଚନା ଅନୁସାରେ ଶାସନ ଥାନା ଯୋଗିପାଲି ଦେଇ କାର୍ (ଓଆର୧୪ଏସ-୪୦୧୨) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଗାଡ଼ି ଅଟକାଇ ଯାଞ୍ଚ କରିଥିଲା। ପରେ ବିଭାଗୀୟ କର୍ମଚାରୀ କାର୍ ଭିତରେ ବସ୍ତାରେ ଥିବା ୩୮କେଜି ଗଞ୍ଜେଇ ଜବତ କରିଥିଲେ।

### ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

ରେଙ୍ଗାଲି,୩।୬(ଡି.ଏନ.ଏ.): ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅଞ୍ଚଳର ଜଣେ ବିବାହିତା ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ସୌରେନ ବେହେରା (୨୫)। ସୂଚନା ଅନୁଯାୟୀ ରେଙ୍ଗାଲିର ଜଣେ ଯୁବକଙ୍କ ସହ ଯୁବତୀଙ୍କ ବିବାହ ବୈଦିକ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା। ତେବେ ବିବାହର ୪ଦିନ ପରେ ଠେଲକୋଲୋଇ କଲୋନୀପଡାରେ ଭଡାଘର ନେଇ ରହୁଥିବା ନାକଟିଦେଉଳ ଥାନା ଅନ୍ତର୍ଗତ ଟାଙ୍ଗିଆନିଶା ଗ୍ରାମର ସୌରେନ କୌଣସି କାରଣକୁ ନେଇ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ତାଙ୍କ ସ୍ୱାମୀ ପାଖକୁ ପଠାଇଥିଲେ। ଏହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହୋଇ ତିକ୍ତତା ସୃଷ୍ଟି ହୋଇଥିଲା। ଏପରି କି ଶ୍ୱଶୁର ଘର ଲୋକେ ଯୁବତୀଙ୍କୁ ଆଣି ତାଙ୍କ ବାପଘରେ ଛାଡି ଦେଇଥିଲେ। ପରେ ଯୁବତୀ ସୌରେନଙ୍କ ନାମରେ ଠେଲକୋଲୋଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୩୫/୨୩) ରୁଜୁକରିବା ସହ ସୌରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଭୂତିଭୂଷଣ ଦଳାଇ ସୂଚନା ଦେଇଛନ୍ତି।

# କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ ସମାବେଶ

ରେଢ଼ାଖୋଲ,୩।୬(ଡି.ଏନ୍.ଏ.)

ବିଭିନ୍ନ ସମସ୍ୟା ନେଇ ଶନିବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜନାଲ କର୍ମଚାରୀ କଦମ୍ବ ପଡିଆରୁ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ସେଠାରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ମହାନ୍ତି ସଭାପତିତ୍ୱ କରି କହିଥିଲେ, କେନ୍ଦୁପତ୍ର ତୋଳାଳି, ସିଜନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ପ୍ରୋତ୍ସାହନ



ସମାବେଶରେ ଯୋଗଦେଇଥିବା କେନ୍ଦୁପତ୍ର କର୍ମଚାରୀ।

ତଥା ସାମାଜିକ ନିରାପତ୍ତାମୂଳକ ସହାୟତା ପାଇଆସୁଥିଲେ ଚଳିତବର୍ଷ ବୋନସ୍ ଦିଆଯାଇନାହିଁ। ଫଳରେ ସେମାନେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି। କନ୍ୟା ବିବାହ ପାଇଁ ସହାୟତା, ସିଜନାଲ କର୍ମଚାରୀଙ୍କ ମାସିକ ମଜୁରି ବୃଦ୍ଧି କରା ନ ଯିବା ଯୋଗୁ ସେମାନେ ଆର୍ଥିକ ସଙ୍କଟ ଗତି କରୁଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଛାତ୍ରବୃତ୍ତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବୃତାନ୍ତ ହୋଇପାରିନାହିଁ। କେନ୍ଦୁପତ୍ର ଉନ୍ନୟନ ବୋର୍ଡ ବୈଠକ ଡକାଯାଇ ଅଧକ୍ଷ ତଥା

**ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବାକୁ ଦାବି କରାଯାଇଥିଲା। ରାଜ୍ୟ କେନ୍ଦୁପତ୍ର ୱେଲଫେୟାର୍ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣର ପ୍ରତିଶ୍ରୁତି ଦେଇଥିଲେ। ଡିଭିଜନ ସମ୍ପାଦକ କିଶୋର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ଅନାଦି ସାହୁ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ପ୍ରତାପ ଶର୍ମା, ଦେବଜ୍ୟୋତି ପଟ୍ଟନାୟକ, ରାଜେଶ ରାଉଳ, ଭିକାରୀ ପ୍ରଧାନ ସାମିଲ ହୋଇଥିଲେ।

### ପିକ୍ଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ

କୁଚିଣ୍ଡା,୩।୬(ଡି.ଏନ୍.ଏ.)

ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ସମ୍ମୁଖ ୨୩ନମ୍ବର ରାଜ୍ୟ ରାଜପଥ ବୁଲାଣିରେ ଶନିବାର ଏକ ପିକ୍ଅପ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କବରିବାହାଲ ପଞ୍ଚାୟତ ବନ୍ଧକାନି ଗ୍ରାମର ରିଙ୍କୁ ଗୌଡ଼ (୨୨)। ଏ ନେଇ ପୋଲିସ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ରିଙ୍କୁ କୌଣସି କାମରେ ବାଇକ୍ ଯୋଗେ କେଶାଇବାହାଲ ପଟକୁ ଯାଉଥିଲେ। କବରିବାହାଲ ପଟୁ ଦ୍ରୁତଗତିରେ ଯାଉଥିବା ଏକ ପିକ୍ଅପ୍ ବାଇକ୍କୁ ପଛପଟୁ ଧକ୍କାଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ମୋ ଘର ଯୋଜନା ଉପରେ ଜିଲାସ୍ତରୀୟ କର୍ମଶାଳା




ବୈଠକରେ ଯୋଗଦେଇଥିବା ଜିଲାପାଳ ଓ ଅଧିକାରୀମାନେ।

ସମ୍ବଲପୁର,୩।୬(ବ୍ୟୁରୋ)

ସମ୍ବଲପୁର ଜିଲା ପରିଷଦ ସଭାକକ୍ଷରେ ମୋ ଘର ଯୋଜନାର ସଫଳ ରୂପାୟନ ପାଇଁ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧକ୍ଷତା କରିଥିଲେ। ଗରିବ ଓ ଅସହାୟ ଲୋକଙ୍କ ପାଇଁ ରାଜ୍ୟ ସରକାର ମୋ ଘର ଯୋଜନା କରିଛନ୍ତି। ଯୋଜନାର ଆଭିମୁଖ୍ୟ ବିଶେଷକରି ଯୋଗ୍ୟତା, ମାନଦଣ୍ଡ, ଶ୍ରେଣୀ ବିଭାଗ, ସବ୍ସିଡ଼ି, ରଣ ପରିଶୋଧ ହାର, ରଣ ସହାୟତା ବ୍ୟବସ୍ଥା, ମାସିକ କିସ୍ତି, ଅଭିଯୋଗ ସମାଧାନ, ଇ-ଗଭର୍ନାନ୍ସ, ଅନ୍ୟ ବିଭାଗର ଭୂମିକା, ଦାୟିତ୍ୱ, ପରିଚାଳନା ଓ ଅନ୍ୟାନ୍ୟ ବିଷୟକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବ୍ଲକ ଓ ପଞ୍ଚାୟତ ସ୍ତରୀୟ ବୈଠକ, ବ୍ୟାଙ୍କରମାନଙ୍କ ସହିତ ବୈଠକ ଆୟୋଜନ କରିବା ସହିତ ମୋ ସେବା କେନ୍ଦ୍ରଗୁଡ଼ିକୁ ଉତ୍ତମ ତାଲିମ ଦେବା ନିମନ୍ତେ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଡିଏଫ୍ଓ ଭି. ନୀଲାମ୍ବରନ, ଆଇଏଏସ୍ ପ୍ରୋବେସନାରି ରିୟାନ ଖତ୍ରୀ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରା, କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଷ୍ଟେକ୍ହୋଲଡର୍ସ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ପୂର୍ବରୁ ବାଲେଶ୍ୱର ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କୁ ସମବେଦନ ଜଣାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜେଲ ଗଲେ ମହିଳା ଲୁଟେରା

ଦେବଗଡ଼, ୩।୬(ଡି.ଏନ୍.ଏ.)

ଗରିବ ଲୋକଙ୍କ ଆଧାର କାର୍ଡ ଓ ପାସବୁକକୁ ବ୍ୟବହାର କରି ରଣ ଉଠାଇ ଆତ୍ମସାତ କରି ଦୀର୍ଘ ଦିନ ଧରି ଫେରାର ଥିବା ମହିଳାକୁ ଶନିବାର ଦେବଗଡ଼ ଥାନା ପୋଲିସ ଗିରଫ କରିଛି। ଗିରଫ ମହିଳା ଜଣକ ହେଲେ ବାରକୋଟ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ଯାଜ୍ଞସେନୀ ଧଳ। ଅଭିଯୁକ୍ତଙ୍କ ବିରୋଧରେ ଦେବଗଡ଼ ଥାନା ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବାରକୋଟ ଥାନା ମଧୁପୁର ଗ୍ରାମର ସୁଶାନ୍ତ ଧଳଙ୍କ ସ୍ତ୍ରୀ ଯାଜ୍ଞସେନୀ ୨୦୨୨ ମସିହାରୁ ବିଭିନ୍ନ ସମୟରେ ଗ୍ରାମର ଗରିବ ପରିବାରର ପ୍ରାୟ ୩୪ ଜଣ ମହିଳାଙ୍କୁ ମାଗଣାରେ ୫ ହଜାର ଟଙ୍କା ସହାୟତା ଯୋଗାଇବାର ପ୍ରଲୋଭନ ଦେଖାଇ ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ ଓ ଦସ୍ତଖତ ସଂଗ୍ରହ କରି ଭାରତ ଫାଇନାନ୍ସ, ଅନ୍ନପୂର୍ଣ୍ଣା ଫାଇନାନ୍ସ ଭଳି ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ପ୍ରାୟ ୨୭ ଲକ୍ଷ ଟଙ୍କା ରଣ ଉଠାଇ ଆତ୍ମସାତ କରିଥିଲେ। ଠକେଇର ଶିକାର ମହିଳାମାନେ ଦେବଗଡ଼ ଥାନାକୁ ଆସି ଅଭିଯୋଗ କରିଥିଲେ। ସେହିଦିନଠୁ ଠକ ମହିଳା ଜଣକ ଫେରାର ଥିବାବେଳେ ସେ ନିଜ ବାପ ଘର ଦଣ୍ଡସିଙ୍ଗାରେ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଦେବଗଡ଼ ଥାନା ପୋଲିସ ସେଠାରେ ଚଢ଼ାଉ କରି ଯାଜ୍ଞସେନୀକୁ ଗିରଫ କରିଥିଲା।

# ବାଇକ୍ ଧକ୍କା: ୨ ଗୁରୁତର

କୁଚିଣ୍ଡା,୩।୬(ଡି.ଏନ.ଏ.)

କୁଚିଣ୍ଡା ଥାନା ଅନ୍ତର୍ଗତ ପାରୁଆଭାଡିଠାରେ ଶନିବାର ବାଇକ୍ ଧକ୍କାରେ ଚାଳକ ସମେତ ଦୁଇଜଣ ଗୁରୁତର ହୋଇ କୁଚିଣ୍ଡା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟାରେ ପାରୁଆଭାଡି ଗ୍ରାମର କ୍ଷମା ମୁଣ୍ଡା ଓରଫ ଟିଙ୍କଲୁ(୩୫) ବସ୍ଷ୍ଟାଣ୍ଡକୁ କୌଣସି କାମରେ ଯାଇ ଘରକୁ ଫେରୁଥିଲେ। ସେ ରାସ୍ତା ପାରି ହେଉଥିବା ସମୟରେ ଦ୍ରୁତ ଗତିରେ ବାଇକ୍ ଚଳାଇ ଆସୁଥିବା ପାରୁଆଭାଡି ଗ୍ରାମର କିଷନ ଭୋଇ ଟିଙ୍କଲୁଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। କୁଚିଣ୍ଡା ପୋଲିସ ଘଟଣାସ୍ଥଳରୁ ପିସିଆର ଭ୍ୟାନ ଯୋଗେ ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି।

# ଅନ୍ୟା ପକ୍ଷରୁ ସ୍ମୃତିରେ ଅଭୟ ଆୟୋଜିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୩।୬(ବ୍ୟୁରୋ)

ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନ୍ୟା ସାହିତ୍ୟାନୁଷ୍ଠାନ ପକ୍ଷରୁ ସାହିତ୍ୟିକ ଅଭୟ କୁମାର ପାଢୀଙ୍କ ସ୍ମୃତିରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କବି ଡ. ପ୍ରଦୀପ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଆଲୋଚକ ଭାବରେ ଯୋଗଦେଇ କବି ସରୋଜ ଅଭୟ କୁମାର ପାଢୀଙ୍କ କାବ୍ୟ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ସ୍ୱର୍ଗୀୟ ଅଭୟ ପାଢୀଙ୍କ କବିତାରେ ଦର୍ଶନ ସହ ଜୀବନର ରହସ୍ୟ ଓ ମଣିଷ ହେଜୁଥିବା ଅନେକ ପ୍ରଶ୍ନର ଅନ୍ୱେଷା ରହିଛି। ଆଭିଜାତ୍ୟ ଓ ମଧ୍ୟବିତ୍ତ ବର୍ଗର ଜୀବନରେ ଥିବା ଦ୍ୱନ୍ଦ୍ୱ, ସଂଘାତ ଓ ବିଡମ୍ବନାକୁ ସେ ତାଙ୍କ କବିତାରେ ରୂପ ଦେଇଥିବା ଦର୍ଶାଇ କବି ସରୋଜ ସ୍ୱର୍ଗତ ପାଢୀଙ୍କ ଏକ ବକ୍ତବ୍ୟ ଉଦ୍ଧାର କରି କହିଥିଲେ ଯେ, ସତ୍ୟକୁ ଶବ୍ଦରେ କହିହୁଏ ନାହିଁ ତାହା ଏକ ଅନୁଭବର ବିଷୟ। ଏହି ଅବସରରେ ଡ. ଗୌରିଦାସ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ରୀତାରାଣୀ ମିଶ୍ର, ପ୍ରଫେସର ମୀନକେତନ ପାଠୀ, ଡ. ଗିରିଜା ଶଙ୍କର ଶର୍ମା, ଡ. ସତ୍ୟନାରାୟଣ ଠାକୁର, ମମତା ନାଥ, ଲଳିତ ମୋହନ ବେବର୍ତ୍ତା, ବବଲୁ ବାଗ, ଦେବାର୍ଚ୍ଚନ ଠାକୁର, କମଳ ଲୋଚନ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଦୀପକ ପଣ୍ଡା, କ୍ଷେତ୍ରମଣି ବିଭାର, ତଫିଜୁଲ୍ ହୋସେନ ପ୍ରମୁଖ ସାହିତ୍ୟ ପ୍ରେମୀ ସଭାରେ ଉପସ୍ଥିତ ଥିଲେ। ସାହିତ୍ୟକ ଧରଣୀଧର ପ୍ରଧାନଙ୍କ ଆତ୍ମାର ସଦ୍ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମହାବୀରପଡ଼ା ପରିଦର୍ଶନ କଲେ ଏସ୍ଏମ୍ସି ଅଧିକାରୀ

ସମ୍ବଲପୁର,୩।୬ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ନନ୍ଦ ମହାବିରପଡା ଗସ୍ତ କରିଛନ୍ତି। ପଡାର ବିଭିନ୍ନ ଗଳି ରାସ୍ତାରେ ପରିମଳ ବ୍ୟବସ୍ଥା ଓ ନର୍ଦ୍ଦମା ସଫେଇ କାମ ତଦାରଖ କରି ପଡାର ଲୋକମାନଙ୍କୁ ଭେଟି ରାସ୍ତାଘାଟ ମରାମତି କଥା ବୁଝିଥିଲେ। ନାଗରିକ କମିଟି ତରଫରୁ ଲାଇଟ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ ମରାମତି ଓ ରାସ୍ତା ମରାମତି, ଶିଶୁ ପାର୍କ ତଥା ସାଧାରଣ ଜିମ୍କୁ



ପଡ଼ାର ବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀ।

ତୁରନ୍ତ ସମ୍ପୂର୍ଣ୍ଣ କରି ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଏଠାରେ ନାଗରିକ କମିଟି ଗଠନ କରି ପରିମଳ ଓ ଅନ୍ୟାନ୍ୟ ବ୍ୟବସ୍ଥା ତଦାରଖ ଦାୟିତ୍ୱ ଦିଆଯାଇଛି। ପଡାର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରି ଏ ଦିଗରେ ସହଯୋଗ କରିବାକୁ ଡେପୁଟି କମିଶନର ସାହୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ପଡାର ରାଜେନ୍ଦ୍ର ପଣ୍ଡା, ଡୋଳମଣି ମେହେର, କାହ୍ନୁ ଚରଣ ଶର୍ମା, ସୁଧୀର ଦାଶ, ଦିଲୀପ ମିଶ୍ର, ସଞ୍ଜୀବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୩।୬ (ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ବିଜେଡ଼ି ସମ୍ବଲପୁର ମହାନଗର ତରଫରୁ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ନେତୃତ୍ୱରେ ମା' ସମଲେଶ୍ୱରୀ ମନ୍ଦିରଠାରେ ଦୀପ ଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ମୁଖପାତ୍ର ସଞ୍ଜୟ କୁମାର ବାବୁ, ବରିଷ୍ଠ ଆଇନଜୀବୀ ଅଶୋକ ସେନାପତି, ଚିତ୍ତରଞ୍ଜନ ପଣ୍ଡା, ଅଶୋକ ଅଗ୍ରୱାଲ, ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାସ, ଜିଲା ସମ୍ପାଦକ ଆର୍.ଏ. ଶିବ କୁମାର, ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥାପା, ବିଜୁ ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, ଜୟକୃଷ୍ଣ ବେହେରା, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ଅନୀଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ମା' ସମଲେଇଙ୍କ ନିକଟରେ ଦୀପଦାନ କରାଯାଉଛି।

### ଦୁଃଖ ପ୍ରକାଶ କଲେ ମନ୍ତ୍ରୀ ରୋହିତ ପୂଜାରୀ



ସମ୍ବଲପୁର,୩।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ବଜାର ନିକଟରେ ଶାଲିମାର-କରମଣ୍ଡଳ ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ। ଏହା ଦୁର୍ଭାଗ୍ୟଜନକ ଘଟଣା। ଏଭଳି ପରିସ୍ଥିତିରେ ମୃତକଙ୍କ ପରିବାରଙ୍କୁ ପ୍ରଭୁ ଜଗନ୍ନାଥ ଓ ମା' ସମଲେଇ ସାହସ ଓ ଧୈର୍ଯ୍ୟ ଦିଅନ୍ତୁ। ଏହାସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ

କୁଚିଣ୍ଡା,୩।୬(ଡି.ଏନ.ଏ.)

**ହାଡ଼ିପାଲି ପଞ୍ଚାୟତ**
**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ହାଡ଼ିପାଲି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ଡ଼ିସେମ୍ବରରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଆବଣ୍ଟନ ହୋଇଛି। କୁଚିଣ୍ଡା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ଜନସାଧାରଣଙ୍କ ଆପତ୍ତି, ଅଭିଯୋଗ ଦାଖଲ ପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ହାଡ଼ିପାଲି ଗ୍ରାମପଞ୍ଚାୟତର ୨୦୭ ଜଣ ହିତାଧିକାରୀଙ୍କ ନାମ ଏହି ତାଲିକାରେ ରହିଥିଲା। ତେବେ ଏଥିରେ ବହୁ ଅଯୋଗ୍ୟ ଲୋକ ସାମିଲ ଥିବା ଦେଖି ଗତ ଜାନୁୟାରୀ ୨୬ରେ ଅନୁଷ୍ଠିତ ଗ୍ରାମସଭାରେ ବିରୋଧ କରାଯାଇଥିଲା। ସମସ୍ତ ହିତାଧିକାରୀଙ୍କ ବାବଦରେ ତଦନ୍ତ କରି ଠିକ୍ ଭାବରେ ତାଲିକା ପ୍ରସ୍ତୁତ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗ୍ରାମସଭାର ପ୍ରସ୍ତାବ ଅନୁଯାୟୀ ବ୍ଲକ ଅଫିସରୁ ଏପିଓ ପ୍ରଜ୍ଞା ପାରମିତା ସାମଲ, ବିପିଏମ୍ ଟିପେନସନ ବେହେରା, ଗ୍ରାମ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ କେଦାର ମାଝି ଏବଂ ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରିଙ୍କୁ ନେଇ ଏକ ଚାରିଜଣିଆ ଟିମ ଗଠନ କରି ଏହାର ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଏହି ଟିମ ରିପୋର୍ଟ ଦେବାରୁ ତାଲିକାରୁ ୧୨୧ ଜଣ ବାଦ ପଡ଼ିଥିଲେ ଓ ହିତାଧିକାରୀଙ୍କ ସଂଖ୍ୟା ୨୦୭ରୁ ହ୍ରାସ ପାଇ ୮୬ରେ ରହିଥିଲା। ମାତ୍ର ଏହି ୮୬ ତାଲିକାରେ ମଧ ବହୁ ଅଯୋଗ୍ୟ ପରିବାର ସାମିଲ ହୋଇ ଯୋଗ୍ୟ ଲୋକଙ୍କୁ ବାଦ ଦିଆଯାଇଥିବା ଅଭିଯୋଗ ଆସିଛି। ବ୍ଲକ ପକ୍ଷରୁ ପ୍ରସ୍ତୁତ ତାଲିକାର କ୍ରମିକ ନଂ ୬୭୯ରେ କେଶବ ଜୟପୁରିଆଙ୍କ ନାମ ଥିବା ବେଳେ କ୍ରମିକ ନଂ.୭୨୨ରେ ସ୍ୱପ୍ନା ଜୟପୁରିଆ ରହିଛନ୍ତି। ହେଲେ ସ୍ୱପ୍ନା ହେଉଛନ୍ତି କେଶବଙ୍କ ଏକମାତ୍ର ପୁଅ ଝସକେତନଙ୍କ ସ୍ତ୍ରୀ। ସେହିପରି ତାଲିକାର କ୍ରମିକ ନଂ.୬୭୦ରେ ଥିବା ଅନ୍ନପୂର୍ଣ୍ଣା ଭଇଁସା ହେଉଛନ୍ତି କ୍ରମିକ ନଂ.୭୦୨ରେ ଥିବା ସୁରେଶ ଭଇଁସାଙ୍କ ବୋହୂ। କ୍ରମିକ ନଂ.୭୦୭ରେ ଥିବା ବାସନ୍ତି କଉଡ଼ି ଓ କ୍ରମିକ ନଂ.୭୧୮ରେ ଥିବା ରାଜେଶ୍ୱରୀ କଉଡ଼ି ହେଲେ ସମ୍ପର୍କରେ ଶାଶୁ ବୋହୂ। ନିୟମ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଟିଏ ପରିବାରକୁ ଗୋଟିଏ ଘର ପ୍ରଦାନ ପାଇଁ ବ୍ୟବସ୍ଥା ରହିଥିବା ବେଳେ ଗୋଟିଏ ପରିବାରର ସଦସ୍ୟ ମାନଙ୍କୁ ଏକ ସମୟରେ ଦୁଇଟି ଲେଖାଏ ଘର ପ୍ରଦାନ କରିବା ପାଇଁ କିପରି ତାଲିକା ପ୍ରସ୍ତୁତ କରାଗଲା ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏହି ପଞ୍ଚାୟତର କିଣ୍ଡିରା ଗ୍ରାମର ବିଷ୍ଣୁ ଭଞ୍ଜାଙ୍କ ଭିନ୍ନକ୍ଷମ ଝିଅ ଗୋଶିଲା ଭଞ୍ଜା ଘର ପାଇଁ ଆବେଦନ କରିଥିଲେ ଏବଂ ତାଙ୍କର ନାମ ପ୍ରଥମ ତାଲିକାରେ ଥିଲେ ହେଁ ପରବର୍ତ୍ତୀ ସମୟରେ ତାଙ୍କର ନାମ କାଟିଦିଆଯାଇଛି। ଏ ସମ୍ପର୍କରେ ମତାମତ ଗ୍ରାମପଞ୍ଚାୟତର ପିଇଓ ଶେଷଦେବ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଦୁଇମାସ ହେବ ଏହି ପଞ୍ଚାୟତର ଦାୟିତ୍ୱ ନେଇଛି। ଆଗରୁ ତାଲିକା ପ୍ରସ୍ତୁତ ହୋଇଥିଲା। ଏଣୁ ଏ ବାବଦରେ କିଛି ଜାଣି ନାହିଁ। ଯଦି ତାଲିକାରେ ଅଯୋଗ୍ୟ ଲୋକ ଅଛନ୍ତି ଏହାର ଯାଞ୍ଚ କରାଯାଇ ଯୋଗ୍ୟ ଲୋକଙ୍କୁ ଘର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଆମ୍ବୁଲାନ୍ସ ଅଭାବ, ପାଣି ସମସ୍ୟାକୁ ନେଇ ଚିନ୍ତା ପ୍ରକଟ

**ରୋଗୀ କଲ୍ୟାଣ ସମିତି ବୈଠକ**

**ଲୋଇସିଂହା,୩।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ ମେଡିକାଲ ଅଫିସର ଡା.ଶେଖରଲାଲ ପଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ, ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ବିଡିଓ ଆକାଶରଞ୍ଜନ ସାହୁ, ଡା.ଯଶୋବନ୍ତ ପାଢ଼ି, ଡା.ଶୁଭେନ୍ଦୁ ପଧାନ, ଡା.ସଞ୍ଜୀବ ବିଶ୍ୱାଳ ଷ୍ଟାଫ ଉପସ୍ଥିତ ଥିଲେ। ଡା.ଶେଖରପାଧାନ ସ୍ୱାସ୍ଥ୍ୟକେନ୍ଦ୍ରର ଗତବର୍ଷର ବିଭିନ୍ନ ଉପଲବ୍ଧି ବିଷୟରେ ସୂଚନା ଦେଇଥିଲେ। ନିଦାନ, ନିରାମୟ, ରୋଗ ନିୟନ୍ତ୍ରଣ, ଟେଲିମେଡିସିନ, ଆରବିଏସ୍‌କେ, ସୁନେତ୍ର, ଜନ୍ମମୃତ୍ୟୁ ପଞ୍ଜିକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବହାର ଓ ପିଇବା ପାଣି ସମସ୍ୟା, ଆମ୍ବୁଲାନ୍ସ, କର୍ମଚାରୀ ଅଭାବକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ପାଣି ସମସ୍ୟାର ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଧାୟକ ମହାଲିଙ୍ଗ। ସେହିପରି ରୋଗୀ ଏବଂ ଜନସାଧାରଣଙ୍କ ସୁବିଧା ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ଏଟିଏମ ସ୍ଥାପନ ପାଇଁ ବିଭିନ୍ନ ବ୍ୟାଙ୍କକୁ ଅବଗତ କରିବା ପାଇଁ ବୈଠକରେ ପ୍ରସ୍ତାବ ହୋଇଥିଲା।

### ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ଟିଟିଲାଗଡ଼, ୩।୬(ଡି.ଏନ୍.ଏ.):** ଟିଟିଲାଗଡ଼ ଓକିଲ ସଂଘ ତରଫରୁ ବାହାନଗାଠାରେ ହୋଇଥିବା ହୃଦୟ ବିଦାରକ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କୁ ବାର୍ ହଲରେ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ମହେଶ ମହାନ୍ତିଙ୍କ ସମେତ ସମସ୍ତ ବରିଷ୍ଠ ଓ କନିଷ୍ଠ ଓକିଲ ସାମିଲ ହୋଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୨ମିନିଟ ନିରବ ପ୍ରାର୍ଥନା କରି ଦିବଂଗତଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆରୋଗ୍ୟ କାମନା କରିଥିଲେ।

### ମା’ଅଭୟା ଯାତ୍ରାରେ ଜଳଛତ୍ର

**ଲୋଇସିଂହା,୩।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ କୁଟାସିଂହା ଗ୍ରାମର ଇଷ୍ଟଦେବୀ ମା’ ଅଭୟାଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହେଉଛି। ମା’ଙ୍କ ଦର୍ଶନ, ଆର୍ଶୀବାଦ ନେବା ପାଇଁ ବହୁଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ମଧ୍ୟ ନାହିଁ ନ ଥିବା ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହୁଛି। ଏହି ପରିପ୍ରେକ୍ଷୀରେ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ, ହରଭଙ୍ଗା ଯୁବକ ସଂଘ,ଆଗଲପୁର ବିଙ୍ଗହ୍ୟୁମାନ ଫାଉଣ୍ଡେସନ ସଭ୍ୟମାନେ ଏଠାରେ ଜଳଛତ୍ର ଖୋଲି ଶ୍ରଦ୍ଧାଳୁଙ୍କୁ ପାଣି ବଣ୍ଟନ କରୁଛନ୍ତି। ଏହାକୁ ସଂଯୋଗ ସାହୁ, ପିଣ୍ଟୁ ଯୋଶୀ, ଲିପନ ସାହୁ, ଜିତୁ ପଧାନ, ପୁନମ ସାହୁ, ଦୀପକ ସେଠ, ପ୍ରବୀଣ ମହାକୁର, ତରଣୀ ବିଶ୍ୱାଳ, ସୀତାରାମ ଗଡତ୍ୟା ଓ ସୁଶୀଲ ବିଶ୍ୱାଳ ପ୍ରମୁଖ ସହଯୋଗ କରୁଛନ୍ତି।

### ଟ୍ରେନ୍ ଦୁର୍ଘଟଣାର ମୃତାହତଙ୍କ ପାଇଁ ସମବେତ ପ୍ରାର୍ଥନା

**ସିନାପାଲି,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ନୂଆପଡା ଜିଲା ସିନାପାଲି ଗାୟତ୍ରୀ ଶକ୍ତିପୀଠରେ ଶନିବାର ସନ୍ଧ୍ୟାରେ ସମବେତ ପ୍ରାର୍ଥନା ସହ ଦୀପ ପ୍ରଜ୍ୱଳନ କରାଯାଇଛି। ଆରମ୍ଭରେ ଶକ୍ତିପୀଠ ସମ୍ପାଦକ ତରୁଣ କୁମାର ମେହେର ଘଟଣା ସମ୍ପର୍କରେ ସମସ୍ତଙ୍କୁ ଧାରଣା ଦେବା ପରେ ନୀରବ ପ୍ରାର୍ଥନା କରାଯାଇ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ଅଧ୍ୟାପକ ନବୀନ ଚନ୍ଦ୍ର ମେହେର, ସତ୍ୟବ୍ରତ ଗହୀର, ବୈଷ୍ଣବ ମେହେର ଘଟଣାର ଭୟାବହତା ବିଷୟରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ମେହେର, ହରିଓମ ଜିନ୍ଦଲ, ନିଳାଂଚଳ ମେହେର, ନୀଳମଣି ସାହୁ, ମୁନେଶ ଅଗ୍ରୱାଲ, ପ୍ରେମାନନ୍ଦ ମେହେର, ହିରାଲାଲ ଅଗ୍ରୱାଲ, ବଂଶୀଧର ଜଗତ, ପ୍ରବୀଣ ମେହେର, ଭୁବନ ମେହେର, ଗୀତାଞ୍ଜଳି ହେହେର, ପିଙ୍କି ମେହେର, ନମିତା ମେହେର ପ୍ରମୁଖଙ୍କ ସହ ବିଭିନ୍ନବର୍ଗର ଲୋକ ଉପସ୍ଥିତ ଥିଲେ।

# ୨୦୨୪ ନିର୍ବାଚନରେ ପରିବାରବାଦକୁ ଉଚ୍ଛେଦ କର

**କୋସଲବାଦୀ ନେତା ପ୍ରମୋଦ ମିଶ୍ରଙ୍କ ଖବରଦାତା ସମ୍ମିଳନୀ**

**ବଲାଙ୍ଗୀର ଅଫିସ, ୩।୬**


କୋସଲବାଦୀ ନେତା ପ୍ରମୋଦ ମିଶ୍ର ଖବରତାଦା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ପରିବାରବାଦ ରାଜନୀତିକୁ ଉଚ୍ଛେଦ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି କୋସଲବାଦୀ ନେତା ପ୍ରମୋଦ କୁମାର ମିଶ୍ର। ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ସେ ଏହି ଆହ୍ୱାନ ଦେଇଥିଲେ। ଓଡ଼ିଶା ରାଜ୍ୟ ପରିପ୍ରେକ୍ଷୀରେ ସୂଚନା ଦେଇ ଗତ ୨୩ ବର୍ଷ ଭିତରେ ରାଜ୍ୟରେ ବହୁତ ବଡ଼ ସ୍କାମ୍, ଚାଞ୍ଚଲ୍ୟକର ଅଘଟଣ ଘଟିଥିଲେ ମଧ୍ୟ ଗୋଟିଏ ରାଜନୈତିକ ଦଳର ଶାସନ ଚାଲିଛି। ଓଡ଼ିଶାରେ ବିରୋଧୀ ଦଳର କିଛି ସ୍ଥିତି ନାହିଁ। ରାଜ୍ୟର ପ୍ରମୁଖ ବିରୋଧୀ ଦଳ ନେତାମାନେ ନିଜ ପୁଅଝିଅମାନଙ୍କ ପାଇଁ ବିଜେଡ଼ି ଟିକଟ କରାଇବାରେ ବ୍ୟସ୍ତଥିବା ଭଳି ମନେ ହେଉଛି। ଜନସାଧାରଣଙ୍କ ଅନେକ ସମସ୍ୟା ଅସମାହିତ ହୋଇ ପଡ଼ିଥିଲେ ମଧ ରାଜ୍ୟର ମୁଖ୍ୟମନ୍ତ୍ରୀ ସମ୍ମାନିତ ଓ ପୁରସ୍କୃତ ହେଉଛନ୍ତି। ଏହାର କାରଣ ପରିବାରବାଦ ରାଜନୀତି ବୋଲି ସେ କହିଥିଲେ। କୋସଲାଞ୍ଚଳର ସ୍ଥିତି ସମ୍ପର୍କରେ ଆଲୋଚନା କରି ବିଗତ ତିନି ଦଶକ ଧରି କ୍ରମାଗତ ଭାବରେ ସ୍ୱତନ୍ତ୍ର କୋସଲ ରାଜ୍ୟ ପାଇଁ ଆନ୍ଦୋଳନ ଚାଲିଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଚାଲିଥିବା ଆଇନଜୀବୀଙ୍କ ଆନ୍ଦୋଳନକୁ ସ୍ଥାଣୁକରି ଦିଆଯାଇଛି। ଅନାହାର ମୃତ୍ୟୁ, ଦାଦନ ସମସ୍ୟା, ବେକାରୀ ସମସ୍ୟା, ଚାଷୀ ଆତ୍ମହତ୍ୟା, ଶିଶୁ ଓ ମାତୃମୃତ୍ୟୁ ହାର ବୃଦ୍ଧି ସମସ୍ୟା ଲୋକଙ୍କୁ ହତାଶା ଭିତରେ ରଖିଛି। ରାଜ୍ୟ ଓ କୋସଲାଞ୍ଚଳ ଭଳି ଅବିଭକ୍ତ ବଲାଙ୍ଗୀର ଜିଲା ତଥା ଲୋକସଭା ସଂସଦୀୟ କ୍ଷେତ୍ରରେ ମଧ ପରିବାରବାଦ ରାଜନୀତି ହବି ହୋଇପଡିଛି। ଜିଲାରେ ୧୯୫୦ରୁ ୧୯୮୦ ପର୍ଯ୍ୟନ୍ତ ପେଲେସ ନିୟନ୍ତ୍ରିତ ରାଜନୀତି ହୋଇଥିଲା। ୧୯୮୦ ରୁ ୧୯୮୯-୯୦ ପର୍ଯ୍ୟନ୍ତ କଂଗ୍ରେସ ଶାସନ ସମୟରେ କିଛି ନିର୍ମାଣ କାର୍ଯ୍ୟ ହୋଇଥିଲେ ମଧ ଦୁର୍ନୀତି ଓ ଗୁଣ୍ଡାମୀ ଅଭିଯୋଗ ପ୍ରବଳ ହୋଇଥିଲା। ୧୯୯୦ରୁ ୨୦୨୩ ମସିହା ପର୍ଯ୍ୟନ୍ତ ପରିବାରବାଦ ରାଜନୀତି ସମଗ୍ର ଜିଲାକୁ ଗ୍ରାସ କରିଦେଇଛି। ଫଳରେ ରାଜନେତାଙ୍କ ସମ୍ପତ୍ତି ଓ ପତିଆରାରେ ବୃଦ୍ଧି ଘଟୁଥିଲେ ମଧ ଏହି ଅଞ୍ଚଳର ଜନସାଧାରଣଙ୍କ ଆଖିଦୃଶିଆ ଉନ୍ନତି ଘଟୁନାହିଁ ବୋଲି ମିଶ୍ର କହିଥିଲେ। ଏହି ଅଞ୍ଚଳର ଜମି ସ୍କାମ୍, ଅପରାଧିକ ଅବସ୍ଥା, ମଦ, ସଟ୍ଟା, ଚାଉଳ ରିସାଇକ୍ଲିଂ ଘଟଣା, ମୁନିସିପାଲିଟି ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ଦାଦନ ଚାଲାଣ ବ୍ୟବସାୟ ରାଜନୈତିକ ପରିବାରବାଦ ଆଢୁଆଳରେ ଚାଲିଛି ବୋଲି କହିଥିଲେ। ଏଣୁ ପରିବାରବାଦ ରାଜନୀତିରୁ ମୁକ୍ତି ପାଇଁ ଏହି ଅଞ୍ଚଳର ସାଧାରଣ ବର୍ଗର ଯୁବକ, ଯୁବତୀମାନେ ନିଜେ ବିଭିନ୍ନ ଦଳର ଦଳୀୟ ଟିକଟ ମାଗି ରାଜନୈତିକ ମଇଦାନରେ ନିଜର ଦକ୍ଷତା ପ୍ରତିପାଦିତ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ୨୦୨୪ ନିର୍ବାଚନରେ ପରିବାରବାଦ ରାଜନୀତି ଉଚ୍ଛେଦ ପାଇଁ ଏକ ଅଭିଯାନ ଭାବେ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଏବଂ କୋସଲାଞ୍ଚଳର ଅନ୍ୟ ଜିଲା ଗସ୍ତ କରିବେ ବୋଲି କୋସଲବାଦୀ ନେତା ମିଶ୍ର କହିଥିଲେ। ଏହି ଖବରଦାତା ସମ୍ମିଳନୀରେ କୋସଲବାଦୀ ଅବଦୁଲ ଜମାଲ ଖାନ୍ ଉପସ୍ଥିତ ରହି ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ୬ କୁଇଣ୍ଟାଲ ୩୦କେଜି ଗଞ୍ଜେଇ ଜବତ, ଜଣେ ଗିରଫ


ଜବତ ଗଞ୍ଜେଇ ସହ ଅଭିଯୁକ୍ତ ଓ ଅବକାରୀ କର୍ମଚାରୀ।

**ଟିଟିଲାଗଡ଼, ୩।୬(ଡି.ଏନ୍.ଏ.)**

ବଲାଙ୍ଗିର ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ରାତିରେ ଫପସି ଗ୍ରାମରୁ ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସରୋଜ ପରିଡାଙ୍କ ନେତୃତ୍ୱରେ ଟିଟିଲାଗଡ଼ ଏବଂ ବଙ୍ଗୋମୁଣ୍ଡା ଅବକାରୀ ଥାନା ଅଧିକାରୀ ଏହି ଚଢ଼ାଉରେ ସାମିଲ ଥିଲେ। ମୋଟ ୬କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୬୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏହି ମାମଲାରେ ଫପସି ଗ୍ରାମର ଘନଶ୍ୟାମ ଜେନାଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ତେବେ ଏତେ ପରିମାଣର ଗଞ୍ଜେଇ କାରବାର କିଭଳି ଜଣେ ଲୋକ କରିବ ତାହା ବୁଝାପଡୁନାହିଁ। ଟିଟିଲାଗଡ଼ ରେଳବାଇ ଜଙ୍କସନ ଗଞ୍ଜେଇ ଚାଲାଣର ଏକ ମୁଖ୍ୟ ରାସ୍ତା ପାଲଟିଛି। ଏନେଇ ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରାଙ୍କୁ ପଚାରିବାରୁ ଅଭିଯୁକ୍ତ ମୁହଁ ଖୋଲୁ ନ ଥିବା କହିଛନ୍ତି। ଚଢ଼ାଉରେ ସରୋଜ ପରିଡା ବଲାଙ୍ଗୀର ମୋବାଇଲ ଇନ୍ସପେକ୍ଟର, ଆଶୀଷ ବେହେରା ଅବକାରୀ ଓଆଇସି ଟିଟିଲାଗଡ଼, ସୁମିତ ସାହୁ ସବଇନ୍ସପେକ୍ଟର ବଙ୍ଗୋମୁଣ୍ଡା, ସମୀର ରଞ୍ଜନ ଭୋଇ, ଯତୀନ କୁମାର ଦୀପ, ଜୟନାରାୟଣ ଯୋଶୀ, କୁମୁଦିନୀ ମଲିକ, ଲଳିତା ଭୋଇ, ସୁନୀଲ ବଢ଼େଇ, ଆଶିଷ ବାଗ, ଗଗନ ବିହାରୀ ମିଶ୍ର, ଚନ୍ଦନ ପଟେଲ ପ୍ରମୁଖ ସାମିଲ ଥିଲେ। ଶନିବାର ଏ ନେଇ ଖବରଦାତାଙ୍କୁ ସୂଚନା ଦେବା ପରେ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି।

# ଜିଲା ନାଗରିକ କଲ୍ୟାଣ ମହାସଂଘର ସାଧାରଣ ପରିଷଦ ବୈଠକ


ଜିଲା ନାଗରିକ କଲ୍ୟାଣ ମହାସଂଘ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟ।

**ବଲାଙ୍ଗୀର ଅଫିସ, ୩।୬**

ନବଗଠିତ ବଲାଙ୍ଗୀର ଜିଲା ନାଗରିକ କଲ୍ୟାଣ ମହାସଂଘ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମହାସଂଘ ସାଧାରଣ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱ ତଥା ସଭାପତି ପ୍ରଭାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାର ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକାରୀ ସଭାପତି କପିଳେଶ୍ୱର ଖମାରୀ, ସହସମ୍ପାଦକ ଅଙ୍କୁଶ ପାଣ୍ଡିଆ, ସଭ୍ୟ ଶୁଭ୍ରାଂଶୁ ଶେଖର ପଟେଲ, ପ୍ରକୃତିମିତ୍ର ଦିଗାମ୍ବର ନାଏକ, ଉପଦେଷ୍ଟା ବାସୁଦେବ ମେହେର, ଡ. ପ୍ରମୋଦ କୁମାର ମିଶ୍ର, କୋଷାଧ୍ୟକ୍ଷ ଅଶୋକ ଚାନ୍ଦ, ସଭ୍ୟା ଶ୍ରାବଣୀ ମେହେର, ବିଷ୍ଣୁପ୍ରିୟା ପାଣି, ମିସ୍ ଇଶିକା ଦାସ, ରୋଜିସ୍ମିତା ହୋତା, ସଭ୍ୟ ବିବେକାନନ୍ଦ ପଟେଲ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ପରୋପକାରୀ ନିକଟରେ ଯେଉଁ ଶ୍ରଦ୍ଧା, ଆତ୍ମୀୟତା, ଉତ୍ସାହ ଓ ନିଷ୍କପଟତା ଗୁଣ ଥାଏ ତାହା ସମାଜର ମଙ୍ଗଳ ପାଇଁ ବିନିଯୋଗ ହୁଏ। ଏହି ଦୃଷ୍ଟିରୁ ବିଚାର କଲେ ଆଜି ଯୁବଶକ୍ତି ଓ ନାରୀଶକ୍ତି ଭିତରେ ବହୁ ଭାବରେ ଏହି ଗୁଣ ପରିଲକ୍ଷିତ ହେଉଛି ବୋଲି କହିଥିଲେ। ବୈଠକରେ ଶ୍ରୀତିକା ଅଗ୍ରୱାଲ, ସୁଷମା ବହିଦାର, ବୈଶାଳୀ ବହିଦାର, ବବିତା ନାଗ ଓ ସଂଘର ବହୁ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ଅଙ୍କୁଶ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ ୨ ପରୀକ୍ଷାରେ ଜେଆଇଟିଏମ୍‌ର ଶତପ୍ରତିଶତ ସଫଳତା

**ବଲାଙ୍ଗୀର ଅଫିସ, ୩।୬**

ସିଏଚ୍‌ଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ବଲାଙ୍ଗୀର ଜେଆଇଟିଏମ୍‌ର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ଅନୁଷ୍ଠାନର ୫୯ ଛାତ୍ରୀଛାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ଏହା ସହିତ ୨୦ ଜଣ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣୀରେ ଏବଂ ଜଣେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ଶିକ୍ଷାନୁଷ୍ଠାନର ଦିବ୍ୟାଂଶୁ ସାହୁ ୮୯ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ଶୁଭମ୍ ପଧାନ ୮୭ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ସନମ ବେହେରା ୮୬ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଛାତ୍ର ଦିବ୍ୟାଶୁ ଗଣିତରେ ୧୦୦ ମାର୍କ ଓ ପଦାର୍ଥ ବିଜ୍ଞାନରେ ୯୮ ମାର୍କ ରଖିଛନ୍ତି। ଛାତ୍ରୀ ସନମ ବେହେରା ରସାୟନ ବିଜ୍ଞାନରେ ୯୪ ମାର୍କ ରଖିଛନ୍ତି। ଶିକ୍ଷାନୁଷ୍ଠାନର ୪ ଜଣ ଛାତ୍ରୀଛାତ୍ର ୫ ଶହ ମାର୍କ ଗ୍ରୁପ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ଚଳିତବର୍ଷ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ମଣ୍ଡିରେ ରବିଧାନ କିଣା ଶୁଭାରମ୍ଭ କଲେ ବିଧାୟକ


ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ କୁରୁଲ ମଣ୍ଡିରେ ରବିଧାନ କିଣା ଶୁଭାରମ୍ଭ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୩।୬**

ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକର କୁରୁଲ୍ ଗ୍ରାମରେ ରବିଧାନ କିଣା ଆରମ୍ଭ ହୋଇଛି। ସିଦ୍ଧି ବିନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କୁରୁଲ ମଣ୍ଡିରେ ଶୁକ୍ରବାର ରବି ଧାନକିଣା ଶୁଭାରମ୍ଭ କରିଛନ୍ତି ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ। ଏହି ଧାନକିଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିଧାୟକ ଡ ମହାଲିଙ୍ଗ କିଭଳି ଭାବେ ଶୋଷଣମୁକ୍ତ ହୋଇ ସେମାନଙ୍କ କଷ୍ଟୋପାର୍ଜିତ ଧାନ ବିକ୍ରି କରି ଉଚିତ୍ ମୂଲ୍ୟ ପାଇପାରିବେ ତାହା ସୁନିଶ୍ଚିତ କରିବାକୁ ଉପସ୍ଥିତ ସମବାୟ ବିଭାଗ, ଯୋଗାଣ ବିଭାଗ ଏବଂ ପ୍ୟାକ୍ସ କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ। ଏହି ଧାନକିଣା ଶୁଭାରମ୍ଭ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀରରାଜା ଅଲ୍ଲୀ, ସମବାୟ ବିଭାଗ ଅଧିକାରୀ, ସରପଞ୍ଚ, ଏସଏଚଜି ସଭାପତି ଏବଂ ଚାଷୀ ଯଜ୍ଞେଶ୍ୱର ନାଏକ ଉପସ୍ଥିତ ଥିଲେ। କୁରୁଲଠାରେ ରବିଧାନ ମଣ୍ଡି ଖୋଲାଯାଇଥିବାରୁ ଅଞ୍ଚଳର ଚାଷୀମାନେ ସୁବିଧାରେ ଧାନ ବିକ୍ରୟ କରିପାରିବେ ବୋଲି କହିବା ସହ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଦେଉଳବନ୍ଧରୁ ମାଛ ଚୋରି ଅଭିଯୋଗ

**ଲୋଇସିଂହା,୩।୬(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଦେଉଳବନ୍ଧରୁ ମାଛ ଚୋରି ହୋଇଥିବା ନେଇ ଶିବରାତ୍ରି ମେଳାକମିଟି ତରଫରୁ ଲୋଇସିଂହା ଥାନାରେ ଶନିବାର ଅଭିଯୋଗ ହୋଇଛି। ମାଛ ଚୋରିରେ ୬ ଜଣ ବ୍ୟକ୍ତି ସମ୍ପୃକ୍ତି ରହିଥିବା ନେଇ ଏତାଲାରେ ଦର୍ଶାଯାଇଛି। ଶିବରାତ୍ରି ମେଳା କମିଟି ପକ୍ଷରୁ ଗ୍ରାମର ଦେଉଳବନ୍ଧରେ ମାଛଚାଷ କରାଯାଇଛି। ଏଥିରୁ ଆଦାୟ ଟଙ୍କା ମେଳାରେ ବିନିଯୋଗ କରିବା ସହ ମନ୍ଦିର ବିକାଶ କାମରେ ଲଗାଯାଇଥାଏ। ତେବେ ଗତ ୨୭ ତାରିଖ ରାତିରେ ଉକ୍ତ ବନ୍ଧରୁ ମାଛ ଚୋରି ହୋଇଥିବା କମିଟି ସଦସ୍ୟ ଜାଣିବାକୁ ପାଇଥିଲେ। ଏହାକୁ ନେଇ କମିଟି ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ପରେ କମିଟି ସଭାପତି ଅଶୋକ ମିଶ୍ର, ସମ୍ପାଦକ ଅଭିନାଶ ମିଶ୍ର, କୋଷାଧ୍ୟକ୍ଷ ସଚିଦାନନ୍ଦ ଷଡଙ୍ଗୀଙ୍କ ପକ୍ଷରୁ ମାଛ ଚୋରିକୁ ନେଇ ଲୋଇସିଂହା ଥାନାରେ ଏକ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ଅନ୍ୟ ଜମିକୁ ନିଜର ଦର୍ଶାଇ କରାଯାଇଛି ଫସଲ ବୀମା

**ଥାନାରେ ମାମଲା, ପୋଲିସର ତଦାରଖ**

**ଲାଠୋର,୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ବେନ୍ଦେର ଗ୍ରାମର ଶେଷଦେବ ପଧାନଙ୍କ ଜମିକୁ ନିଜର ଦର୍ଶାଇ କେତେଜଣ ଫସଲ ବୀମା କରିଛନ୍ତି। ପ୍ରକୃତ ଜମି ମାଲିକ ଏହା ଜାଣିବା ପରେ ଲାଠୋର ଥାନାରେ ଏତଲା ଦେଇଥିଲେ। ଦଫା ୪୨୦, ୪୬୮, ୪୭୧, ୩୪ ଆଇପିସିରେ ଏକ ମାମଲା(୬୬/୨୩)ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି। ବେନ୍ଦର ମୌଜାରେ ଖାତା ନଂ ୨୬ରେ ଶେଷଦେବ ପଧାନଙ୍କ ୩୫ ଏକର ୪୪ ଡ଼ିସମିଲ ଚାଷଜମି ରହିଛି। ଏହି ଜମିକୁ ତାଙ୍କ ପୁଅ ଏବଂ ନାତି ଶେଷଦେବ ପଧାନ, ଗଣେଶ ପଧାନ, ଅର୍ଜୁନ ପଧାନ, ମୋତିରାମ ପଧାନ, ହର ପଧାନ ଓ ଅନିରୁଦ୍ଧ ପଧାନ ଭାଗ କରି ଚାଷ କରୁଛନ୍ତି। ୨୦୨୨ମସିହାରେ ସମସ୍ତେ ମିଶି ସମ୍ପୃକ୍ତ ଚାଷଜମିକୁ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ଫସଲ ବୀମାର ସଂଶୋଧନ କରିବା ପାଇଁ ସମ୍ପୃକ୍ତ ଚାଷୀମାନେ ନୋଟିସ୍ ମୁତାବକ ୩୦ ମେ ୨୦୨୩ ରେ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ସେମାନେ ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ଚାଷଜମିକୁ ବେନ୍ଦେର ଗ୍ରାମର ସରୋଜ ପଧାନ, ଖପ୍ରାଖୋଲ ଗ୍ରାମର ଗଜରାଜ ପଧାନ, ଗୁଣନିଧି ପଧାନ, କବିତା ପଧାନ ଏବଂ ମହରାପଦର ଗ୍ରାମର ପଦ୍ମନାଭ ପଧାନ ଚଞ୍ଚକତା କରି ନିଜ ନାମରେ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଇ ନେଇଛନ୍ତି। ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଶେଷଦେବ ଲାଠୋର ଥାନାରେ ଚଞ୍ଚକତା କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଏତଲା ଦେଇଥିଲେ। ପରେ ଖପ୍ରାଖୋଲ ସହ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ସାକ୍ଷାତ କରି ଘଟଣା ବିଷୟରେ ଅବଗତ କରାଯାଇଥିଲା। ଅଭିଯୋଗ ପାଇବା ପରେ ସେ ୨୬ନଂ ଖାତାରେ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମାକୁ ବନ୍ଦ କରିବା ପାଇଁ ଉପର ମହଲକୁ ସୁପାରିଶ କରିଥିବା ଅଭିଯୋଗକାରୀ ସୂଚନା ଦେଇଛନ୍ତି।

# ବିଜ୍ଞାନ, ବାଣିଜ୍ୟରେ ସିଟ ସଂଖ୍ୟା ବୃଦ୍ଧି କରାଯାଉ

**ମାଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

**ଲାଠୋର, ୩।୬(ଡି.ଏନ୍.ଏ.)**


ମାଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫର୍ମବିକ୍ରି କାଉଣ୍ଟରରେ ଭିଡ଼ ଲାଗିଛି।

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ, ବାଣିଜ୍ୟ ବିଭାଗରେ ସିଟ ସଂଖ୍ୟା ବୃଦ୍ଧି କରାଯାଉ। ନଚେତ ଛାତ୍ରୀଛାତ୍ର ଏଠାରେ ପଢିବା ଲାଗି ସୁଯୋଗ ପାଇବାର ସମ୍ଭାବନା କମ ରହିଛି। ନାମଲେଖା ପାଇଁ ଫର୍ମବିକ୍ରି କାଉଣ୍ଟରରେ ଏବେଠାରୁ ହେଉଥିବା ଭିଡ଼ରୁ ଜଣାପଡୁଛି।

ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟରେ ଶିକ୍ଷାର ବିକାଶ ପାଇଁ ସରକାର ମାଲପଡ଼ା ଠାରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଗତ ୧୯୫୧ ମସିହାରେ ଏକ ବିଦ୍ୟାଳୟ ଖୋଲିଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟରେ ରହି ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବାର ବ୍ୟବସ୍ଥା କରିଥିଲେ। ବିଦ୍ୟାଳୟ ସ୍ଥାପନର ୫୫ବର୍ଷ ପରେ ସମ୍ପୃକ୍ତ ବିଦ୍ୟାଳୟକୁ ୨୦୦୬ ମସିହାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରି +୨ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଆରମ୍ଭ କରାଗଲା। ହେଲେ ଆବଶ୍ୟକତା ମୁତାବକ ସିଟ୍ ସଂଖ୍ୟା ବୃଦ୍ଧି ହେଉ ନ ଥିବା ଯୋଗୁ ଛାତ୍ରୀଛାତ୍ର ୪ ବର୍ଷ ହେବ +୨ ବିଜ୍ଞାନ ଏବଂ ବାଣିଜ୍ୟ ପାଠ୍ୟକ୍ରମରେ ସିଟ ସଂଖ୍ୟା ବୃଦ୍ଧି ପାଇଁ ଦାବି କରି ଆସୁଛନ୍ତି। ଦାବିକୁ ଗୁରୁତ୍ୱ ଦେଇ କେହି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବା ହେତୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ବିଦ୍ୟାଳୟ ଉପରେ ବିଶେଷ କରି ବଲାଙ୍ଗିର, ବରଗଡ଼, ନୂଆପଡ଼ା ଜିଲାର ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରତିବର୍ଷ ୮ଶହରୁ ଉର୍ଦ୍ଧ୍ୱ ପିଲା ଏହି ବିଦ୍ୟାଳୟରେ ପାଠ ପଢିବା ପାଇଁ ଆବେଦନ କରୁଛନ୍ତି। ହେଲେ ଏଠାରେ ବିଜ୍ଞାନରେ ୧୬୦ଟି ସିଟ୍ ରହିଥିବା ବେଳେ ବାଣିଜ୍ୟରେ ୧୨୦ଟି ସିଟ୍ ରହିଛି। ଚଳିତ ୨୦୨୩ ଶିକ୍ଷାବର୍ଷରେ ପାଖାପାଖି ୧୨ଶହ ଛାତ୍ରୀଛାତ୍ର ଏଠାରେ ପାଠପଢିବା ପାଇଁ ଆବେଦନ କରିବେ ବୋଲି ପୂର୍ବାନୁମାନ କରାଯାଉଛି। କେବଳ ଲାଠୋର ଅଞ୍ଚଳରେ ରହିଥିବା ୯ଗୋଟି ଉଚ୍ଚ ବିଦ୍ୟାଳୟରୁ ୬୮୩ଜଣ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପାସ କରିଛନ୍ତି। ଛାତ୍ରୀଛାତ୍ର +୨ ନାମଲେଖା ବେଳକୁ ନିଶ୍ଚିତ ରୂପେ ସମସ୍ୟା ଉପୁଜିବ ବୋଲି ଆଶଙ୍କା ସୃଷ୍ଟି ହେଉଛି। ଆଦିବାସୀ ଦଳିତ ଦାଦନ ଶ୍ରମିକ ପରିବାରରୁ ଆସୁଥିବା ଏହି ଛାତ୍ରୀଛାତ୍ର ଦୂର ଦୁରାନ୍ତରେ ରହିଥିବା ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟମାନଙ୍କୁ ନାମ ଲେଖାଇ ସେଠାକୁ ଯାଇ ଟଙ୍କା ଖର୍ଚ୍ଚ କରି ପାଠ ପଢିବା ସକ୍ଷମ ହୋଇ ପାରିବେ ନାହିଁ। ଫଳରେ ଉଚ୍ଚ ଶିକ୍ଷା ଗ୍ରହଣ କରିବାର ଆଶା ରଖିଥିବା ଛାତ୍ରୀଛାତ୍ରଙ୍କର ଆଶା ମଉଳି ଯାଉଛି। ପ୍ରତିବର୍ଷ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ମାଟ୍ରିକ ପାସ ପରେ ଏଠାରେ ସିଟ ପାଇ ନ ପାରି ଉଚ୍ଚ ଶିକ୍ଷା ଗ୍ରହଣରୁ ବଞ୍ଚିତ ରହି ବିଭିନ୍ନ ରାଜ୍ୟକୁ ଇଟା ଗଢିବା ତଥା ଅନ୍ୟାନ କାମ କରିବାକୁ ଯାଉଥିବା ଦେଖାଯାଉଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରେ ଲୋକଙ୍କ ଦାବି ଆମ ପାଖରେ ପହଞ୍ଚିଲେ ଆମେ ସିଟ ସଂଖ୍ୟା ବୃଦ୍ଧି ପାଇଁ ଉପର ମହଲକୁ ସୁପାରିସ କରିବୁ ବୋଲି କହିଥିଲେ। ତେବେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥଦୃଷ୍ଟିରୁ ଏଠାରେ ସିଟ ସଂଖ୍ୟା ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି।

**ଅମଲା ସଂଘ କର୍ମଚାରୀଙ୍କ ଆନ୍ଦୋଳନ ୩ ଦିନରେ**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅମଲା ସଂଘ ତରଫରୁ ସ୍ଥାନୀୟ ତହସିଲ ଅଫିସ ପ୍ରାଙ୍ଗଣରେ ଚାଲିଥିବା ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଅଫିସ କାର୍ଯ୍ୟ ଠପ୍ ହୋଇପଡିଛି। ମୂଳ ଦରମା ଲେଭେଲ-୪ରୁ ଲେଭେଲ -୯ ବା ୯୩୦୦ ସହିତ ଗ୍ରେଡ ପେ -୪୨୦୦ କରିବା ଦାବି ରଖିଛନ୍ତି। ଅନ୍ୟପକ୍ଷରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସରକାରୀ କାମ ନେଇ ଆସୁଥିବା ସାଧାରଣ ଲୋକେ ହଇରାଣ ହରକତ ହେଉଛନ୍ତି।

## ସଂକ୍ଷେପରେ

### ଚାଷଜମିରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି



**ବାଉଁଶୁଣୀ,୩।୬(ଡି.ଏନ.ଏ.):** ଶନିବାର ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ଦନ୍ତାପାଲି ଗ୍ରାମ ନିକଟ ଏକ ଚାଷ ଜମିରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରକାଶ ଯେ, ଅପରାହ୍ନ ଗୋଟାଏ ସମୟରେ ଗ୍ରାମର ଏକ ଚାଷ ଜମିରେ କେହି ନିଆଁ ଲଗାଇ ଦେଇଥିଲା। ଫଳରେ ଏହି ନିଆଁ ପାଖ ଜମିକୁ ବ୍ୟାପି ରାସ୍ତା କଡକୁ ମାଡି ଆସିଥିଲା। ସେଠାରେ ଥିବା ବାଉଁଶ ବଣରେ ନିଆଁ ଲାଗି ଯାଇଥିଲା। ଏହାଛଡା ନିକଟରେ ମୁକୁଳା ଅବସ୍ଥାରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗି ବିଦ୍ୟୁତ ତାର ପୋଡ଼ି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ଏପରି କି ନିଆଁ ଗାଁ ଆଡକୁ ବ୍ୟାପି ଯାଇଥିଲା। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ଯଥାଶୀଘ୍ର ଘର ପାର୍ଶ୍ୱରୁ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଦନ୍ତାପାଲି ଗ୍ରାମବାସୀ ଦାବି କରିଛନ୍ତି। ଯଦି ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଯାଏ ତାହେଲେ ବାଉଁଶୁଣୀ ବିଦ୍ୟୁତ ବିଭାଗ ଅଫିସରେ ତାଲା ପକାଇ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତାର ଚୋରି ଅଭିଯୋଗ

**ବୌଦ୍ଧ,୩।୬(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ବିଦ୍ୟୁତ୍ ତାର ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଶୁକ୍ରବାର ବିଳମ୍ବିତ ରାତିରେ ବଙ୍କାପଡା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତାର ଚୋରି ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ବୌଦ୍ଧ ଥାନା ହରଭଙ୍ଗା ବ୍ଲକର ବଙ୍କାପଡା ଗ୍ରାମ ନିକଟ ମହାନଦୀ କୂଳରେ ଉଠାଜଳ ସେଚନ ବିଭାଗ ପକ୍ଷରୁ ଜଳସେଚନ ପାଇଁ ବିଦ୍ୟୁତ ତାର ଟଣାଯାଇଥିଲା। ତେବେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତିନୋଟି ବିଦ୍ୟୁତ ଖମ୍ବ ଭାଙ୍ଗି ତାର କାଟୁଥିବା ସମୟରେ ଗ୍ରାମବାସୀ ଜାଣି ପାରି ସେହି ସ୍ଥାନକୁ ଯିବା ସହ ପିସିଆରକୁ ଖବର ଦେଇଥିଲେ। ଗ୍ରାମବାସୀ ଓ ପିସିଆର ଆସୁଥିବାର ଦେଖି ଦୁର୍ବୃତ୍ତମାନେ ସେଠାରୁ ମହାନଦୀ ଆଡକୁ ପଳାଇଥିବା ଗ୍ରାମବାସୀ କହିଛନ୍ତି।

### ସାଗର-୧୧କୁ ହରାଇ ତ୍ରିରଙ୍ଗା ସେମି ଫାଇନାଲକୁ ଉନ୍ନୀତ

**ବିପିଏଲ୍ ସିଜନ-୩**



**ବିନିକା,୩।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆଇପିଏଲ ଢାଞ୍ଚାରେ ଚାଲିଥିବା ବିପିଏଲ ସିଜନ-୩ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚରେ ସାଗର-୧୧କୁ ହରାଇ ତ୍ରିରଙ୍ଗା ୟୁଥ କ୍ଲବ ସେମି ଫାଇନାଲକୁ ପ୍ରବେଶ କରିଛି। ଟସ୍ ଜିଣି ତ୍ରିରଙ୍ଗା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୭୭ ରନ କରିଥିଲା। ଏହାର ଜବାବରେ ସାଗର ୮ ଉଇକେଟ ହରାଇ ମାତ୍ର ୬୮ ରନ କରି ପରାଜିତ ହୋଇଥିଲା। ମ୍ୟାଚକୁ ରଞ୍ଜିତ ପଣ୍ଡା ଓ ସବ୍ୟସାଚୀ ମିଶ୍ର ପରିଚାଳନା କରିଥିଲେ। ସ୍କୋରର ଭାବେ ଆଲୋକ ସେଠୀ ଓ ମ୍ୟାଚର ଧାରା ବିବରଣୀ ବୈରାଗୀ ପ୍ରଧାନ ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିନିକା ବଣିକ ସଂଘ ସଭାପତି ଅଶ୍ୱିନୀ ସୁବୁଦ୍ଧି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ଦିଲିପ ଅଗ୍ରୱାଲ, ସଚେତନ ନାଗରିକ ପ୍ରମୋଦ ଦାଶ, ଯୁବ ଶିଳ୍ପ ଉଦ୍ୟୋଗୀ ମମତାଜ ପଣ୍ଡା, ଶିକ୍ଷକ ଗୋପାଳଜୀ ପଣ୍ଡା, ରାମଜୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେତା/ଉପବିଜେତା, ମ୍ୟାନ ଅଫ୍ ଦି ମ୍ୟାଚ, ବେଷ୍ଟ ଫିଲଡର ଆଦି ଖେଳାଳିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ତ୍ରିରଙ୍ଗା ୟୁଥ କ୍ଲବ ବନାମ ବାଦୀ ବ୍ରଦର୍ସ ମଧ୍ୟରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ରାମେଶ୍ୱର ମନ୍ଦିର ଅସୁରକ୍ଷିତ

**■ମରାମତି ହେଉନି**

**■ଛାତରୁ ପାଣି ଝରୁଛି, କାନ୍ଥ ଫାଟିଲାଣି**

**ସୋନପୁର,୩।୬(ନି.ପ୍ର.)**



ସୋନପୁର ରାମେଶ୍ୱର ମନ୍ଦିର।

ସୁବର୍ଣ୍ଣପୁର ସହରର ରାମେଶ୍ୱର ଶୈବ ମନ୍ଦିର ଏବେ ଅସୁରକ୍ଷିତ। ରକ୍ଷଣାବେକ୍ଷଣ ଅଭାବରୁ ଏହି ପୁରାତନ ମନ୍ଦିରର ଏଭଳି ଅବସ୍ଥା ହୋଇଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଝରୁଛି। ମନ୍ଦିର କାନ୍ଥରେ ଫାଟ ସୃଷ୍ଟି ହେଲାଣି। ସରକାର ପୁରାତନ ଐତିହ୍ୟ ଓ ପୀଠର ସୁରକ୍ଷା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ମରାମତି ଆବଶ୍ୟକ କରୁଥିବା ଏହି ପୀଠ ପ୍ରତି କାହାର ଦୃଷ୍ଟି ନାହିଁ। ଏଥିଯୋଗୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମହାନଦୀ-ତେଲନଦୀ ସଙ୍ଗମ ସ୍ଥଳରେ ନିର୍ମିତ ଏହି ମନ୍ଦିର ସୁବର୍ଣ୍ଣପୁର ଜିଲାର ସଂସ୍କୃତି ସହ ଜଡିତ। ଦୁଇ ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ଏହାକୁ ଦ୍ୱିତୀୟ ବାରଣାସୀ ବୋଲି ମଧ୍ୟ କୁହାଯାଏ। ପ୍ରକୃତିର ନୈସର୍ଗିକ ଶୋଭାକୁ ଉପଭୋଗ କରିବା ପାଇଁ ବର୍ଷ ସାରା ଏଠାରେ ଲୋକଙ୍କ ଭିଡ ଜମେ। ମନ୍ଦିର ନିର୍ମାଣ ସମ୍ପର୍କରେ ପ୍ରକୃତ ତଥ୍ୟ ନ ଥିଲା ବେଳେ ସ୍ଥାପତ୍ୟଗତ ବିଶେଷଜ୍ଞ ଦୃଷ୍ଟିରୁ ଏହା ପ୍ରାୟ ଖ୍ରୀ. ୧୭୦୦ରେ ନିର୍ମିତ ହୋଇଥିବା ଐତିହାସିକମାନେ ମତ ଦିଅନ୍ତି। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୪୦ ଫୁଟ୍। ମନ୍ଦିରଟି ବିମାନ, ବୃଷଭ ମଣ୍ଡପ, ଚନ୍ଦନ ମଣ୍ଡପ ଓ ପ୍ରବେଶ ଗୃହର ସମାହାରରେ ସୁସଜ୍ଜିତ। ମନ୍ଦିର ବେଢାରେ ହନୁମାନ, ତ୍ରିବିକ୍ରମ, ଭୈରବ, ଅନ୍ନପୂର୍ଣ୍ଣା, ଦଶଭୂଜାଦୁର୍ଗା, ବାଣେଶ୍ୱର, ନନ୍ଦା, ଭୃକୁଟା, ସରସ୍ୱତୀ, ନାରାୟଣ, ଗଣେଶ, କାର୍ତ୍ତିକେୟ, ଚମ୍ପେଶ୍ୱର ଓ ପାର୍ବତୀଙ୍କ ଛୋଟ ବଡ ମନ୍ଦିର ରହିଛି। ପରିସରରେ ଅନେକଗୁଡିଏ ପ୍ରାଚୀନ ଭଗ୍ନ ମୂର୍ତ୍ତି ମଧ୍ୟ ସଂରକ୍ଷିତ ହୋଇ ରହିଛି। ତନ୍ମଧ୍ୟରୁ ଅମୋଘସିଦ୍ଧି ବୁଦ୍ଧ ମୂର୍ତ୍ତି ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଦୁରାବସ୍ଥା ସମ୍ପର୍କରେ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ କୁହନ୍ତି ପୀଠ ଚତୁଃପାର୍ଶ୍ୱର ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ ମନ୍ଦିର ମରାମତି ଠିକ୍ ଭାବେ କରାଯାଉନି। କିଛି ମାସ ପୂର୍ବରୁ ନୟାଗଡରୁ ମିସ୍ତ୍ରୀ ଆସି ମୁଖ୍ୟ ବଡ ମନ୍ଦିର ମରାମତି କରିଥିଲେ। ମାତ୍ର ପାର୍ଶ୍ୱ ମନ୍ଦିର କାମ ନ କରି କେବଳ ରଙ୍ଗ ମାରି ଚାଲି ଯାଇଥିବା ଅଭିଯୋଗ ହୋଇଛି। ଶୀଘ୍ର ମରାମତି କରା ନ ଗଲେ ମନ୍ଦିର ନଷ୍ଟ ହୋଇଯିବ। ମନ୍ଦିରର ପୂଜକ କଲ୍ୟାଣ ଥନାପତି ଓ ସଚ୍ଚିଦାନନ୍ଦ ଦାଶଙ୍କୁ ପଚାରିବାରୁ ସାମାନ୍ୟ ବର୍ଷା ହେଲେ ମନ୍ଦିରର ବୃଷଭ ମଣ୍ଡପରୁ ପାଣି ଝରୁଥିବା କହିଥିଲେ। ସେହିପରି ସ୍ୱର୍ଣ୍ଣଚମ୍ପା ଗଛ ପାର୍ଶ୍ୱରେ ମନ୍ଦିର କାନ୍ଥରେ ଲମ୍ବା ଫାଟ ସୃଷ୍ଟି ହୋଇଛି। ବରଗଛ ଓ ଚମ୍ପା ଗଛର ଚେର ମନ୍ଦିର ପ୍ରତି ବିପଦ ସୃଷ୍ଟି କଲାଣି। ତେଣୁ ଦେବୋତ୍ତର ବିଭାଗ କିମ୍ବା ଜିଲା ପ୍ରଶାସନ ଏହି ପୁରାତନ ମନ୍ଦିରର ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# କାର୍ଯ୍ୟରେ ଯୋଗଦେଲେ ନୂଆ ଜିଲାପାଳ



ସୁବର୍ଣ୍ଣପୁର ନୂତନ ଜିଲାପାଳ ବିମଳେନ୍ଦୁ ରାୟ।

**ଜିଲାର ସାମଗ୍ରିକ ବିକାଶ ଉପରେ ଦେବେ ଗୁରୁତ୍ୱ**

**ସୋନପୁର,୩।୬(ନି.ପ୍ର.)**

ସୁବର୍ଣ୍ଣପୁରର ୩୨ ତମ ଜିଲାପାଳ ଭାବେ ବରିଷ୍ଠ ଓଡିଶା ପ୍ରଶାସନିକ ଅଧିକାରୀ ବିମଳେନ୍ଦୁ ରାୟ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ବିଭିନ୍ନ ଜିଲାର ଭିନ୍ନ ପଦବୀରେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି। ରାୟ ଏହାପୂର୍ବରୁ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ୧୯୯୦ ବ୍ୟାଚ୍ ଓଡିଶା ପ୍ରଶାସନିକ ସେବା ଅଧିକାରୀ ରାୟ ପୂର୍ବରୁ ସୁନ୍ଦରଗଡ ଓ ସମ୍ବଲପୁର ଭଳି ଜିଲାରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଅନୌପଚାରିକ ଆଲୋଚନା ସମୟରେ ପ୍ରଥମ ଥର ଜିଲାପାଳ ଦାୟିତ୍ୱ ଗ୍ରହଣ କରିଥିବା ରାୟ କହିଥିଲେ, ସୁବର୍ଣ୍ଣପୁର ଜିଲାର ସାମଗ୍ରିକ ବିକାଶ ଦିଗରେ ସେ କାମ କରିବେ। ସରକାରଙ୍କ ଜନହିତକର ଯୋଜନାଗୁଡିକର ଲାଭ କିଭଳି ଜନସାଧାରଣ ପାଇବେ ତାହା ସୁନିଶ୍ଚିତ କରିବାକୁ ଦୃଷ୍ଟି ଦେବେ। ବିଜୁଳି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଗମନାଗମନ ଓ ପର୍ଯ୍ୟଟନର ଉନ୍ନତି ପାଇଁ ପଦକ୍ଷେପ ନେବେ। ମନ୍ଦିରମାଳିନୀ, ସଂସ୍କୃତି ସମ୍ପନ୍ନ ଏହି ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। ସୁବର୍ଣ୍ଣପୁର ଏକ ମନ୍ଦିରମାଳିନୀ ପର୍ଯ୍ୟଟନ ସହର। ପୁରାତନ ମନ୍ଦିରଗୁଡିକର କିଭଳି ପୁନରୁଦ୍ଧାର ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବେ। ରାଜ୍ୟ ସରକାରଙ୍କ ୫-ଟିକୁ ଆଧାର କରି ସଫଳତାର ସହ କାର୍ଯ୍ୟ କରାଯିବ। ଚାଷ ଓ ବୟନଶିଳ୍ପ ପାଇଁ ବିଶେଷ ଭାବେ ନାମ କରିଥିବା ଏହି ଜିଲାର ଚାଷୀ ଓ ବୁଣାକାରଙ୍କ ସମସ୍ୟାର ସମାଧାନ ପାଇଁ ବିଶେଷ ଦୃଷ୍ଟି ଦେବେ। ଜିଲା ସଦର ମହକୁମାରେ ବସଷ୍ଟାଣ୍ଡ ଗଠନମୂଳକ ପରାମର୍ଶ ଓ ସମସ୍ୟା ଆଧାରିତ ଖବର ଦୃଷ୍ଟିକୁ ଆସିଲେ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ନୂତନ ଜିଲାପାଳ କହିଛନ୍ତି। ଜିଲାର ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀ, ଅମଲା ସଂଘ, ବିଭିନ୍ନ ଗଣ ସଂଗଠନ ପକ୍ଷରୁ ନୂତନ ଜିଲାପାଳଙ୍କୁ ସ୍ୱାଗତ କରା ଯାଇଥିଲା।

# ମୋ ଘର ଯୋଜନା ପାଇଁ ସଚେତନତା ବୈଠକ



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ସୋନପୁର,୩।୬(ନି.ପ୍ର)**

ଓଡିଶା ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଗୃହ ସହାୟତା ନିମନ୍ତେ 'ମୋ ଘର' ଯୋଜନା ଆରମ୍ଭ ହୋଇଛି। ଏହାର ସଫଳ ରୂପାୟନ ନିମନ୍ତେ ନୂତନ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ମୋ ଘର ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣକରଣ ତଥା ଉନ୍ନତୀକରଣ ନିମନ୍ତେ ଯେପରି ଅଧିକରୁ ଅଧିକ ଆବେଦନ କରି ଯୋଜନାର ଲାଭ ନେଇ ପାରିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯୋଜନାର ଶତ ପ୍ରତିଶତ ସଫଳତା ନିମନ୍ତେ ତୃଣମୂଳ ସ୍ତରରେ ପଞ୍ଚାୟତିରାଜ ଜନପ୍ରତିନିଧି, ଗ୍ରାମ୍ୟ ସ୍ତରୀୟ ଅଧିକାରୀ, ଏସଏଚଜି ସଦସ୍ୟା ଓ ସ୍ଥାନୀୟ ଜନସାଧାରଣଙ୍କୁ ସାମିଲ କରି ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା, ପଲ୍ଲୀସଭା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ସିଡିଓ ତଥା ଇଓ ଜିଲା ପରିଷଦ ନିହାର ରଞ୍ଜନ କହଁରଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ତଥ୍ୟ ସହ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ପୂର୍ବକ ଜନସଚେତନତା କରିବାକୁ ଜିଲାପାଳ ରାୟ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ମୋ ଘର ଯୋଜନାର ବିସ୍ତୃତ ରୂପରେଖ ଉପରେ କାର୍ଯ୍ୟକ୍ରମ ପରିଚାଳକ ଆଲୋକ ରଶ୍ମି ମିଶ୍ର ପାୱାର ପ୍ରେଜେଣ୍ଟେସନ ଜରିଆରେ ଉପସ୍ଥାପନ କରିଥିଲେ। ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ସମସ୍ତ ତହସିଲଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ମିଶ୍ର ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ସନତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଆନ୍ଦୋଳନ

**ସଙ୍କଟରେ ପ୍ରାଣୀ ସମ୍ପଦ**

**ବୌଦ୍ଧ,୩।୬(ସ୍ୱ.ପ୍ର.)**

ସାରା ରାଜ୍ୟରେ ଗ୍ରେଡ ପେ ବୃଦ୍ଧି ସମେତ ପାଞ୍ଚ ଦଫା ଦାବି ନେଇ ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ସାମିଲ ହୋଇଛି। ଫଳରେ ଜିଲାରେ ପ୍ରାଣୀ ସମ୍ପଦ ପ୍ରତି ବିପଦ ଦେଖାଦେଇଛି। ଜିଲାର ପ୍ରାଣୀ ସମ୍ପଦ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଆନ୍ଦୋଳନ ଫଳରେ ଜିଲାର ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀମାନେ କେବଳ ପ୍ରାଣୀଧନ ସହାୟକ କେନ୍ଦ୍ରରେ ରହି ପ୍ରାଣୀଧନର ଚିକିତ୍ସା କରୁଛନ୍ତି। ହେଲେ ପ୍ରାଣୀ ଚିକିତ୍ସା ବୈଷୟିକମାନେ ଚିକିତ୍ସାଳୟ ବାହାରକୁ ଯାଇ ଚିକିତ୍ସା କରୁନାହାନ୍ତି କି ସରକାରଙ୍କୁ କୌଣସି ସହଯୋଗ କରୁନାହାନ୍ତି। ପ୍ରାଣୀ ସମ୍ପଦର ସୁରକ୍ଷା ଦୃଷ୍ଟିରୁ ଜିଲାରେ ୩୬ଟି ପ୍ରାଣୀଧନ ସହାୟକ କେନ୍ଦ୍ର ରହିଛି। କର୍ମଚାରୀମାନେ ଏଠାରେ ରହି ପ୍ରାଣୀସମ୍ପଦର ଚିକିତ୍ସା କରୁଛନ୍ତି। ବର୍ତ୍ତମାନ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପ୍ରାଣୀ ସମ୍ପଦଙ୍କ ପାଇଁ ବିପଦ ଦେଖାଦେଇଛି। ସୂଚନାଯୋଗ୍ୟ, ପାଞ୍ଚ ଦଫା ଦାବି ପୂରଣ ନେଇ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀମାନେ ଗତ ୮ ତାରିଖଠାରୁ କଳାବ୍ୟାଜ୍ ପିନ୍ଧି ଧାରଣା ଦେଇ ଆସୁଥିବା ବେଳେ ଗତ ୨୮ ତାରିଖ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

# ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ



ଭାଜପାର ତରଫରୁ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି,୩।୬(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜନସମ୍ପର୍କ ଅଭିଯାନରେ ମେ ୩୦ ତାରିଖରୁ ୩୦ ଜୁନ ପର୍ଯ୍ୟନ୍ତ ମାସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବୀରମହାରାଜପୁର ଭାଜପା ପକ୍ଷରୁ ନେତୃବୃନ୍ଦ ତଥା କର୍ମୀ ଗତ ତିନି ଦିନ ଧରି ସ୍ଥାନୀୟ ଟିଠିପାଲି, ଉଫୁଲା, ଲାଡୁରପେଟ, ହିଲୁଙ୍ଗ, କମିରା ଆଦି ଗ୍ରାମରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ପ୍ରଭାବଶାଳୀ ବ୍ୟକ୍ତି, କଳାକାର ଓ ପରିବାରର ମୁଖିଆମାନଙ୍କୁ ଭେଟି ସେମାନଙ୍କୁ ସମ୍ମାନିତ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ପ୍ରଥମ ଦିବସରେ ଟିଠିପାଲି ଗ୍ରାମର ଦୌଲଥ ଅମାତ, ଉଫୁଲା ଗ୍ରାମର ସୁଦାମ ସେଠୀ ଓ ଇନ୍ଦ୍ରଜିତ ପରୁଆ, ଲାଡୁରପେଟ ଗ୍ରାମର ରଷିନାଥ ମହାକୁର, ହିଲୁଙ୍ଗ ଗ୍ରାମର କମଳ ଲୋଚନ ସିଂ, କମିରା ଗ୍ରାମର ଗୌନ୍ତିଆ ଗଜିନ୍ଦ୍ର ପଧାନଙ୍କ ଘରକୁ ଯାଇ ସାକ୍ଷାତ କରି ସମ୍ମାନିତ କରାଯାଇଛି। ଏହାସହିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ପୂର୍ବତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ଜିଲା ଉପସଭାନେତ୍ରୀ ନଳିନୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଷା କୁମାରୀ, ପୂର୍ବତନ ମଣ୍ଡଳ ସଭାପତି ରାଧାଚରଣ ମେହେର, ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ରିଷ ସାହୁ, ଗୌର ଜଗଦଲା, ଦିଲିପ ପଧାନ, ଭୋଲାଶଙ୍କର ବାଘ, ସୁରୁ ପଧାନ, ସ୍ୱପ୍ନେଶ୍ୱର ପଧାନ, ପ୍ରକାଶ ବାରିକ, ରାମପ୍ରସାଦ କର୍ଣ୍ଣ ପ୍ରମୁଖ ଭାଗ ନେଇଥିଲେ।

## ଦୁର୍ଘଟଣାରେ ମୃତ ପରିବାରକୁ ସହାୟତାର ହାତ ବଢ଼ାଇଲା ଡ୍ରାଇଭର ମହାସଂଘ

**ବାଉଁଶୁଣୀ,୩।୬(ଡି.ଏନ.ଏ.)**

ବୌଦ୍ଧ ଜିଲା ୫୭ ନଂ ଜାତୀୟ ରାଜପଥର କମଳପୁର ଛକ ନିକଟରେ ଗତମାସ ୨୪ ତାରିଖରେ ଘଟିଥିଲା ଏକ ସଡକ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଜଣେ ପୋଲିସ କର୍ମଚାରୀ ସମେତ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୃତକ ଦ୍ୱୟ ହେଲେ ବାଉଁଶୁଣୀ ଥାନାର କର୍ମଚାରୀ ଜଗନ୍ନାଥ ମେହେର ଓ ବୋଲେରୋ ଡ୍ରାଇଭର ପ୍ରଶାନ୍ତ ରଣା। ଶନିବାର ଦିନ ଅନୁଷ୍ଠିତ ପ୍ରଶାନ୍ତଙ୍କ ଶୁଦ୍ଧିକ୍ରିୟାରେ ଜିଲା ଡ୍ରାଇଭର ମହାସଂଘ ର ସହ ସମ୍ପାଦକଙ୍କ ସହ ବହୁ ଡ୍ରାଇଭର ଯୋଗ ଦେଇଥିଲେ। ଜିଲା ସହ ସମ୍ପାଦକ ସୁଶାନ୍ତ ହୋତା, କୋଷାଧକ୍ଷ ବିଶାମିତ୍ର ବିଶି, କନ୍ଧମାଳ ବ୍ଲକ ସଭାପତି ଅଞ୍ଜନ ପଟ୍ଟନାୟକ, ସମ୍ପାଦକ ମଙ୍ଗୁଲୁ ଦନ୍ତା, କୋଷାଧକ୍ଷ କେଶଲେଶ୍ୱର ସଳମା, ଦପଲା ପଞ୍ଚାୟତ ସଭାପତି ପ୍ରଶାନ୍ତ ସାହୁ, ବୌଦ୍ଧ ବ୍ଲକ ସଭାପତି ପଦ୍ମଲୋଚନ ମହଲା, ସମ୍ପାଦକ ଶେଷଦେବ ମହାକୁଡ଼, କୋଷାଧକ୍ଷ ସୁବାଷ ସାହୁ, ଉପଦେଷ୍ଟା ଆନନ୍ଦ ଖଟୁଆ, ବାଉଁଶୁଣୀର ଅଜିତ ଥପାଙ୍କ ସମେତ ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ଡ୍ରାଇଭର ମହାସଂଘ ତରଫରୁ ତାଙ୍କ ସ୍ତ୍ରୀଙ୍କୁ ୧୫୦୦୦ ଏବଂ ବାଉଁଶୁଣୀ ଶାଖା ବହିରା, ଅଁଳାପାଲି, ଗୋଛାପଡା, ମନୁପାଲି ଗୁନ୍ଦୁଳିଆ ପଞ୍ଚାୟତ ଶାଖା ତରଫରୁ ୨୯୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ତାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।



ଜିଲା ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

# ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ

**ବୌଦ୍ଧରେ ରଥଯାତ୍ରା**

**■ଶୃଙ୍ଖଳିତ ନୀତିକାନ୍ତି ପାଇଁ ପ୍ରସ୍ତୁତି**

**■ଅନୁଦାନ ସମୁଦ୍ରକୁ ଶଙ୍ଖେ, ସମ୍ବଳର ଅଭାବ**

**ବୌଦ୍ଧ,୩।୬(ସ୍ୱ.ପ୍ର.)**



ବୌଦ୍ଧରେ ରଥ ନିର୍ମାଣ ଚାଲିଛି।

ବୌଦ୍ଧର ରଥଯାତ୍ରା ଅନନ୍ୟ। ଗଡଜାତ ଅମଳରୁ ପାଳିତ ହୋଇ ଆସୁଥିବା ରଥଯାତ୍ରା ପାଇଁ ଚଳିତବର୍ଷ ବ୍ୟାପକ ପ୍ରସ୍ତୁତି ଚାଲିଛି। ରଥ ମରାମତି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରେ ବୌଦ୍ଧ ରଥଯାତ୍ରାର ମଧ୍ୟ ପ୍ରସିଦ୍ଧି ଓ ବିଶେଷତ୍ୱ ରହିଛି। ଶାସକ ରାଜାମାନଙ୍କ ପୃଷ୍ଠପୋଷକତାରେ କେଉଁ ଆବାହମାନ କାଳରୁ ଏଠାରେ ରଥଯାତ୍ରା ପାଳିତ ହୋଇଆସୁଥିଲା। ଦେଶ ସ୍ୱାଧୀନ ହେବା ପରେ ଏହି ଯାତ୍ରାର ଦାୟିତ୍ୱ ରାଜ୍ୟ ଦେବତ୍ତୋର ବିଭାଗ ତୁଲାଇ ଆସୁଛି। ବୌଦ୍ଧ ଅଞ୍ଚଳରେ ବୈଷ୍ଣବ ଧର୍ମର ପ୍ରଭାବ ମୂଳରୁ ହିଁ ରହିଆସିଛି। ଏଠାକାର ଶାସକ ରାଜାମାନେ ଶ୍ରୀଜଗନ୍ନାଥଙ୍କୁ ପରମ ବିଷ୍ଣୁ ଭାବରେ ମାନି ଆସିଛନ୍ତି। ତେଣୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଏହି ଅଞ୍ଚଳରେ ପ୍ରଗାଢ ଭକ୍ତି ଭାବନା ଦେଖାଯାଇଥାଏ। ପରିତାପର ବିଷୟ ବୌଦ୍ଧର ପ୍ରସିଦ୍ଧ ରଥଯାତ୍ରା ପାଇଁ ସବୁବେଳେ ସମ୍ବଳର ଅଭାବ ରହିଛି। ପ୍ରତିବର୍ଷ ରାଜ୍ୟ ସରକାର ବୌଦ୍ଧର ରଥଯାତ୍ରା ପାଇଁ ଅନୁଦାନ ଯୋଗାଇ ଦେଉଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ। ତେଣୁ ଜିଲା ପ୍ରଶାସନ, ସ୍ଥାନୀୟ ବିଭିନ୍ନ ସଂଗଠନର ପ୍ରତିନିଧି ତଥା ସହରର ବୁଦ୍ଧିଜୀବୀମାନେ ମିଳିତ ଭାବରେ ରଥଯାତ୍ରାର ସମସ୍ତ ଦାୟିତ୍ୱ ସଂପାଦନ କରିଥାନ୍ତି। ଆଗାମୀ ରଥଯାତ୍ରା ପାଇଁ ବୌଦ୍ଧ ଏବେଠାରୁ ଚଳଚଞ୍ଚଳ ହେବାରେ ଲାଗିଲାଣି। ଠାକୁରମାନଙ୍କ ଦେବସ୍ନାନ ନୀତି ପାଇଁ ମନ୍ଦିର ପରିସର ଓ ମହାନଦୀ ଘାଟକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସଫେଇ କରାଯାଇଛି। ଏଠାରେ ପରମ୍ପରା ଅନୁଯାୟୀ ତିନି ଠାକୁର ଗୋଟିଏ ରଥରେ ବସି ଗୁଣ୍ଡିଚା ଯାତ କରୁଥିବା ବେଳେ ରାଜାଙ୍କ ପୃଷ୍ଠପୋଷକତାରେ ନିର୍ମିତ ରଥକୁ ପ୍ରତିବର୍ଷ କେବଳ ମରାମତି କରାଯାଇଥାଏ। ଉଚ୍ଚତାରେ ପୁରୀ ପରେ ବୌଦ୍ଧ ରଥ ଦ୍ୱିତୀୟରେ ରହିଥିବା କୁହାଯାଉଥିବା ବେଳେ ଏହାମଧ୍ୟରେ ଏଠାକାର ବଡଦାଣ୍ଡ ସଙ୍କୁଚିତ ହେବା ସହିତ ରଥର ଆକାର ମଧ୍ୟ କମି କମି ଚାଲିଛି। ୧୬ ଚକରୁ ଅଭଙ୍ଗ ରଥଟି ୧୦ ଚକରେ ପରିଣତ ହୋଇ ସାରିଥିବା ବେଳେ ସେହି ଅନୁପାତରେ ଉଚ୍ଚତା ପ୍ରାୟ ୮ ଫୁଟ କମି ସାରିଥିବା ବୟସ୍କ ଲୋକମାନେ ପ୍ରକାଶ କରିଥାନ୍ତି। ବର୍ଷ ତମାମ ଖରାବର୍ଷାରେ ପଡି ରହିଥିବା ଏହି ରଥ ପାଇଁ ଚଳିତବର୍ଷ କମ୍ ମରାମତିର ଆବଶ୍ୟକତା ରହିଥିବା ନେଇ ଅନୁଧ୍ୟାନ କମିଟି ରିପୋର୍ଟ କରିବା ପରେ ପ୍ରଶାସନ ପକ୍ଷରୁ ଚଳିତବର୍ଷ ରଥ ମରାମତି କାମ ଆରମ୍ଭ କରାଯାଇଛି। ମହାରଣାମାନଙ୍କ ସୂଚନା ଅନୁଯାୟୀ, ରଥର ସମସ୍ତ ୪ ଗୋଟି ଚକର ମରାମତି କରାଯିବ। ରଥ ମରାମତି କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଅନ୍ୟ ନୀତିକାନ୍ତି କିପରି ଶୃଙ୍ଖଳିତ ଭାବରେ ପାଳନ ହେବ ତାହାର ପ୍ରସ୍ତୁତି ଆରମ୍ଭ ହୋଇଛି। ଦେବସ୍ନାନ ନୀତି ଶୃଙ୍ଖଳିତ ଭାବରେ ସମ୍ପନ୍ନ ପାଇଁ ବ୍ରାହ୍ମଣ ସମାଜ ବୈଠକରେ ନିଷ୍ପତ୍ତି ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ ପାଇଁ ଲୋକଙ୍କ ସହଯୋଗ କାମନା କରାଯାଇଛି। ମନ୍ଦିର ପରିଚାଳନା ଠାରୁ ଆରମ୍ଭ କରି ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଠିକ୍ ଭାବରେ କିପରି ହୋଇପାରିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି।

**ବିଦେଶୀ ମଦ ଜବତ, ଜଣେ ଗିରଫ**

ରାଉରକେଲା ଅଫିସ : ମଦ ଚୋରା ଚାଲାଣ କରୁଥିବାବେଳେ ଉଦିତନଗର ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାବଲୁ କୁମାର(୩୦)। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୩।୨୩) ରୁଜୁ କରି ଶନିବାର ତାଙ୍କୁ କୋର୍ଟଚାଲାଣ କରିଛି। ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ବସ୍ତିର ବାବଲୁ ଶୁକ୍ରବାର ରାତି ସାଢ଼େ ୭ଟାରେ ଏକ ବାଇକ୍‌ରେ ୨୪ ଲିଟର ମଦ ନେଇ ବିଶ୍ରା ଅଭିମୁଖେ ଯାଉଥିବା ବେଳେ ପାଟ୍ରୋଲିଂ ଟିମ୍ ବାଇକ୍‌କୁ ପିଛା କରି ତାଙ୍କୁ କାବୁ କରିଥିଲା।

## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ଜୀବନରୁ ମାରିଦେବାକୁ ଧମକ, ଥାନାରେ ଅଭିଯୋଗ

**ଲହୁଣୀପଡ଼ା,୩।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଫୁଲଝର ପଞ୍ଚାୟତ ବଡ଼ ଉସକଳା ଗ୍ରାମର ଜଣେ ଯୁବକ ଗୁଣିଗାରେଡ଼ି ସନ୍ଦେହରେ ନିଜ ପଡ଼ିଶା ଘରର ଲୋକଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମରିଦେବା ପାଇଁ ଧମକ ଦେଇଥିବା ମହୁଲାପଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଯୁବକ ଜଣଙ୍କ ଫେରାର ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ଉକ୍ତ ଗ୍ରାମର ରଣଜିତ ଦେହୁରୀ ୧୦ ବର୍ଷ ପୂର୍ବରୁ ବିବାହ କରିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର ସନ୍ତାନ ସନ୍ତତି ନ ହେବା ସହ ପରିବାର ସମସ୍ୟା ମଧ ଲାଗି ରହୁଛି। ପଡ଼ିଶା ଘର ଲୋକେ ଗୁଣିଗାରେଡ଼ି କରିଥିବାରୁ ଏଭଳି ସମସ୍ୟା ହୋଉଥିବା ରଣଜିତ ସନ୍ଦେହ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ କମଲକୁ ଗାଳି ଗୁଲଜ କରିବା ସହ ଧନୁ ତୀରରେ ବିନ୍ଧି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପ୍ରାଣ ଭୟରେ କମଲ ନିଜ ଗ୍ରାମ ଛାଡ଼ି ଅନ୍ୟ ଗ୍ରାମରେ ଲୁଚି ରହିଥିଲେ।

### ମୋ ଘର ଯୋଜନା ଉପରେ ତାଲିମ ଶିବିର

**ବଡ଼ଗାଁ,୩।୬( ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ୍ ସଭାଗୃହରେ ମୋ ଘର ଯୋଜନା ଉପରେ ତାଲିମ୍ ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବିଡିଓ କ୍ଷମାନିଧି ଭୋଇ ତାଲିମ୍ ପ୍ରଦାନ କରିଥିଲେ। ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉସାବତି ଗର୍ଡ଼ିଆ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଖ ଜୋନ ଜିଲା ପରିଷଦ ମିମ୍ବର ସୋନାଲି ହେସ୍, ବ୍ଲକ୍ ଉପାଧକ୍ଷା ରଶ୍ମିତା ପଟେଲ ଯୋଗଦେଇଥିଲେ। କେଉଁମାନେ ଘର ପାଇବାକୁ ଯୋଗ୍ୟ ହିତାଧିକାରୀ ସେ ନେଇ ସେମାନେ ଆଲୋଚନା କରିଥିଲେ। ଏହି ଯୋଜନାରେ ସାମିଲ ହେବାପାଇଁ ବିଭିନ୍ନ ଯୋଗ୍ୟତା, ଅବଦାନ ଓ ଋଣ ପରିଶୋଧ ଉପରେ ତାଲିମ୍ ଦିଆଯାଇଥିଲା। ସରପଞ୍ଚ ରଜେଶ୍ୱରୀ କାଲୋ, ମହେଶ୍ୱର ବରିହା, ଯୋଗେନ୍ଦ୍ର କିସାନ, ମେନକା କାଲୋ, ସୁଗାଡ ସାମୁଏଲ ସଏ ସରକାରୀ କର୍ମଚାରୀ ଯୋଜନା ଉପରେ ଅବଗତ ହୋଇଥିଲେ।

### ପ୍ରାକ୍ତନ ଆର୍‌ଏସ୍‌ପି ଅଧିକାରୀଙ୍କ ବିୟୋଗ

**ରାଉରକେଲା ଅଫିସ,୩।୬:** କୋଏଲନଗର ଅଞ୍ଚଳରେ ରହୁଥିବା ପୂର୍ବତନ ଆରଏସ୍‌ପି ଅଧିକାରୀ ନରେନ୍ଦ୍ର ନାଥ



ନାୟକ(୮୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ଶରୀର ଅସୁସ୍ଥ ଯୋଗୁ ସେ ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ମନୋଜ ନାୟକ, ଆଶିଷ ନାୟକ, ଜ୍ୱାଇଁ ସଚ୍ଚିଦାନନ୍ଦ ରାଉତ, ବୋହୂ, ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ରବିବାର ବେଦବ୍ୟାସ ସ୍ଥିତ ତ୍ରିବେଣୀ ଘାଟରେ ଅନ୍ତ୍ୟେଷ୍ଟି କ୍ରିୟା କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

# ଭୂମି ଅଧିଗ୍ରହଣ, ବନ ବିଭାଗ ସର୍ତ୍ତାବଳୀ ଅଡୁଆ

**ରାଉରକେଲା ଅଫିସ,୩।୬**

**ବନ୍ଧମୁଣ୍ଡା-ଜରେଇକେଲା ନୂତନ ଏନଏଚ୍ ନିର୍ମାଣ**

ରାଉରକେଲା ହକି ଛକ ଭାୟା ବନ୍ଧମୁଣ୍ଡା-ଜରେଇକେଲା ୨୫କିମି ରାସ୍ତା ଜାତୀୟ ରାଜପଥ ବିଭାଗ ଅଧୀନକୁ ଯାଇଛି। ଫଳରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ରାସ୍ତା ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ଏବଂ ବନ ବିଭାଗର ସର୍ତ୍ତାବଳୀ ଅଡୁଆ ସାଜିଛି। ଫଳରେ ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ବନ୍ଧମୁଣ୍ଡା-ଜରେଇକେଲା ୨୫ କି.ମି. ଏନ୍‌ଏଚ୍ ପାଇଁ ୫.୯୮ଏକର ବେସରକାରୀ ଓ ୨୧.୧୪୦ ଏକର ସରକାରୀ ଜମି ଅଧିଗ୍ରହଣ ହେବ। ଅଧିଗ୍ରହଣ ହେବାକୁ ଥିବା ସରକାରୀ ଓ ବେସରକାରୀ ଜମିରେ ହଜାର ହଜାର ଲୋକ ଦୋକାନ ବଜାର କରି ଜିବିକା ନିର୍ବାହ କରୁଛନ୍ତି। ବେସରକାରୀ ଜମିର ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ମିଳିଯିବ। ମାତ୍ର ସରକାରୀ ଜମିରେ ଦୋକାନ ବଜାର କରିଥିବା ଲୋକଙ୍କୁ କ୍ଷତିପୂରଣ ମିଳିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏହା ମଧ୍ୟରେ ଭୂମି ଅଧିଗ୍ରହଣକୁ ନେଇ ବିରୋଧୀଙ୍କ ସ୍ୱର ଶାଣିତ ହେବାରେ ଲାଗିଛି। ସେହିପରି ଏହି ଏନ୍‌ଏଚ୍-୩୨୦(ଡି) ପାଇଁ ସମୁଦାୟ ୧୭୨୩ ବୃକ୍ଷ କଟାଯିବା ପାଇଁ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୧୧ଶହରୁ ଊର୍ଦ୍ଧ୍ୱ ଆମ୍ବ, ଲିମ୍ବ, ତେନ୍ତୁଳି ଆଦି ବିଶାଳକାୟ ବୃକ୍ଷ ବଳି ପଡିବ। ଏ ନେଇ ଜାତୀୟ ରାଜପଥ ବିଭାଗ ଓ ବନ ବିଭାଗ ପକ୍ଷରୁ ତାଲିକା ପ୍ରସ୍ତୁତି ହୋଇଛି। ମାତ୍ର ଜାତୀୟ ରାଜପଥ ବିଭାଗ ପକ୍ଷରୁ ବନ ବିଭାଗକୁ ଫାଇନାଲ ରିପୋର୍ଟ ହସ୍ତାନ୍ତର ହୋଇନାହିଁ। ରାସ୍ତା ପାଇଁ କଟାଯିବାକୁ ଥିବା ମୋଟ୍ ଗଛର ଦୁଇଗୁଣା ବୃକ୍ଷରୋପଣ କରିବାକୁ ବନ ବିଭାଗ ସର୍ତ୍ତ ରଖିଛି। ସେହିପରି ରାସ୍ତାରେ ୩ଟି ପ୍ରକୃଷ୍ଟ ହାତୀ ଚଲାପଥ ପାଇଁ ଅଣ୍ଡରପାସ୍ କନଷ୍ଟ୍ରକ୍‌ଶନ ନିର୍ମାଣ କରିବାକୁ ସର୍ତ୍ତାବଳୀରେ ଉଲ୍ଲେଖ ରହିଛି। ଉକ୍ତ ସର୍ତ୍ତାବଳୀ ପୂରଣ ହେଲେ ବନ ବିଭାଗ ଏନ୍‌ଏଚ ରାସ୍ତା ନିର୍ମାଣରେ ମୋହର ଲଗାଇବ ବୋଲି ଜଣାପଡିଛି।

ଅନ୍ୟପକ୍ଷେ ୨୫ କି.ମି. ରାସ୍ତା ପାଇଁ ମୋଟ୍ ୨୨୨କୋଟି ୬୨ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି ଏବଂ ବିଭାଗ ନିର୍ଦ୍ଧାରିତ ବଜେଟ ହ୍ରାସ କରି ଟେଣ୍ଡର ଆହ୍ୱାନ କରିସାରିଛି। ଏହାସହ ନୂତନ ଏନ୍‌ଏଚ ପାଇଁ ୭ଟି ସରକାରୀ ବିଭାଗକୁ ଆର୍ଥିକ ମଞ୍ଜୁରୀ ଦେଇଛି। ସେଥିମଧ୍ୟରେ ଟିପିଡବ୍ଲ୍ୟୁଡିଏକୁ ୧୧କୋଟି ୫୦ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଆର୍‌ଏମ୍‌ସିକୁ ୬୦ହଜାର, ଏସ୍‌ସି ରେଲୱେକୁ ୮କୋଟି, ଆରଡବ୍ଲ୍ୟୁଏସ୍‌ଏସ୍‌କୁ ୧କୋଟି ୬୮ଲକ୍ଷ ଟଙ୍କା, ଫରେଷ୍ଟକୁ ୩କୋଟି ୨ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଜମି ଅଧିଗ୍ରହଣ ନିମନ୍ତେ ୩୭ କୋଟି ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗୋଟିଏପକ୍ଷେ ବିଭାଗ ପ୍ରଥମ କରି ପାଇଥିବା ଏନ୍‌ଏଚ୍ କାମକୁ କିଭଳି ନିର୍ଦ୍ଧାରିତ ଅବଧିରେ ସମ୍ପୂର୍ଣ୍ଣ କରିବ ସେ ନେଇ ତତ୍ପରତା ପ୍ରକାଶ କରିଥିବା ବେଳେ ଅନ୍ୟପକ୍ଷେ ବିଭାଗ ପାଇଁ ଭୂମି ଅଧିଗ୍ରହଣ ଓ ବନ ବିଭାଗ ସର୍ତ୍ତାବଳୀ ବାଧକ ସାଜିଛି।

ଏ ସମ୍ପର୍କରେ ରାଉରକେଲା ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ଏନ୍‌ଏଚ୍-୩୨୦ଡି ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। କେବଳ ଭୂମି ଅଧିଗ୍ରହଣ ଏବଂ ବନ ବିଭାଗ ମଞ୍ଜୁରୀ ପ୍ରକ୍ରିୟା ବକେୟା ରହିଛି। ବୃକ୍ଷ କାଟିବା ପାଇଁ ବନ ବିଭାଗକୁ ଅର୍ଥରାଶି ଅନୁମୋଦନ ହୋଇଛି। ବନ ବିଭାଗର ଅଣ୍ଡରପାସ କନଷ୍ଟ୍ରକଶନ ସର୍ତ୍ତାବଳୀ ପତ୍ର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇଛୁ। ସ୍ୱୀକୃତି ମିଳିଲେ ହାତୀ ଚଲାପଥ ହେବ ବୋଲି ସେ କହିଥିଲେ। ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ କୁହନ୍ତି, ରାସ୍ତା ନିର୍ମାଣ ପୂର୍ବରୁ ରାଜପଥ ବିଭାଗକୁ ଫରେଷ୍ଟ ଆଇନ ମୁତାବକ ଜରୁରୀ ସର୍ତ୍ତାବଳୀ ଦିଆଯାଇଛି। ଏପର୍ଯ୍ୟନ୍ତ ସର୍ତ୍ତାବଳୀ ପୂରଣ ପାଇଁ କୌଣସି ରିପୋର୍ଟ ଆମର ହସ୍ତଗତ ହୋଇନାହିଁ। ସେହିପରି ସରକାରୀ ଭୂମି ଅଧିଗ୍ରହଣରେ କୌଣସି କ୍ଷତିପୂରଣ ମିଳିବ ନାହିଁ ବୋଲି ବିଶ୍ରା ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର କରି ସମ୍ପର୍କୀୟ ଭାଇ, ଭିଣୋଇ ଫେରାର

**ରାଉରକେଲା ଅଫିସ,୩।୬**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଗ୍ରାମର ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ଭାଇ ଓ ଭିଣୋଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୬।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତ ଦ୍ୱୟ ଫେରାର ଅଛନ୍ତି। ସୂଚନା ଅନୁସାରେ, ବେଲଡିହି ଅଞ୍ଚଳର ଉକ୍ତ ନାବାଳିକା ଜଣଙ୍କ ଖରା ଛୁଟି ଯୋଗୁ ଟାଟାରେ ରହୁଥିବା ତାଙ୍କ ବାପାଙ୍କ ପାଖକୁ ବୁଲିବାକୁ ଯାଇ ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ମା' ଏକ ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଇଥିଲେ ଏବଂ ଘର ଚାବି ପଡିଥିବାରୁ ନାବାଳିକା ଜଣଙ୍କ ଘର ବାହାରେ ବସିଥିଲେ। ତାଙ୍କୁ ଏକୁଟିଆ ଦେଖି ପଡୋଶୀ ସମ୍ପର୍କୀୟ ଭାଇ ଓ ଭିଣୋଇ ତାଙ୍କୁ ଘରକୁ ଡାକି ନେଇ ନାବାଳିକାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଖବର ପାଇ ନାବାଳିକାଙ୍କ ବାପା ଶନିବାର ରାଉରକେଲାରେ ପହଞ୍ଚିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ସାଇକେଲ ଚଳାଇ ଫିଟ୍ ରହିବାକୁ ଆହ୍ୱାନ



ଅତିରିକ୍ତ ଜିଲାପାଳ ସାଇକେଲ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା ଅଫିସ,୩।୬**

**ରାଉରକେଲାରେ ବିଶ୍ୱ ବାଇ ସାଇକେଲ ଦିବସ ପାଳନ**

ରାଉରକେଲା ବାଇ ସାଇକେଲ ଆସୋସିଏଶନ ପକ୍ଷରୁ ସେକ୍ଟର-୩ ରଥଖଳାଠାରେ ଶନିବାର ବିଶ୍ୱ ବାଇ ସାଇକେଲ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସହରର ସାଇକ୍ଲିଷ୍ଟଙ୍କ ସାଇକେଲ ଚାଳନା ପାଇଁ ସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଛି ଏବଂ ଭେଲୋଡ୍ରମ ଦାବି ସରକାରଙ୍କ ବିଚାରାଧୀନ ରହିଛି। ଏଥିସହ ସାଇକେଲ ଚାଳନା ଦ୍ୱାରା ମଣିଷ ଶାରୀରିକ ଏବଂ ମାନସିକ ସ୍ତରରେ ସବଳ ହୋଇଥାଏ। ତେଣୁ ସାଇକେଲ ଚଳାଇ ଫିଟ୍ ରହିବା ପାଇଁ ଅତିରିକ୍ତ ଜିଲାପାଳ ମହାପାତ୍ର ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ସାଇକେଲ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଇ ସାଇକେଲ ଚଳାଇବା ସମସ୍ତଙ୍କ ପାଇଁ ଜରୁରୀ। ସାଇକେଲ ଚାଳନା ଦ୍ୱାରା ଶରୀର ଓ ମନ ସବଳ ହେବା ସହ ପାରିପାର୍ଶ୍ୱିକ ପ୍ରଦୂଷଣ ମଧ ନିୟନ୍ତ୍ରିତ ହୁଏ ବୋଲି ସେ କହିଥିଲେ। ପରେ ଏକ ସଚେତନତା ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିବା ପରେ ଶତାଧିକ ଛାତ୍ରୀଛାତ୍ର ଏବଂ ଯୁବକ ଯୁବତୀ ରାଲିରେ ଅଂଶଗ୍ରହଣ କରିଥିଲେ। ଗୌତମ ବାଲା କାର୍ଯ୍ୟକ୍ରମ ସଂଯୋଜନା ଓ ଉପସଭାପତି ସତ୍ୟାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଉରକେଲା ବାଇ ସାଇକେଲ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଶ୍ରୀୟା କୋହଲି, ଉପସଭାପତି ଆର. କେ. ଜଗଦଲା, ଅଖିଳ କୋହଲି, କେଦାର ଦାଶ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ଦେବଗଡ଼, ୩।୬(ଡି.ଏନ୍.ଏ.)**

ବାଲେଶ୍ୱର ଜିଲାର ବାହାନଗା ରେଳଷ୍ଟେସନ ନିକଟରେ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦଗତି ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ଦେବଗଡ ଜିଲା ନାଗରିକ କମିଟି ଏବଂ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ପୃଥକ ପୃଥକ ଭାବେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଦେବଗଡ ଜିଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପରଦାରଙ୍କ ନେତୃତ୍ୱରେ ମାର୍କଣ୍ଡେଶ୍ୱର ଶତପଥି, ନିରଞ୍ଜନ ଦ୍ୱିବେଦୀ, ଲକ୍ଷ୍ମଣ କୁମାର ପ୍ରଧାନ ଓ ଯୁଧିଷ୍ଠିର ରାଉତଙ୍କ ସମେତ ବହୁ ଜନସାଧାରଣ ଓ ନିର୍ବାଚିତ ଲୋକ ପ୍ରତିନିଧି ଗୋପବନ୍ଧୁ ଛକରେ ଏକତ୍ରିତ ହୋଇ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷଙ୍କୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପୂର୍ବରୁ ଗୋପବନ୍ଧୁ ଛକରେ ଥିବା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉପ ନଗରପାଳ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଦେବଗଡ଼ ପୌର ପରିଷଦର କାଉନସିଲର କାର୍ତ୍ତିକ ମହାକୁଳ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା ଓ ଭାଜପା ନେତା ରମଣୀରଞ୍ଜନ ଆଚାର୍ଯ୍ୟଙ୍କ ସମେତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ସଦସ୍ୟାସଦସ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଟ୍ରେନ୍ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଉରକେଲା ଅଫିସ,୩।୬**

ବାଲେଶ୍ୱର ଜିଲାର ବାହାନଗାଠାରେ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ଗୁରୁତର ଆହତ ହେଇଥିବା ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତ୍ୟୁ ଘଟିଥିବା ଯାତ୍ରୀଙ୍କ ଆତ୍ମାର ଶାନ୍ତି ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ନିରବ ପ୍ରାର୍ଥନା ଓ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଶନିବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଛେଣ୍ଡ ବିଜୁ ପଟ୍ଟନାୟକ ଛକ ନିକଟରେ ଦ୍ୱୀପ ପ୍ରଜ୍ୱଳନ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ବ୍ରଜ ଆନନ୍ଦ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବାବୁ ଖାନ୍, ବରିଷ୍ଠ ବ୍ୟକ୍ତି ଅଭୟ ଦାସ, ଅକ୍ଷୟ ନାୟକ, ମୋହନ ଡାକୁଆ, କ୍ଷୀରୋଦ ଆଚାର୍ଯ୍ୟ, ତାପସ ରାଉତରାୟ, ମଣ୍ଟୁ ପଡ଼ି, ସୋମେନ୍ ରାୟ, ସରୋଜ ଦାସ, ମହେଶ୍ୱର ସାମନ୍ତ, ଅମରେନ୍ଦ୍ର କର, ହରି ପ୍ରଧାନ, ପ୍ରସନ୍ନ ମହାନ୍ତି, ଝରଣା ନାୟକ, ମମତା ପଣ୍ଡା, ଝରଣା ନାୟକ, ପଲ୍ଲବୀ ସାହୁ, ଆର୍ଯ୍ୟାନ୍ ବେହେରା, ସୌମ୍ୟ ପ୍ରଧାନ, ଶ୍ରୀକାନ୍ତ ନାୟକ ଯୋଗ ଦେଇଥିଲେ। ସେହିପରି ଶକ୍ତି ନଗରସ୍ଥିତ ଶକ୍ତି କ୍ଲବ ପକ୍ଷରୁ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। କ୍ଲବ୍‌ର କୈଳାଶ ପ୍ରଧାନ, ଅକ୍ଷୟ ପାତ୍ର, ରଞ୍ଜିତ ପ୍ରଧାନ, ସନ୍ତୋଷ କୁମାର, ଗିରିଶ ପଣ୍ଡା, ବି.ବି ମିଶ୍ର ସମେତ ସ୍ଥାନୀୟ ସଦସ୍ୟ ଉପସ୍ଥିତ ଥିଲେ।




କ୍ୟାଣ୍ଡେଲ ଜାଳି ଟ୍ରେନ ଦୁର୍ଘଟଣା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ରାଉରକେଲା ଜଳସେଚନ ଅଫିସ ଅବସ୍ଥା ଦୟନୀୟ

**ରାଉରକେଲା ଅଫିସ,୩।୬**

**ବାହାର ମୁହାଁ ଚିକ୍‌ଚାକ୍ ଭିତର ଅବସ୍ଥା ବିପର୍ଯ୍ୟସ୍ତ**

ରାଉରକେଲା ଜଳସେଚନ ବିଭାଗ ଅଫିସ କାର୍ଯ୍ୟାଳୟ ଭିତିରି ଅବସ୍ଥା ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି। ବାହାର ମୁହାଁ ଚିକିଚାକ୍ କରୁଥିବାବେଳେ ଅଫିସ ଭିତର କୋଠା, ଛାତ, ଝରକା, କବାଟ ଭାଙ୍ଗିରୁଜି ଯିବାକୁ ବସିଲାଣି। ମାତ୍ର ୩ ବର୍ଷ ହେଲା ଅନୁଦାନ ଅଭାବରୁ କାର୍ଯ୍ୟାଳୟ ମରାମତି କାର୍ଯ୍ୟ ହୋଇପାରୁନି। ଛାତରୁ ସମେଣ୍ଟ ଓ ଲୁହା ଛଡ ଯୋଡେଇ ଛାଡି ବସି ଥିବାବେଳେ ଅନେକ ଥର ଅଫିସର ଇଷ୍ଟିମେଟ ବିଭାଗରେ କର୍ମଚାରୀମାନେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଉପରେ ସିମେଣ୍ଟ ଓ ଲୁହା ଛଡ ପଡିଥିବା ମଧ ଶୁଣିବାକୁ ମିଳିଛି। ଦୈନିକ ବିଭାଗ ଅଧିନସ୍ଥ ରୁକ୍ରା, ପୀତାମହୁଲ ଓ କାଂଶବାହାଲ ଭଳି ଇଚ୍ଛକ୍ଷମତା ବିଶିଷ୍ଟ ଜଳ ସଂରକ୍ଷଣ ଡ୍ୟାମଗୁଡିକର ରିପୋର୍ଟ ପ୍ରସ୍ତୁତ ସହିତ ଗୁରୁଣ୍ଡିଆ, ବଣେଇ, ଲାଠିକଟା, ରାଜଗାଙ୍ଗପୁର ଆଦି ବ୍ଲକରେ ହଜାର ହଜାର ଉଦ୍ୟାନ ଚାଷୀ, ପରିବା ଚାଷୀ, ଡାଲି ଜାତୀୟ ଚାଷୀମାନଙ୍କର ୧୨ ହେକ୍ଟର ଜମିକୁ ଜଳ ସେଚନ ଜନିତ ତଥ୍ୟାବଳୀ ପ୍ରସ୍ତୁତି କାର୍ଯ୍ୟ ମଧ ହୋଇଥାଏ। ଉଭୟ ଖରିଫ ଓ ରବି ଋତୁରେ ଚାଷୀମାନଙ୍କ ଜଳସେଚନ ଜନିତ ସମସ୍ୟା ବିଷୟରେ ଆକଳନ ମଧ ହୁଏ। ୩୦ରୁ ଊର୍ଦ୍ଧ୍ୱ ଷ୍ଟାଫ୍ ଏସମସ୍ତ କାର୍ଯ୍ୟ ପାଇଁ ଅଫିସରେ ନିୟୋଜିତ ରହି ନିଜ କାର୍ଯ୍ୟ ତୁଲାଉଛନ୍ତି। ମାତ୍ର ଏଭଳି ଜରୁରୀକାଳୀନ କାର୍ଯ୍ୟାଳୟ ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବା ବେଳେ ମରାମତି ନ ହେବା କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀଙ୍କ କାର୍ଯ୍ୟ କରିବାର ଇଚ୍ଛା ଉପରେ ଆଘାତ୍ ଦେଉଥିବା ପ୍ରତୀତ ହେଉଛି। ଏନେଇ ବିଭାଗୀୟ ଏସ.ଇ ସନାତନ ସାହୁଙ୍କୁ ପଚାରିବାରୁ ସେ କହିଲେ-୩ବର୍ଷ ହେଲା ଅନୁଦାନ ଅଭାବ ଯୋଗୁ ଅଫିସ ଭିତର କୋଠାଦି ମରାମତି ହୋଇ ପାରୁ ନ ଥିଲା। ଚଳିତ ବର୍ଷ ଯେଉଁଭଳି ଭାବେ କାର୍ଯ୍ୟାଳୟ ଭିତର କୋଠାଗୁଡିକ ମରାମତି କରାଯିବ ସେ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ଅନୁଦାନ ଅର୍ଥରାଶି ପ୍ରଦାନ ହେଲେ ତୁରନ୍ତ କୋଠାଗୁଡିକର ମରାମତି ହେବ ବୋଲି ଦର୍ଶାଇଛନ୍ତି।

# ରଜପର୍ବ ପାଇଁ ପ୍ରତିଯୋଗିତା

**ରାଉରକେଲା ଅଫିସ, ୩।୬**

ଜୁନ ମାସରେ ହେବାକୁ ଥିବା ୩ ଦିବସୀୟ ରଜପର୍ବ ପାଇଁ ଜଗଦା ବାଟ ମା ମଙ୍ଗଳା ପରିସରରେ ଉତ୍କଳବିହାର ମହିଳା ସମିତି ଆରାଧ୍ୟା ଓ ବାଟ ମା' ମଙ୍ଗଳା ମହିଳା ସମିତିର ମହିଳା ସଦସ୍ୟମାନଙ୍କୁ ନେଇ ଖାଦ୍ୟ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀ ରାଉରକେଲାର ନିର୍ଦ୍ଦେଶିକା ଆହ୍ଲାଦିନୀ ହୋତା ,ଜଗଦା ସାଂସ୍କୃତିକ ପରିଷଦର ଉପଦେଷ୍ଟା ଶିବ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାତ ମହାନ୍ତି, ସଙ୍ଗୀତା ଜେନା, ବସନ୍ତ ବାରିକ, ନୀଳଶୈଳ କଲେଜର ଅଧ୍ୟାପିକା ଅନୁପମା ପ୍ରଧାନ, ବାଟ ମା' ମଙ୍ଗଳା ମହିଳା ସମିତିର ସଭାନେତ୍ରୀ ବୀଣାପାଣି ପଟ୍ଟନାୟକ, ଉତ୍କଳ ବିହାରର ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ, ସୁକ୍ତା ପଟ୍ଟନାୟକ, ଛବି ଚକ୍ରବର୍ତ୍ତୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପାରମ୍ପରିକ ପିଠାପଣା, ପାନ, ଆଚାର ଓ ଖାଦ୍ୟ ବ୍ୟଞ୍ଜନ, ଶଙ୍ଖ, ହୁଳହୁଳି ପ୍ରତିଯୋଗିତା କରାଯାଇଥିଲା। ୩୪ ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ସୁନୀତା ପଟ୍ଟନାୟକ ପ୍ରତିଯୋଗିତା ସଞ୍ଚାଳନ କରୁଥିବାବେଳେ ପ୍ରେମଲତା ମହାନ୍ତି, ରୋଜାଲିନ ରାଉତ,ସମ୍ପାଦିକା ମହାନ୍ତି, ଅନ୍ନପୂର୍ଣ୍ଣା ମହାନ୍ତି, ଅଳକା ମହାନ୍ତି, ମମତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ରାଉରକେଲା: ବଦଳିଲେ ୪୬ ଏସ୍‌ଆଇ

**ରାଉରକେଲା ଅଫିସ,୩।୬**

ରାଉରକେଲାର ନୂତନ ଏସ୍‌ପି ଭାବେ ମିତ୍ରଭାନୁ ମହାପାତ୍ର ଯୋଗଦେବା ପରେ ସହରର ବିଭିନ୍ନ ଥାନାରେ କାର୍ଯ୍ୟରତ ୪୬ଜଣ ସବ୍‌ଇନ୍‌ସପେକ୍ଟର (ଏସ୍‌ଆଇ)ଙ୍କୁ ଜିଲାର ବିଭିନ୍ନ ଥାନାକୁ ବଦଳି କରାଯାଇଛି। ଉଦିତନଗର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସୁବ୍ରତ କୁମାର ପଣ୍ଡାକୁ ବଣେଇ ଥାନାକୁ ବଦଳି କରାଯାଇଥିବା ବେଳେ କିରଣ ପ୍ରସାଦ ସାହୁଙ୍କୁ ବିଶ୍ରା ଥାନାକୁ ବଦଳି କରାଯାଇଛି। ସେହିପରି ମଧୁସ୍ମିତା ନାଥ ଶର୍ମାଙ୍କୁ ସେକ୍ଟର-୧୫ ଥାନାକୁ ବଦଳି ହୋଇଛି। ପ୍ଲାଣ୍ଟସାଇଟ ଥାନା ଏସ୍‌ଆଇ ପିଙ୍କି କୁମାରୀ ମୁର୍ମୁଙ୍କୁ ସେକ୍ଟର-୧୯ ଥାନା, ଦେବାଶିଷ ସେନାପତିଙ୍କୁ କୋଇଡା ଥାନା, ବ୍ରାହ୍ମଣୀତରଙ୍ଗ ଥାନାରେ କାର୍ଯ୍ୟରତ ଏସ୍‌ଆଇ ମିତାଲି ମଧୁଛନ୍ଦା ସ୍ୱାଇଁ ଓ ଅର୍ଜୁନ କୁମାର ସେଠୀଙ୍କୁ ପ୍ଲାଣ୍ଟସାଇଟ ଥାନା, ସେକ୍ଟର-୩ ଥାନା ଏସ୍‌ଆଇ ଆଦିତ୍ୟ ବେହେରାଙ୍କୁ ଜଲଦା ଫାଣ୍ଡି, ଟେନସା ଥାନା ଏସ୍‌ଆଇ ଅଶୋକ କୁମାର ବେହେରା, ଲହୁଣୀପଡ଼ା ଥାନା ଏସ୍‌ଆଇ ସୁଦର୍ଶନ ବେହେରା ଓ କୋଇଡା ଥାନାର ଭଗବାନ ବେହେରା, ଲାଠିକଟା ଥାନାର ବାସୁଦେବ ନାୟକଙ୍କୁ ରଘୁନାଥପାଲି ଥାନାକୁ ବଦଳି କରାଯାଇଛି। ରଘୁନାଥପାଲି ଥାନା ଏସ୍‌ଆଇ ସରୋଜ କୁମାର ବେହେରାଙ୍କୁ ପ୍ଲାଣ୍ଟସାଇଟ ଥାନା, ବଣେଇ ଥାନା ଏସ୍‌ଆଇ ଅନିତା ନାୟକ, ହୃଷୀକେଶ ପ୍ରଧାନ ଓ କେ. ବଲାଙ୍ଗ ଥାନା ଏସ୍‌ଆଇ ରାମନାରାୟଣ ପୁରୋହିତଙ୍କ ସହ ଟିକାୟତପାଲି ଥାନାର ପ୍ରମୋଦ କୁମାର ଭୋଇଙ୍କୁ ପ୍ଲାଣ୍ଟସାଇଟ ଥାନା, ଗୁରୁଣ୍ଡିଆ ଥାନା ଏସ୍‌ଆଇ ରବିନାରାୟଣ ତ୍ରିପାଠୀ ଓ ଲହୁଣୀପଡ଼ା ଥାନାର ସେବତୀ ସିଂଙ୍କୁ ଉଦିତନଗର ଥାନାକୁ ବଦଳି ହୋଇଛି। ସେହିପରି ଛେଣ୍ଡ ଥାନା ଏସ୍‌ଆଇ ବିକାଶ କୁମାର କଲେତଙ୍କୁ ଲାଠିକଟା ଥାନା, ଝିରପାଣି ଥାନା ଏସ୍‌ଆଇ ପ୍ରିୟବ୍ରତ ବେହେରାଙ୍କୁ ଲହୁଣୀପଡ଼ା ଥାନା, ସେକ୍ଟର-୭ ଥାନା ଏସ୍‌ଆଇ ଦୁର୍ଯ୍ୟୋଧନ ପ୍ରଧାନ ଓ ଟାଙ୍ଗରପାଲି ଗୀତାଞ୍ଜଳି ବାରିକଙ୍କୁ ସେକ୍ଟର-୩ ଥାନା, ବନ୍ଧମୁଣ୍ଡା ଥାନାର ମୋନାଲିସା ମହାନ୍ତିଙ୍କୁ ବିଶ୍ରା ଥାନା, ବଣେଇ ଥାନାର ପ୍ରଫୁଲ୍ଲ କୁମାର ପୁରୋହିତଙ୍କୁ ସେକ୍ଟର-୭ ଥାନା, କେ. ବଲାଙ୍ଗର ରାଜେଶ କୁମାର ନାୟକଙ୍କୁ ସେକ୍ଟର-୧୯ ଥାନା, ବିଶ୍ରା ଥାନାର ନୁନାରାମ ଗୁଣ୍ଡୁ, କୋଇଡ଼ା ଥାନାର ରୁଦ୍ରଚରଣ ବିଶ୍ୱାଳ ଓ ସେକ୍ଟର-୧୯ ପ୍ରିୟଙ୍କା ସାହୁଙ୍କୁ ଛେଣ୍ଡ ଥାନା, ସେକ୍ଟର-୧୫ ଥାନାର କାଦମ୍ବିନୀ ସିଂଙ୍କୁ ବ୍ରାହ୍ମଣୀତରଙ୍ଗ ଥାନା, ଛେଣ୍ଡ ଥାନାର କେଶବ ବେହେରାଙ୍କୁ ଗୁରୁଣ୍ଡିଆ ଥାନା, ବନ୍ଧମୁଣ୍ଡା ଥାନାର ଦିପୁନ କୁମାର ଦଳେଇଙ୍କୁ ବ୍ରାହ୍ମଣୀତରଙ୍ଗ ଓ ଛେଣ୍ଡ ଥାନାର ପ୍ରବାସିନୀ ସିଂଙ୍କୁ ଝିରପାଣି, ରଘୁନାଥପାଲିର ପଙ୍କଜିନୀ ସାହୁଙ୍କୁ ବଣେଇ, ରଞ୍ଜିତ କୁଲୁଙ୍କୁ କେ. ବଲାଙ୍ଗ, ଇତିଶ୍ରୀ ବେହେରାଙ୍କୁ ପ୍ଲାଣ୍ଟସାଇଟରୁ କୋଇଡା ଥାନାକୁ ବଦଳି କରାଯାଇଛି। ରଘୁନାଥପାଲି ଥାନାର ମୁକେଶ କୁମାର ସାହାଣୀଙ୍କୁ ଟିକାୟତପାଲି ଓ ରାଧେଶ୍ୟାମ ବାଗଙ୍କୁ ଛେଣ୍ଡ ଥାନାରୁ ବ୍ରାହ୍ମଣୀତରଙ୍ଗ ଥାନା, ସୌମ୍ୟରଞ୍ଜନ ଗିରିଙ୍କୁ ଉଦିତନଗର ଥାନାରୁ ବନ୍ଧମୁଣ୍ଡା ଥାନା, ଉଦୟ କୁମାର ସାହୁଙ୍କୁ ଜଲଦା ଫାଣ୍ଡିରୁ ଚାନ୍ଦିପୋଷ ଥାନା, ପ୍ରେମ କୁମାର ଜେନା ଟ୍ରାଫିକ ବିଭାଗରୁ ମହୁଲପଦା ଥାନା, ରଘୁନାଥପାଲିର ମାନସ ସାହୁ ଓ ଗିରିଜା ନନ୍ଦିନୀ ଗରଡ଼ିଆଙ୍କୁ ବନ୍ଧମୁଣ୍ଡା ଥାନାକୁ ବଦଳି କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ବି. କେ. ଭୋଇ ସୂଚନା ଦେଇଛନ୍ତି।

# ଇସ୍ପାତ କଲେଜରେ ମୁଣ୍ଡ ଟେକିଲା ବିବାଦ

**ରାଉରକେଲା ଅଫିସ,୩।୬**

ରାଉରକେଲା ସେକ୍ଟର-୧୬ ଇସ୍ପାତ କଲେଜରେ ବିବାଦ ଥମୁନାହିଁ। କିଛିଦିନ ପୂର୍ବେ ଉକ୍ତ କଲେଜର କିଛି ଛାତ୍ର ଜଣେ ଅଧ୍ୟାପକଙ୍କ ନାମରେ ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କ୍ରମରେ ଶନିବାର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ଇସ୍ପାତ କଲେଜ ପରିଚାଳନା କମିଟି ମୁଖ୍ୟ ଶଙ୍କର ପ୍ରସାଦ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗ୍ରୀଷ୍ମ ଛୁଟି ଥିବାରୁ ଜିବିଙ୍କ ଛେଣ୍ଡ ସ୍ଥିତ ବାସଭବନରେ ଛାତ୍ର କଂଗ୍ରେସ ନେତା ତାଙ୍କୁ ଭେଟିଥିଲେ। ଅଧ୍ୟାପକ ଜଣଙ୍କ ଦୀର୍ଘ ବର୍ଷରୁ କଲେଜରେ ପାଠପଢୁଥିବା ଛାତ୍ରୀଛାତ୍ରଙ୍କୁ ଘରୋଇ ଭାବେ ଟ୍ୟୁଶନ କରୁଛନ୍ତି। ଏଥିପାଇଁ ପ୍ରତ୍ୟେକ ସେମିଷ୍ଟର ପିଛା ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ଏହି କାର୍ଯ୍ୟକଳାପ ଯୋଗୁ କିଛି ଛାତ୍ରୀଛାତ୍ର ବିଜ୍ଞାନ ବିଭାଗକୁ ଛାଡ଼ି କଳା ବିଭାଗରେ ଯୋଗ ଦେଇଥିଲେ। ଏହାବ୍ୟତୀତ କଲେଜରେ ବିଭିନ୍ନ ଅନିୟମିତତା ହେଉଛି। ଆଗାମୀ ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଏଡିଏମ୍ ଅଫିସ୍ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ପରେ କଲେଜର ପରିଚାଳନା ଦାୟିତ୍ୱରେ ଥିବା ବିଧାୟକ ସୁବ୍ରତ ତରାଇଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ନେତା ଶିବୁ ଦୀପ, ପୂର୍ବତନ କଂଗ୍ରେସ ଉପସଭାପତି ବାସୁଦେବ ବାନାର୍ଜୀ, ପ୍ରସନ୍ନ ବଳିଆରସିଂ, ସିଲୁ ବରାଳ, ସଦ୍ଦାବ ଅହମ୍ମଦ, ପ୍ରମୋଦ ନାୟକ, ସନ୍ଦୀପ ଚୌଧୁରୀ, ଦେବାଶିଷ ମହାନନ୍ଦ, ଅନୁରାଗ ବିଶ୍ୱାଳଙ୍କ ସମେତ ବହୁ ଛାତ୍ର ନେତା ଉପସ୍ଥିତ ଥିଲେ।



ସ୍ମାରକପତ୍ର ପ୍ରଦାନ ଅବସରରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାଗଣ।

# ରାସ୍ତାରେ 'ମଦ ଯୋଗ'

କୋପେନହାଗେନ



ଯୋଗ କରିବା ଦେହ ପାଇଁ ହିତକାରକ। ବର୍ତ୍ତମାନ ସମୟରେ ଲୋକେ ନିଜକୁ ସୁସ୍ଥ ରଖିବାକୁ ନିୟମିତ ଯୋଗ, ପ୍ରାଣାୟାମ କରୁଛନ୍ତି। ଏହା କେବଳ ଶରୀର ପାଇଁ ନୁହେଁ, ସ୍ନାୟୁ ଓ ମନକୁ ଶାନ୍ତ କରେ। ଆମେ ଯୋଗ ଦିବସ ମଧ୍ୟ ପାଳନ କରିଥାଉ। ତେବେ ଡେନ୍ମାର୍କରେ ଅଜବ ପ୍ରକାର ଯୋଗ ଦିବସ ପାଳନ କରାଯାଏ। ଏହାକୁ ପାଳନ କରିବାକୁ ଲୋକେ ବହୁତ ଉତ୍ସାହର ସହ ଏକାଠି ହୋଇଥାନ୍ତି। ରିପୋର୍ଟ ମୁତାବକ, ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ସେଥିରେ କିଛି ଲୋକ ଡେନ୍ମାର୍କର ରାଜଧାନୀ କୋପେନହାଗେନ୍ର ରାସ୍ତା କଡ଼ରେ ଯୋଗ କରୁଥିବା ନଜରକୁ ଆସିଛନ୍ତି। ହେଲେ ଏହି ଯୋଗ କିଛି ଅଲଗା ପ୍ରକାରର। ଯାହା ଶୁଣିଲେ ଟିକେ ଆଶ୍ଚର୍ଯ୍ୟ ଲାଗିବ। ରାସ୍ତାରେ ଲୋକ ମଦ ପିଉଥିବା ଦେଖିବାକୁ ମିଳିଛି। ଏହାକୁ ମଦ ଯୋଗ ବୋଲି କୁହାଯାଉଛି। ଏହି ଯୋଗରେ ଲୋକେ ଏକା ସାଙ୍ଗରେ ମଦ ପିଉଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ତ କୁହାଯାଇପାରିବନି। ହେଲେ ଏପରି ଭିଡିଓ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। କ୍ୟାପ୍ସନରେ ଲେଖାହୋଇଛି, କୋପେନହାଗେନ୍ ରାସ୍ତାରେ ପାଖାପାଖି ୧୦୦ ଲୋକ ଜମା ହୋଇଥିଲେ। ଏହା ମଧ୍ୟରେ ସେମାନେ ଥଣ୍ଡା ମଦ ପିଇବା ସହ ଯୋଗ ମଧ୍ୟ କଲେ। ଏଠାରେ ମଦ ଯୋଗ ପାଖାପାଖି ୪ ବର୍ଷ ହେବ ଚାଲିଆସୁଛି। ଏପରି ଯୋଗ କରୁଥିବା ଲୋକଙ୍କ ମଧ୍ୟରେ ଏହା ବହୁତ ପପୁଲାର ହୋଇଗଲାଣି। ଜଣେ ଯୋଗ ଟ୍ରେନର କହିଛନ୍ତି, ଲୋକେ ମଦ କେନ ଧରି ଯୋଗ କରିଥାନ୍ତି। ଏହି ଯୋଗ ଅନ୍ୟ ଯୋଗ ଭଳି। କେବଳ ଲୋକଙ୍କ ମଜା ପାଇଁ ମଦ କେନର ବ୍ୟବହାର କରାଯାଏ। ବହୁତ ଲୋକ ଏହାକୁ ପସନ୍ଦ କରିବା ସହିତ ଡେନ୍ମାର୍କ ଯିବାକୁ ପଡିବ ବୋଲି କହିଛନ୍ତି। ଅନ୍ୟ ଜଣେ ଏହି ଯୋଗ ଦ୍ୱାରା ଆମ ପରମ୍ପରାର ମଜା ଉଡାଯାଉଥିବା କହିଛନ୍ତି।

# ଟଙ୍କା ଅପେକ୍ଷା କାମକୁ ପ୍ରାଧାନ୍ୟ ଦିଅନ୍ତି ଶାହିଦ୍



ମୁମ୍ବାଇ

ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଆଗାମୀ ଫିଲ୍ମ 'ବ୍ଲଡି ଡାଡି' ଆସନ୍ତା ୯ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଅଲ୍ଲି ଅବାସ୍ ଜଫରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ଟ୍ରେଲର ନିକଟରେ ରିଲିଜ୍ ହୋଇଛି। ଲୋକେ ଏହାକୁ ପସନ୍ଦ କରିଥିବାବେଳେ ଫିଲ୍ମ ଦେଖିବାକୁ ଉତ୍ସାହିତ ଅଛନ୍ତି। ନିକଟରେ ଶାହିଦ୍ଙ୍କୁ ଜଣେ ରିପୋର୍ଟର ପ୍ରଶ୍ନ କରିଛନ୍ତି କି, ଆପଣ କ'ଣ ଫିଲ୍ମ ପାଇଁ ୪୦ କୋଟି ଡିମାଣ୍ଡ କରନ୍ତି। ଏହି ପ୍ରଶ୍ନରେ ଶାହିଦ ହସିକି ଜବାବ ଦେଇଥିଲେ। ସେ କହିଥିଲେ, କିଏ କିଛି ନ ଭାବି ଏମିତି କହିଛନ୍ତି। ଆପଣଙ୍କ ଏପରି ପ୍ରଶ୍ନରେ ମୋତେ ଆଉ ଫିଲ୍ମ ମିଳିବନି। ସେ ଏମିତି ଟଙ୍କା ପାଇଁ କାମ କରନ୍ତିନି। ଟଙ୍କା ଅପେକ୍ଷା ସେ କାମକୁ ବେଶି ପ୍ରାଧାନ୍ୟ ଦେଇଥାନ୍ତି ବୋଲି କହିଥିଲେ। ଏମିତିରେ କେହି ଧନୀ ହୋଇଯାଆନ୍ତିନି କି କାମ ନ କଲେ କେହି ଟଙ୍କା ଦିଅନ୍ତିନି। ସେ ନିଜର ସମ୍ପୂର୍ଣ୍ଣ ଉଦ୍ୟମ କରିଥା'ନ୍ତି କିପରି ଶହେ ପ୍ରତିଶତ କାମ କରିପାରିବେ। ତେବେ ଶାହିଦ୍ ୧୯୯୭ରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ତାଙ୍କ ଅଭିନୟ ଜରିଆରେ ଲୋକଙ୍କୁ ହସାଇ ଆସିଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଜର୍ସି'ରେ ଦେଖିବାକୁ ମିଳିଥିଲା। ଏଥିସହ ମଧ୍ୟ ସେ ଟିଭି, ମ୍ୟୁଜିକ୍ ଭିଡିଓ ଏବଂ ଏକ ୱେବ୍ ସିରିଜ୍‌ରେ କାମ କରୁଛନ୍ତି।

# ୮୦ ବର୍ଗଫୁଟ ଘରେ ଜୀବନ

ୱାଶିଂଟନ



ବହୁତ ଲୋକ ବିଦେଶରେ ରହିବାକୁ ସ୍ୱପ୍ନ ଦେଖିଥାନ୍ତି। ସେଥିପାଇଁ ସେଠାରେ ଚାକିରି କରିବାକୁ ଚେଷ୍ଟା କରିଥାନ୍ତି। ଅନେକ ଲୋକ ଭାବୁଥିବେ ଯେ ବିଦେଶରେ ଜୀବନଶୈଳୀ ଅତ୍ୟନ୍ତ ସୁଖଦାୟକ। ହେଲେ ନିକଟରେ ଆମେରିକାର ଜଣେ ଯୁବତୀ ତାଙ୍କ ଜୀବନଶୈଳୀ ସମ୍ପର୍କରେ କହିଛନ୍ତି। ରିପୋର୍ଟ ମୁତାବକ, ଆମେରିକା ନ୍ୟୁୟର୍କରେ ୨୫ ବର୍ଷୀୟା ଅଲାଇନା ରାଣ୍ଡାଜୋ ବର୍ଷେ ହେବ ରହୁଛନ୍ତି। ମାତ୍ର ୮୦ ବର୍ଗଫୁଟ ଘରେ ସେ ରହୁଥିବା କହିଛନ୍ତି। ଏତିକି ଛୋଟ ଅଞ୍ଚଳରେ ଶୋଇବା ଘର, ଲିଭିଂ ରୁମ୍ ଏବଂ ରୋଷେଇ ଘର ସେଠାରେ ମିଳୁଛି। ହେଲେ ସେଠାରେ ଗାଧୁଆ ଘର, ଝରକା ନ ଥିବା ସେ କହିଛନ୍ତି। ଅଲାଇନା ତାଙ୍କର ଏହି ଛୋଟଘରର ଫଟୋ ଶେୟାର କରିଛନ୍ତି। ପ୍ରକୃତରେ ସେ ମିଶୋରୀର ବାସିନ୍ଦା। ସେ ସେଠାରେ ଏକ ଆଲିଶାନ୍ ଘରେ ରହୁଥିଲେ। ସେଥିପାଇଁ ତାଙ୍କୁ ମାସକୁ ୨ ଲକ୍ଷ ଟଙ୍କା ଘରଭଡ଼ା ଦେବାକୁ ପଡୁଥିଲା। ପରେ ତାଙ୍କୁ ନ୍ୟୁୟର୍କର ଏହି ଘର ବାବଦରେ ଜଣାପଡ଼ିଲା। ସେଥିପାଇଁ ସେ ନିଷ୍ପତ୍ତି ନେଲେ ଯେ ସେ ନ୍ୟୁୟର୍କରେ ରହିବେ। ସେ ଏହି ଘରକୁ ଆସିବା ପରେ ତାଙ୍କୁ ଘରଟି ବହୁତ ଛୋଟ ଲାଗିଲା। ହେଲେ ସେ ଟଙ୍କା ବଞ୍ଚାଇବାକୁ ଯାଇ ତାଙ୍କ କୁକୁର ସହ ଏଠାରେ ରହିଗଲେ। ଏଠାରେ ତାଙ୍କୁ ମାସିକ ୫୪ ହଜାର ଟଙ୍କା ଦେବାକୁ ପଡୁଛି।

# କାମ ନ ଥିବାରୁ ଟିକ୍‌ଟକ୍ ଭିଡିଓ କରୁଛନ୍ତି ମ୍ୟାନେଜର



**ୱାଶିଂଟନ:** ନିକଟରେ ଜଣେ ଯୁବତୀ ତାଙ୍କ ଚାକିରି ବିଷୟରେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ କମ୍ପାନୀ ତାଙ୍କୁ ମୋଟା ଅଙ୍କର ଟଙ୍କା ଦେଉଥିଲେ ମଧ୍ୟ ସେ ବିଶେଷ କିଛି କାମ କରୁ ନ ଥିବା କହିଛନ୍ତି। ରିପୋର୍ଟ ମୁତାବକ, ଡାନି ନାମ୍ନୀ ଯୁବତୀ ଆମେରିକାର ଏକ କମ୍ପାନୀରେ ମ୍ୟାନେଜର କାମ କରନ୍ତି। ସେ କହିଛନ୍ତି, ତାଙ୍କ କାମକୁ ସେ ଅତି ନିଷ୍ଠାର ସହ କରନ୍ତି। କମ୍ପାନୀରେ ଅନ୍ୟମାନଙ୍କ କାମ ଠିକ୍‌ଠାକ୍ ଚାଲିଛି କି ନାହିଁ ସେ ଦେଖନ୍ତି। ଏଥିସହ ସେ ବସ୍‌ଙ୍କ ମିଟିଂ ଟାଇମ୍ ଏବଂ କିଛି ପେପର କାମ କରନ୍ତି। ଏସବୁ କରିବା ପରେ ତାଙ୍କ ପାଖରେ ଅନେକ ଖାଲି ସମୟ ରହିଥାଏ। ଏହି ଖାଲି ସମୟରେ ସେ ଟିକ୍‌ଟକ୍ ଭିଡିଓ ମଧ୍ୟ କରିଥାନ୍ତି। ସେ ଭିଡିଓରେ ଲେଖିଛନ୍ତି ଯେ ଅଳସୁଆ ଅଫିସ ଚାକିରି ପାଇଁ ତାଙ୍କ ଜନ୍ମ ହୋଇଛି। ତାଙ୍କର ଏହି ଭିଡିଓ ବେଶ୍ ଭାଇରାଲ ହେବା ସହ ତାଙ୍କୁ ଅନେକ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଆସିଛି। ସେ ସେଥିରେ ଲୋକଙ୍କୁ ଏପରି ଚାକିରି କିପରି ପାଇବ ତାହା କହିଛନ୍ତି।

## ରାଜ୍ୟ ଖବର

# ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ସ୍ୱତନ୍ତ୍ର ଗ୍ରୀଷ୍ମ ବ୍ୟବସ୍ଥା

ସମ୍ବଲପୁର,୩।୬(ବ୍ୟୁରୋ)



ଡିଅର ପାର୍କରେ ଗ୍ରୀଷ୍ମ ତାତିରୁ ରକ୍ଷା ପାଇବା ପାଇଁ ଶୁଆମାନଙ୍କୁ ଖାଦ୍ୟ ଦିଆଯାଉଛି।

ପଶ୍ଚିମ ଓଡ଼ିଶାରେ ଗତ କିଛିଦିନ ହେଲା ଗ୍ରୀଷ୍ମପବାହ ବୃଦ୍ଧି ପାଇବାରେ ଲାଗିଛି। ୨ଦିନର ରେକର୍ଡ ଦେଖିଲେ ସମ୍ବଲପୁରରେ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଅଧୀନରେ ଥିବା ସମ୍ବଲପୁର ପ୍ରାଣୀ ଉଦ୍ୟାନ(ଡିଅରପାର୍କ)ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଗ୍ରୀଷ୍ମ ଆରମ୍ଭରୁ ଉଦ୍ୟାନ କର୍ତ୍ତୃପକ୍ଷ ବନ୍ୟଜନ୍ତୁଙ୍କୁ ଉତ୍ତାପରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେଇଥିଲେ। ହେଲେ ତାପମାତ୍ରା ବୃଦ୍ଧି ପାଉଥିବାରୁ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ପ୍ରାଣୀମାନଙ୍କ ମଧ୍ୟରେ ଉତ୍ତାପ ଓ ଡିହାଇଡ୍ରେଶନ ରୋକିବା ପାଇଁ ବନ ବିଭାଗ ଏହି ପ୍ରୟାସ ଆରମ୍ଭ କରିଥିବା ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ପ୍ରାଣୀ ଉଦ୍ୟାନକୁ ଘେରି ରହିଥିବା ନୂତନ ବଟାନିକାଲ୍ ବଗିଚା ମଧ୍ୟ ପ୍ରାଣୀ ଉଦ୍ୟାନର ପରିବେଶକୁ ସମର୍ଥନ କରିଛି। ସମସ୍ତ ୨୭ ନମ୍ବର ଏନ୍‌କ୍ଲୋଜରର ଛାତ ଓ ରାସ୍ତା ପାର୍ଶ୍ୱ ଗ୍ରୀନେଟ୍ ଏବଂ ବାଉଁଶ ଖଣ୍ଡ ସହିତ ଆବୃତ୍ତ ହୋଇଛି। ବାଉଁଶ ଛାତକୁ ଦିନକୁ ଦୁଇଥର ପାଣିରେ ସ୍ପ୍ରେ କରାଯାଉଛି। ୧ମାସ ପୂର୍ବରୁ କଲରାପତରିଆ ବାଘ ଏନ୍‌କ୍ଲୋଜରର ଆକାର ଦ୍ୱିଗୁଣିତ ହୋଇଛି। ପୂର୍ବରୁ ଏହା ୨୫୦ ବର୍ଗମିଟର ଥିଲା। ବର୍ତ୍ତମାନ ଏହାକୁ ୫୦୦ ବର୍ଗ ମିଟରକୁ ବୃଦ୍ଧି କରାଯାଇଛି। କଲରାପତରିଆ ବାଘର ବିଶ୍ରାମ ପ୍ରକୋଷ୍ଠରେ କୁଲର ଯୋଗାଇ ଦିଆଯାଇଛି। ବାଉଁଶ ମ୍ୟାଟ୍‌ଗୁଡିକ ଏନ୍‌କ୍ଲୋଜରର ଛାତରେ କୁଲିଂ ଶେଡ୍ ଭାବରେ ବ୍ୟବହୃତ ହେଉଛି। ଗ୍ରୀଷ୍ମ ସମୟରେ ୩୩୦ ପ୍ରାଣୀଙ୍କର ସମସ୍ତ ୧୭ ପ୍ରକାର ଖାଦ୍ୟରେ ପରିବର୍ତ୍ତନ କରାଯାଇ ତରଭୁଜ ଓ କାକୁଡି ମିଶାଯାଇଛି। ସମସ୍ତ ପଶୁଙ୍କ ଉତ୍ତାପ ଚାପ ରୋକିବା ପାଇଁ ଔଷଧ ଦିଆଯାଉଛି। ଏନ୍‌କ୍ଲୋଜରରେ ପଶୁମାନଙ୍କୁ ହାଇଡ୍ରେଟ୍ ରଖିବା ପାଇଁ

### କଲରାପତରିଆ ପାଇଁ କୁଲର, ପକ୍ଷୀଙ୍କ ଖାଇବା ବଦଳିଲା

ଜଳ ସହିତ ଗ୍ଲୁକୋଜ ଯୋଗାଇ ଦିଆଯାଉଛି। ପ୍ରାଣୀ ଉଦ୍ୟାନ ପାଇଁ ଜଣେ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସକଙ୍କୁ ନିଯୁକ୍ତି କରାଯାଇଛି। ଚଳିତ ବର୍ଷଠାରୁ ପ୍ରତିଦିନ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ଚିକିତ୍ସକଙ୍କ ଦ୍ୱାରା କରାଯାଉଛି। ପ୍ରାଣୀ ଉଦ୍ୟାନ ଭିତରେ ସମସ୍ତ ଆଧୁନିକ ଉପକରଣ ସହିତ ଏକ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ଗୋଟିଏ ଅପରେଶନ କକ୍ଷ ମଧ୍ୟ ବିକଶିତ କରାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ ସମସ୍ତ ଉଦ୍ଧାର ଉପକରଣ ରହିଛି। ସ୍ୱତନ୍ତ୍ର ଉଦ୍ଧାର କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ୧୭ ପ୍ରଜାତି ସହିତ ୨୭ଟି ଏନ୍‌କ୍ଲୋଜର ରହିଛି। କଲରାପତରିଆ ବାଘ, ଭାଲୁ, ଶମ୍ବର, ହରିଣ ସମେତ ବିଭିନ୍ନ ପ୍ରକାର ରଙ୍ଗିନ ପକ୍ଷୀ, କକ୍‌ଟିଏଲ୍, ବୁଗେରିଗାର୍, ମୟୂର ଭଳି ପକ୍ଷୀ ରହିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଆସିକା,୩।୬ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ବୁଗୁଡା ଥାନା ଅଞ୍ଚଳରେ ଗତ ୨୦୧୧ରେ ଘଟିଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବୃତାନ୍ତ ରାୟ ଶନିବାର ପ୍ରକାଶ ପାଇଛି । ଆସିକାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରବିର କୁମାର ଚୌଧୁରୀ ମାମଲାର ବିଚାର କରି ଅଭିଯୁକ୍ତ ରୁନା ଦାସ ଓରଫ ତ୍ରିପାଠୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡିତ କରିଛନ୍ତି । ଜୋରିମାନା ଅର୍ଥ ଅନାଦେୟ ଅତିରିକ୍ତ ୪ମାସ ସଶ୍ରମ କାରାଦଣ୍ଡ ଲାଗି ଅଦାଲତ ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୧ ଜାନୁଆରୀ ୧୭ରେ ଜଣେ ୫ ବର୍ଷର ନାବାଳିକା ଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ଜଣକ ତାକୁ ଘର ଭିତରକୁ ଟାଣି ନେଇ ବଳାତ୍କାର କରିଥିଲେ । ନାବାଳିକାଙ୍କ ବାପା ବୁଗୁଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ଜଗନ୍ନାଥ ମଲିକ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ଏହି ମାମଲାରେ ୧୩ଜଣ ସାକ୍ଷ୍ୟ ପ୍ରମାଣ ଦେଇଥିଲେ । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରିଥିଲେ ।

# ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ନିଖୋଜ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୩।୬

### ଅପହରଣ ସନ୍ଦେହ



ଅଜିତ କୁମାର ସାହୁ

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ସାହୁ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଅପହରଣ କରାଯାଇଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ଏଥିରେ ମାଓବାଦୀ କି ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି ତାହା ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଜାଜେଶପାଙ୍ଗା ଗାଁରେ ବରାଳ ଦେବୀ ପୂଜା ପାଇଁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ଉପାଧ୍ୟକ୍ଷ ଅଜିତଙ୍କୁ ଅତିଥି ଭାବରେ ଡକା ଯାଇଥିଲା। ଉପାଧ୍ୟକ୍ଷ ନିଜ କାରରେ ରତଙ୍ଗ ପଞ୍ଚାୟତ ସମିତି ସଭ୍ୟ ବିରଞ୍ଚି ମଲିକ ଓ ସହଯୋଗୀ ବସନ୍ତ ମାଝୀଙ୍କ ସହ ଜାଜେଶପାଙ୍ଗା ଯିବାକୁ ବାହାରିଥିଲେ। କାର୍ଯ୍ୟକ୍ରମରେ ବିଳମ୍ବ ହେବା ଜାଣିବାରୁ ସମସ୍ତେ କାରରେ ସାଡିଙ୍ଗିଆ ଦେଇ ଯାଉଥିଲେ । ରାସ୍ତାରେ ଥିବା ଘାଟି ନିକଟରେ କାରକୁ ରଖି ପରିସ୍ରା କରିବା ପାଇଁ ଓହ୍ଲାଇ ଥିଲେ। ପରିସ୍ରା କରିବା ପାଇଁ ଅଜିତ ଗୋଟେ ପଟେ ଯାଇଥିବା ବେଳେ ତାଙ୍କର ଦୁଇଜଣ ସହଯୋଗୀ ଅନ୍ୟପଟକୁ ଯାଇଥିଲେ। ଦୁଇ ସହଯୋଗୀ ପରିସ୍ରା କରି ଫେରିଲା ପରେ ଅଜିତ ପାଖରେ ନ ଥିବା ଦେଖିବାକୁ ପାଇଥିଲେ। ଉଭୟ ସେଠାରେ ବହୁ ଖୋଜା ଖୋଜି କଲା ପରେ ମଧ୍ୟ ଅଜିତଙ୍କୁ ପାଇଁ ନ ଥିଲେ। କିଛି ସମୟ ପରେ ରତଙ୍ଗ ସମିତି ସଭ୍ୟ ବିରଞ୍ଚି ମଲିକ ଫିରିଙ୍ଗିଆ ଥାନାକୁ ଫୋନ ଯୋଗେ ଜଣାଇ ଥିଲେ । ମାତ୍ର ଅଜିତଙ୍କ କାରରେ ଚାବି ଲାଗି ରହିଥିବା ବେଳେ ତାଙ୍କ ମୋବାଇଲ ମଧ୍ୟ ରହିଥିଲା । ବର୍ତ୍ତମାନ ସୁଦ୍ଧା ଉପାଧ୍ୟକ୍ଷଙ୍କ କୌଣସି ଖବର ମିଳି ପାରିନାହିଁ। ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟ, ସାଡିଙ୍ଗିଆ ଅଞ୍ଚଳ ମାଓବାଦୀ ପ୍ରବଣ ଅଟେ। ତେଣୁ ମାଓବାଦୀ ଅଜିତଙ୍କୁ ଅପହରଣ କରି ନେଇଥିବା ସନ୍ଦେହ କରାଯାଉଛି। କିଛି ଦିନ ତଳେ ଏହି ଅଞ୍ଚଳ ପାଖ ସୁମରବନ୍ଧର ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀ ଗୁଳି କରି ହତ୍ୟା କରିଥିଲେ।

# ରାୟଗଡ଼ା ଦେଇ ଯାତାୟାତ କରୁଛି ୫ ଟ୍ରେନ୍

ରାୟଗଡ଼ା,୩।୬(ସ୍ୱ.ପ୍ର.)

### ଟ୍ରେନ୍ ଦୁର୍ଘଟଣା ଯୋଗୁ ବଦଳିଲା ଗତିପଥ

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ଯୋଗୁ କେତେକ ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି। ବିଜୟନଗରମ୍, ରାୟଗଡ଼ା ଓ ଟିଟିଲାଗଡ଼ ଦେଇ ଟ୍ରେନ୍ ଯାତାୟାତ କରୁଥିବା ନେଇ ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏସ୍‌ଏମ୍‌ଭି ବେଙ୍ଗାଲୁରୁ-ଗୋହାଟୀ(୧୨୫୦୯) ଟ୍ରେନ୍ ଗୁରୁବାରଠାରୁ ଭାୟା ବିଜୟନଗରମ, ରାୟଗଡ଼ା ଓ ଟିଟିଲାଗଡ଼ ଦେଇ ଯାତାୟାତ କରୁଥିବା ଏବଂ ଶୁକ୍ରବାରଠାରୁ ଏସ୍‌ଏମ୍‌ଭି ବେଙ୍ଗାଲୁରୁ-ଅଗରତାଲା (୧୨୫୦୩)ଟ୍ରେନ୍, ସିଲଘାଟ ଟାଉନ-ତାମ୍ବରମ୍(୧୫୬୩୦)ଟ୍ରେନ୍ ଭାୟା ବିଜୟନଗରମ୍‌ଠାରୁ ରାୟଗଡ଼ା ଓ ଟିଟିଲାଗଡ଼ ଦେଇ ଯାତାୟାତ କରୁଥିବା ନେଇ ସୂଚନା ମିଳିଛି। ସେହିପରି ତିରୁଚିରାପଲ ପିଜେ-ହାଓଡା(୧୨୬୬୪) ଟ୍ରେନ୍ ଶୁକ୍ରବାରଠାରୁ ଏବଂ କନ୍ୟାକୁମାରୀ-ଦିବ୍ରୁଗଡ଼(୨୨୫୦୩)ଟ୍ରେନ୍ ଶନିବାରଠାରୁ ଭାୟା ବିଜୟନଗରମ୍, ରାୟଗଡ଼ା ଓ ଟିଟିଲାଗଡ଼ ଦେଇ ଯାତାୟାତ କରୁଥିବା ନେଇ ଡିଆର୍‌ଏମ୍ ଅନୁପ ଶତପଥୀ ସୂଚନା ଦେଇଛନ୍ତି। ବାହାନଗାଠାରେ ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଟ୍ରେନ୍‌ଗୁଡ଼ିକ ଏହିଭଳି ଚାଲିବ ବୋଲି ଜଣାପଡ଼ିଛି ।

# ଡଙ୍ଗା ବୁଡ଼ି ନାବାଳିକା ମୃତ, ଜଣେ ନିଖୋଜ

ବରୀ/ଯାଜପୁର ଟାଉନ, ୩।୬(ଡି.ଏନ.ଏ.)



ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ତନ୍ତିଘାଇ ନଦୀର ଶାଖା ଚିଙ୍ଗୁଡ଼ିଆ ନାଳର ଭଅଁରାଠାରେ ଶନିବାର ଡଙ୍ଗାବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ନିଖୋଜ ହୋଇଛନ୍ତି। ୩ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମୃତକ ହେଲେ ବରୀ ବ୍ଲକ୍ ଭଅଁରା ପଞ୍ଚାୟତ ସଙ୍ଗୁଅଗଦେଇପୁର ଗ୍ରାମର ଇନ୍ଦ୍ରମଣି ପାତ୍ରଙ୍କ ଝିଅ ସାଗରିକା ପାତ୍ର(୧୩)। ନିଖୋଜ ନାବାଳିକା ହେଲେ ଇନ୍ଦ୍ରମଣିଙ୍କ ସାନଝିଅ ସଂଘମିତ୍ରା ପାତ୍ର(୯)।

ଗ୍ରାମର ୫ଜଣ ନାବାଳିକାନାବାଳକ ବରୀ ନିର୍ବାଚନମଣ୍ଡଳୀ ଛତିଶଦେଉଳର ମହମ୍ମଦଜମାପୁର ଗ୍ରାମକୁ ପୂର୍ବାହ୍ନ ୧୧ଟାରେ ମାମୁ ଘର ସମ୍ପର୍କୀୟଙ୍କ ସହିତ ମାଛଧରା ଡଙ୍ଗାରେ ଯାଉଥିଲେ। କୌଣସି କାରଣ ବଶତଃ ଡଙ୍ଗାଟି ବୁଡ଼ି ଯାଇଥିଲା। ଫଳରେ ସମସ୍ତେ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ଗ୍ରାମବାସୀ ୩ ନାବାଳିକାଙ୍କୁ

### ୩ ଉଦ୍ଧାର

ଉଦ୍ଧାର କରିଥିଲେ। ନାଉରିଆ ପହଁରି ପହଁରି କୂଳକୁ ଆସିଥିବାବେଳେ ଆଉ ଦୁଇ ନାବାଳିକା ମିଳି ନ ଥିଲେ। ନଦୀରୁ ଉଦ୍ଧାର ହୋଇଥିବା ଭିକାରି ପରମାଣିକଙ୍କ ୨ ଝିଅ ଭୂମିକା ପରମାଣିକ(୧୪), ଭିଭିସିକା ପରମାଣିକ (୧୦) ଓ ପୁଅ ସୁଦର୍ଶନ ପରମାଣିକ(୪)ଙ୍କୁ ଗ୍ରାମବାସୀ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେମାନେ ସୁସ୍ଥଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବରୀ ଅଗ୍ନିଶମ ବାହିନୀ ଓ ଯାଜପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ସାଗରିକାଙ୍କ ମୃତଦେହ ଠାବ କରିଥିଲେ। ସଂଘମିତ୍ରାଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରୟାସ ଜାରି ରଖିଛନ୍ତି। ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ତହସିଲଦାର ତିଲୋତମା ପୃଷ୍ଟି, ସଦର ଥାନା ଅଧିକାରୀ ମାନସ ଚକ୍ର, ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଓ ସରପଞ୍ଚ ପ୍ରଭାତୀ ପଲାଇ ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ବିଧାୟିକା ସୁନନ୍ଦା ଦାସ ଶୋକ ସନ୍ତପ୍ତ ପରିବାକୁ ଭେଟି ସମବେଦନା ଜଣାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ରାଜ୍ୟଖବର

# ସ୍ନାନଯାତ୍ରା ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି

**ପୁରୀ ଅଫିସ,୩।୬**

ରବିବାର ମହାପ୍ରଭୁଙ୍କ ସ୍ନାନଯାତ୍ରା। ଏଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାବେଳେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକଠାରୁ ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ କରାଯାଇ ଥିବାବେଳେ ଖରାରୁ ରକ୍ଷା ପାଇବା ପାଇଁ ଶେଡ୍ ବ୍ୟବସ୍ଥା ହୋଇଛି। ତେବେ ଶନିବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ଓ ପୁରୀ ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ କେତେଜଣ ବରିଷ୍ଠ ଅଧିକାରୀ ଶ୍ରୀମନ୍ଦିର ଯାଇ ଭିତର, ବାହାର ଓ ଅନ୍ୟାନ୍ୟ ସ୍ଥାନ ଅନୁଧ୍ୟାନ କରିବା ସହ ବିଭିନ୍ନ କାର୍ଯ୍ୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ଆଇଜି ସିଂ କହିଥିଲେ, ମହାପ୍ରଭୁଙ୍କ ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ଶୁକ୍ରବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଶନିବାର ରିହର୍ସାଲ ହେବା ସହ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ସମସ୍ତ ସ୍ଥାନକୁ ଯାଇ ନିରୀକ୍ଷଣ କରାଯାଇଛି। ସମସ୍ତ ସ୍ଥାନରେ ପୋଲିସ ନିୟୋଜିତ ରହିଛନ୍ତି। ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ କରାଇବା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ପୋଲିସ କର୍ମଚାରୀମାନେ ତତ୍ପର ରହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେତେ ଭକ୍ତ ଆସିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ କୃପାରୁ ମହାପ୍ରଭୁଙ୍କ ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ। ବାହାରେ ଏବଂ ଭିତର ବ୍ୟବସ୍ଥା ଭଲ ରହିଛି। ଫଳରେ ଭକ୍ତମାନେ ସୁରୁଖୁରୁରେ ଦର୍ଶନ କରିପାରିବେ ବୋଲି ସିଂ କହିଛନ୍ତି।

# ପୀଡ଼ିତଙ୍କୁ ନିଃଶୁଳ୍କ ବସ୍ ସେବା

**କଟକ ଅଫିସ,୩।୬**

ଓଡ଼ିଶା ରାଜ୍ୟ ପରିବହନ ନିଗମ ଓ କଟକ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଟ୍ରେନ୍ ଦୁର୍ଘଟଣାରେ ପୀଡ଼ିତଙ୍କ ନିମନ୍ତେ ନିଃଶୁଳ୍କ ବସ୍ ସେବା ଯୋଗାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ କଟକ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ୫୨ଟି ଓ ସରକାରୀ ବସ୍ ୯ଟି ନିୟୋଜିତ କରାଯାଇଥିଲା। ପୁଣି ଆବଶ୍ୟକତା ଦୃଷ୍ଟିରୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆଉ ୧୫ଟି ବସ୍ ଯୋଗାଇ ଦିଆଯାଇଥିବା ଜଣାପଡିଛି। ବାଲେଶ୍ୱର ଷ୍ଟେଶନ୍‌ରୁ ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ଟ୍ରେନ୍‌ରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ନିମନ୍ତେ ରେଲୱେ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ତେଣୁ ବାହାନଗାରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟ୍ରେନ୍ ଯୋଗେ ଯାତ୍ରୀମାନେ କଟକରେ ପହଞ୍ଚିବା ପରେ ସେମାନଙ୍କୁ ବାଲେଶ୍ୱରରେ ପହଞ୍ଚାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା। କଟକ ଷ୍ଟେଶନରେ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ ଯାତ୍ରୀମାନଙ୍କୁ ପାନୀୟଜଳ ଯୋଗାଇ ଦିଆଯାଇଥିଲା। କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖ କଟକ ରେଳଷ୍ଟେଶନରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

# ରାଜନୀତି ଛାଡ଼ିବା ଯୋଜନା ନାହିଁ: ଗଡ଼କରୀ

**ନୂଆଦିଲ୍ଲୀ, ୩।୬(ଆଇଏଏନ୍‌ଏସ୍)**

କ୍ଷମତା ରାଜନୀତି ଅପେକ୍ଷା ସେବାର ରାଜନୀତିରେ ବିଶ୍ୱାସ କରେ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ସେ ରାଜନୀତି ଛାଡ଼ିବା ନେଇ ହେଉଥିବା କଳ୍ପନାଜଳ୍ପନାକୁ ବରିଷ୍ଠ ଭାଜପା ନେତା ଖଣ୍ଡନ କରିଛନ୍ତି। ତାଙ୍କର ରାଜନୀତି ଛାଡ଼ିବାର ଯୋଜନା ନାହିଁ। ଭାଜପା ସଂସଦୀୟ ବୋର୍ଡରେ ତାଙ୍କୁ ସାମିଲ କରା ନ ଯିବା ନେଇ ଦଳର ନିଷ୍ପତ୍ତିରେ ସେ ଅସନ୍ତୁଷ୍ଟ ନୁହନ୍ତି ବୋଲି କହିଛନ୍ତି। ତାଙ୍କ ମତାମତକୁ ଠିକ୍ ଭାବେ ଉପସ୍ଥାପନ କରାଯାଉ ନାହିଁ। ସେ ରାଜନୀତି ଛାଡ଼ିବାର କୌଣସି କାରଣ ନାହିଁ ବୋଲି ଗଡ଼କରୀ କହିଛନ୍ତି।


ନୀତିନ ଗଡ଼କରୀ

ସମାଜର ସେବା କରିବା ହେଉଛି ରାଜନୀତି। ଏହା କେବଳ କ୍ଷମତା ପାଇଁ ନୁହେଁ। ସମାଜ ସେବା ସହ ଦେଶ ପାଇଁ କାମ କରିବା ଏବଂ ବିକାଶମୂଳକ କାର୍ଯ୍ୟକୁ ଆଗେଇନେବା ହେଉଛି ରାଜନୀତି। ସେ ସେବା ରାଜନୀତି ପ୍ରତି ଅଧିକ ଆଗ୍ରହୀ ଥିବାବେଳେ କେତେଜଣ ଏହାର ଭୁଲ୍ ଉପସ୍ଥାପନା କରୁଥିବା ଗଡ଼କରୀ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଏନେଇ ପ୍ରଶ୍ନ ହେବାରୁ ଗଡ଼କରୀ କହିଥିଲେ, ରାଜନୀତିରେ ୨ ଯୁକ୍ତ ୨ କଦାପି ୪ ହୋଇ ନ ଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ କାର୍ଯ୍ୟ ଆଧାରିତ ପ୍ରଦର୍ଶନକୁ ବିଚାର କରି ଦେଶବାସୀ ପୁଣିଥରେ ଦେଶର ବିକାଶ ପାଇଁ ଭାଜପାକୁ ଜିତାଇବେ ବୋଲି ଗଡ଼କରୀ କହିଛନ୍ତି।

# କଂଗ୍ରେସରେ ଯୋଗଦେଲେ ଭାଜପା, ବିଜେଡି କର୍ମୀ


କଂଗ୍ରେସରେ ସାମିଲ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଚଣ୍ଡିଖୋଲ,୩।୬(ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଟୁକା ପଞ୍ଚାୟତର ଭାକୁଡ଼ ହରିଗୋସେଇଁ ସାଂସ୍କୃତିକ ପରିଷଦ ପ୍ରାଙ୍ଗଣରେ ଶୁକ୍ରବାର ରାତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ରଙ୍କ ପ୍ରତି ଆକୃଷ୍ଟ ହୋଇ ୨୦୧୯ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ୧୯ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ତଥା ମାଣ୍ଟୁକା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କିଶୋର ରାଉତଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଭାଜପା ଓ ବିଜେଡି କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଯୁବନେତା ମହାପାତ୍ର ସେମାନଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରି ଦଳରେ ସାମିଲ କରିଛନ୍ତି।

ଗତ କିଛି ବର୍ଷ ହେବ ବଡ଼ଚଣାରେ ଭାଜପା ଦିନକୁ ଦିନ ଦୁର୍ବଳ ହେଉଥିବାବେଳେ କଂଗ୍ରେସର ନେତୃତ୍ୱ ସାଧାରଣ ଲୋକଙ୍କ ନିକଟରେ ଆସ୍ଥାଭାଜନ ହେଉଛି, ଯାହାକୁ ଭରସା କରି ବହୁ ଭାଜପା କର୍ମୀ କଂଗ୍ରେସରେ ସାମିଲ ହେଉଥିବା ଦେଖାଯାଇଛି। ପ୍ରାକ୍ତନ ଯୁବକଂଗ୍ରେସ ସଭାପତି ନିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମାଣ୍ଟୁକା ପଞ୍ଚାୟତର ମୁରଲୀ ଭୋଇ, କୈଳାସ ବେହେରା, ସରସ୍ୱତୀ ବେହେରା, ରେବତୀ ବେହେରା, ଜାନକୀ ବେହେରା, ସୁଦର୍ଶନ ବାରିକ, ଶ୍ୟାମସୁନ୍ଦର ଜେନା, ଭରତ ବେହେରା, ରବି ବେହେରା, ଦିବ୍ୟପ୍ରକାଶ ବେହେରା, ଅକ୍ଷୟ ବାରିକ, ନିରଞ୍ଜନ ଜେନାଙ୍କ ସମେତ ବହୁ କର୍ମକର୍ତ୍ତା କଂଗ୍ରେସରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।

ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ କୁମାର ସାମଲ, ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ, ବିଚିତ୍ର ଜେନା, ଦୁଷ୍ମନ୍ତ ସାମଲ, ମାଣ୍ଟୁକା ପଞ୍ଚାୟତ ସଭାପତି ସୁଧୀର କୁମାର ଦାସ, ପ୍ରାକ୍ତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ପରିଡ଼ା, ଅରକ୍ଷିତ ସିଂ, ଭାଗବତ ଦାସ, ପ୍ରଶାନ୍ତ ଦାସ ଓ ହେମନ୍ତ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶୁଭ୍ରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

ରାଜ୍ୟଖବର

# ପ୍ରତ୍ୟେକ ଜିଲାରେ ଖୋଲିବ 'କାଳିଆ' ସେଣ୍ଟର

**ଭୁବନେଶ୍ୱର,୩।୬(ବ୍ୟୁରୋ)**

କୃଷକମାନଙ୍କ ପାଇଁ ରାଜ୍ୟର ପ୍ରତ୍ୟେକ ଜିଲାରେ 'କାଳିଆ' ସେଣ୍ଟର ଖୋଲିବ। ଏହି ସେଣ୍ଟର ଚାଷୀଙ୍କୁ ନୂତନ କୃଷି ପ୍ରଣାଳୀ ବିଷୟରେ ଅବଗତ କରାଇବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସେହି ସେଣ୍ଟରରେ ବୈଷୟିକ ଜ୍ଞାନ ଦକ୍ଷତା ଥିବା ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷକ ଉଦ୍ୟୋଗ ଯୋଜନା, ସଫଳ, ଗୋ ସୁଗମ, କୃଷକ ଓଡ଼ିଶା ଏବଂ କାଳିଆ ଭଳି ଯୋଜନାରେ ଥିବା ସମସ୍ୟାର ସମାଧାନ ହୋଇପାରିବ। କାଳିଆ ସେଣ୍ଟର ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦ଟାଠାରୁ ଅପରାହ୍ନ ୫ଟା ୩୦ ମିନିଟ ପର୍ଯ୍ୟନ୍ତ ଖୋଲା ରହିବ। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯିବ। କାଳିଆ ସେଣ୍ଟର ପାଇଁ ଜିଲା ମୁଖ୍ୟାଳୟ ଆଖପାଖରେ ଏକ କୋଠାଘର ବ୍ୟବସ୍ଥା କରିବାକୁ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ରକୁ ଆସୁଥିବା କୃଷକମାନଙ୍କର ସମସ୍ୟା ଓ ଏ ଦିଗରେ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଓ ପରାମର୍ଶ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ରେକର୍ଡ କରାଯିବ । ଚାଷୀମାନଙ୍କ ସଚେତନତା ନିମନ୍ତେ କେନ୍ଦ୍ରଗୁଡ଼ିକରେ କୃଷି ବିଭାଗର ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାମାନ ପ୍ରଦର୍ଶିତ ହେବ ।

ରାଜ୍ୟ ସରକାର କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଚାଷୀମାନଙ୍କ ପାଇଁ ୨୦୧୮ରୁ କୃଷକ ଆସିଷ୍ଟାଣ୍ଟ ଫର୍ ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ (କାଳିଆ) ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କାଳିଆ ଯୋଜନାରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୪୩,୦୪,୮୭୦ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୭,୭୧,୭୫୬ ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ବାବଦରେ ୧୧,୭୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ କାଳିଆ ହିତାଧିକାରୀ ପରିବାରଙ୍କ ୧୬୨୪ ଜଣ ପିଲାଙ୍କୁ କାଳିଆ ଛାତ୍ରବୃତ୍ତି ବାବଦରେ ୩.୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ଆୟ ବୃଦ୍ଧି କରିବାକୁ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି।

# ଆହତଙ୍କ ଚିକିତ୍ସା, ମୃତଦେହ ଚିହ୍ନଟ କାର୍ଯ୍ୟ ତଦାରଖ କରୁଛନ୍ତି ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

**କେନ୍ଦ୍ର ରାଜସ୍ୱ, ଗୃହ ସଚିବଙ୍କ ସହ କଥା ହେଲେ ମୁଖ୍ୟ ଶାସନ ସଚିବ**

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କେନ୍ଦ୍ର ରାଜସ୍ୱ ସଚିବ, କେନ୍ଦ୍ର ଗୃହ ବିଭାଗ ସଚିବଙ୍କ ସହିତ କଥା ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

ଓଡ଼ିଶା ସରକାରଙ୍କ ତରଫରୁ କରାଯାଇଥିବା ଉଦ୍ଧାର କାର୍ଯ୍ୟ ଓ ପରବର୍ତ୍ତୀ ସହାୟତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶନିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଅଦ୍ୟାବଧି ମିଳିଥିବା ରିପୋର୍ଟ ଅନୁସାରେ ଏହି ଦୁର୍ଘଟଣାରେ ୨୮୮ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଆହତ ହୋଇଥିବା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଯାତ୍ରୀମାନଙ୍କୁ ଭର୍ତ୍ତି କରାଯାଇ ସେମାନଙ୍କ ଚିକିତ୍ସା ଜାରି ରହିଛି। ସେଥିମଧ୍ୟରୁ ଅଳ୍ପ ଆହତ ହୋଇଥିବା ଅଧିକାଂଶ ଯାତ୍ରୀ ଚିକିତ୍ସା ପରେ ଡାକ୍ତରଖାନାରୁ ନିଜ ଘରକୁ ଯାଇଛନ୍ତି। ଆହତମାନଙ୍କୁ ବିଭିନ୍ନ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ମାନେ ଯତ୍ନ ସହକାରେ ଚିକିତ୍ସା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଚିକିତ୍ସିତ ସମସ୍ତଙ୍କୁ ସରକାରୀ ସହାୟତାରେ ଉତ୍ତମମାନର ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ମଧ୍ୟରେ ଚିହ୍ନଟ ହୋଇଥିବା କେତେକ ମୃତଦେହକୁ ପ୍ରମାଣ ଆଧାରରେ ନିଜ ନିଜର ସମ୍ପର୍କୀୟମାନେ ନେଇଛନ୍ତି। ଅନ୍ୟ ସମସ୍ତ ମୃତଦେହର ଚିହ୍ନଟ ପ୍ରକ୍ରିୟା ଜାରିରହିଛି। ମେଡିକୋ-ଲିଗାଲ ପଦ୍ଧତି ଅନୁସାରେ ଶବ ବ୍ୟବଚ୍ଛେଦ କରାଯିବ। ଆବଶ୍ୟକ ସ୍ଥଳେ ଡିଏନ୍‌ଏ ନମୁନା ସଂଗ୍ରହ କରାଯିବ। ଶବ ଚିହ୍ନଟ ହୋଇ ନ ପାରିଲେ ୪୮ ଘଣ୍ଟା ପରେ ମେଡିକୋ-ଲିଗାଲ ପଦ୍ଧିତ ଅନୁସାରେ ଶବ ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ପ୍ରାୟ ୧୭୦ଟି ମୃତଦେହ ବାହାନଗାରୁ ଭୁବନେଶ୍ୱର ଅଣାଯାଇ ସେସବୁକୁ ଶବ ସଂରକ୍ଷଣ ବ୍ୟବସ୍ଥା ଥିବା ଏମ୍‌ସ ଓ ଅନ୍ୟାନ୍ୟ ଡାକ୍ତରଖାନାରେ ରଖାଯାଇ ଚିହ୍ନଟ ପରେ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବ।

ଆହତମାନଙ୍କୁ ଚିକିତ୍ସା ସହାୟତା, ମୃତଦେହ ଚିହ୍ନଟ ଓ ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଜେନା, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ,ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗର ଶାସନ ସଚିବ ଏବଂ ପଦାଧିକାରୀମାନେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଛନ୍ତି ।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

Handsome Karan boy 1995, 5'6" MBA Serving Executive reputed Bank, Bhubaneswar. "SUNASANSAR". 9937512659, 8249969649. D-74871

Age-29, Bank ଚାକିରିଆ unmarried ଭୁବନେଶ୍ୱରସ୍ଥିତ ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର Married/ Unmarried ଝିଅ ଦରକାର। 6371298869. D-0507

Brahmin Groom 56 yrs, 5ft. 3inch Govt. Service, Caste No Bar. Widow and Divorced allowed. Mob: 9740761380. D-0492

## GROOM WANTED

57 ବୟସ୍କା, Central Government ଚାକିରିଆ unmarried କରଣ ଝିଅଙ୍କୁ Anycaste ପୁଅ ଦରକାର। 7008080967. D-0471

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

43 aged ଖଣ୍ଡାୟତ widow Railway ରେ କାମ କରୁଥିବା ନିଃସନ୍ତାନ ଝିଅଙ୍କୁ ଘରଜ୍ୱାଇଁ ଦରକାର। 6371049105. D-0473

Govt.Nurse ବାପା, ମାଁ ନଥିବା 34 ବୟସ୍କା ତେଲୁଗୁ ଝିଅଙ୍କୁ Anycaste Married/ Unmarried ପୁଅ ଦରକାର। 6371085658. D-0471


AUTOMOBILE

## SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869

Old 2516 Tippers, Tankers (Water & Diesel) and JCB 430Z Loaders are available for Sale at REPL Complex Doliambo Simliguda, Orissa. Contact No. 6281867622, 7727016021. D-0496

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE

## SALE

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

Ready to move duplex at Sahidnagar, Bhubaneswar and Damana Patia. 6371040313, +91 6370281072. D-0498

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

Land for sale at Sundarpada 12050sqft. private land. Contact: 9437075283. D-0463

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**Gharabari plots with boundary wall at Balianta ready to construction for sale. Contact: 9438620034.** D-0414

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full body massage relax body mind by trend lady therapist. 7008773793. D-75110

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Herbal full body massage by smart / expert therapist. Contact: 7846923244. D-74691

All types of professional body massage by professional therapy. Contact: 9556924059, 7077933109. D-0499

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

## LOST

All Property Documents Missing- Land 77/55 Village Palasa Kha(Barbil Tehsil, Keonjhar) Registered Sale Deed No. 69/2009 (031434 to 031440 & 094976 to 094981) Seller: Prabha Bhura via POA Rajendra Prasad Agrawal. Purchasers: Sachin and Deepak Agarwal. Contact: 9437979999 FIR is registered LR No. 495961/2023 & 496649/2023. D-75114

## AFFIDAVIT

I Bishnupriya Senapati, W/o- Prem Prakash Senapati, At Senapati Bhawan, Near Town Police Station grand road, PS.- Puri Town, PO/ Dist- Puri, Pin- 752001 Declared by this affidavit No.03 Dt:- 31.05.2023 that now onwards I shall be known as Bishnupriya Senapati for all further purposes. D-69084



# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ସ୍ମିତିପ୍ରଜ୍ଞା ସାହୁ (ରୋଜି)**
କଟକ
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
ଦେବସ୍ନାନ ପୂର୍ଣ୍ଣିମା
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଆକୁଳ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ପାଇଁ ।
ପ୍ରତିକ୍ଷଣେ ଥାଉ ସାଥିରେ ମୋହର
ପରଶ ମୁଁ ପାଏ ତୋର
ଅମଡ଼ା ବାଟରେ ଝୁଣ୍ଟିଗଲେ କେବେ
ହାତ ଧରି ନେଉ ମୋର।
ତୋର ବାବା, ମାମା, ଲୋନି ଓ ଓମ୍‌ଶ୍ରୀ
ଧ-୦୫୦୪

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଶ୍ରଦ୍ଧାଞ୍ଜଳି**



**✓ କାନନବାଳା ମହାପାତ୍ର**
ଆବିର୍ଭାବ : ୧୩.୦୩.୧୯୫୬
ତିରୋଧାନ : ୨୭.୦୫.୨୦୨୧
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା ସିନା, ହେଲେ ତୁମର ମୁହଁ ଆଜି ବି ଦିଶିଯାଉଛି ଆମ ଆଗରେ। ତୁମ ହାତଗଢ଼ା ସଂସାରର ପ୍ରତିଟି ସ୍ମୃତି ଆଜିବି ଜୀବନ୍ତ, ଯେଉଁଠି ଥାଅ ଭଲରେ ଥାଅ ଏତିକି କାମନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ମହାପାତ୍ର ପରିବାରବର୍ଗ
ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୪୫୪୫

## ଏ ସପ୍ତାହର ପ୍ରଶ୍ନ

୧– ଭାରତରେ ୨୦୨୩ ମସିହାରେ............. ପ୍ରତିଶତ କ୍ଷୁଦ୍ର ଚାଷୀ ଅଛନ୍ତି ?
୨– ୱାର୍ଲ୍ଡ ୟୁଏଫ୍‌ଓ ଡେ' ........... ତାରିଖରେ ପାଳନ କରାଯାଏ ?
୩– ଅକ୍ଟୋବର ୧୬ ତାରିଖକୁ .............. ଦିବସ ଭାବେ ପାଳନ କରାଯାଏ ?
୪– 'ଡ୍ରିମ୍‌ନେଶନ: ୟୁନାଇଟିଙ୍ଗ୍ ଏ କଣ୍ଟ୍ରି ୱିଥ୍ ହ୍ୟାଣ୍ଡରିଟେନ୍ ଡ୍ରିମ୍ସ' ପୁସ୍ତକର ଲେଖକ .......... ?
୫– ହିମାଚଳ ପ୍ରଦେଶର ଦ୍ୱିତୀୟ ରାଜଧାନୀ ............... ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ୧୦୦ ବର୍ଷ
୩ ଇଥାନେଥିଅଲ୍ ଗ୍ୟାସ୍
୪ ବାହାଦୁର ଶାହ ୨
୫ ବ୍ରିଜେନ୍ଦ୍ର ରେହି

## ଉତ୍ତରଦାତା


ଧରିତ୍ରୀ ରଞ୍ଜିତା ହୋତା, ସୁନ୍ଦରଗଡ଼


ଦିଗନ୍ତ ବେହେରା, ଖୋର୍ଦ୍ଧା


ସମୀର ରଞ୍ଜନ ମିଶ୍ର, ଝାରସୁଗୁଡ଼ା


ସତ୍ୟବ୍ରତ ରାୟସିଂ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# ଡିଜିଟାଲ୍ ଠକେଇ

**ମୋବାଇଲରେ କ୍ୟାଶ୍‌ଲେସ୍ ଇ–ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗୁ କେଉଁଆଡ଼େ ଗଲେ ପାଖରେ ଟଙ୍କା ରଖିବା ଓ ଏହା ଚୋରି ହେବାର ଟେନ୍‌ଶନ୍ କମିଛି। ହେଲେ ବର୍ତ୍ତମାନ ବିଭିନ୍ନ ବେଟିଂ ଆପ୍ସ ଓ ଅନ୍ୟାନ୍ୟ ସୂତ୍ରରୁ ସାଇବର ଠକ ମଧ୍ୟ ଇଣ୍ଟରନେଟ୍‌ରେ ବେଶ୍ ସକ୍ରିୟ ରହୁଥିବାରୁ ସାଧାରଣ ଜନତାଙ୍କ ପାଇଁ ଅନ୍‌ଲାଇନ୍ ଠକେଇର ଶିକାର ହେବା ଏକ ବଡ଼ ସମସ୍ୟା ପାଲଟିଛି। ତେଣୁ ଏହି ସୁବିଧା ଆପଣେଇବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ହେବା ଆବଶ୍ୟକ...**



ବର୍ତ୍ତମାନ ଟେକ୍ନୋଲୋଜି ଯେତେ ଯେତେ ଉନ୍ନତ ହେଉଛି, ଜନସାଧାରଣଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟ ସେତେ ସରଳ ହୋଇଯାଉଛି। ହେଲେ ଏହାର ଦୁରୁପଯୋଗ କରି ଲୋକଙ୍କୁ କ୍ଷତି ପହଞ୍ଚାଉଥିବା ଲୋକେ ବି ସେହି ଅନୁସାରେ ବଢ଼ି ବଢ଼ି ଚାଲିଛନ୍ତି। ଉଦାହରଣ ସ୍ୱରୂପ ଇଣ୍ଟରନେଟ୍‌କୁ ନେଇପାରିବେ। ଏହାଦ୍ୱାରା ମଣିଷସମାଜ ଅନେକ ଉପକୃତ ହେଉଥିବା ବେଳେ ଏହାକୁ ବ୍ୟବହାର କରି କେତେକ ଅସାମାଜିକ ବ୍ୟକ୍ତି ଅନେକଙ୍କୁ ଠକୁଥିବାର ବି ନଜିର ରହିଛି। ତେଣୁ ଇଣ୍ଟରନେଟ୍‌କୁ ସୁରକ୍ଷିତ ଭାବେ ବ୍ୟବହାର କରିବା ଦିଗରେ ସଭିଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ମାସକୁ '**ଇଣ୍ଟରନେଟ୍ ସେଫ୍ଟି ମନ୍ଥ**' ଭାବେ ପାଳନ କରାଯାଉଛି।

**ବଢ଼ୁଛି ସାଇବର ଠକେଇ:** ବର୍ତ୍ତମାନ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସମ୍ବନ୍ଧିତ ଠକେଇ ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସ୍‌ଏମ୍‌ଏସ୍ ଫିଶିଙ୍ଗ୍ ହେଉ ଅବା କେୱାଇସି ଅପ୍‌ଡେଟ୍ କିମ୍ବା ଆଉ କେବେ ଅନ୍‌ଲାଇନ୍ ଲୋନ୍ ଦେବା ନାଁରେ ଲୋକଙ୍କୁ ଠକାଯାଉଛି। ଆର୍‌ବିଆଇ ପକ୍ଷରୁ ବାରମ୍ବାର ଏ ନେଇ ସତର୍କ କରାଯାଉଛି ଏବଂ ବିଭିନ୍ନ ପ୍ରକାରର ସୁରକ୍ଷା ବ୍ୟବସ୍ଥା କରାଯାଉଛି। ତଥାପି ମଧ୍ୟ ଗତ ଏକ ବର୍ଷରେ ଅନ୍‌ଲାଇନ୍ ଠକେଇ ଭଳି ସାଇବର କ୍ରାଇମ୍ ସଂଖ୍ୟା କମିବା ବଦଳରେ ଦୁଇ ଗୁଣ ବଢ଼ିଥିବା ଇଣ୍ଟରନେଟ୍ କ୍ରାଇମ୍ କମ୍ପ୍ଲେନ୍ ସେଣ୍ଟର ପକ୍ଷରୁ ଜଣାପଡ଼ିଛି।

**ଲୋନ୍ ସାଜିଛି ମାୟାଜାଲ:** ଛୋଟ ଲୋନ୍ ବା ସ୍ୱଳ୍ପ ଅର୍ଥ ଦେଉଥିବା କମ୍ପାନି ମଧ୍ୟରୁ ଅନେକେ ଠକ ଥାଆନ୍ତି। ସେମାନେ ଲୋନ୍ ଦେବା ପାଇଁ ପ୍ରଥମେ ତାଙ୍କ ଆପ୍‌ରେ ରେଜିଷ୍ଟ୍ରେଶନ୍ କରିବାକୁ କୁହନ୍ତି। ସେଥିରେ ଏକ ଲିଙ୍କ୍ ପଠାନ୍ତି, ଯାହାକୁ କ୍ଲିକ୍ କଲେ ଲୋନ୍ ମିଳିବ ବୋଲି କୁହନ୍ତି। ସେଥିରେ କ୍ଲିକ୍ କରି ପ୍ଲେ ଷ୍ଟୋର୍‌ରୁ ଆପ୍ ଡାଉନ୍‌ଲୋଡ୍ କରିବାକୁ କୁହନ୍ତି। ଯଦ୍ୱାରା ଆପଣଙ୍କ ପର୍ସନାଲ୍ ଡାଟା ହ୍ୟାକ୍ ହୋଇଯିବା ସହ ସମସ୍ତ ଟଙ୍କା ଚୋରି ହୋଇଯିବାର ଆଶଙ୍କା ରହିଛି।



ସେହିପରି କେତେକ ମାଇକ୍ରୋ ଫାଇନାନ୍ସିଙ୍ଗ୍ ଆପ୍ ଆଧାରକାର୍ଡ ଏବଂ ପାନ୍‌କାର୍ଡ ଦ୍ୱାରା ଲୋନ୍ ଦେବାର ପ୍ରତିଶ୍ରୁତି ଦିଅନ୍ତି। ଏଭଳି ଆପ୍ ଡାଉନ୍‌ଲୋଡ୍ କଲେ ଫୋନ୍‌କୁ ଭାଇରସ୍ ଆସିବା ସହ ସ୍କାମର ଫୋନ୍‌ରୁ ପର୍ସନାଲ୍ ଡାଟା ଚୋରି କରିନିଅନ୍ତି। ତେଣୁ ଏ ଦିଗରେ ବିଶେଷ ସତର୍କ ରହିବା ଆବଶ୍ୟକ। ଏଭଳି ଆପ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ଏହାର ରିଭ୍ୟୁ, ରେଟିଂ ଆଦି ସହ ଏହାକୁ ଚଳାଉଥିବା କମ୍ପାନି ଓ ଏହା କେଉଁ ବ୍ୟାଙ୍କ୍ ସହ ଜଡ଼ିତ ଦେଖନ୍ତୁ। କାରଣ କୌଣସି କମ୍ପାନି ଲୋନ୍‌ଦେବା ପୂର୍ବରୁ ନିଜ ଗ୍ରାହକଙ୍କୁ ଏସବୁ ଡକ୍ୟୁମେଣ୍ଟ ମାଗି ନ ଥାଏ।

ସେହିପରି ବିନା କେୱାଇସି, ଭେରିଫିକେଶନ୍‌ରେ ଲୋନ୍ ଦେବାକୁ କହୁଥିବା କମ୍ପାନି ଆଦୌ ଭରସାଯୋଗ୍ୟ ନୁହେଁ।

■ଇଣ୍ଟରନେଟ୍‌ରେ ଓଟିପି ମାଗୁଥିବା କମ୍ପାନି ଆପଣଙ୍କ ପାଇଁ ବିପଦଜନକ ହୋଇପାରେ। ଏଠାରେ ସେମାନେ ଆପଣଙ୍କ ନମ୍ବର କିମ୍ବା ଆକାଉଣ୍ଟ ଡିଟେଲ୍ସ ନେଇ ସାଇନ୍ ଇନ୍ କରିବା ପରେ ହ୍ୱାଟ୍ସଆପ୍ କନ୍‌ଫର୍ମେଶନ୍ କୋଡ୍ ଜେନେରେଟ୍ କରନ୍ତି। ପରେ ଅନ୍ୟ ଡିଭାଇସ୍‌ରୁ ଆପଣଙ୍କ ହ୍ୱାଟ୍ସଆପ୍ ଲଗ୍‌ଇନ୍ କରନ୍ତି। ପରେ ମାଲ୍‌ୱେର୍, ଭାଇରସ୍ ଆଦି ମୋବାଇଲ୍‌ରେ ଥିବା ନେଇ ମେସେଜ୍ କରନ୍ତି ଏବଂ ଏହାକୁ ସଫା କରିବା ଲାଗି ଏକ ଲିଙ୍କ୍ ପଠାନ୍ତି, ଯାହାକୁ କ୍ଲିକ୍ କରିବା ମାତ୍ରେ ଆପଣଙ୍କ ଡାଟା ହ୍ୟାକ୍ ହୋଇଯିବା ସହ ବ୍ୟାଙ୍କ୍ ଆକାଉଣ୍ଟ ମଧ୍ୟ ଖାଲି ହୋଇଯିବ। ସେହିପରି ଲକି ଡ୍ର କୁପନ୍ କିମ୍ବା କ୍ୟାଶ୍ ପ୍ରାଇଜ୍ ଲୋଭ ଦେଖାଇ ମଧ୍ୟ ଅନେକ ଠକେଇ ହୋଇଥିବାର ନଜିର ରହିଛି।

ପିଲାଠୁ ବୟସ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତେ ମୋବାଇଲ୍ ଫୋନ୍‌ର ବ୍ୟବହାର ଜାଣିଛନ୍ତି। ଏଥିରେ ଅନ୍‌ଲାଇନ୍ ବ୍ୟବସ୍ଥା ଯୋଗୁ ବ୍ୟାଙ୍କିଙ୍ଗ୍ କିମ୍ବା ଟଙ୍କା ଦେବା ନେବା ଖୁବ୍ ସହଜ ହୋଇପାରିଛି। ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର ବୃଦ୍ଧିକୁ ଆଖିଆଗରେ ରଖି ଅନେକ ମାଇକ୍ରୋଫାଇନାନ୍ସିଆଲ୍ ଆପ୍ସ ମଧ୍ୟ ବୃଦ୍ଧି ପାଉଛି। କ୍ୟାଶ୍ ବଦଳରେ ମୋବାଇଲରେ କ୍ୟାଶ୍‌ଲେସ୍ ଟ୍ରାଞ୍ଜାକ୍ସନ ହେବା ଦ୍ୱାରା ଟଙ୍କା ଚୋରି କମିଛି। ହେଲେ ବର୍ତ୍ତମାନ ବିଭିନ୍ନ ବେଟିଂ ଆପ୍ସ ଓ ଅନ୍ୟାନ୍ୟ ସୂତ୍ରରୁ ସାଇବର ଠକ ମଧ୍ୟ ଇଣ୍ଟରନେଟ୍‌ରେ ବେଶ୍ ସକ୍ରିୟ ରହୁଥିବାରୁ ସାଧାରଣ ଜନତାଙ୍କ ପାଇଁ ଠକେଇର ଶିକାର ହେବା ଏକ ବଡ଼ ସମସ୍ୟା ପାଲଟିଛି। ତେଣୁ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା ଆପଣେଇବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଭାବେ ସତର୍କ ହେବା ଆବଶ୍ୟକ।

## ରୁହନ୍ତୁ ସତର୍କ

❖ଅନ୍‌ଲାଇନ୍ ସେବା ବ୍ୟବହାର କରୁଥିଲେ ସର୍ବଦା ନିଜ ଫୋନ୍ ଏବଂ ସଫ୍ଟୱେର ଅପ୍‌ଡେଟ୍ ରଖନ୍ତୁ। ୮ ଡିଜିଟ୍‌ର ଏକ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ରଖନ୍ତୁ, ଯାହା ଅନ୍ୟମାନଙ୍କୁ ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।

❖ଅନେକେ ପବ୍ଲିକ୍ କମ୍ପ୍ୟୁଟର୍, ସାଇବର୍ କାଫେରେ କିମ୍ବା ପବ୍ଲିକ୍ ୱାଇଫାଇରେ ମଧ୍ୟ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ କରିଥା'ନ୍ତି। ହେଲେ ଏହା ଅସୁରକ୍ଷିତ। କାରଣ ଏହାଦ୍ୱାରା ଡାଟା ହ୍ୟାକ୍ ହେବାର ଆଶଙ୍କା ଅଧିକ। ତେଣୁ ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ।

❖ଇ–ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି, ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

❖ସୁରକ୍ଷା ଦୃଷ୍ଟିରୁ କୌଣସି ଅଜଣା ଲିଙ୍କ୍‌ରେ ଆଦୌ କ୍ଲିକ୍ କରନ୍ତୁ ନାହିଁ କିମ୍ବା ଏଣୁତେଣୁ ଲୋନ୍ ଆପ୍ଲିକେଶନ୍ ବ୍ୟବହାର କରନ୍ତୁ ନାହିଁ।

❖ଯେଉଁ ଇ–ବ୍ୟାଙ୍କିଙ୍ଗ୍ ସାଇଟ୍‌ରେ ପେମେଣ୍ଟ କରୁଛନ୍ତି, ତାହାର ଲିଙ୍କ୍ ସେଫ୍ କି ନୁହେଁ ପ୍ରଥମେ ସୁନିଶ୍ଚିତ କରନ୍ତୁ। ୱେବ୍‌ପେଜ୍ httpରୁ ଆରମ୍ଭ ହୋଇଥିବା ଦରକାର। କେବଳ ଏତିକି ନୁହେଁ, ଲଗ୍ ଇନ୍ କରିବା ସମୟରେ ବ୍ରାଉଜର୍ ୱିଣ୍ଡୋ ଫ୍ରେମ୍ ଉପରେ ପେଡ୍‌ଲକ୍ ସିମ୍ବଲ୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ବିଶେଷକରି ଯଦି ଅନ୍‌ଲାଇନ୍‌ରେ ଅନ୍ୟ କାହା ଆକାଉଣ୍ଟକୁ ମନି ଟ୍ରାନ୍ସଫର୍ କରୁଛନ୍ତି, ତେବେ ସୁରକ୍ଷିତ ପେମେଣ୍ଟ ସାଇଟ୍ ହିଁ ବ୍ୟବହାର କରନ୍ତୁ ଏବଂ ୱେବ୍‌ସାଇଟ୍‌ର ପ୍ରାଇଭେସି ପଲିସି ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।

❖ଅନ୍‌ଲାଇନ୍‌ରେ ଶପିଂ, ଟିକେଟ ବୁକିଂ, ମନି ଟ୍ରାନ୍ସଫର ଆଦି କରୁଥିଲେ ଟ୍ରଷ୍ଟେଡ୍ ଆପ୍ ହିଁ ବ୍ୟବହାର କରନ୍ତୁ। କାରଣ କେତେକ ଆପ୍‌ରେ ଏବଂ ଫେକ୍ ୱେବ୍‌ସାଇଟ୍‌ଗୁଡ଼ିକରୁ ଆସୁଥିବା ଇ–ମେଲ୍‌ରେ କାର୍ଡର ଡିଟେଲ୍ସ ମଗାଯାଉଛି। ଏଥିରେ ବିଶ୍ୱାସ କରି ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ ନଚେତ୍ ଠକାମିର ଶିକାର ହୋଇପାରନ୍ତି।

❖ଆପଣଙ୍କର ପର୍ସନାଲ୍ ତଥା ସମ୍ବେଦନଶୀଳ ଡାଟା ଚୋରୀ ନ ହେବା ଲାଗି ଫୋନ୍‌ରେ ଆପ୍ ପରମିଶନ୍ ସେଟିଂ ଚେକ୍ କରନ୍ତୁ। ଏହାଦ୍ୱାରା ଆପଣ ସାଇବର ଠକେଇର ଶିକାର ହେବେନାହିଁ।

❖ଯଦି କୌଣସି ସନ୍ଦେହଜନକ ଆପ୍‌ରେ ଫସିଯାଆନ୍ତି ଏବଂ ଏଥିରୁ ମୁକୁଳିବା ଲାଗି ଚାହୁଁଛନ୍ତି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ। ରିପୋର୍ଟ କରିବା ଲାଗି http://cybercrime.gov.in ୱେବ୍‌ସାଇଟ୍ ବ୍ୟବହାର କରନ୍ତୁ।





## ଜାଣନ୍ତୁ ଦୁନିଆ

# ଗଛରେ ଧଳା ରଙ୍ଗ

**ଆପଣ କେଉଁଆଡ଼େ ଯିବା ସମୟରେ ରାସ୍ତାକଡ଼ ଗଛରେ ଧଳା ରଙ୍ଗ ଦିଆଯାଇଥିବା ଦେଖିଥିବେ। ହେଲେ ଏହାର ପ୍ରକୃତ କାରଣ କ'ଣ ଜାଣନ୍ତି କି? ଜାଣିବା ଏହା ସମ୍ପର୍କରେ...**

ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଥିଲେ, ଯାତ୍ରାର ମଜା ଆହୁରି ବଢ଼ିଯାଏ। ତେବେ ଏଭଳି ରାସ୍ତାରେ ଯିବା ବେଳେ ଅନେକ ସ୍ଥାନରେ ଆପଣ ଦେଖିଥିବେ ଉଭୟ ପାର୍ଶ୍ୱରେ ଥିବା ଗଛରେ ଧଳା ରଙ୍ଗ ଦିଆଯାଇଥାଏ। ଗଛଟି ସହଜରେ



ଦେଖାଯିବ ବା ସୁନ୍ଦର ଲାଗିବ ବୋଲି ଏପରି ରଙ୍ଗ ଦିଆଯାଇଥିବା ଅନେକେ ଭାବିଥା'ନ୍ତି। ହେଲେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

★ପାଣିପାଗ ପରିବର୍ତ୍ତନ ଯୋଗୁ ଅନେକ ଗଛର କାଣ୍ଡ ଫାଟିଯାଏ, ଯଦ୍ୱାରା ଗଛ କମ୍ ବର୍ଷରେ ମରିଯିବାର ଆଶଙ୍କା ବେଶି। ହେଲେ ଗଛରେ ଧଳା ରଙ୍ଗ ଲଗାଇବା ଦ୍ୱାରା ଖରାର ପ୍ରଭାବ ତା'ଉପରେ କମ୍ ପଡୁଥିବାରୁ ତାହା ଶୀଘ୍ର ଶୁଖି ଫାଟେନାହିଁ ଏବଂ ଅପେକ୍ଷାକୃତ ମଜଭୁତ ରହିଥାଏ।

★କିଛି ଗଛ ପୁରୁଣା ହୋଇଗଲେ ସେଥିରେ ଉଇ ଲାଗି ନଷ୍ଟ ହୋଇଯାଉଥିବାର ଦେଖିବାକୁ ମିଳେ। ହେଲେ ଏହା ଉପରେ ଧଳା ରଙ୍ଗ ସହ କିଛି ଉଇ ନ ହେବା ଲାଗି ଔଷଧ ମିଶ୍ରଣ କରି ଲଗାଯିବା ଦ୍ୱାରା ତାହା ସୁରକ୍ଷିତ ରହିଥାଏ।

★ଆଉ ଏକ କାରଣ ହେଉଛି ରାତିରେ ଗାଡ଼ି ଚଲାଇବା ସମୟରେ ଗଛ ନ ଦେଖାଯାଇ ବାଡ଼େଇ ହୋଇ ଅନେକ ଦୁର୍ଘଟଣା ଘଟିଥାଏ । ହେଲେ ଗଛରେ ଧଳା ରଙ୍ଗ ଦିଆଯିବା ଦ୍ୱାରା ଏହା ଉପରେ ଗାଡ଼ିର ଲାଇଟ୍ ପଡିଲେ ସ୍ପଷ୍ଟ ଦେଖାଯାଏ, ଫଳରେ ଦୁର୍ଘଟଣା ଆଶଙ୍କା କମିଥାଏ।

★ତା'ଛଡ଼ା ରଙ୍ଗ ଦିଆଯାଇଥିବା ଗଛ ବନ ବିଭାଗ ଅଧୀନରେ ରହିଛି, ତେଣୁ ଏହାକୁ କାଟିବା ବେଆଇନ ବୋଲି ଜନସାଧାରଣଙ୍କୁ ସୂଚାଇବା ଲାଗି ମଧ୍ୟ ଏପରି କରାଯାଇଥାଏ।

## ଯୁବ ପ୍ରତିଭା

# ଖୁସି ଦିଏ ସମାଜ ସେବା


ବୃକ୍ଷ ରୋପଣ କରୁଛନ୍ତି ଏନ୍. ନୀଳମାଧବ

କେବେ ସେ ବିଭିନ୍ନ ସଙ୍ଗଠନ ସହ ମିଶି ନିଜେ ରକ୍ତଦାନ କରନ୍ତି ତ କେବେ ଅନ୍ୟଙ୍କୁ ବୁଝାଇ ରୋଗୀଙ୍କ ପାଇଁ କରନ୍ତି ରକ୍ତ ସଂଗ୍ରହ । ପୁଣି କେବେ ଏନ୍‌ଏସ୍‌ଏସ୍‌ରେ ଯୋଗ ଦେଇ ବୃକ୍ଷରୋପଣରେ ନିଅନ୍ତି ପ୍ରମୁଖ ଭୂମିକା। ବର୍ତ୍ତମାନ ବାତ୍ୟା, ଝଡ଼, ସୁନାମି ଆଦି ପ୍ରାକୃତିକ ବିପର୍ଯ୍ୟୟ ଦାଉରୁ ଓଡ଼ିଶା ଉପକୂଳକୁ ସୁରକ୍ଷା ପ୍ରଦାନ କରୁଥିବା ଦୁର୍ଲଭ ହେନ୍ତାଳ ଲୁଣା ଜଙ୍ଗଲ ସଂରକ୍ଷଣ ଲାଗି ସେ ଭିଡ଼ିଛନ୍ତି ଅଣ୍ଟା। ଆଉ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଅଭିଯାନ। ଏହି ଯୁବ ସମାଜସେବୀ ହେଉଛନ୍ତି ଗଞ୍ଜାମ ଜିଲା ସୋରଡ଼ା ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗାଁର ଝୁନୁ ଏବଂ ଏନ୍. ଭାଲୁ ପାତ୍ରଙ୍କ ପୁଅ ଏନ୍. ନୀଳମାଧବ। ବର୍ତ୍ତମାନ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗରେ ସ୍ନାତକୋତ୍ତର ଛାତ୍ର। ସ୍କୁଲ୍‌ରେ ପଢ଼ିବା ବେଳୁ ହିଁ ସେ ଆଗ୍ରହର ସହ ବିଭିନ୍ନ ସମାଜ ବିକାଶମୂଳକ କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଣୁ ଏଥିପାଇଁ ଜାତୀୟ ସେବା ଯୋଜନା ୨୦୨୧–୨୨ ଶିକ୍ଷାବର୍ଷ ପାଇଁ ରାଜ୍ୟ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ଛାତ୍ର ସ୍ୱେଚ୍ଛାସେବୀ ଭାବେ ତାଙ୍କୁ ମିଳିଛି ରାଜ୍ୟ ପୁରସ୍କାର। ଏହା ପୂର୍ବରୁ ସେ ଉଭୟ ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୦–୨୧ ଶିକ୍ଷାବର୍ଷ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୧–୨୨ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପାଇଛନ୍ତି।

ସେ କୁହନ୍ତି, 'ଗତ ଫାଇଲିନ ବାତ୍ୟାରେ ଯଦି କେଉଁ ଜିଲା ସର୍ବାଧିକ କ୍ଷତି ସହିଛି ତାହା ହେଉଛି ଆମ ଗଞ୍ଜାମ ଜିଲା। ତେବେ ଏହା ହେଉଛି କେବଳ ଏକ ସବୁଜ ବଳୟ ଭଳି ହେନ୍ତାଳ ବଣର ଅଭାବ ଯୋଗୁଁ । ତେଣୁ ବ୍ୟାପକ ବୃକ୍ଷରୋପଣ କରି ଏହି ଜଙ୍ଗଲର ପୁନରୁଦ୍ଧାର ମୋର ଲକ୍ଷ୍ୟ।' ବୃକ୍ଷରୋପଣ ବ୍ୟତୀତ କରୋନା ସମୟରେ ସେ ଗାଁ ଗାଁ କୁ ଦୀର୍ଘ ୫୦ କିମି. ସାଇକେଲରେ



ଯାଇ ଜନସାଧାରଣଙ୍କୁ ସଚେତନ କରାଇବା ସହିତ ମାସ୍କ, ଓଆର୍‌ଏସ୍, କିଛି ଔଷଧ ଏବଂ ସାନିଟାଇଜର ଇତ୍ୟାଦି ବଣ୍ଟନ କରିଥିଲେ। ଯେଉଁଥିପାଇଁ କଟକର ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ କରୋନା ମହାଯୋଦ୍ଧା ସମ୍ମାନ ମିଳିଥିଲା। ନିକଟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ଦିଗରେ ଅନବରତ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲାର ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ତରଫରୁ ଗୋପାଳପୁର ବେଳାଭୂମିକୁ ଜିରୋ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ଅଭିଯାନରେ ସଂଯୋଜକ ଭାବେ ସାମିଲ ହୋଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ବହୁ ପିଲା ଯୋଗଦେଇ ୫୦ କେଜି ପ୍ଲାଷ୍ଟିକ ଓ ପଲିଥିନ ସଂଗ୍ରହ କରିଥିଲେ।

ଜଣେ ଯୁବ ସମାଜସେବୀ ସହିତ ସେ ଜଣେ ଭଲ ଲେଖକ, କବି, ବକ୍ତା, ଛାତ୍ର ନେତା ଏବଂ ଜଣେ ଲୋକ କଳାକାର ମଧ୍ୟ। ସେ ବିଭିନ୍ନ ଲୋକକଳା ମାଧ୍ୟରେ ଏଡ୍‌ସ, ଅଙ୍ଗଦାନ, ଭୋଟର ସଚେତନତା, ନିଶା ନିବାରଣ, ସଡ଼କ ସୁରକ୍ଷା, ଓଡିଆ ଭାଷା ବଞ୍ଚାଅ ଭଳି ବିଭିନ୍ନ ଦିଗରେ ଜନସଚେତନତା ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି। ଏହା ସହ ପ୍ରଧାନମନ୍ତ୍ରୀ ଉଜାଲା ଯୋଜନା ଭଳି ଉଭୟ ରାଜ୍ୟ ଓ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା ଚଳାଇଛନ୍ତି। ସମୟ ପାଇଲେ ସେ ଗରୀବ ଓ ଅଶିକ୍ଷିତ ପିଲାଙ୍କୁ ମାଗଣାରେ ପାଠ ମଧ୍ୟ ପଢାନ୍ତି। ଭବିଷ୍ୟତରେ ପ୍ରଶାସନିକ ସେବା କିମ୍ବା ରାଜନୀତିରେ ଯୋଗଦେଇ ସମାଜସେବା କରିବା ନିଜର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଏନ୍. ନୀଳମାଧବ।

– ତନୁଶ୍ରୀ ନାହାକ

# ଶୁଟ୍ଆଉଟରେ ବ୍ରିଟେନକୁ ହରାଇଲା ଭାରତ

## ଏଫ୍ଆଇଏଚ୍ ପ୍ରୋ ଲିଗ୍

ଲଣ୍ଡନ, ୩।୬ (ପି.ଟି.)

ଏଫ୍ଆଇଏଚ୍ ପ୍ରୋ ଲିଗ୍ର ଶନିବାର ଅନୁଷ୍ଠିତ ଏକ ଦ୍ୱିତୀୟ ଲେଗ୍ (ଚରଣ) ମ୍ୟାଚରେ ଭାରତ ଶୁଟ୍ଆଉଟ ୪-୨ ଗୋଲରେ ଗ୍ରେଟ୍ ବ୍ରିଟେନକୁ ହରାଇ ଦେଇଛି। ହାଇ-ସ୍କୋରିଂ ବିଶିଷ୍ଟ ମ୍ୟାଚରେ ନିର୍ଦ୍ଧାରିତ ସମୟରେ ଖେଳ ୪-୪ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ଆଉଟର ସହାୟତା ନିଆ ଯାଇଥିଲା। ନିର୍ଦ୍ଧାରିତ ସମୟରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ ୭ମ, ମନଦପ ସିଂ ୧୯, ସୁଖଜିତ ସିଂ ୨୮ ଓ ଅଭିଷେକ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଘରୋଇ ଦଳ ପକ୍ଷରୁ ସାମ୍ ୱାର୍ଡ ୮ମ, ୪୦, ୪୭ ଓ ୫୩ତମ ମିନିଟରେ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ଶୁଟ୍ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ହରମନପ୍ରୀତ ସିଂ ଓ ମନପ୍ରୀତ ସିଂ ଗୋଲ ଦେଇଥିଲେ। ବ୍ରିଟେନ ପକ୍ଷରୁ ୱାଲାସ ଜାଚାରି ଓ କାଲନାନ ୱିଲ ଗୋଲ ଦେଇଥିବାବେଳେ ରପର ଫିଲ୍ ଓ ଶିପର୍ଲି ରୁପର୍ଟ ମିସ୍ କରିଥିଲେ। ଶୁଟ୍ଆଉଟରେ ଭାରତ ବିଜୟ ହାସଲ କରିଥିବାରୁ ଗୋଟିଏ ବୋନସ ପଏଣ୍ଟ ପାଇଛି। ଏହାସତ୍ତ୍ୱେ ଭାରତ ୧୨ ଗେମ୍ରୁ ୨୪ ପଏଣ୍ଟ ପାଇ ଟେବୁଲରେ ବ୍ରିଟେନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ବ୍ରିଟେନ ୧୧ ଗେମ୍ରୁ ୨୬ ପଏଣ୍ଟ ପାଇଛି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଲେଗ୍ରେ ଭାରତ ୨-୪ ଗୋଲରେ ବ୍ରିଟେନଠାରୁ ହାରି ଯାଇଥିଲା। ଫଳରେ ଏହି ବିଜୟ ଦ୍ୱାରା ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୫-୧ ଗୋଲରେ ବେଲ୍ଜିୟମକୁ ପରାସ୍ତ କରିଥିଲା। ପ୍ରୋ-ଲିଗ୍ର ପରବର୍ତ୍ତୀ ମ୍ୟାଚ ଖେଳିବାପାଇଁ ଭାରତ ନେଦରଲାଣ୍ଡ୍ସର ଇଣ୍ଡୋଭେନ ଯାତ୍ରା କରିବ। ସେଠାରେ ଚଳିତ ମାସ ୭ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ ମ୍ୟାଚ ଖେଳିବ।



ଶୁଟ୍ଆଉଟ ଅବସରରେ ବଲ୍ ରୋକିବା ଅବସରରେ ଭାରତୀୟ ଗୋଲକିପର କ୍ରିଷନ୍ ବାହାଦୂର ପାଠକ।

## କାଜାଖସ୍ତାନ ଫ୍ୟୁଚର ସିରିଜ ବ୍ୟାଡ୍ମିଣ୍ଟନ

# ରତପର୍ଣ୍ଣା-ଶ୍ୱେତପର୍ଣ୍ଣାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୩।୬(କ୍ରୀଡ଼ା ପ୍ରତିନିଧି)

କାଜାଖସ୍ତାନରେ ଅନୁଷ୍ଠିତ ଫ୍ୟୁଚର ସିରିଜ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ରୌପ୍ୟ ପଦକ ହାସଲ କରିଛନ୍ତି। କାଜାଖସ୍ତାନ ବ୍ୟାଡ୍ମିଣ୍ଟନ ଫେଡେରେଶନ ଦ୍ୱାରା ଏହି ପ୍ରତିଯୋଗିତା ଶିମକେଣ୍ଟଠାରେ ୩୧ ମେ'ରୁ ୩ ଜୁନ୍ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ଯୋଡ଼ି ଫାଇନାଲରେ ଇଣ୍ଡୋନେସିଆର ଫୁଝୁ ଇୱାସାକି ଓ ନେଥାନିଆ ଇରାୱାନଙ୍କଠାରୁ ୧୩-୨୧, ୧୫-୨୧ ପଏଣ୍ଟରେ ହାରି ଯାଇଥିଲେ। କିଟ୍ରେ ରତପର୍ଣ୍ଣା ଏମ୍ବିଏ ଏବଂ ଶ୍ୱେତପର୍ଣ୍ଣା ବିବିଏ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍ର ପ୍ରତିଷ୍ଠାତା ତଥା ଏମ୍ପି ଅଚ୍ୟୁତ ସାମନ୍ତ ପଣ୍ଡା ଭଗିନୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

# ୧,୫୦୦ ମିଟରରେ କିପ୍ୟେଗନଙ୍କ ବିଶ୍ୱ ରେକର୍ଡ




ଫ୍ଲୋରେନ୍ସ(ଇଟାଲୀ), ୩।୬(ଏପି)

କେନିଆର ଫେଥ୍ କିପ୍ୟେଗନ ଗୋଲ୍ଡେନ ଗାଲାଠାରେ ମହିଳା ୧,୫୦୦ ମିଟର ଦୌଡ଼ରେ ନୂଆ ବିଶ୍ୱରେକର୍ଡ କରିଛନ୍ତି। ସେ ପ୍ରଥମ ମହିଳା ଆଥ୍ଲେଟ ଭାବେ ୩ ମିନିଟ୍ ୫୦ ସେକେଣ୍ଡରୁ କମ୍ ସମୟରେ ରେସ୍ ଶେଷ କରିବାରେ ପ୍ରଥମ ମହିଳା। କିପ୍ୟେଗନ ଶୁକ୍ରବାର ଡାଇମଣ୍ଡ ଲିଗ୍ ମିଟ୍ ୩:୪୯.୧୧ ଟାଇମିଂରେ ଜିତିଥିଲେ। ଦୁଇ ଥର ଅଲିମ୍ପିକ ଓ ଦୁଇଥର ବିଶ୍ୱ ଚାମ୍ପିୟନ ମାତ୍ର ୧ ସେକେଣ୍ଡ କମ୍ ସମୟ ବ୍ୟବଧାନରେ ୨୦୧୫ରେ ଇଥିଓପିଆର ଜେଞ୍ଜିବେ ଡିବାବା (୩:୫୦.୦୭)ଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଗତବର୍ଷ ଅଗଷ୍ଟରେ ମୋନାକୋଠାରେ ଅନୁଷ୍ଠିତ ଇଭେଣ୍ଟରେ ସେ ୩:୫୦.୩୭ ଟାଇମିଂରେ ରେସ୍ ଜିତି ଦ୍ୱିତୀୟ ଦ୍ରୁତତମ ବିବେଚିତ ହୋଇଥିଲେ। ବ୍ରିଟେନର ଲାଉରା ମୁଇର ୩:୫୭.୦୯ ଟାଇମିଂରେ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆର ଜେସିକା ହଲ୍ ତୃତୀୟ ହୋଇଥିଲା।

# ଓହରିଲେ ରିବାକିନା

ପ୍ୟାରିସ୍, ୩।୬(ପି.ଟି.)

ଫ୍ରେଞ୍ଚ ଓପନରୁ ଓହରି ଯାଇଛନ୍ତି ୱିମ୍ବେଲଡନ ଚାମ୍ପିୟନ୍ ଏଲେନା ରିବାକିନା। ଅସୁସ୍ଥ ଥିବା କାରଣରୁ ରିବାକିନା ଶନିବାର ନିଜ ତୃତୀୟ ରାଉଣ୍ଡ ମ୍ୟାଚ ପୂର୍ବରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଶତ ପ୍ରତିଶତ ଫିଟ୍ ନ ଥିଲେ ଖେଳିବା ଅସମ୍ଭବ। ମୁଁ ବର୍ତ୍ତମାନ ଶତ ପ୍ରତିଶତ ଫିଟ୍ ନ ଥିବା କହିଛନ୍ତି ରିବାକିନା। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ରିବାକିନା ବିଶ୍ୱ ମାନ୍ୟତାର ୧୩୨ ନମ୍ବର ଖେଳାଳି ସାରା ସୋରବେସ ଟର୍ମୋଙ୍କ ବିପକ୍ଷରେ ଏହି ମ୍ୟାଚ୍ ଖେଳିଥାନ୍ତେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ରିବାକିନା ମାଇକ୍ରୋଫୋନରେ ଓହରିବା ସମ୍ପର୍କରେ ଘୋଷଣା କରିଥିଲେ। ଜ୍ୱର କାରଣରୁ ସେ ଦୁଇ ଦିନ ହେବ ଠିକ୍ରେ ଶୋଇ ନ ଥିବା ସେ କହିଥିଲେ। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ମ୍ୟାଚ୍ ଖେଳିବା ଅସମ୍ଭବ ବୋଲି ରିବାକିନା କହିଛନ୍ତି। ପ୍ରଥମ ଦୁଇ ରାଉଣ୍ଡ ମ୍ୟାଚରେ ରିବାକିନା ସିଧାସଳଖ ସେଟ୍ରେ ବିଜୟ ହାସଲ କରିଥିଲେ। ମସ୍କୋରେ ଜନ୍ମିତ ୨୩ ବର୍ଷୀୟ ରିବାକିନା ୨୦୧୮ ପରଠାରୁ କାଜାଖସ୍ତାନର ପ୍ରତିନିଧିତ୍ୱ କରୁଛନ୍ତି।

# ଜୁନିୟର ବାଳିକା ରଗ୍ବୀ ଦଳ ଘୋଷିତ


ଓଡ଼ିଶା ଜୁନିୟର ବାଳିକା ରଗ୍ବୀ ଦଳ।

ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ରଗ୍ବୀ ଫୁଟବଲ ୟୁନିୟନ ଓ ରଗ୍ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ର ଆନୁକୂଲ୍ୟରେ ପୁଣେଠାରେ ଜୁନିୟର ଓ ସିନିୟର ରଗ୍ବୀ ସେଭେନ୍ସ ପ୍ରତିଯୋଗିତା ଚଳିତମାସ ୫ ଓ ୬ ତାରିଖରେ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ୧୮ ବର୍ଷରୁ କମ୍ ଓଡ଼ିଶା ଜୁନିୟର ବାଳିକା ରଗ୍ବୀ ଦଳ ଘୋଷିତ ହୋଇଛି। ନିର୍ମାଲ୍ୟା ରାଉତ ଓଡ଼ିଶା ଦଳର ନେତୃତ୍ୱ ନେବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ରାଜ୍ୟ ଦଳ ରବିବାର ପୁଣେ ଯାତ୍ରା କରିବ। **ଓଡ଼ିଶା ଦଳ:** ପାର୍ବତୀ ହାଂସଦା, ସନ୍ଧ୍ୟାରାଣୀ ଟୁଡୁ, ନିର୍ମାଲ୍ୟା ରାଉତ (ଅଧିନାୟିକା), ବର୍ଷାରାଣୀ ମାଝି, ମାମାଲି ସିଂ, ବର୍ଷା ସିଂ, ରିତୁ ମାଝି, ସରିତା ବର୍ହା, ସ୍ୱପ୍ନାରାଣୀ ସିଂ, ସଂଯୁକ୍ତା ଭୁମିଜ, ଗୀତାରାଣୀ ସାଇ, ମମତା ମୁର୍ମୁ। କୋଚ୍: ସଂଯୁକ୍ତା ମୁଣ୍ଡା, ମ୍ୟାନେଜର: ନିହାରିକା ପଣ୍ଡା, ଫିଜିଓ: ସୌମ୍ୟଶ୍ରୀ ମିଶ୍ର।

# ମର୍ମନ୍ତୁଦ ରେଳ ଦୁର୍ଘଟଣା ପାଇଁ ଆଥ୍ଲେଟଙ୍କ ଦୁଃଖ

ନୂଆଦିଲ୍ଲୀ,୩।୬(ପି.ଟି.)

ଓଡ଼ିଶାର ବାଲେଶ୍ୱର ଜିଲାରେ ହୋଇଥିବା ବିନାଶକାରୀ ରେଳ ଦୁର୍ଘଟଣା ପାଇଁ ଟିମ୍ ଇଣ୍ଡିଆ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରାଙ୍କ ସମେତ ଅନ୍ୟ ବହୁ କ୍ରୀଡ଼ାବିତ୍ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଶୁକ୍ରବାର ବେଙ୍ଗାଲୁରୁ-ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍, ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ ଏକ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା। ଦେଶ ସ୍ୱାଧୀନତା ପରେ ଏହା ଅନ୍ୟତମ ହୃଦୟ ବିଦାରକ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। କୋହଲି ବର୍ତ୍ତମାନ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପାଇଁ ଇଂଲଣ୍ଡରେ ଅଛନ୍ତି। ସେ କହିଛନ୍ତି, ଟ୍ରେନ୍ ଦୁର୍ଘଟଣା ଶୁଣି ସେ ଖୁବ୍ ମର୍ମାହତ। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଭାରତର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବିଜେତା ରାଇଫଲ ଶୁଟର ଅଭିନବ ବିନ୍ଦ୍ରା କହିଛନ୍ତି, ଦୁର୍ଘଟଣା ଖବର ପାଇ ସେ ସ୍ତମ୍ଭୀଭୂତ ହୋଇଯାଇଥିଲେ।

## ଜୁନିୟର ଶୁଟିଂ ବିଶ୍ୱକପ୍

# ସାଇନ୍ୟମଙ୍କୁ ସ୍ୱର୍ଣ୍ଣ ପଦକ

ସୁହଲ(ଜର୍ମାନୀ),୩।୬(ପି.ଟି.)

ଭାରତର ସାଇନ୍ୟମ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍ ମହିଳା ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୮ଜଣ ମହିଳାଙ୍କୁ ନେଇ ଅନୁଷ୍ଠିତ ଫାଇଲରେ ସାଇନ୍ୟମ୍ ୨୩୮ ଶଟ୍ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭାରତର ଅନ୍ୟ ଜଣେ ଶୁଟର ସୁରୁଚି ଇନ୍ଦର ସିଂ ୧୫୪.୧ ଶଟ୍ ସହ ଷଷ୍ଠ ସ୍ଥାନରେ ରହିଥିଲେ। କୋରିଆର କିମ୍ ମିନ୍ସେଓ ମୋଟ ୨୩୬ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ ତାଇପେର ଲିଉ ହେଙ୍ଗ୍ ୟୁ ୨୧୬.୯ ଶଟ୍ ସହ ବ୍ରୋଞ୍ଜ ପଦକ ପାଇଥିଲେ। ସାଇନ୍ୟମ କ୍ୱାଲିଫିକେଶନରେ ୫୭୧ ଶଟ୍ ସହ ତୃତୀୟ ଏବଂ ସୁରୁଚି ୫ମ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, ଫେବୃୟାରୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସାଇନ୍ୟମ ବ୍ରୋଞ୍ଜ ପଦକ ପାଇଥିଲେ।

# ଜୁନିୟର ହକି ଦଳକୁ ଭବ୍ୟ ସ୍ୱାଗତ

**ବେଙ୍ଗାଲୁରୁ, ୩।୬:** ଜୁନିୟର ଏସିଆ କପ୍ ହକି ଚାମ୍ପିୟନ ଭାରତୀୟ ଦଳକୁ ମିଳିଛି ଭବ୍ୟ ସ୍ୱାଗତ। ଓମାନର ସଲାଲାରେ ଖେଳା ଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ରେ ପରାସ୍ତ କରିଥିଲା ଭାରତ। ବେଙ୍ଗାଲୁରୁ ବିମାନ ବନ୍ଦରରେ ପହଞ୍ଚିବା ପରେ ହକି ବେଙ୍ଗାଲୁରୁ ପକ୍ଷରୁ ଦଳକୁ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଏ. ବି. ସୁବୈୟାଙ୍କ ସମେତ ସାଇର ଏକ ପ୍ରତିନିଧି ଦଳ ଓ କର୍ନାଟକର ଶତାଧିକ ଜୁନିୟର ଖେଳାଳି ଉପସ୍ଥିତ ରହିଥିଲେ। ଏହା ସହିତ ଭାରତ ସର୍ବାଧିକ ଥର ଜୁନିୟର ଏସିଆ କପ୍ ବିଜୟୀ ହେବାର ରେକର୍ଡ ନିଜ ନାମରେ କରିଥିଲା। ଏହା ପୂର୍ବରୁ ଉଭୟ ଭାରତ ଓ ପାକିସ୍ତାନ ଯୁଗ୍ମ ଭାବରେ ୩-୩ ଥର ଏହି ଟାଇଟଲ ବିଜୟୀ ହୋଇଥିଲେ।




# ଚତୁର୍ଥ ରାଉଣ୍ଡରେ ସ୍ୱିଟେକ୍, ଗଫ୍

ପ୍ୟାରିସ୍,୩।୬

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍, କୋକୋ ଗଫ୍, ସାରା ସୋରବେସ ଟର୍ମୋ। ଶନିବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ସ୍ୱିଟେକ୍ ଓ ଗଫ୍ ସହଜ ବିଜୟ ହାସଲ କରିଥିବା ବେଳେ ସାରା ସୋରବେସ ଟର୍ମୋଙ୍କୁ ମିଳିଥିଲା ୱାକଓଭର। ସେହିପରି ପୁରୁଷ ବର୍ଗରେ କାସ୍ପର ରୁଡ୍, ୟୋଶିହିତୋ ନିଶିଓକା ଓ ହୋଲଗର ରୁ୍ୟନ୍ଙ୍କ ପରି ଖେଳାଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ପୋଲାଣ୍ଡର ଇଗା ସ୍ୱିଟେକ୍ ୬-୦, ୬-୦ରେ ସିଧାସଳଖ ସେଟ୍ରେ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ ପରାସ୍ତ କରିଛନ୍ତି। ସେହିପରି ବିଶ୍ୱ ମାନ୍ୟତାର ୬ ନମ୍ବର ସ୍ଥାନରେ ରହିଥିବା କୋକୋ ଗଫ୍ ୭-୬(୭-୫), ୧-୬, ୧-୬ ସେଟରେ ମୀରା ଆଣ୍ଡ୍ରିବାଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍କୁ ଗଫ୍ ଟାଇବ୍ରେକରରେ ଜିତିବା ପରେ ପରବର୍ତ୍ତୀ ଦୁଇ ସେଟ ଅନାୟସରେ ଜିତି ନେଇଥିଲେ। ଅନ୍ୟ ଏକ ମ୍ୟାଚରେ ସ୍ଲୋଭାକିଆର ଆନା କାରୋଲିନା ସ୍କିମେଡ୍ଲୋଭା ୬-୧, ୬-୩ରେ ଆମେରିକାର କାଏଲା ଡେଙ୍କୁ ପରାସ୍ତ ଫ୍ରେଞ୍ଚ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ନରୱେର କାସ୍ପର ରୁଡ୍ ୬-୪, ୪-୬, ୧-୬ ଓ ୪-୬ ସେଟରେ ଚାଇନାର ଝାଙ୍ଗ ଜି ଜେନଙ୍କୁ ପରାସ୍ତ କରିଛନ୍ତି। ୬ ନମ୍ବର ସ୍ଥାନରେ ଥିବା ଡେନମାର୍କର ହୋଲଗର ରୁ୍ୟନ୍ ୬-୪, ୬-୧ ଓ ୬-୩ ର ସିଧାସଳଖ ସେଟରେ ଗ୍ରୀସ୍ର ଗେନାରୋ ଆଲବର୍ଟ ଓଲିଭିଏରୀଙ୍କୁ ପରାସ୍ତ କରିଛନ୍ତି।ପ୍ରଥମ ଥର ପାଇଁ ତୃତୀୟ ରାଉଣ୍ଡ ପ୍ରବେଶ କରିଥିବା ବ୍ରାଜିଲିଆନ୍ ଖେଳାଳି ଥିଆଗୋ ସିବଥ୍ ୱିଲ୍ଡଙ୍କୁ ପରାସ୍ତ କରିଛନ୍ତି ଜାପାନର ୟୋଶିହିତୋ ନିଶିଓକା। ୫ ସେଟ ବିଶିଷ୍ଟ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିଶିଓକା ୩-୬, ୭-୬(୧୦-୮), ୨-୬, ୬-୪ ଓ ୬-୦ରେ ଜିତି ନେଇଥିଲେ।

# ୧୩ ବର୍ଷରୁ କମ୍ ବାଳିକା ଚେସ୍ ଆରମ୍ଭ

ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)

ଟ୍ରିପଲ 'ସି' ଚେସ୍ କ୍ଲବ ଆନୁକୂଲ୍ୟରେ କମଳାକାନ୍ତ ବିଷୋଇ ସ୍ମାରକୀ ୧୩ ବର୍ଷରୁ କମ୍ ବାଳିକା ଚେସ୍ ଚାମ୍ପିୟନଶିପ୍ ଶନିବାର କଟକର ଜବାହରଲାଲ ନେହେରୁ ଇନ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଟ୍ରିପଲ 'ସି' ଚେସ୍ କ୍ଲବ ଉପସଭାପତି ବିଶ୍ୱଜିତ ରାୟ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା, ସଦସ୍ୟ ପ୍ରଶାନ୍ତ ଜେନା, ମୁଖ୍ୟ ଆର୍ବିଟର ନିହାର ରଞ୍ଜନ ସାସମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ତେବେ ବାଲେଶ୍ୱର ଟ୍ରେନ ଦୁର୍ଘଟଣା ଯୋଗୁ ଆନୁଷ୍ଠାନିକଭାବେ ଉଦ୍ଘାଟନ ଉତ୍ସବ ହୋଇ ନ ଥିଲା। ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ସମସ୍ତେ ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହା ବ୍ୟତୀତ ଟ୍ରିପଲ 'ସି' ଚେସ୍ କ୍ଲବର ପୂର୍ବତନ ସଭାପତି କମଳାକାନ୍ତ ବିଷୋଇଙ୍କ ସ୍ମୃତିରେ ମଧ୍ୟ ନିରବ ପ୍ରାର୍ଥନା ହୋଇଥିଲା। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୭୮ ବାଳିକା ଓ ୨୦୬ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ବାଳିକାରେ ୯ ଓ ବାଳକରେ ୨୯ ରେଟେଡ୍ ଖେଳାଳି ସାମିଲ। ଗଞ୍ଜାମର ଶ୍ରୀହନ ସବତ ବାଳକ ଓ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ବାଳିକା ବିଭାଗରେ ଟପ୍ସିଡ୍ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ୩ୟ ରାଉଣ୍ଡ ଖେଳ ଶେଷସୁଦ୍ଧା ବାଳିକାରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ପ୍ରତ୍ୟାଶା ଜେନା, ସନ୍ଦିପା ସାହୁ, ଜ୍ୟୋତିକା ସାହୁ, ପ୍ରୀତିଶା ମିତ୍ର, ସାଇ ସମ୍ପ୍ରଦା ମହାନ୍ତି, ସୌମ୍ୟା ପ୍ରୀୟଦର୍ଶୀ ବେଉରା, ତନ୍ଭି ମିଶ୍ର ୩ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ସେହିପରି ବାଳକରେ ଶ୍ରୀହନ ସବତ, ଆୟୁଷ୍ମାନ ମହାନ୍ତି, ଆର୍ଯ୍ୟନ ବେହେରା, ବିଶ୍ୱପ୍ରୀତ ରାୟ, ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ଆୟୁଷ ଆର୍ଯ୍ୟନ ମହାପାତ୍ର, ପ୍ରତ୍ୟୁଶ ନାୟକ ୩ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀଲାଭ କରିଛନ୍ତି। ପ୍ରତିଯୋଗିତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ବୃହତ୍ ବିଜୟ ସହ ଭାରତର ଅଭିଯାନ

## ମହିଳା ଜୁନିୟର ଏସିଆ କପ୍ ହକିରେ ଅନ୍ନୁଙ୍କ ଡବଲ ହ୍ୟାଟ୍ରିକ୍

କାକାମିଘାରା(ଜାପାନ), ୩।୬(ପି.ଟି.)

ଅନ୍ନୁଙ୍କ ଡବଲ ହ୍ୟାଟ୍ରିକ୍ ସହିତ ମମତାଜ ଖାନ୍ ଓ ଦୀପିକାଙ୍କ ୪ ଗୋଲ ବଳରେ ଭାରତ ୨୨-୦ ଗୋଲରେ ଉଜ୍ବେକିସ୍ତାନକୁ ହରାଇ ମହିଳା ଜୁନିୟର ଏସିଆ କପ୍ ହକିରେ ଅଭିଯାନ ଆରମ୍ଭ କରିଛି। ଅନ୍ନୁ (୧୩, ୨୯, ୩୦, ୩୮, ୪୩ ଓ ୫୧ ମିନିଟ),ମମତାଜ ଖାନ୍(୬, ୪୪, ୪୭ ଓ ୬୦ମିନିଟ୍), ଦୀପିକା(୩୨, ୪୪, ୪୬ ଓ ୫୭ ମିନିଟ), ବୈଷ୍ଣବୀ ଭିଠଲ୍ ଫାଲକେ(୩ ଓ ୫୬ ମିନିଟ), ସୁନେଲିତା ଟୋପ୍ପୋ(୧୭ ଓ ୧୭ ମିନିଟ), ଦୀପିକା ସୋରେଙ୍ଗ(୧୮ ଓ ୨୫ ମିନିଟ), ମଞ୍ଜୁ ଚୌରାସିଆ(୨୬ ମିନିଟ) ଓ ନୀଲମ (୪୭ ମିନିଟ) ଭାରତ ପାଇଁ ସ୍କୋର କରିଥିଲେ। ମ୍ୟାଚ୍ର ପ୍ରଥମ ମିନିଟରୁ ହିଁ ଭାରତୀୟ ଖେଳାଳି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ମ୍ୟାଚ୍ର ତୃତୀୟ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲ୍ରେ ପରିଣତ କରି ବୈଷ୍ଣବୀ ଭାରତକୁ ୧-୦ରେ ଆଗୁଆ କରିଥିଲେ। ଏହାର ୩ ମିନିଟ ପରେ ମମତାଜ ଏକ ଫିଲ୍ଡ ଗୋଲ ମାରିଥିଲେ। ୧୩ ତମ ମିନିଟରେ ଅନ୍ନୁ ମଧ୍ୟ ଏହି ଗୋଲ ଭୋଜିରେ ସାମିଲ ହୋଇଥିଲେ। ପରେ ସୁନେଲିତା, ମଞ୍ଜୁ, ଦୀପିକା ମଧ୍ୟଭାଗରେ ଭାରତର ଦବ୍ଦବା ବୃଦ୍ଧି କରିବା ସହିତ ଭାରତର ଗୋଲ ବ୍ୟବଧାନକୁ ୧୩-୦ରେ ପଞ୍ଚାଇଥିଲେ। ମମତାଜ ଓ ଦୀପିକା ଆଉ ଗୋଟିଏ ଲେଖାଏ ସ୍କୋର କରିବା ସହିତ ତୃତୀୟ କ୍ୱାର୍ଟର ବେଳକୁ ଭାରତର ଅଗ୍ରଣୀ ୧୫-୦ରେ ପହଞ୍ଚାଇଥିଲେ। ଭାରତପରବର୍ତ୍ତୀ ମ୍ୟାଚରେ ସୋମବାର ମାଲେସିଆକୁ ଭେଟିବ।


ଭାରତ ଓ ଉଜ୍ବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ